RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-278 ◆MONDAY ◆06 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୭୮ ◆ସୋମବାର ◆୦୬ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




'ଦାଦା'ର ସୁଟିଂ ଆରମ୍ଭ କଲେ ରାଜକୁମାର

▶ପୃଷ୍ଠା ୧୧ ଦେଖନ୍ତୁ...

## ହାତର ଟାଟୁ ଖୋଲିଦେଲା ରହସ୍ୟ | ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ପେଟ୍ରୋଲ୍ ଢାଳି ଜାଳିଦେଲା

■ ଆଗ୍ରା, ୫।୪ (ଏଜେନ୍ସି): ଉତ୍ତରପ୍ରଦେଶରେ ଆଗ୍ରା ଅଞ୍ଚଳରେ ଏକ ସାଂଘାତିକ ଘଟଣାର ପର୍ଦ୍ଦାଫାସ ହୋଇଛି। ଜଣେ ମହିଳା ତାଙ୍କ ପ୍ରେମିକ ସହ ମିଶି ନିଜ ସ୍ୱାମୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଏପ୍ରିଲ ପହିଲା ରାତିରେ ଆଗ୍ରାର ସାୟାନ ଅଞ୍ଚଳରୁ ଏକ ଅର୍ଦ୍ଧଦଗ୍ଧ ଶବ ମିଳିଥିଲା। ମୃତଦେହର ମୁହଁ ପୋଡ଼ି ଯାଇଥିବାରୁ ଚିହ୍ନଟ କରିବା କଷ୍ଟକର ଥିଲା। କିନ୍ତୁ ହାତରେ ଥିବା ଟାଟୁ ପୁଲିସକୁ ବଡ଼ ସୁରାକ ଦେଇଥିଲା। ସେହି ଟାଟୁରେ ଲୋକେନ୍ଦ୍ର ବୋଲି ଲେଖାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ମୃତ ଲୋକେନ୍ଦ୍ରଙ୍କ ସ୍ତ୍ରୀ ଓ ମହେଶ ପ୍ରଜାପତିଙ୍କ ମଧ୍ୟରେ ଦୀର୍ଘ ଦିନରୁ ପ୍ରେମ ସମ୍ପର୍କ ଥିଲା। ଏହା ଜାଣିବା ପରେ ଲୋକେନ୍ଦ୍ର ସ୍ତ୍ରୀଙ୍କୁ ବିରୋଧ କରିଥିଲେ। ଏଥିପାଇଁ ଉଭୟ ପ୍ରେମୀଯୁଗଳ ତାଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ଏପ୍ରିଲ ୧ରେ ▶ପୃଷ୍ଠା-୭

## ବ୍ରାଜିଲରେ ରେସ୍ତୋରାଁ ଉପରେ ଖସିପଡ଼ିଲା ବିମାନ | ଦମ୍ପତିଙ୍କ ସହ ୪ ମୃତ

■ ରିଓ ଗ୍ରାଣ୍ଡେ ଡୋ ସୁଲ୍, ୫।୪ (ଏଜେନ୍ସି): ବ୍ରାଜିଲର ରିଓ ଗ୍ରାଣ୍ଡେ ଡୋ ସୁଲ୍ ରାଜ୍ୟରେ ଏକ ବଡ଼ଧରଣର ବିମାନ ଦୁର୍ଘଟଣା ଘଟିଛି। ଏକ ଛୋଟ ବିମାନ ନିୟନ୍ତ୍ରଣ ହରାଇ ଏକ ରେସ୍ତୋରାଁ ଉପରେ ଖସି ପଡ଼ିଛି। ଫଳରେ ବିମାନରେ ଥିବା ଦମ୍ପତିଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ଘଟିଛି। ଏକ 'ପାଇପର ମାଲିବୁ' ବିମାନ ସାଓ ପାଉଲୋରୁ ଉଡ଼ାଣ ଭରି କାପାଓ ଦା କନୋଆ ବିମାନ ବନ୍ଦର ଅଭିମୁଖେ ଯାଉଥିଲା। କିନ୍ତୁ ଅବତରଣ କରିବାର ଠିକ୍ ପୂର୍ବରୁ ବିମାନଟି ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଥିଲା ଏବଂ ସିଧାସଳଖ ରେସ୍ତୋରାଁ ଉପରେ ଖସି ପଡ଼ିଥିଲା। ବିମାନଟି ଖସିବା ମାତ୍ରେ ସେଠାରେ ଭୟଙ୍କର ନିଆଁ ଲାଗିଯାଇଥିଲା ଏବଂ ସମଗ୍ର ଅଞ୍ଚଳ କଳା ଧୂଆଁରେ ଭରି ଯାଇଥିଲା। ଏହି ଦୁର୍ଘଟଣାରେ ପାଇଲଟ୍ ଏବଂ ବିମାନରେ ଯାତ୍ରା କରୁଥିବା ୩ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଦମ୍ପତି ସାମିଲ ଅଛନ୍ତି। ଦୁର୍ଘଟଣା ସମୟରେ ▶ପୃଷ୍ଠା-୭

## ପ୍ରେମ ବିବାହ କରିବାରୁ ଝିଅକୁ ହତ୍ୟା କଲା ବାପା | ମାମଲା ଲୁଚାଇବା ଅଭିଯୋଗରେ ପୁଲିସ ଅଧିକାରୀ ନିଲମ୍ବିତ

■ ମାର୍ଚ୍ଚେଲା(ଆନ୍ଧ୍ରପ୍ରଦେଶ), ୫।୪ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ମାର୍ଚ୍ଚେଲା ସହରରେ ଜଣେ ୨୨ ବର୍ଷୀୟା ଯୁବତୀଙ୍କୁ ତାଙ୍କ ପରିବାର ଲୋକେ ହତ୍ୟା କରିବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଛନ୍ତି। ଏହି ଘଟଣାରେ ଜଣେ ପୁଲିସ ଅଧିକାରୀ ପରିବାରକୁ ସାହାଯ୍ୟ କରିବା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। ମୃତ ଯୁବତୀ ଚୌଦେଶ୍ୱରୀ ଜଣେ ଯୁବକଙ୍କୁ ଭଲ ପାଉଥିଲେ ଓ ଏହାକୁ ପରିବାର ଲୋକେ ବିରୋଧ କରୁଥିଲେ। ଗତ ମାର୍ଚ୍ଚ ୪ରେ ସେ ଘର ଛାଡ଼ି ନିଜ ପ୍ରେମିକଙ୍କୁ ବିବାହ କରିଥିଲେ। ମାର୍ଚ୍ଚେଲା ଟାଉନ୍ ସର୍କଲ ଇନିସପେକ୍ଟର (ସିଆଇ) ଯୁବତୀଙ୍କୁ ଧମକ ଦେଇ ଜବରଦସ୍ତି ତାଙ୍କ ବାପଘରକୁ ପଠାଇ ଦେଇଥିଲେ। ବାପଘରକୁ ଫେରିବାର ୩ ଦିନ ପରେ ଚୌଦେଶ୍ୱରୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପରିବାର ଲୋକେ ଏହାକୁ ଆତ୍ମହତ୍ୟା ବୋଲି କହିଥିଲେ। ତେବେ ପୋଷ୍ଟମର୍ଟମ ରିପୋର୍ଟରୁ ତାଙ୍କୁ ▶ପୃଷ୍ଠା-୭

### ନିର୍ଣ୍ଣାୟକ ମୋଡ଼ରେ ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ଟ୍ରମ୍ପଙ୍କ 'ଅଲ୍‌ଟିମେଟମ୍'; ଇରାନର 'ସରପ୍ରାଇଜ୍'



- ମାନସିକ ନିୟନ୍ତ୍ରଣ ହରାଉଛନ୍ତି ଡୋନାଲ୍ଡ ଟ୍ରମ୍ପ
- ଇରାନ୍ ପ୍ରତି ଆମେରିକା ରାଷ୍ଟ୍ରପତିଙ୍କ ଅପଶବ୍ଦ
- ଇରାନର ସବୁ ସେତୁ, ଶକ୍ତିକେନ୍ଦ୍ର ଧ୍ୱଂସ ଧମକ
- ଚକିତ କରିଦେବାଲାଗି ଇରାନର ଚେତାବନୀ
- ଏଯାଏ ୭ ଯୁଦ୍ଧ ବିମାନ ହରାଇଲାଣି ଆମେରିକା

■ ତେହରାନ/ୱାସିଂଟନ, ୫।୪ (ଏଜେନ୍ସି): ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି ଇରାନ୍ ଉପରେ ଆମେରିକା-ଇସ୍ରାଏଲ୍‌ର ଆକ୍ରମଣ। ଇରାନକୁ ଧ୍ୱଂସ କରିଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୪୮ ଘଣ୍ଟିଆ ଚେତାବନୀକୁ 'ମୂର୍ଖାମୀ ଓ ହତାଶା' କହି ପରିହାସ କରିଛି ଇରାନ। ଯଦି ୪୮ ଘଣ୍ଟା ମଧ୍ୟରେ ଶାନ୍ତି ଚୁକ୍ତି ନ ହୁଏ ଓ ହର୍ମୁଜ ପ୍ରଣାଳୀ ଖୋଲା ନ ଯାଏ, ତେବେ ଇରାନ ଉପରେ 'ନର୍କର ନିଆଁ' ବର୍ଷିବ ବୋଲି ଆମେରିକା ଧମକ ଦେଇଛି। ପୁନଶ୍ଚ ମାନସିକ ନିୟନ୍ତ୍ରଣ ହରାଇ ଆମେରିକା ରାଷ୍ଟ୍ରପତି ଇରାନ୍ ପ୍ରତି 'ବାଷ୍ଟାର୍ଡ' ପରି ଅପଶବ୍ଦ ପ୍ରୟୋଗ କରିଛନ୍ତି। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଏପରି ଚେତାବନୀକୁ ଇରାନ ଅସହାୟ, ଅସ୍ଥିର ଓ ନିର୍ବୋଧ କାର୍ଯ୍ୟ ବୋଲି ପରିହାସ କରିଛି।

ଇରାନ ସାମରିକ ମୁଖ୍ୟାଳୟର ଜେନେରାଲ ଅଲି ଅବଦୁଲ୍ଲାହି ଅଲିଆବାଦୀ ଆମେରିକା ରାଷ୍ଟ୍ରପତିଙ୍କୁ ପାଲଟା ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକା ପାଇଁ ନର୍କର ଦ୍ୱାରା ଖୋଲିଯିବ। ଯଦି ଆମେରିକା କିମ୍ବା ଇସ୍ରାଏଲ ଇରାନର ଭିତ୍ତିଭୂମି ଉପରେ ଆକ୍ରମଣ କରେ, ମଧ୍ୟପ୍ରାଚ୍ୟରେ ଥିବା ସମସ୍ତ ଆମେରିକୀୟ ଘାଟି ଏବଂ ଇସ୍ରାଏଲ ଉପରେ ଇରାନ ବିଧ୍ୱଂସକାରୀ ଆକ୍ରମଣ କରିବ। ସେହିପରି ଇରାନର ଜଣେ ସୁରକ୍ଷା ଅଧିକାରୀ ମଧ୍ୟ ସମାନ କଥା ଦୋହରାଇଛନ୍ତି। ସେମାନଙ୍କ ପାଖରେ ଏବେ ବି ଆମେରିକା ଓ ଇସ୍ରାଏଲ ପାଇଁ ଅନେକ 'ସରପ୍ରାଇଜ' ରହିଛି। ଆମେରିକା ଗୁଇନ୍ଦା ତଥ୍ୟ ଭୁଲ ଓ ଇରାକର ପୋଲ ଗୁଡ଼ିକ ଉପରେ ଆକ୍ରମଣ କରିବା ଧମକ ନିହାତି ହାସ୍ୟାସ୍ପଦ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ▶ପୃଷ୍ଠା-୭

### ହର୍ମୁଜ ସମସ୍ୟା ସମାଧାନ ପାଇଁ ଇରାନ-ଓମାନ ବୈଠକ

■ ମସ୍କାଟ/ତେହରାନ, ୫।୪ (ଏଜେନ୍ସି): ହର୍ମୁଜ ପ୍ରଣାଳୀକୁ ଇରାନର ଅବରୋଧ ସାରା ବିଶ୍ୱରେ ଇନ୍ଧନ ସଙ୍କଟ ଭୟଙ୍କର ରୂପ ନେଇଛି। ଏହି ସମୟରେ ସମସ୍ୟାର ସମାଧାନ ପାଇଁ ଓମାନ ଓ ଇରାନ ଏକ ଉଚ୍ଚସ୍ତରୀୟ ବୈଠକରେ ଏକାଠି ହୋଇଛନ୍ତି। ଉଭୟ ଦେଶର ବୈଦେଶିକ ମନ୍ତ୍ରଣାଳୟର ଉପ- ▶ପୃଷ୍ଠା-୭



୨୦୨୭ ଜନଗଣନା ପ୍ରକ୍ରିୟାରେ ସାମିଲ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜ ବାସଭବନରେ ରବିବାର ସ୍ୱ-ଗଣନା ପର୍ଯ୍ୟାୟରେ ବ୍ୟକ୍ତିଗତ ତଥ୍ୟ ଦାଖଲ କରୁଛନ୍ତି

## 'ମୁଡିସ୍' ଆକଳନ | କମିବ ଅଭିବୃଦ୍ଧି; ବିପଦରେ ଅର୍ଥନୀତି

■ ନୂଆଦିଲ୍ଲୀ, ୫।୪ (ଏଜେନ୍ସି/ସମିସ): ଚଳିତ ଆର୍ଥିକ ବର୍ଷରେ ଦେଶର ଅଭିବୃଦ୍ଧି ୬.୮ ପ୍ରତିଶତ ହେବ ବୋଲି ଆକଳନ କରିଥିବା ରେଟିଂ ଏଜେନ୍ସି 'ମୁଡିସ୍' ଜାରି କରିଛି ନୂଆ ଆକଳନ। ଦେଶର ଅଭିବୃଦ୍ଧି ମନ୍ଥର ଓ ମୁଦ୍ରାସ୍ଫୀତି ବୃଦ୍ଧି ଘଟିବାର ଆଶଙ୍କା ସହ ଅଭିବୃଦ୍ଧି ହାରକୁ ୬ ପ୍ରତିଶତକୁ ହ୍ରାସ କରିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯଦି ଦୀର୍ଘ ସମୟ ଜାରିରହିଲେ ଏଲ୍‌ପିଜି ଯୋଗାଣ ପ୍ରଭାବିତ ହେବ, ଇନ୍ଧନ ଓ ପରିବହନ ଖର୍ଚ୍ଚ ବୃଦ୍ଧି ପାଇବ; ଏହା ସିଧାସଳଖ ଖାଦ୍ୟ ମୂଲ୍ୟକୁ ବୃଦ୍ଧି କରିବ। ଅନ୍ୟପକ୍ଷରେ ଭାରତ ସାର ଆମଦାନୀ ଉପରେ ନିର୍ଭରଶୀଳ ଥିବାରୁ କୃଷି କ୍ଷେତ୍ର ମଧ୍ୟ ପ୍ରଭାବିତ ହେବ।

ରିପୋର୍ଟ ଅନୁସାରେ ନିଜ ଆବଶ୍ୟକତାର ୫୫% ଅଶୋଧିତ ତୈଳ ଓ ୯୦% ଏଲ୍‌ପିଜି ପଶ୍ଚିମ ଏସିଆରୁ ଆମଦାନୀ କରିଥାଏ। ସେଠାରେ ଯୁଦ୍ଧସ୍ଥିତି ସିଧାସଳଖ ଭାରତର ଅର୍ଥନୀତିକୁ ପ୍ରଭାବିତ କରିବ। ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତି ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧି କରିବାର ଆଶଙ୍କା ରହିଛି। ୨୦୨୭ ଆର୍ଥିକ ବର୍ଷରେ ଦେଶରେ ମୁଦ୍ରାସ୍ଫୀତି ୨.୪% ଆକଳନ କରାଯାଇଥିଲେ ହେଁ ବାସ୍ତବରେ ଏହା ୪.୮%ରେ ପହଞ୍ଚିପାରେ। ମୁଦ୍ରାସ୍ଫୀତି ଓ ବର୍ଦ୍ଧିତ ବ୍ୟୟ ପରିବାରଗୁଡ଼ିକୁ ପ୍ରଭାବିତ କରିବ ଓ ଏହା ସହ ଶିଳ୍ପ କ୍ଷେତ୍ରରେ ମନ୍ଥରତା, ନିବେଶରେ ହ୍ରାସ ପରିଲକ୍ଷିତ ହୋଇପାରେ।

> ବୃଦ୍ଧି ପାଇବ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ
>
> ପ୍ରଭାବିତ କରିବ ଇନ୍ଧନ ସଙ୍କଟ ଓ ପରିବହନ ବ୍ୟୟ

କେବଳ ମୁଡିସ୍ ନୁହେଁ, ଅର୍ଗାନାଇଜେସନ ଫର ଇକୋନୋମିକ୍ କୋ-ଅପରେସନ ଏଣ୍ଡ ଡେ଼ଭଲପ୍‌ମେଣ୍ଟ ମଧ୍ୟ ଦେଶର ଅଭିବୃଦ୍ଧି ହାର ହ୍ରାସର ଆଶଙ୍କା କରିଛି। ଚଳିତ ଆର୍ଥ ବର୍ଷରେ ଦେଶର ଅଭିବୃଦ୍ଧି ୭.୬ ଆକଳନ କରିଥିବା ଏହି ସଙ୍ଗଠନ ସମ୍ପ୍ରତି ଦେଶର ଅଭିବୃଦ୍ଧି ସମ୍ଭାବନାକୁ ୬.୧%କୁ ହ୍ରାସ କରିଛି। ଯଦି ପଶ୍ଚିମ ଏସିଆରେ ଉତ୍ତେଜନା ଦୀର୍ଘ ସମୟ ଧରି ଜାରି ରହେ, ତେବେ ୨୦୨୬-୨୭ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ପ୍ରାୟ ୧ ପ୍ରତିଶତ ହ୍ରାସ ହୋଇପାରେ ଓ ଖୁଚୁରା ମୁଦ୍ରାସ୍ଫୀତି ପ୍ରାୟ ୧.୫% ବୃଦ୍ଧି ହୋଇପାରେ ବୋଲି କୁହାଯାଇଛି। ▶ପୃଷ୍ଠା-୭

### ଆଜି ମୁଦ୍ରା ନୀତି କମିଟି ବୈଠକ

## କମି ନ ପାରେ ସୁଧହାର

> ଦେଶ ପାଇଁ ବିପଦ 'ଆମଦାନୀ ମୁଦ୍ରାସ୍ଫୀତି'
>
> ମୁଦ୍ରାସ୍ଫୀତି ବଢ଼ାଇବ 'ସୁପର ଏଲ୍ ନିନୋ'

■ ନୂଆଦିଲ୍ଲୀ, ୫।୪ (ଏଜେନ୍ସି/ସମିସ): ଆସନ୍ତାକାଲିଠାରୁ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ମୁଦ୍ରା ନୀତି କମିଟି ବୈଠକ। ମାତ୍ର ଚଳନ୍ତି ସମୟରେ ଦେଶର ଅର୍ଥନୀତି ଉପରେ ବୈଶ୍ୱିକ ସ୍ଥିତିର ଚାପ ▶ପୃଷ୍ଠା-୭

## ଦ୍ୱନ୍ଦ୍ୱରେ ୫ କେଜିଆ ଗ୍ୟାସ ଉପଭୋକ୍ତା | କେନ୍ଦ୍ର କହୁଛି ମିଳିବ; ରାଜ୍ୟ କହୁଛି ମିଳିବନି

- ପରିଚୟପତ୍ର ଦେଖାଇ ଉପଭୋକ୍ତା ନେଇପାରିବେ ୫ କେଜିଆ ଗ୍ୟାସ: କେନ୍ଦ୍ର
- ଗତ ୧୨ ଦିନରେ ବିକ୍ରି ହୋଇଛି ୬.୬ ଲକ୍ଷ ୫ କେଜି ଗ୍ୟାସ ସିଲିଣ୍ଡର
- ରାଜ୍ୟରେ ସମ୍ପୂର୍ଣ୍ଣ ବନ୍ଦ କରାଯିବ ୫ କେଜିଆ ଗ୍ୟାସ ଟାଙ୍କି: ଯୋଗାଣ ମନ୍ତ୍ରୀ



■ ଭୁବନେଶ୍ୱର, ୫।୪ (ସମିସ): ୫ କେଜି ସିଲିଣ୍ଡରଗୁଡ଼ିକ ଏଲପିଜି ବିତରକଙ୍କ କାଉଣ୍ଟରରେ ସହଜରେ ଉପଲବ୍ଧ। କୌଣସି ଉପଭୋକ୍ତା କେବଳ ପରିଚୟପତ୍ର ଦେଖାଇ ବିତରକଙ୍କ ପାଖରୁ ୫ କିଲୋ ଏଲ୍‌ପିଜି ସିଲିଣ୍ଡର ନେଇ ପାରିବେ। ଏହି ୫ କିଲୋଗ୍ରାମ ସିଲିଣ୍ଡରଗୁଡ଼ିକ ସବସିଡିଯୁକ୍ତ ୧୪.୨ କିଲୋଗ୍ରାମ ଘରୋଇ ସିଲିଣ୍ଡରଠାରୁ ଭିନ୍ନ। ଏଗୁଡ଼ିକର ମୂଲ୍ୟ ବଜାର ଅନୁସାରେ ଧାର୍ଯ୍ୟ କରାଯାଇଛି, ଏଗୁଡ଼ିକୁ କିଣିବା ପାଇଁ କୌଣସି ଠିକଣା ପ୍ରମାଣ ଆବଶ୍ୟକ ନାହିଁ; କେବଳ ଏକ ବୈଧ ପରିଚୟପତ୍ର ଆବଶ୍ୟକ ବୋଲି ▶ପୃଷ୍ଠା-୭



# ମୋଡ଼ିଦେଲେ 'ମେଟ୍ରୋ' ତଣ୍ଟି

## ନବୀନଙ୍କୁ ଶ୍ରେୟ ନ ଦେବା ପାଇଁ ବନ୍ଦ କରିଦେଲେ ପ୍ରକଳ୍ପ

- ବିରୋଧୀରେ ଥିବାବେଳେ ତୁରନ୍ତ ସାରିବାକୁ କରୁଥିଲେ ଦାବି
- ମେଟ୍ରୋ ଟାଣିବାରେ ବିଫଳ ହେଲେ 'ଡବଲ ଇଞ୍ଜିନ' ସରକାର
- ଗୋଟିଏ ଦଶନ୍ଧି ପଛେଇ ଗଲା ଓଡ଼ିଶାବାସୀଙ୍କ ମେଟ୍ରୋ ସ୍ୱପ୍ନ
- ୨୦୨୭ ସୁଦ୍ଧା ପ୍ରକଳ୍ପ ସାରିବାକୁ ନବୀନ କରିଥିଲେ ଉଦ୍ୟମ
- ରାଜ୍ୟ ରାଜକୋଷରୁ ବରାଦ କରିଥିଲେ ୬ ହଜାର କୋଟି

■ ଭୁବନେଶ୍ୱର, ୫।୪ (ସମିସ): ୨୦୨୪ ଜାନୁଆରୀ ୧ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତ୍ରିଶୂଳିଆରେ କରିଥିଲେ ମେଟ୍ରୋ ପ୍ରକଳ୍ପର ଶିଳାନ୍ୟାସ। ପ୍ରଥମ ପର୍ଯ୍ୟାୟରେ ଦ୍ୱୈତ ନଗରୀ ଓ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ କଟକରୁ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ହୋଇଥିଲା ଯୋଜନା । ଏଥିପାଇଁ ୬ ହଜାର କୋଟି ଟଙ୍କା ବରାଦ କରାଯାଇଥିଲା ଓ ପ୍ରଥମ ବର୍ଷ ବଜେଟରେ ୧ ହଜାର କୋଟି ଟଙ୍କା ବ୍ୟବସ୍ଥା ବି ହୋଇଥିଲା। ରାଜ୍ୟରେ ପ୍ରଥମ ମେଟ୍ରୋ ଚଳାଚଳ ପାଇଁ ରାଜ୍ୟବାସୀ ସ୍ୱପ୍ନ ଦେଖିଥିଲେ। ମାତ୍ର ସରକାର ପରିବର୍ତ୍ତନ ପରେ ଶୀତଳଭଣ୍ଡାରକୁ ଫିଙ୍ଗି ଦିଆଯାଇଥିବା ଏହି ପ୍ରକଳ୍ପର ତଣ୍ଟି ମୋଡ଼ି ମହାନଦୀକୁ ଫିଙ୍ଗି ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦାୟିତ୍ୱ ନେଇଥିବା ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ସହ ଚୁକ୍ତିକୁ ସରକାର ବାତିଲ କରି ଦେଇଛନ୍ତି। କେବଳ ନବୀନ ପଟ୍ଟନାୟକ ସରକାର ମେଟ୍ରୋ ଆରମ୍ଭ କରିଥିବାରୁ କାଳେ ନାଁ ନେଇଯିବେ, ସେହି ଅସୂୟାବଶତଃ ବିଜେପି ସରକାର ଏହି ପ୍ରକଳ୍ପକୁ ବନ୍ଦ କରିବା ଆଦୌ ଯୁକ୍ତିସଙ୍ଗତ ମନେହେଉ ନାହିଁ।

ବିଡ଼ମ୍ବନା ହେଉଛି ଦୁଇ ବର୍ଷ ତଳେ ଶାସକ ବିଜେପି ଯେତେବେଳେ ବିରୋଧୀ ଦଳରେ ଥିଲା, ସେତେବେଳେ ମେଟ୍ରୋ ପ୍ରକଳ୍ପକୁ ତ୍ୱରିତ ବେଗରେ ଶେଷ କରିବାକୁ ଦାବି କରୁଥିଲା। ମେଟ୍ରୋ ପ୍ରକଳ୍ପ କାହିଁକି ବିଳମ୍ବିତ ହେଉଛି ବୋଲି ପ୍ରଶ୍ନ କରିବା ସହ ତତ୍କାଳୀନ ବିଜେଡି ସରକାରଙ୍କୁ ସମାଲୋଚନା କରିଥିଲା। ଦେଶର ଅନେକ ସହରରେ ମେଟ୍ରୋ ରେଳ ▶ପୃଷ୍ଠା-୭




# ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼



**ଭବାନୀପାଟଣା, ୫।୪ (ସମିସ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏପ୍ରିଲ ପହିଲାରୁ ଜିଲ୍ଲା ପ୍ରଶାସନ ତରଫରୁ ଓଡ଼ିଆ ପକ୍ଷ ପାଳନ ଲାଗି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଓଡ଼ିଆ ପକ୍ଷ ଆସନ୍ତା ୧୪ଏପ୍ରିଲ୍ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଉପଲକ୍ଷେ ଆଜି ମା'ମାଣିକେଶ୍ୱରୀ ମନ୍ଦିରରୁ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଜିଲ୍ଲା କ୍ରୀଡା ବିଭାଗ ତରଫରୁ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ି, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଶିକ୍ଷାବିତ୍ ଡକ୍ଟର ଉମେଶ ଚନ୍ଦ୍ର ଶତପଥିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଗଣମାଧମର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।



# ବନ୍ଦ ସ୍କୁଲ ଘରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ମାଣ୍ଡିଆ

**କୋକସରା, ୫।୪ (ସମିସ)**

ମାଣ୍ଡିଆ କଳାବଜାରୀକୁ ନେଇ ବିଗତ ଦିନରେ ଖୁବ୍ ଚର୍ଚ୍ଚାରେ ରହିଛି କୋକସରା ଅଞ୍ଚଳ। କେତେବେଳେ ଚାଷ କରି ନଥିବା ଚାଷୀ ମଣ୍ଡିରେ ମାଣ୍ଡିଆ ବିକ୍ରୀ କରିଥିବା ଘଟଣା ସାମ୍ନାକୁ ଆସିଛି ତ' ଆଉ କେତେବେଳେ ଚାଷୀ ଯେତିକି ଉତ୍ପାଦନ

**ରବି ଋତୁ ପାଇଁ ମଣ୍ଡିରେ ବିକ୍ରି ପାଇଁ ଚାଲିଛି କି ମସୁଧା ?**

କରିଛି ତା' ଠାରୁ ଢେର ଅଧିକ ବିକ୍ରୀ କରିଥିବା ଭଳି ଘଟଣା ସାମ୍ନାକୁ ଆସିଛି। ଏବେ କିନ୍ତୁ ଏମିତି ଏକ ଘଟଣା ସାମ୍ନାକୁ ଆସିଛି ଯେଉଁଠାରେ କି ଏକ ବନ୍ଦ ହୋଇଥିବା ବିଦ୍ୟାଳୟର କୋଠରୀରେ ହଜାର ହଜାର କୁଇଣ୍ଟାଲ ମାଣ୍ଡିଆ ଗଚ୍ଛିତ ରଖି ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଛି। ତେବେ ଏତେ ମାତ୍ରାରେ ମାଣ୍ଡିଆ କେଉଁଠି ଆସୁଛି ଓ କେଉଁଠି କୁ ଯାଉଛି ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୋକସରା ବ୍ଲକର ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର ତେଲିଗୁଡା ଗ୍ରାମର ବନ୍ଦ ହୋଇଥିବା ବିଦ୍ୟାଳୟରେ ଶହ ଶହ କୁଇଣ୍ଟାଲ ମାଣ୍ଡିଆ ଗଚ୍ଛିତ ଥିବା ଦେଖିବାକୁ ମିଳୁଛି। ଏହି ମାଣ୍ଡିଆ ଏତେ ମାତ୍ରାରେ ରହିଛି ଯେ' ଏହା କୌଣସି ଚାଷୀର ହୋଇ ଥାଇ ନ ପାରେ। ଏହି ସ୍କୁଲ ନିକଟରେ ଦୈନିକ ଏକାଧିକ ଟ୍ରକ୍ ଓ ପିକ୍‌ଅପ୍ ଲାଗୁଥିବା ଦେଖିବାକୁ ମିଳିଥିବା ବେଳେ ଏତେ ଗୁଡ଼ିଏ ମାଣ୍ଡିଆ କେଉଁଠାରୁ ଆସୁଛି ଓ କେଉଁଠି କୁ ପଠା ଯାଉଛି। ଏହି ସବୁ କାରବାର ଗୁଡ଼ିକ ପ୍ରଚ୍ଛଦ ପଟରେ ଏକ ନିର୍ଦ୍ଦିଷ୍ଟ ସଂସ୍ଥାର ହାତ ଥିବା ଆଲୋଚନା ହେଉଥିବା ବେଳେ ଏହି କାରବାର ପଛରେ ସ୍ଥାନୀୟ କିଛି ଯୁବକ ଓ ଶାସକ ଦଳର କିଛି ଆଗ ଧାଡ଼ିର କର୍ମକର୍ତ୍ତା ଦଲାଲ ସାଜିଥିବା ଓ ତାଙ୍କ ଇଙ୍ଗିତରେ ଏହି କାରବାର ବର୍ଷ ବର୍ଷ ଧରି ଚାଲିଥିବା ଅଞ୍ଚଳରେ ଯୋରଦାର ଚର୍ଚ୍ଚା ହେଉଛି। ରାଜ୍ୟ ସରକାର ଶ୍ରୀଅନ୍ନ ଯୋଜନା ମାଧମରେ ଚାଷୀଙ୍କୁ ମାଣ୍ଡିଆ ଚାଷ ଲାଗି ବିଭିନ୍ନ ସମୟରେ ପ୍ରୋତ୍ସାହନ ଯୋଗାଇ ଆସୁଛନ୍ତି। ଚାଷୀମାନେ ମଧ ଭଲ ଦୁଇ ପଇସା ରୋଜଗାର



କରିବା ପାଇଁ ଏହି ଚାଷ ପ୍ରତି ଆକର୍ଷିତ ହୋଇ ଚାଷ କରୁଛନ୍ତି। ତେବେ ଯେତେ ପରିମାଣର ଜମିରେ ଏହି ଚାଷ କରାଯାଉଛି ସେହି ପରିମାଣରେ ଚାଷୀ ମାଣ୍ଡିଆ ବିକ୍ରୀକରୁ ନଥିବାବେଳେ ଦଲାଲମାନେ ଏହାର ଭରପୁର ଫାଇଦା ଉଠାଇରେ ଲାଗିଛନ୍ତି। ପଞ୍ଚାୟତ ଗୁଡିକରେ ପ୍ରଦାନ କରାଯାଉଥିବା ପିଡିଏସ୍ ମାଣ୍ଡିଆ କୁ ହିତାଧିକାରୀ ମାନଙ୍କଠାରୁ କମ୍ ମୂଲ୍ୟରେ କ୍ରୟ କରି ପରବର୍ତ୍ତୀ ସମୟରେ ମଣ୍ଡିରେ ବିକ୍ରି କରୁଥିବା ଅନେକ ଅଭିଯୋଗ ଆସିଛି। ବର୍ଷେ କି ଦୁଇ ବର୍ଷର କଥା ନୁହେଁ ଏହି କାରବାର ଦିର୍ଘ ବର୍ଷରୁ ଚାଲିଆସିଛି। ତେବେ ଏହା ପଛରେ କାହାରି ହାତ ରହିଛି ଓ କାହା ଇଙ୍ଗିତରେ ଚାଲିଛି ଏହାର ପ୍ରଚ୍ଛଦପଟ୍ଟରେ ରହିଥିବା ଦଲାଲକୁ ଲୋକଲୋଚନକୁ ଆଣିବା ପାଇଁ ଜନସାଧାରଣରେ ଦାବି ହେଉଛି। ଅନ୍ୟପଟେ ବନ୍ଦ ହୋଇଥିବା ଏହି ସ୍କୁଲଗୃହରେ କାହା ଅନୁମତିରେ ଏତେ ପରିମାଣରେ ମାଣ୍ଡିଆ ରଖାଯାଇଛି ତାହ ସାଧାରଣରେ କଳାବଜାରୀର ଏକ ସ୍ପଷ୍ଟ ଚିତ୍ର ବାରି ହେଉଛି। ଏନେଇ କୋକସରା ଗୋଷ୍ଠୀ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀଙ୍କୁ ପଚାରିବାରୁ ମାର୍ଚ୍ଚ ମାସରେ ଖରିଫ୍ ମାଣ୍ଡିଆ ମଣ୍ଡି ସରିଛି, ଏବେ ଲିଫ୍ଟିଂ ଚାଲିଛି ବୋଲି କହିଛନ୍ତି।

# ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**କୋକସରା, ୫।୪(ସମିସ):** କୋକସରା ବ୍ଲକ ସଦରମହକୁମାସ୍ଥିତ ଶିବମନ୍ଦିର ପ୍ରାଙ୍ଗଣରେ ଅଖୀଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାର ତତ୍ୱାବଧାନରେ ପଞ୍ଚ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ କଳସ ଯାତ୍ରା ସହ ପୂଜା ମଣ୍ଡପରେ କଳସ ସ୍ଥାପନ ସହ ଅଧିବାସ ହୋଇଥିଲା। ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ଦେବ ପୁରୁଷଙ୍କ ମନ୍ତ୍ର ଉଚ୍ଚାରିତ ବେଦମାତା ଗାୟତ୍ରିଙ୍କ ଅଖଣ୍ଡ ମହାଜପ ସହ ପୂଜାର୍ଚ୍ଚନ ପରେ ପଞ୍ଚ କୁଣ୍ଡିୟ ମହାଯଜ୍ଞରେ ବ୍ରତି ମାନେ ଯଜ୍ଞଧାରଣ କରି ପୂଜାର୍ଚ୍ଚନା କରିଥିଲେ। କୋକସରା ଗାୟତ୍ରୀ ପରିବାର ପକ୍ଷରୁ ଆସନ୍ତା ୨୦୨୭ ଫେବୃଆରୀରେ ୧୦୮ କୁଣ୍ଡିୟ ମହାଯଜ୍ଞ ଅନୁଷ୍ଠାନ କରିବା ନେଇ ନିଷ୍ପତ୍ତି ନିଆଯାଇଛି। ଗାୟତ୍ରୀ ପରିବାର କୋକସରା ଶାଖାର ବରିଷ୍ଠ କର୍ମକର୍ତ୍ତା ଯୁଗେଶ୍ୱର ନେଗିଙ୍କ ଆୟୋଜନରେ ଏହି ମହାଯଜ୍ଞ ସମ୍ପାଦନରେ ଯୁଗଳ କିଶୋର ହଂସ, ନାରାୟଣ ପଟ୍ଟନାୟକ, ଲକ୍ଷ୍ମୀ କାନ୍ତ ପଟ୍ଟନାୟକ, ବିଣାପାଣି ନାଏକଓ ମା' ଭଉଣୀମାନେ ସହଯୋଗ କରିଥିଲେ।



# ଓଡ଼ିଆ ପକ୍ଷ ଅବସରରେ ନୂଆପଡ଼ାରେ ଗଣଦୌଡ଼

**ନୂଆପଡ଼ା, ୫।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ନୂଆପଡ଼ାରେ ବିଶାଳ ଗଣଦୌଡ ଆୟୋଜିତ ହୋଇଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଓ ନୂଆପଡ଼ା ଜିଲ୍ଲା



ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ ଗଣଦୌଡ ଆୟୋଜନ କରାଯାଇଥିଲା। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟାଳୟ ଠାରେ ପତାକା ଦେଖାଇ ଗଣଦୌଡର ଶୁଭାରମ୍ଭ କରିଥିଲେ। ଗଣଦୌଡ ଜିଲ୍ଲାପାଳ କାର୍ଯ୍ୟାଳୟରୁ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ମୁଖ୍ୟଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ଶ୍ରମଅଧିକାରୀ ଜସ୍ମିନ ସାହୁ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ରବୀନ୍ଦ୍ର ବାର୍ଲା, ନୂଆପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର ସହ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, କ୍ରୀଡାବିତ, ଜନସାଧାରଣ ଉପସ୍ଥିତ ଥିଲେ।ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ସହ ମୋଟ୫୩୨ଜଣ ଗଣଦୌଡରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଗଣଦୌଡର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ଆଲୋକପାତ କରିବା ସହ ସମସ୍ତଙ୍କୁ ଓଡ଼ିଆ ଭାଷାକୁ ପଢ଼ିବା, ଲେଖିବା ଓ କହିବା ପାଇଁ ଆହ୍ୱାନ କରିଥିଲେ। ସେ ବିବାହ ନିମନ୍ତ୍ରଣ ପତ୍ର ଓ ଅନ୍ୟାନ୍ୟ ଆମନ୍ତ୍ରଣ ପତ୍ରଗୁଡ଼ିକୁ ମଧ ଓଡ଼ିଆ ଭାଷାରେ ଲେଖିବାକୁ ଉତ୍ସାହିତ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ ଗଣଦୌଡକୁ ପରିଚାଳନା କରିଥିଲେ।

# ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ରଥ ପରିକ୍ରମା



**କଲମପୁର, ୫।୪(ସମିସ):** ରାଜ୍ୟ ସରକାରଙ୍କ ଶିକ୍ଷା ନୀତି ଅନୁସାରେ ୨୦୨୬-୨୭ଶିକ୍ଷା ବର୍ଷ ପାଇଁ କଲମପୁର ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଚେତନତା ରଥ କଲମପୁର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରୁ ବାହାରି ଚାରି ଦିନ ଧରି କଲମପୁର ବ୍ଲକ ଅଞ୍ଚଳର ବୁଲିବ ବୋଲି ସୂଚନା ମିଳିଛି। ଏଥିରେ କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ମଧୁସ୍ମିତା ନାଏକ ଅଧକ୍ଷତା କରିଥିବା ବେଳେ, ବ୍ଲକ ଅଧକ୍ଷା ଜ୍ୟୋତି ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଡ଼ିଓ ବିଜୟ ମାଣ୍ଡାଙ୍ଗି, ଉପାଧକ୍ଷ ଚିନ୍ତାମଣି ବେହେରା ଏବିଇଓ ଦିଲିପ ବେହେରା, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ କୂଳମଣୀ ମାଝୀ, ପଙ୍କଜ ସାବତ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ ମେହେର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବରାଜ ବେମାଲ, ଶିକ୍ଷୟିତ୍ରୀ ହୀରା ବାଗ, ମଧୁସ୍ମିତା ସ୍ୱାଇଁ, ଶିକ୍ଷକ ଘନଶ୍ୟାମ ନାଏକ, ଶିଶୁ ସେବିକା ମମତା ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଅଧକ୍ଷା ଶ୍ରୀମତୀ ନାଏକ, ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ନାଏକ, ବିଡ଼ିଓ ଶ୍ରୀ ମାଣ୍ଡାଙ୍ଗି, ଉପାଧକ୍ଷ ଶ୍ରୀ ବେହେରା ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନବଘନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଆରସିସି ଶ୍ରୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବଜ୍ରପାତରେ ଜଣେ ମୃତ, ୩ ଗୁରୁତର

**ଜୁନାଗଡ଼, ୫।୪(ସମିସ):** କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ବଳଦିଆମାଲ ଗ୍ରାମରେ ରବିବାର ମଧାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି।ଚାଷ ଜମିରୁ କାମ କରି ଫେରୁଥିବା ସମୟରେ ହଠାଥ ବଜ୍ରପାତ ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ମହିଳା ଗୁରୁତର ହୋଇଛନ୍ତି। ମୃତ ମହିଳାଙ୍କ ନାମ ସଞ୍ଚିତା ବିଶାଳ ବୋଲି ଜଣାପଡ଼ିଛି। ସେହିପରି ଗୁରୁତର ମହିଳା ମାନେ ହେଲେ ଖୀରଦେଇ ପ୍ରଧାନୀ, ସଂଯୁକ୍ତା ଲହଜଳ ଓ ଭୂମିସୁତା ଲହଜଳ।ସମସ୍ତଙ୍କୁ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି ଜଣାପଡ଼ିଛି। ଜୁନାଗଡ଼ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଟ୍ରାକ୍ଟର ଓଲଟି ନାବାଳକ ମୃତ

**କୋକସରା, ୫।୪(ସମିସ):** କୋକସରା ଥାନା ଛଞ୍ଚାନବାହାଲି ପଞ୍ଚାୟତ ପଲସପାଣି ଗ୍ରାମରେ ଟ୍ରାକ୍ଟର ଓଲଟି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳକ ଦେବେନ୍ଦ୍ର ହଂସଙ୍କ ୮ ବର୍ଷର ପୁଅ କ୍ରିସ୍ ହଂସ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ନାବାଳକ କ୍ରିଷ ସେହି ଗ୍ରାମର ଏକ ଟ୍ରାକ୍ଟରରେ ବସି ଆସୁଥିବା ସମୟରେ ଟ୍ରାକ୍ଟର ଅଚାନକ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳେ କ୍ରିସର ମୃତ ହୋଇଥିବା ଜଣାପଡ଼ିଛି। ଖବର ପାଇ କୋକସରା ଥାନା ପୁଲସି ଘଟଣା ସ୍ଥଳେରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଶବ ଜବତ କରି କୋକସରା ଗୋଷ୍ଠୀ ସ୍ୱସ୍ଥ୍ୟ କେନ୍ଦ୍ରକୁ ପଠାଇ ଦିଆଯାଇଛି। ତେବେ ସନ୍ଧ୍ୟା ହୋଇ ଯିବାରୁ ସୋମବାର ସକାଳେ ଶବ ବ୍ୟବଛେଦ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

■ ମାଁ ବେଲାରାଣୀ ଯାତ୍ରା ମହୋତ୍ସବ ଉଦ୍‌ଘାଟିତ

# ଭବ୍ୟ ମଶାଲ ଶୋଭାଯାତ୍ରାରେ ରଙ୍ଗୀନ ଚଟିଆଗୁଡା ଅଞ୍ଚଳ

**ସିନାପାଲି, ୫।୪ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ଚଟିଆଗୁଡାରେ ୩ ଦିନ ଧରି ଆୟୋଜିତ ହେବାକୁ ଥିବା ମା' ବେଲାରାଣୀ ଯାତ୍ରା ମହୋତ୍ସବ ଭବ୍ୟ ସାଂସ୍କୃତିକ ସମାବେଶ ମଧ୍ୟରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଶୋଭାରାମ ମହାନନ୍ଦ ସମେତ କମିଟିର ଅନେକ ସଦସ୍ୟ ଅଞ୍ଚଳର ବୁଦ୍ଧିଜୀବୀ ଜନସାଧାରଣ ସାମିଲ ରହିଥିଲେ। ଭବ୍ୟ ଶୋଭାଯାତ୍ରାରେ ଘୁମୁରା, ରାମକାଠି ସମେତ ଅନେକ ସାଂସ୍କୃତିକ ଦଳ ସାମିଲ ହୋଇଥିଲେ। ଅଞ୍ଚଳର ଲୋକ ସଂସ୍କୃତି, ପୁଷ୍ପାଞ୍ଜଳି ଗୁଆଲ, ଚଟିଆଗୁଡାସରପଞ୍ଚ ରଙ୍ଗୀତା ପାତ୍ର, ସମିତି ସଭ୍ୟ ବସନ୍ତ ମାଝି ପ୍ରମୁଖ ମଞ୍ଚାସିନ ଥିଲେ। ସଭା ପ୍ରାରମ୍ଭରେ ବ୍ରହ୍ମାନନ୍ଦ ସା ଅତିଥିପରିଚୟ ପୂର୍ବକ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଅତିଥିଙ୍କ ଦ୍ୱାରା ଦେବପୂଜନ ପରେ ହାତିବନ୍ଧା ସରସ୍ୱତୀ



ଶିଶୁ ମନ୍ଦିର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରଯାଇଥିଲା। ମହୋତ୍ସବର ସମ୍ପାଦକ ଶୋଭାରାମ ମହାନନ୍ଦ ବାବରଣୀ ପଠନ କରିଥିବା ବେଳେ ଶ୍ରୀକାନ୍ତ ମହାନନ୍ଦ ସଂଯୋଜନା କରିଥିଲେ। ଶେଷରେ ନିରଞ୍ଜନ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ସକାଳ ୯ ଘଣ୍ଟା ସମୟରେ ଅଞ୍ଚଳର ଇଷ୍ଟଦେବୀ ମା'ବେଲାରାଣୀଙ୍କ ପୀଠରୁ ବିଶାଳ ମଶାଲ ଶୋଭାଯାତ୍ରା ବାହାରି ମହୁଲପଡ଼ା, ସାଗୁନଭାଡ଼ି ଓ ଚଟିଆଗୁଡା ଗ୍ରାମ ପରିକ୍ରମା କରି ଯାତ୍ରା ମହୋତ୍ସବ ପଡ଼ିଆ ରେ ପହଞ୍ଚି ଥିଲା। ସିନାପାଲି ବିଡ଼ିଓ କାର୍ମୀ ଓରାମ ଓ ଦେବୀ ପୂଜକ ଝାଙ୍କର ଗିରିଶ ଚନ୍ଦ୍ର ମାଝି ଯୋତ୍ରା ମହୋତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ।ମହୋତ୍ସବ କମିଟିର ସଭାପତି ପ୍ରସନ୍ନ ମାଝି, ସମ୍ପାଦକ ପରମ୍ପରା ଓ ଐତିହ୍ୟକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ମହୋତ୍ସବ ଅନୁଷ୍ଠିତ ହେଉଛି। ପ୍ରଥମ ସାଂସ୍କୃତିକ ସନ୍ଧ୍ୟା କାଳୀନ ସାଂସ୍କୃତିକ ସଭାରେ ବିଏସଏଫ୍ କମାଣ୍ଡୋ ପ୍ରଶିକ୍ଷକ ଭାନୁପ୍ରତାପ ମାଝିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ସିନାପାଲି ବ୍ଲକ ଅଧକ୍ଷା ମାଧୁରୀ ମାଝି ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସିନାପାଲି ବ୍ଲକ ଉପାଧକ୍ଷା ମୀନା ଘିଭେଲା, ୧୨ ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟା ଶେଷରେ ଖଡିଆଳର ଲିଟିଲ ଷ୍ଟାର ଓ ବଜାଶାଳ ନୃତ୍ୟ, କିରେକେଲାର ରାମକାଠି ନୃତ୍ୟ, ସାଗୁନଭାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ, ସରଧାପୁର ଓ ବୋଡ଼େନ ଅଞ୍ଚଳ ଘୁମୁରା ନୃତ୍ୟ ସମେତ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମହୋତ୍ସବ ଅବସରରେ ଅନେକ ଷ୍ଟଲ, ମିନା ବଜାର ସାଙ୍ଗକୁ ଦୋକାନ ବଜାର ଗଢି ଉଠିଛି।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନାବାଳକ ମୃତ

**ଗୋଲାମୁଣ୍ଡା, ୫।୪(ସମିସ):** କଳାହାଣ୍ଡି ଜିଲ୍ଲା କେଗାଁ ଥାନା ଅନ୍ତସାନଚେର ଗାଁର ଅଷ୍ଟପ୍ରହରରେ ଲାଗିଥିବା ଟେଣ୍ଟ ଖୋଲୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକର ମୃତ୍ୟୁ ହେବା ଘଟଣା ସାଧାରଣରେ ଛାଞ୍ଚଲ୍ୟ ଖେଳି ଯାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସାନଚେର ଗାଁରେ ଗତ ଏକ ଦିନିକିଆ ଅଷ୍ଟପ୍ରହର କାର୍ଯ୍ୟକ୍ରମ ଥିଲା। ଏଥିରେ ନୂଆଁଗାଁ ପଞ୍ଚାୟତ ପଦ୍ମପୁର ଗ୍ରାମର ଭବସିନ୍ଧୁ ପ୍ରଧାନ ଟେଣ୍ଟ ମାଲିକ ନିଜ ଟେଣ୍ଟ ଲଗାଇଥିଲେ। ଗତକାଲି ଅଷ୍ଟପ୍ରହର ସାରିଥିବା ବେଳେ ଟେଣ୍ଟରେ କାମ କରୁଥିବା ନାବାଳକ ଯୋଗେଶ୍ୱର ମାଝୀ(୧୭) ଟେଣ୍ଟ ଖୋଲିଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ପଡ଼ି ଗୁରୁତର ହୋଇଥିଲେ।ସ୍ଥାନୀୟ ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଯୋଗେଶ୍ୱର ମାଝୀଙ୍କ ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ କେଗାଁ ପୁଲିସ ପହଁଞ୍ଚିଠିଚ ଶବକୁ ଜବତ କରିବା ସହ ମାମଲା ରୁଜୁ କରିଥିଲେ। ଶବ ବ୍ୟବଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବିନା ଆଇଟିଆଇ କରିଥିବା ନାବାଳକମାନଙ୍କୁ କମ ଟଙ୍କାଦେଇ କାମ କରାଉଥିବା ଟେଣ୍ଟ ମାଲିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଡ.ହରିଶ୍ଚନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଶୋକସଭା

**ଭବାନୀପାଟଣା, ୫।୪(ସମିସ):** ସ୍ଥାନୀୟ ପଲିଟେକନିକ୍ କଲେଜ୍ ନିକଟସ୍ଥ ସୈଭାଗ୍ୟ ଲନ ମ୍ୟାରେଜ ପ୍ୟାଲେସ ଠାରେ ଡକ୍ଟର ହରିଶ୍ଚନ୍ଦ୍ର ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଇଞ୍ଜିନିୟର ନିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ମଧୁସୁଦନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ମଧୁ ଓ ସ୍ୱପ୍ନାଙ୍କ ଦ୍ୱାରା ଲିଖିତ ଏକ ଭକ୍ତି କୁସୁମାଞ୍ଜଳୀ ଏବଂ ତାଙ୍କ



ନାତୁଣୀ ଅନୁତମା ପ୍ରଧାନଙ୍କ ଦ୍ୱାରା ଲିଖିତ 'ଦି ଷ୍ଟେଥ୍ ହି ଲେଫ୍ଟ ବିହାଇଣ୍ଡ'ଲେଖା ପଠନ ହୋଇଥିଲା। ଶାସ୍ତ୍ରୀଜୀ ଶିକ୍ଷା ନିକେତନ ଛାତ୍ରୀ ମାନଙ୍କ ଦ୍ୱାରା ଗୀତା ପଠନ ଓ ମନ୍ତ୍ର ଆବୃତ୍ତି ଏବଂ ସ୍ଥାନୀୟ ଜଗନ୍ନାଥ ମନ୍ଦିରସ୍ଥିତ ଶ୍ରୀ ଜଗନ୍ନାଥ ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଙ୍କୀର୍ତ୍ତନ କରାଯାଇଥିଲା। ଶୋକସଭା ରେ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ଅନାମ ନାୟକ, ପୂର୍ବତନ ବିଧାୟକ ସୁରେନ୍ଦ୍ର ପାଟଯୋଷୀ, ଶିକ୍ଷାବିତ୍ ପରମାନନ୍ଦ ନନ୍ଦ, ଡାକ୍ତର ଅଜିତ ନେଗୀ, ଡାକ୍ତର ବାବାଜୀ ଚରଣ ଦାସ, ଶିକ୍ଷାବିତ୍ ମନୋରଞ୍ଜନ ପଣ୍ଡା, ସୁଶ୍ରୀ ସବିତା ପଟ୍ଟନାୟକ, ସୀମା ପ୍ରଧାନ, ପୂର୍ବତନ ପୌରପରିଷଦ ନଗରପାଳିକା ସଂଯୁକ୍ତା ବେହେରା, ଘନଶ୍ୟାମ ଭାଟି, ଆଇନଜୀବୀ ଚିନ୍ତାମଣି ପାତ୍ର, ପ୍ରମୁଖ ସ୍ମୃତିଚାରଣ କରିଥିଲେ।

ଦୁର୍ଗମ ଅଞ୍ଚଳରେ ସିଡିଓଙ୍କ ପଦଯାତ୍ରା

# ପ୍ରଥମ ଥର ପାଇଁ ଆଇଏଏସ୍ ଅଧିକାରୀଙ୍କ ପାଦ ପଡ଼ିଲା

**ଥୁଆମୂଳରାମପୁର, ୫।୪ (ସମିସ)**

କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ପ୍ରଥମଥର ପାଇଁ ଜିଲ୍ଲା ପରିଷଦର ନୂତନ ମୁଖ୍ୟ ଉନ୍ନୟନ ଅଧିକାରୀ(ଆଇଏଏସ)ସୌମ୍ୟ ରଞ୍ଜନ ପ୍ରଧାନଙ୍କ ପଦ ପଡ଼ିଛି। ଶନିବାର ଦିନ ସେ ଥୁଆମୂଳରାମପୁର ବ୍ଲକର ସିନ୍ଧିପଦର ପଞ୍ଚାୟତ ଅଧୀନରେ ଥିବା ଦୁର୍ଗମ କେନ୍ଦୁଗୁଡା ଏବଂ କନ୍ଦାଗୁଡା ଗାଁକୁ ପରିଦର୍ଶନ କରିଥିଲେ। ସମାପଲା ଠାରୁ ପ୍ରାୟ ୧୦ କିଲୋମିଟର ଉଚ୍ଚ-ନିମ୍ନ ପାହାଡ଼ିଆ ରାସ୍ତାକୁ ପାଦେ ପାଦେ ଅତିକ୍ରମ କରି ସେ ଗ୍ରାମକୁ ପହଞ୍ଚିଥିଲେ। ଏହି ଦୁର୍ଗମ ଯାତ୍ରା ନେଇ ସ୍ଥାନୀୟ ମହଲରେ ବିଶେଷ ଚର୍ଚ୍ଚା ଚାଲିଛି। ଗ୍ରାମକୁ ପହଞ୍ଚି ସେ ଲୋକମାନଙ୍କ ସହିତ ସିଧାସଳଖ ଆଲୋଚନା କରି ବିଭିନ୍ନ ସମସ୍ୟା ଓ ସ୍ଥିତିର ସ୍ଥଳ ପର୍ଯ୍ୟବେକ୍ଷଣ କରିଥିଲେ। ଗ୍ରାମରେ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ସେ ନିଶ୍ଚିତତା ଦେଇଥିବା ସହ ଅନ୍ତୋଦୟ ଘର ଯୋଜନାରେ ସମସ୍ତ ଯୋଗ୍ୟ ପରିବାରଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦୁଗୁଡା ଓ କନ୍ଦାଗୁଡା ଗ୍ରାମର ପ୍ରତ୍ୟେକରୁ ୧୧ଟି ପରିବାରକୁ ଯୋଜନାରେ ଘର ଯୋଗାଇବା ପାଇଁ ସେ ସମ୍ପୃକ୍ତ କର୍ମଚାରୀଙ୍କୁ



ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଦୁର୍ଗମ ଦେର୍ଲାଠି ଗ୍ରାମର ୧୨ଟି ପରିବାରକୁ କନ୍ଦାଝାପି ନିକଟରେ କ୍ଲଷ୍ଟର ମଡେଲ୍‌ରେ ପୁନର୍ବାସ କରି ଘର ଯୋଗାଇବା ବିଷୟରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଲୋକମାନଙ୍କ ଆବଶ୍ୟକତା ଅନୁଯାୟୀ ସମସ୍ତ ପ୍ରାଥମିକ ସୁବିଧା ଯୋଗାଇବାକୁ ପ୍ରତିଶ୍ରୁତି ମଧ ଦେଇଛନ୍ତି। ପରିଦର୍ଶନ ସମୟରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ଆବାସ) ଅମୂଲ୍ୟ ବାଉଲ୍, ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ, ବ୍ଲକ ଆବାସ ସଂଯୋଜକ ରାଜେନ୍ଦ୍ର ନାରାୟଣ ଦେବ, ପିଇଓ ବଶିଷ୍ଠ ଶବର, ଗୋରା ସିଂ ମାଝୀ, ଗ୍ରାମ ରୋଜଗାର ସେବକ ବୈକୁଣ୍ଠ ଦିଶାରି ଓ କନିଷ୍ଠ ଯନ୍ତ୍ରୀ ପ୍ରତାପ କୁମାର ସାହୁ ଉପସ୍ଥିତ ଥିଲେ। ପଦଯାତ୍ରା ଓ ଦୁର୍ଗମ ଅଞ୍ଚଳ ପରିଦର୍ଶନ ଦ୍ୱାରା ପ୍ରଶାସନିକ ଅଧିକାରୀଙ୍କ ପ୍ରତି ଗ୍ରାମବାସୀଙ୍କ ଆଶା ଓ ଭରସା ବଢ଼ିବା ସହ ଉନ୍ନୟନ କାର୍ଯ୍ୟ ସଠିକ ଭାବେ ତ୍ୱରାନ୍ୱିତ ହେବ ବୋଲି ଅଞ୍ଚଳବାସୀ ଆଶା କରିଛନ୍ତି।

ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ

# ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

**ଖଡ଼ିଆଳ, ୫।୪(ସମିସ):** ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ



ହୋଇଥିଲା। ଅଧ୍ୟାପିକା ବିୟୁଟି ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ରଛାତ୍ରୀ ତଥା ସହକର୍ମୀ ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପାଢ଼ୀ, ପ୍ରାଧ୍ୟାପକ ଡ଼. ପଦ୍ମଲୋଚନ ବର୍ମା, ଅଧ୍ୟାପିକା ମିନା ଗୁଜୁରାତି, ଆଶୁତୋଷ ଯୋଶୀ ଯୋଗ ଦେଇ ମହାବିଦ୍ୟାଳୟର ଜାତୀୟ ମୂଲ୍ୟାୟନ ଏବଂ ପ୍ରତ୍ୟାୟନ ପରିଷଦ ଏବଂ ସ୍ୱୟଂ ଶାସିତ ନବୀକରଣ ନେଇ ଆଲୋଚନା କରିଥିଲେ। ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁନୀଲ କୁମାର ପାଢ଼ୀ, ଯୁକ୍ତ ଦୁଇ ଅଧକ୍ଷ ଡ଼ ରଣବୀର ସିଂହ, ଅଧିକାରୀ କ୍ୟାପଟେନ ଡ଼. ବିଷ୍ଣୁ ଦେବ ସିଂ ମଲ୍ଲିକ, ଅଧ୍ୟାପକ ଡ଼. ସରୋଜ କୁମାର ପଣ୍ଡା ପ୍ରମୁଖ ମହାବିଦ୍ୟାଳୟର ଉନ୍ନତି, ବିକାଶ ଏବଂ ଅଗ୍ରଗତି ନିମନ୍ତେ ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ସହକର୍ମୀ, ପୂର୍ବତନ ଛାତ୍ରଛାତ୍ରୀ ଯୋଗ ଦେଇ ମହାବିଦ୍ୟାଳୟର ସର୍ବାଙ୍ଗୀନ ପ୍ରଗତି ପାଇଁ କାର୍ଯ୍ୟ ପନ୍ଥା ସ୍ଥିର କରିଥିଲେ।

## ସାକ୍ଷୀ ଦେବାକୁ ଯାଇଥିବା ମହିଳାଙ୍କୁ ଧମକ; ଅଭିଯୁକ୍ତ ପୁଣି ଗିରଫ

ବ୍ରହ୍ମପୁର,୫।୪(ସମିସ): ସାକ୍ଷୀ ଦେବାକୁ ଆସିଥିବା ଜଣେ ମହିଳାଙ୍କୁ କୋର୍ଟ ପରିସରରେ ଧମକ ଦେବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଛତ୍ରପୁର ଥାନା ଅନ୍ତର୍ଗତ ସାଇ ନଗର ଦ୍ୱିତୀୟ ଲେନର ଅଶୋକ କୁମାର ସାହୁ (୫୪)। ଏନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା(୧୪୬/୨୬) ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ଅଶୋକଙ୍କୁ ଆଜି ପୁଣିଥରେ କୋର୍ଟଚାଲାଣ କରାଯାଇଛି। ସୂଚନାଥାଉକି, ୨୦୨୪ରେ ଘଟିଥିବା ଏକ ମାମଲାରେ ସାକ୍ଷୀ ଦେବା ପାଇଁ ବଡ଼ବଜାର ଥାନା ଅଞ୍ଚଳର ଅଭିଯୋଗକାରିଣୀ ମହିଳା ଜଣଙ୍କ ଗତ ମାର୍ଚ୍ଚ ୨୫ ତାରିଖରେ ବ୍ରହ୍ମପୁର ସ୍ଥିତ ଆଡହକ୍ ଆଡିସନାଲ ଫାଷ୍ଟଟ୍ରାକ କୋର୍ଟକୁ ଆସିଥିଲେ। ସେହି ମାମଲାରେ ଅଭିଯୁକ୍ତ ଥିବା ଅଶୋକ ସାହୁ ମଧ୍ୟ କୋର୍ଟରେ ଉପସ୍ଥିତ ଥିଲେ। ମହିଳା ଜଣକ ନିଜର ସାକ୍ଷ୍ୟ ପ୍ରଦାନ କରି କୋର୍ଟ ହଲ ବାହାରକୁ ବାହାରିବା ସମୟରେ ଅଶୋକ ତାଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଭୟଭୀତ କରିଥିଲେ। ଯଦି ତାଙ୍କ ପରିବାରର କେହି ସାକ୍ଷୀ ଦିଅନ୍ତି ତେବେ ସମସ୍ତଙ୍କୁ ଜୀବରେ ମାରିଦେବ ବୋଲି ଧମକ ଦେଇଥିଲେ। ଘଟଣାକୁ ନେଇ ମହିଳା ଜଣଙ୍କ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଅଶୋକ ଜାମିନ ସର୍ତ୍ତ ଉଲ୍ଲଂଘନ କରି ବାରମ୍ବାର ସାକ୍ଷୀ ଓ ଅଭିଯୋଗକାରିଣୀଙ୍କୁ ଧମକ ଦେଉଥିବା ଜଣାପଡିଥିଲା।

## ଗଞ୍ଜେଇ ଭର୍ତ୍ତି କାର୍ ଛାଡ଼ି ଚାଲାଣକାରୀ ଚମ୍ପଟ



ବ୍ରହ୍ମପୁର,୫।୪(ସମିସ): ଗଞ୍ଜେଇ ଭର୍ତ୍ତି କାର୍ ଛାଡ଼ି ଚାଲାଣକାରୀ ସହ ଡ୍ରାଇଭର ଘଟଣା ସ୍ଥଳରୁ ଚମ୍ପଟ ମାରିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ସହର ଉପକଣ୍ଠରେ। ଗଞ୍ଜେଇ ଚୋରାଚାଲାଣ ଖବର ପାଇଁ ରବିବାର ବ୍ରହ୍ମପୁର ଅବକାରୀ ଏକ ଟିମ ଭୋରୁ ଆଙ୍କୁଶପୁର ନିକଟରେ ନକାବନ୍ଦୀ କରିଥିଲା। ଯାନବାହନ ଯାଞ୍ଚ ବେଳେ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ କାର ଦେଖିବାକୁ ମିଳିଥିଲା। ସେଠାକୁ ଯାଇ ଦେଖିବା ବେଳେ ପୁଲିସକୁ ଚକମା ଦେଇ ଡ୍ରାଇଭର ସହ ଚାଲାଣକାରୀ ଚମ୍ପଟ ମାରି ସାରିଥିଲେ। ଉକ୍ତ ଛକରେ ଚାଲାଣକାରୀ ଛାଡି ଚାଲିଯାଇଥିବା ଏକ କାର ନଂ ଓଆର ୦୫ ଏଆର ୯୭୦୦କୁ ଅବକାରୀ ଜବତ କରିଛି। ଗାଡ଼ି ଯାଞ୍ଚ ବେଳେ ଅବକାରୀ ସେଠାରୁ ତିନୋଟି ଜରି ବସ୍ତାରେ ଥିବା ୬୦ କିଲୋ ଗଞ୍ଜେଇ ଜବତ କରିଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ଗାଡ଼ି ନଂ ଯାଞ୍ଚ ବେଳେ ପଳାତକ ଅଭିଯୁକ୍ତ ଜଣଙ୍କ କନ୍ଧମାଳ ବାଲିଗୁଡ଼ା ଅଞ୍ଚଳର ଚନ୍ଦ୍ରକାନ୍ତ ମଲ୍ଲିକ (୨୧) ବୋଲି ଜଣାପଡିଛି। ପ୍ରାଥମିକ ତଦନ୍ତରୁ ଚନ୍ଦ୍ରକାନ୍ତ ଗାଡ଼ି ଚାଳକ ତଥା ଗଞ୍ଜେଇ ଚାଲାଣକାରୀ ହୋଇଥିବା ବେଳେ ଅନ୍ୟଜଣଙ୍କର ପରିଚୟ ମିଳିପାରିନଥିବା ଡେପୁଟି ସୁପରିଟେଣ୍ଡେଣ୍ଟ ଶ୍ରୁତିକାନ୍ତ ରାଉତ ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟ ଓ ସଚେତନତା ଶିବିର



ବ୍ରହ୍ମପୁର,୫।୪(ସମିସ): ବିଜୁ ପଟ୍ଟନାୟକ ହୋମିଓପାଥିକ୍ ଚିକିତ୍ସାଳୟ ଓ ମହାବିଦ୍ୟାଳୟ ପକ୍ଷରୁ ଗୋଷାଣୀନୂଆଗାଁ ବରିଷ୍ଠ ନାଗରିକ ବିଚାର ମଞ୍ଚଠାରେ ସ୍ୱାସ୍ଥ୍ୟ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଡା. ଶ୍ୟାମ ସୁନ୍ଦର ମହାରଣାଙ୍କ ତତ୍ତ୍ୱାବଧାନରେ ୮୦ରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ ହୋଇଥିଲା। ଶିବିରରେ ଡା. ସାଗରିକା ମିଶ୍ର ଓ ଡା. ସୌମ୍ୟରଞ୍ଜନ ସାହୁ ଚିକିତ୍ସା ସେବା ଯୋଗାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ମଙ୍ଗଳ ସମିତିର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଜିଠୁ 'ସିଲ୍କ ସିଟି' ମହୋତ୍ସବ

# ସାଂସ୍କୃତିକ ସନ୍ଧ୍ୟା ସହ ଜମିବ ପଲ୍ଲିଶ୍ରୀ ମେଳା

- ଆୟୋଜିତ ହେବ କୃଷି ଯନ୍ତ୍ରପାତି, ସ୍ୱଦେଶୀ, ସୁଭଦ୍ରା ଶକ୍ତି ଓ ସ୍ୱାସ୍ଥ୍ୟମେଳା
- ସାମିଲ ହେବେ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ୨ ମନ୍ତ୍ରୀ ଓ ବିଧାୟକ

ବ୍ରହ୍ମପୁର,୫।୪(ସମିସ): ସହରରେ ଉଭୟ ଗୋପାଳପୁର ଓ ସୁନାପୁର ବେଳାଭୂମି ମହୋତ୍ସବର ସଫଳତା ପରେ ରେଶମ ସହର ବ୍ରହ୍ମପୁରରେ ଆୟୋଜିତ ହେବାକୁ ଯାଉଛି ସିଲ୍କ ସିଟି ମହୋତ୍ସବ ୨୦୨୬। ଆସନ୍ତା ୬ତାରିଖ ସୋମବାର ଠାରୁ ଦିର୍ଘ ୭ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବ ଆସନ୍ତା ୧୨ତାରିଖରେ ଉଦ୍‌ଯାପିତ ହେବ। ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜିଲ୍ଲା ପ୍ରଶାସନ ସହିତ ଉଭୟ ବିଇଡିଏ, ବିଇଏମସିର ମିଳିତ ସହଯୋଗରେ ଆୟୋଜିତ ଏହି ମହୋତ୍ସବର ଉଦ୍‌ଘାଟନୀ ଅବସରରେ ସ୍ଥାନୀୟ ବିଧାୟକ କେ. ଅନୀଲ କୁମାରଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ରହିବେ। ମହୋତ୍ସବରେ ଏକକାଳୀନ ଓରମାସ ପଲ୍ଲିଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା, ସ୍ୱଦେଶୀ ମେଳା, ସୁଭଦ୍ରା ଶକ୍ତି ମେଳା ସହିତ ଆୟୁର୍ବେଦିକ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହେବ। ଏଥିପାଇଁ ମୋଟ ୨୨୦ଟି ଷ୍ଟଲର ବ୍ୟବସ୍ଥା କରାଯାଇଥିବା ବେଳେ ସୁରକ୍ଷା ଓ ଅଗ୍ନି ନିର୍ବାପକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ଥିବା ବେଳେ ପ୍ରତ୍ୟେକ ଦିନ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଦିନ ତମାମ ବିଭିନ୍ନ ଉପାଦେୟ କର୍ମଶାଳା ସହିତ ମହିଳାଙ୍କ ମଧ୍ୟରେ ପାରମ୍ପାରିକ ପ୍ରତିଯୋଗିତାର ଆୟୋଜନ କରାଯିବ। ମହୋତ୍ସବରେ ଜିଲ୍ଲାର ଦୁଇ ମନ୍ତ୍ରୀଙ୍କ ସମେତ ସମସ୍ତ ବିଧାୟକ, ସମସ୍ତ ଆଇଏଏସ



ଓ ଆଇପିଏସ ଅଧିକାରୀ, ବ୍ରହ୍ମପୁର ମହାନଗର ନିଗମର ମେୟର, ଡେପୁଟି ମେୟରଙ୍କ ସମେତ ସମସ୍ତ କର୍ପୋରେଟରଙ୍କ ପାଇଁ ଗୋଟିଏ ସନ୍ଧ୍ୟା ସ୍ୱତନ୍ତ୍ର ଭାବେ ରହିଥିବା ନେଇ ସୂଚନା ଦେଇଛନ୍ତି ଆୟୋଜକ କମିଟିର ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର। ସେହିଭଳି ଗୋଟିଏ ଦିନ ସନ୍ଧ୍ୟାରେ ଗୋଲୋବନ୍ଧ ଆର୍ମି ଏଡି କଲେଜର ବରିଷ୍ଠ ସେନା ଅଧିକାରୀଙ୍କୁ ଅତିଥି ଭାବେ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ସ୍ୱତନ୍ତ୍ର ତଥା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ଲୋକକଳା ଓ ପାରମ୍ପାରିକ ନୃତ୍ୟ ଓ ସଙ୍ଗୀତ ସହିତ ରାଜ୍ୟ ଓ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ପ୍ରଖ୍ୟାତ କଳାକାରଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜିତ ହେବ। ପ୍ରଥମ ସନ୍ଧ୍ୟାରେ ଅନ୍ତରା ଚକ୍ରବର୍ତ୍ତୀ, ଦ୍ୱିତୀୟ ତଥା ୭ତାରିଖରେ ନାଭ୍ୟା, ସଚିନ ଓ ଯାଜ୍ଞସେନୀଙ୍କ ଟିମ, ତୃତୀୟ ତଥା ୮ ତାରିଖରେ ଶଶାଙ୍କ ଓ ଟିମ, ୯ତାରିଖରେ ଓଲିଉଡ ଗାୟିକା ଦିପ୍ତୀରେଖାଙ୍କ ଟିମ, ୧୦ତାରିଖରେ ସତ୍ୟଜିତ ଓ ଟିମଙ୍କ ସହିତ ୧୧ତାରିଖରେ କୁଳଦୀପଙ୍କ ଟିମ କାର୍ଯ୍ୟକ୍ରମ ପରିବେଷଣ କରିବେ।

ସେହିଭଳି ଉଦ୍‌ଯାପନୀ ସନ୍ଧ୍ୟାରେ ସୁନାମଧନ୍ୟ ଗାୟକ ମଣ୍ଟୁ ଛୁରିଆ ଓ ତାଙ୍କ ଟିମ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହେବ। ଖରାଦିନକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳଯୋଗାଣ ସହିତ ଶୌଚାଳୟ ଓ ସୁରକ୍ଷାର ବନ୍ଦୋବସ୍ତ କରାଯାଇଛି। ପିଲାଙ୍କ ପରୀକ୍ଷା ଶେଷ ହୋଇ ଯାଇଥିବାରୁ ମହୋତ୍ସବର ଆନନ୍ଦ ଉପଭୋଗ କରିବାକୁ ପ୍ରବଳ ମାତ୍ରାରେ ସମାଗମ ହେବାର ଆଶଙ୍କା କରି ବ୍ରହ୍ମପୁର ଏସପି ଡାକ୍ତର ସର୍ବଣା ବିବେକ ଏମଙ୍କ ପରାମର୍ଶ କ୍ରମେ ଖେଳପଡିଆରେ ପୂର୍ବରୁ ଥିବା ଦୁଇଟି ଗେଟ ସହିତ ଅନ୍ୟ ଏକ ନୂତନ ତଥା ତୃତୀୟ ଗେଟର ବ୍ୟବସ୍ଥା ମଧ୍ୟ କରାଯାଇଛି।

## ସିଟି ହସ୍ପିଟାଲରେ ନାହିଁ ଅଣ୍ଟା ଏକ୍ସ-ରେ ସୁବିଧା; ଫେରୁଛନ୍ତି ରୋଗୀ

ବ୍ରହ୍ମପୁର,୫।୪(ସମିସ): ସହରର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ସିଟି ହସ୍ପିଟାଲରେ ରୋଗୀଙ୍କୁ ଅଣ୍ଟା ଏକ୍ସ-ରେ ସୁବିଧା ମିଳୁନି। ଦୀର୍ଘଦିନ ଧରି ଏହି ସେବା ମିଳୁନଥିବାରୁ ଅସ୍ଥିଶଲ୍ୟ ବିଭାଗର ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳରେ ପ୍ରତିଦିନ ପ୍ରାୟ ୨୫ରୁ ୩୦ ଜଣ ରୋଗୀ ଆବଶ୍ୟକ ସେବା ନପାଇ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି। ପୂର୍ବ ସରକାରଙ୍କ ଅମଳରେ ଏହି ହସ୍ପିଟାକୁ ରୁପାନ୍ତରିକରଣ କରାଯାଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଫେବୃଆରୀ ୨୦୨୪ରେ ରୋଗୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଦେବା ଆରମ୍ଭ କରିଥିଲେ। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ସିଟି ହସ୍ପିଟାଲରେ ଥିବା ଦୁଇଟି ମେସିନ୍‌ରୁ ଗୋଟିଏ ଏକ୍ସରେ ମେସିନ ଅଚଳ ହୋଇ ପଡ଼ିରହିଛି। ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ଅଣ୍ଟାର ଏକ୍ସରେ ହୋଇପାରୁନି। ଅନ୍ୟ ମେସିନର କ୍ଷମତା କମ୍ ଥିବା କାରଣରୁ ସେଥିରେ ଅଣ୍ଟାର ଏକ୍ସ-ରେ ବାହାର କରିବା ସମସ୍ୟା ହୋଉଛି। ଅସ୍ଥି ସମସ୍ୟା, ଦୁର୍ଘଟଣାଜନିତ ଆଘାତ ଓ ଭାଙ୍ଗିଥିବା ହାଡ଼ର ଚିକିତ୍ସା ପାଇଁ ଏକ୍ସ-ରେ




ଅତ୍ୟାବଶ୍ୟକ ହେଉଥିବା ସତ୍ତ୍ୱେ, ହସ୍ପିଟାଲରେ ଏହି ସୁବିଧା ନଥିବାରୁ ଡାକ୍ତରମାନେ ଠିକ ଭାବେ ରୋଗ ନିର୍ଣ୍ଣୟ କରିପାରୁନାହାନ୍ତି। ଫଳରେ ରୋଗୀମାନେ ବେସରକାରୀ ଡାଏଗ୍ନୋଷ୍ଟିକ୍ ସେଣ୍ଟରକୁ ଯିବାକୁ ବାଧ ହୋଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏହି ସମସ୍ୟା ଦୀର୍ଘଦିନ ଧରି ଚାଲିଆସୁଥିବା ସତ୍ତ୍ୱେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଏଥିରେ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରୁନଥିବା ରୋଗୀ ଅଭିଯୋଗ ହୋଇଛି। ସମସ୍ୟା ନେଇ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଏହାର ସମାଧାନ ହେଉନଥିବାରୁ ରୋଗୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ ସେବାରେ ଏପରି ଅବ୍ୟବସ୍ଥା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହିତ, ଶୀଘ୍ର ଏକ୍ସ-ରେ ସୁବିଧା ଚାଲୁ କରିବା ପାଇଁ ସିଟି ହସ୍ପିଟାଲ ଓ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ସମସ୍ୟା ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଜାଣିଥିବା ବେଳେ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଛି। ଆଗାମୀ ଦିନରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନ୍ୟ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଯନ୍ତ୍ରପାତି ସ୍ଥାପନ କରାଯିବ ବୋଲି ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ତ୍ରିଧାରା ସାହିତ୍ୟ ସଂସଦର ମାସିକ ସାରସ୍ୱତ ସମାରୋହ



ବ୍ରହ୍ମପୁର,୫।୪(ସମିସ): ଉତ୍କଳ ଆଶ୍ରମର ପାଠାଗାର ପ୍ରକୋଷ୍ଠରେ ତ୍ରିଧାରା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଡ. ସୁରେନ୍ଦ୍ର ନାଥ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଗବେଷକ ଭେଙ୍କଟ ବିହାରୀ ପ୍ରହରାଜ ଓ ବରିଷ୍ଠ କବି ପ୍ରଫୁଲ୍ଲ କୁମାର ମହାପାତ୍ର ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଆସରରେ ଅଧ୍ୟାପକ ତ୍ରିଲୋଚନ ଦାଶ ପୁରୁଷୋତ୍ତମପୁର ଅଞ୍ଚଳର କିମ୍ବଦନ୍ତୀ ଲୋକକଥାକୁ ନେଇ କଥା ଉପସ୍ଥାପନ କରିଥିଲେ। ସଂସଦର ସହ ସମ୍ପାଦିକା ଗାୟତ୍ରୀ ପାଣିଗ୍ରାହୀ କବିତା ସଂଯୋଜନା କରିଥିଲେ। ସଂସଦର ସମ୍ପାଦକ ଡ. ଲକ୍ଷ୍ମୀ ନାରାୟଣ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହ ସମ୍ପାଦିକା ଗାୟତ୍ରୀ ପାଣିଗ୍ରାହୀ କବିତା ସଂଯୋଜନା କରିଥିଲେ। ଶେଷରେ ସଂସଦର ଉପସଭାପତି ଡ. ଅଶୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ଚନ୍ଦ୍ର ମିଶ୍ର, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଗାୟତ୍ରୀ ପାଣିଗ୍ରାହୀ, ମନୋଜ କୁମାର ପାଣିଗ୍ରାହୀ, ବଂଶୀଧର ସେଠୀ, ଡ. ଚିତ୍ତରଞ୍ଜନ ପଟ୍ଟନାୟକ, ମିହିର ରଥ, ହରେକୃଷ୍ଣ ପଣ୍ଡା, ଡ. ସୁଜିତ୍ କୁମାର ପଣ୍ଡା, ସୁଧାଞ୍ଜଳୀ ମିଶ୍ର ଓ ଶିବସୁନ୍ଦର ରଥ କବିତା ପଠନ କରିଥିଲେ।

## ଧୂଳିଦଣ୍ଡକୁ ପ୍ରଭାବିତ କଲା କାଳବୈଶାଖୀ; ବର୍ଷା, କାଦୁଅରେ ହେଲା ଧୂଳିଦଣ୍ଡ





ବ୍ରହ୍ମପୁର,୫।୪(ସମିସ): କାଳବୈଶାଖୀ ଜନିତ ଅଦିନିଆ ବର୍ଷା ଯୋଗୁଁ ଗଞ୍ଜାମର ଗଣପର୍ବ ଦଣ୍ଡନାଚ ପ୍ରଭାବିତ ହୋଇଛି। ଏପରିକି ପରମ୍ପରା ଭଙ୍ଗ ହୋଇଛି କହିଲେଶ ଅତ୍ୟୁକ୍ତି ହେବ ନାହିଁ। କାରଣ ମଧ୍ୟାହ୍ନରେ ବର୍ଷା ଯୋଗୁଁ ଦଣ୍ଡନାଚର ଅନ୍ୟତମ ପ୍ରମୁଖ ଦଣ୍ଡ ଧୂଳିଦଣ୍ଡ ଖାସ କରି ପ୍ରଭାବିତ ହୋଇଥିବା ପରିଲକ୍ଷିତ ହୋଇଛି।

ଧୂଳିଦଣ୍ଡ ଅର୍ଥାତ୍ ପ୍ରଚଣ୍ଡ ଖରାରେ ଦଣ୍ଡୁଆମାନେ ମୁକ୍ତାକାଶ ତଳେ ରାସ୍ତା ଉପରେ ଦଣ୍ଡ ପାଇଥାନ୍ତି। କିନ୍ତୁ ଅଦିନିଆ ବର୍ଷା ଯୋଗୁଁ ଆଜି ବିଭିନ୍ନ ସ୍ଥାନରେ ଦଣ୍ଡୁଆମାନେ ବର୍ଷାଁରେ ତଥା କାଦୁଅରେ ଧୂଳିଦଣ୍ଡ କରୁଥିବା ଦେଖିବାକୁ ମିଳିଥିଲା। ସେହିଭଳି ଭକ୍ତମାନେ ହାତରେ ଛତା ଧରି ଦଣ୍ଡନାଚକୁ ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା। ସେପଟେ କିନ୍ତୁ ଅଦିନିଆ ତଥା କାଳବୈଶାଖି ଜନିତ ବର୍ଷ ଯୋଗୁଁ ଜନସାଧାରଣ ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। ଅନେକ ସ୍ଥାନରେ ଘଡଘଡି ଓ ବିଜୁଳି ଯୋଗୁଁ ରାତି ସମୟରେ ଆଳତୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭାବିତ ହୋଇଥିବା ଖବର ମିଳିଛି।

## ଅନ୍ତଃ ଜିଲ୍ଲା ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ

ବ୍ରହ୍ମପୁର,୫।୪(ସମିସ): ଗଞ୍ଜାମ କଳାପରିଷଦରେ ୩ଦିନ ଧରି ଆରମ୍ଭ ହୋଇଥିବା ଅନ୍ତଃ ଜିଲ୍ଲା ସାଂସ୍କୃତିକ ପ୍ରତିଯୋଗିତା "ସଂସ୍କୃତି ସଙ୍ଗମ' ଶେଷ ହୋଇଛି। ପ୍ରଥମ ଦିନ ଓଡିଶୀ ନୃତ୍ୟ, ବାଦ୍ୟ ଯନ୍ତ୍ର, ଦ୍ୱିତୀୟ ଦିନ ଲୋକ ନୃତ୍ୟ, ଏକକ ଅଭିନୟ ଏବଂ ତୃତୀୟ ଦିନ ଲଘୁ କଣ୍ଠ ସଂଗୀତ, ଓ ଚିତ୍ର କଳା ପ୍ରତିଯୋଗିତା ହୋଇଥିଲା। ୨୫୦ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପରିଷଦର ସଭାପତି କେଦାର ଆଡ୍ଡା, ଉପସଭାପତି, ସୂର୍ଯ୍ୟକାନ୍ତ ପାତ୍ର, ଉପଦେଷ୍ଟା ଦେବାନନ୍ଦ ନନ୍ଦ, ସୁବୋଧ ପଟ୍ଟନାୟକ, ସତ୍ୟ ମହାରଣା, ଗଗନ ଚାନ୍ଦ ପଟ୍ଟନାୟକ, ସାଂସ୍କୃତିକ ସମ୍ପାଦକ ଇଂ ମନୋଜ ଦଣ୍ଡପାଟ, ସମ୍ପାଦକ ଇଂ ଅଭାୟେନ୍ଦୁ ପଟ୍ଟନାୟକ ଯୋଗ ଦେଇଥିଲେ। ତିନିଦିନ ବ୍ୟାପି ଏହି ପ୍ରତିଯୋଗିତାକୁ ନାରାୟଣ ନାହାକ, ଅଶ୍ୱିନୀ ମହାପାତ୍ର, ଭବାନୀ ଚରଣ ମିଶ୍ର, ମିହିର କୁମାର ପାଣିଗ୍ରାହୀ, ସୁବାଷ ମହାରଣାଙ୍କ ସମତେ ବହୁ ସହଯୋଗୀ ସହଯୋଗ କରିଥିଲେ।

## ଭକ୍ତରତ୍ନ ହନୁମାନ ମନ୍ଦିରର ନୂତନ କମିଟି ଗଠନ

ବ୍ରହ୍ମପୁର,୫।୪(ସମିସ): ଗୋଷାଣୀନୂଆଗାଁ ନେହେରୁ ନଗର ୯ମ ଲେନ୍ ସ୍ଥିତ ଶ୍ରୀ ଭକ୍ତରତ୍ନ ହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସର୍ବସମ୍ମତି କ୍ରମେ ନୂତନ କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା। ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ସରୋଜ କୁମାର ସାହୁ ଉପସଭାପତି, ସୁକାନ୍ତ କୁମାର ପଣ୍ଡା ସମ୍ପାଦକ, ମୋନଜ ସାହୁ ଯୁଗ୍ମ ସମ୍ପାଦକ, ଶିବ ପ୍ରସାଦ ପଣ୍ଡା କୋଷାଧ୍ୟକ୍ଷ, ରାମଚନ୍ଦ୍ର ସାହୁ ସହ କୋଷାଧ୍ୟକ୍ଷ, ଜଗଦୀଶ ପାଣିଗ୍ରାହୀ ଏବଂ ପ୍ରମୋଦ ଚୌଧୁରୀ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ସେହିପରି ସୁଦର୍ଶନ ମହାକ୍ଷୁଡ଼, ମୋଦନ ମୋହନ ପାତ୍ର, ମାନଭଞ୍ଜନ ପଟ୍ଟନାୟକ ଆଇନ୍ ପରାମର୍ଶଦାତା ଭାବେ ଚୟନ କରାଯାଇଥିଲା। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସୁନିଲ କୁମାର ସାହୁ, ଅଶ୍ୱିନୀ କୁମାର ପଟ୍ଟନାୟକ, ସୁଶାନ୍ତ ଚୌଧୁରୀ, ଅମୀୟ ଦାସ, କପିଳାସ ଚୌଧୁରୀ, ଆଶିଷ କୁମାର ପଣ୍ଡା, ହିମାଂଶୁ ନନ୍ଦି, ଶରତ ପାଳ, ବିନୋଦ ସିଂ, କୈଳାସ ଚୌଧୁରୀ, ପ୍ରଫୁଲ୍ଲ କୁମାର ପାଢ଼ୀଙ୍କ ମନୋନୀତ ହୋଇଛନ୍ତି। ଅନୁଷ୍ଠିତ ବୈଠକରେ ମନ୍ଦିରର ଉନ୍ନତି ସହ ଆସନ୍ତା ୧୪ତାରିଖରେ ଅନୁଷ୍ଠିତ ହେବାକୁ ଥିବା ହନୁମାନ ଜୟନ୍ତୀକୁ ନେଇ ଆଲୋଚନା କରାଯାଇଥିଲା।

# ଅପସଂସ୍କୃତିରୁ ମୁକୁଳିପାରୁନି ଦଣ୍ଡନାଟ ଉତ୍ସବ

ବ୍ରହ୍ମପୁର,୫।୪(ସମିସ): ଅପସଂସ୍କୃତି କବଳରୁ ଗଞ୍ଜାମର ପାରମ୍ପରିକ ସାମ୍ବତ୍ସରିକ ଉତ୍ସବ ଦଣ୍ଡନାଟ ମୁକୁଳି ପାରୁନି। ପ୍ରଶାସନ ପକ୍ଷରୁ ଚେଷ୍ଟା କରାଗଲେ ମଧ୍ୟ ଧୂଳିଦଣ୍ଡରେ ଅପଭାଷା ଓ ରାତିରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଶ୍ଳୀଳ ଭାଷା ପ୍ରୟୋଗ ସମସ୍ତଙ୍କୁ ବ୍ୟଥିତ କରୁଛି। ଗଞ୍ଜାମ ଜିଲ୍ଲାର ପ୍ରାଚୀନ ଓ ପାରମ୍ପରିକ ସାମ୍ବତ୍ସରିକ ଉତ୍ସବ ଦଣ୍ଡନାଟ ଆଜି ଅପସଂସ୍କୃତିର ସୂତାରେ କବଳିତ ହୋଇ ନିଜର ମୂଳ ସୂତ୍ର ହରାଇବା ଆଶଙ୍କା ବଢ଼ିବାରେ ଲାଗିଛି। ଏହି ଉତ୍ସବ ଯେଉଁଥିରେ ଭକ୍ତି, ନିୟମ ଓ ଆତ୍ମ ସଂଯମର ଶିକ୍ଷା ଦିଆଯାଉଥିଲା, ସେଥିରେ ଏବେ ଅନେକ ସ୍ଥାନରେ ଅଶ୍ଳୀଳତା ଓ ଅପଭାଷାର ପ୍ରଭାବ ଦେଖାଯାଉଛି। ଧୂଳିଦଣ୍ଡ ସମୟରେ କେତେକ ଅଂଶଗ୍ରାହୀଙ୍କ ଦ୍ୱାରା ଏଭଳି ଅପଭାଷାର ପ୍ରୟୋଗ ଦର୍ଶକମାନଙ୍କୁ ନିରାଶ କରୁଛି। ଏହା ସହ ରାତ୍ରି ସମୟରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଶ୍ଳୀଳ ନୃତ୍ୟ ଓ ଗୀତର ସମ୍ମିଶ୍ରଣ ଏହି ପବିତ୍ର ପରମ୍ପରାକୁ କଳଙ୍କିତ କରୁଛି। ପ୍ରଶାସନ ପକ୍ଷରୁ ନିୟମ ଜାରି, ସଚେତନତା ଓ ନିୟନ୍ତ୍ରଣ ବ୍ୟବସ୍ଥା ସମେତ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଅପସଂସ୍କୃତିର ପ୍ରବେଶ ପୂରାପୂରି ରୋକାଯାଇପାରୁନି। ସ୍ଥାନୀୟ ବୃଦ୍ଧ ଓ ସଂସ୍କୃତିପ୍ରେମୀମାନେ କହୁଛନ୍ତି, 'ଦଣ୍ଡନାଟ ଆମ ଆସ୍ଥା ଓ ପରମ୍ପରାର ପରିଚୟ। ଏଥିରେ ଏମିତି ଅଶ୍ଳୀଳତା ଆସିବା ଦୁଃଖଦ ଓ ଚିନ୍ତାଜନକ ବିଷୟ। ଏହି ପରିସ୍ଥିତିରେ କେବଳ ପ୍ରଶାସନ ନୁହେଁ, ସମାଜର ପ୍ରତ୍ୟେକ ଶ୍ରେଣୀର ଲୋକ ସଚେତନ ହେବା ଆବଶ୍ୟକ। ଯୁବପିଢ଼ି ଓ ଆୟୋଜକମାନେ ଯଦି ଏହି ପାରମ୍ପରିକ ଉତ୍ସବର ମୂଳ ମୂଲ୍ୟବୋଧକୁ ରକ୍ଷା କରିବେ, ତେବେ ଦଣ୍ଡନାଟ ପୁନର୍ବାର ତାହାର ପୂର୍ବ ଗୌରବ ଫେରିପାଇବ। ଦଣ୍ଡନାଟ କେବଳ ଏକ ଉତ୍ସବ ନୁହେଁ, ଏହା ଗଞ୍ଜାମର ଆତ୍ମା। ଏହାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ରେକର୍ଡ ଡ୍ୟାନ୍ସ ନ ହେବାରୁ ଷ୍ଟେଜ୍ ଉପରକୁ ବୋତଲ ମାଡ଼

ଦଣ୍ଡନାଚରେ ରେକଡର୍ ଡ୍ୟାନ୍ସ ଓ ଅଶ୍ଳୀଳତା ଉପରେ କଟକଣା ଜାରି କରିଥିଲା ପ୍ରଶାସନ। ଏହି ନିର୍ଦ୍ଦେଶନାମାକୁ କିଛି ଅଂଶରେ ପାଳନ କରାଯାଉଥିବା ବେଳେ ଅନ୍ୟ କିଛି ଅମାନିଆ ଆୟୋଜକ ଓ କମିଟି ସଦସ୍ୟମାନେ ଉକ୍ତ ନିର୍ଦ୍ଦେଶନାମାକୁ ମାନୁନଥିବା ଦେଖିବାକୁ ମିଳିଛି। ଏବେ ପୁରା ଗଞ୍ଜାମ ଜିଲ୍ଲାରେ ଦଣ୍ଡନାଚ ହେଉଛି। କେଉଁ ପାର୍ଟ ଅପେରା ଖେଳୁଛି ତୋ ଆଉ କେଉଁ ପାର୍ଟି ରାମାୟଣ, ଦଣ୍ଡ ବିଧାନ ଓ ଭାରତଲିଳା ପ୍ରଦର୍ଶନ କରୁଛନ୍ତି। ଏହି ସମସ୍ତ ଦାଣ୍ଡନାଚରେ ମେଲୋଡି ବନ୍ଦ କରିବାକୁ କୁହାଯାଇଥିବା ବେଳେ ତାହାର ଖିଲାପ ହେଉଥିବା ଦେଖିବାକୁ ମିଳିଛି। ଶୁକ୍ରବାର ବିଳମ୍ବିତ ରାତିରେ ଲାଞ୍ଜିପଲ୍ଲୀ ବାଇପାସ ସ୍ଥିତ ଶିବ ମନ୍ଦିର ନିକଟରେ ରୋହିଗାଁ ଦଣ୍ଡନାଚରେ ରେକର୍ଡ ଡ୍ୟାନ୍ସ ହେବା ସହ ଅଶ୍ଳୀଳତା ହେଉଥିବା ଦେଖିବାକୁ ମିଳିଥିଲା। ସେହିପରି ବ୍ରହ୍ମପୁର ସହର ଓ ଉପକଣ୍ଠର ବିଭିନ୍ନ ସ୍ଥାନରେ ଦଣ୍ଡନାଚ ଅନୁଷ୍ଠିତ ହୋଇଥିଲା । ଏକାଧିକ ଦଣ୍ଡନାଚରେ ରେକର୍ଡ ଡ୍ୟାନ୍ସ ହେଉଥିବା ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଗତକାଲି ସ୍ଥାନୀୟ ହିଲପାଟଣା ସ୍ଥିତ ଏକ ଘରେଇ ସ୍କୁଲ ନିକଟରେ ଏକ ହିଞ୍ଜିଳିକାଟୁ ସାନ ପାର୍ଟି ପକ୍ଷରୁ ଦଣ୍ଡନାଚ ହେଉଥିଲା। ଏହି ଦଣ୍ଡନାଚ ମେଲୋଡି ହୋଇନଥିଲା। ଫଳରେ ଦର୍ଶକମାନେ ଓ ଆୟୋଜନମାନଙ୍କ ମଧ୍ୟରେ କଥା



କଟାକଟି ହୋଇଥିଲା। ପରେ ଦର୍ଶକମାନେ ଜିଦ୍ କରିଲେ କି ମେଲୋଡ଼ି କରିବାକୁ କିନ୍ତୁ ଆୟୋଜନ ମନା କରିଥିଲା। ଶେଷରେ ଦର୍ଶକମାନେ ଷ୍ଟେଜ ଉପରକୁ ବୋତଲ ମାଡ଼ କରିବା ସହ ଆୟୋଜନଙ୍କ ଉପରକୁ ମଧ୍ୟ ବୋତଲ ମାଡ଼ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା କିଛି ଯୁବକ ନିଜ ମୋବାଇଲରେ ଉକ୍ତ ଡ୍ୟାନ୍ସକୁ ରେକର୍ଡ କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିଲେ। ବର୍ତ୍ତମାନ ସେହି ଭିଡ଼ିଓ ଏବେ ଭାଇରଲ ହୋଇଛି। ଦୀର୍ଘ ସମୟ ଧରି ଦର୍ଶକ ଓ ଆୟୋଜନଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ଆୟୋଜନ ବାଧ ହୋଇ ନାଟକ ବନ୍ଦ କରି ଦେଇଥିଲେ। ବହୁ ଦର୍ଶକ ନିରାଶ ହୋଇ ଫେରିଥିଲେ। ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ଫୁ କରି ଆୟୋଜକ ଓ କମିଟି ସଦସ୍ୟମାନେ ଏଭଳି ରେକର୍ଡ ଡ୍ୟାନ୍ସ କରୁଛନ୍ତି। ଅନ୍ୟପକ୍ଷରେ ଭାଇରାଲ ହେଉଥିବା ଏଭଳିକୁ ଆଧାର କରି ପୁଲିସ ଆୟୋଜକ ଓ କମିଟି ସଦସ୍ୟଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି।

## ଓଡ଼ିଆ ପକ୍ଷ ଅବସରରେ ଗଣଦୌଡ଼



ବ୍ରହ୍ମପୁର,୫।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବ ବିଧାୟକ କେ. ଅନିଲ କୁମାର ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଏହି ଗଣଦୌଡ ମହାଦା ଗାନ୍ଧୀ ଷ୍ଟାଡିୟମ୍ ଠାରୁ ଆରମ୍ଭ ହୋଇ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇ ପୁନର୍ବାର ଷ୍ଟାଡିୟମ୍‌କୁ ଫେରିଥିଲା। କାର୍ଯ୍ୟକ୍ରମରେ ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ମହାନଗର ନିଗମ କମିଶନର ଏସ. ସସ୍ୟ ରେଡ୍ଡୀ, ମହାନଗର ନିଗମ ବ୍ରହ୍ମପୁର, ଉପ ଜିଲ୍ଲାପାଳ ଅଭିନାଶ କୁମାର, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଜିଲ୍ଲା କ୍ରୀଡା ଅଧିକାରୀ ତାପସ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ଗଣଦୌଡରେ ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାରୁ ଶତାଧିକ ଛାତ୍ରଛାତ୍ରୀ ସମେତ ବୁଦ୍ଧିଜୀବୀ, ମହିଳା, ଯୁବକ ଓ ସାଧାରଣ ଲୋକମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

# ଶ୍ରୀକ୍ଷେତ୍ର ସିଟି

୫/୪/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୩୨,୦୮୮/- ସୁନା:୦୧.୦୦୦ ଗ୍ରାମ୍ ରୁପା: ୮୨.୦୦୦ ଗ୍ରାମ୍



## ଓଡ଼ିଆ ପକ୍ଷରେ ଐତିହ୍ୟ ଗଣଦୌଡ଼



ପୁରୀ,୫।୪(ସମିସ)

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଚଳିତ ବର୍ଷ ଏପ୍ରିଲ୍ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଆମ ମହାନ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରିବା ସହ ଯୁବପିଢ଼ିକୁ ଅବଗତ କରାଇ ଏହାକୁ ଅଧିକ ଋଦ୍ଧିମନ୍ତ କରିବା ଏହାର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା। ରବିବାର ଓଡ଼ିଆ ପକ୍ଷ ପାଳନର ପଞ୍ଚମ ଦିବସ ଅବସରରେ ଏକ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିରଠାରୁ ବଗଲା ଧର୍ମଶାଳା ପର୍ଯ୍ୟନ୍ତ ଏହି ଗଣଦୌଡ଼ ଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଶ୍ରୀଗୁଣ୍ଡିଚା ମନ୍ଦିରଠାରୁ ପତାକା ଦେଖାଇ ଏହି ଗଣଦୌଡ଼ର ଶୁଭାରମ୍ଭ କରିବା ସହ ବଗଲା ଧର୍ମଶାଳାଠାରେ ଯୁବବର୍ଗଙ୍କୁ ସମ୍ବୋଧିତ କରି ଓଡ଼ିଶାର ଐତିହ୍ୟ ପରମ୍ପରା ସମ୍ପର୍କରେ ଜାଣିବାକୁ ପରାମର୍ଶ ଦେଇଥିଲେ। ଆମେ ୧୯୩୬ରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲେ।

୨୦୩୬କୁ ରାଜ୍ୟ ଗଠନର ଶହେ ବର୍ଷ ପୂରିବ। ସମସ୍ତଙ୍କ ସହଯୋଗରେ ଏହାକୁ ବିକଶିତ କରିବା ବୋଲି ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଖୋ ଖୋ ଖେଳର ମୁଖ୍ୟ କୋଚ୍ ସଞ୍ଜୀବ ଶର୍ମା, ପ୍ରାକ୍ତନ କ୍ରୀଡ଼ା ପ୍ରଶିକ୍ଷକ ଗୋପାଳ ଚନ୍ଦ୍ର ପରିଡ଼ା, ଏନ୍‌ଏସ୍‌ଏସ୍ ଅଫିସର ଗୋଲକ ବିହାରୀ ପଲାଇ, କ୍ରୀଡ଼ା ପ୍ରଶିକ୍ଷକ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାର ସମସ୍ତ ବ୍ଲକ୍ ଓ ସହରାଞ୍ଚଳରେ ମଧ୍ୟ ଐତିହ୍ୟ ଗଣଦୌଡ଼ ରବିବାର ଅନୁଷ୍ଠିତ ହୋଇଥିଲା।

### ଶ୍ରୀକ୍ଷେତ୍ରରେ ସାହିଯାତ

## ରାବଣଙ୍କୁ ବଧ କଲେ ଶ୍ରୀରାମ

ପୁରୀ,୫।୪(ସମିସ)





ସେତୁବନ୍ଧ ପ୍ରତିଷ୍ଠା ପରେ ବାନର ସେନାଙ୍କ ସହ ରାମ, ଲକ୍ଷ୍ମଣ ଲଙ୍କାର ସୁବଳୟା ପର୍ବତରେ ଅବସ୍ଥାନ କରିଛନ୍ତି। ଶ୍ରୀରାମ ଅଙ୍ଗଦକୁ ଦୂତ ରୂପେ ରାବଣ ପାଖକୁ ପଠାଇଛନ୍ତି। ସୀତା ଦେବୀଙ୍କୁ ଫେରାଇବା ଲାଗି ଅଙ୍ଗଦ ଅନୁରୋଧ କରିଛନ୍ତି। ରାବଣ ଅଙ୍ଗଦଙ୍କୁ ତାଚ୍ଛଲ୍ୟ କରିଛନ୍ତି। ଅଙ୍ଗଦ ଦୂତ ରୂପେ ରାବଣର ସବୁକିଛି ଆକଳନ କରି ଫେରିଛନ୍ତି। ରାବଣର ମାନସିକତାକୁ ଅଙ୍ଗଦ ଠିକ୍ ଜାଣିପାରି ଶ୍ରୀରାମଙ୍କୁ ଜଣାଇଛନ୍ତି। ଏହାପରେ ଯୁଦ୍ଧ ବିନା ଅନ୍ୟ ପନ୍ଥା ନାହିଁ ବୋଲି ନିଶ୍ଚିତ ହୋଇଛି। ଯୁଦ୍ଧ ହୋଇଛି, ଶ୍ରୀରାମଙ୍କ ଦ୍ୱାରା ରାବଣ ନିହତ ହୋଇଛନ୍ତି। ଶେଷରେ ରାମ-ଲକ୍ଷ୍ମଣ ରାବଣଙ୍କ ଉଦ୍ଦେଶ୍ୟରେ ଉପଦେଶ ଦେଉଛନ୍ତି ଜନକଲ୍ୟାଣ କର୍ମ ବା ସତ୍‌କର୍ମ କାଲିକୁ ରଖିବ ନାହିଁ ଏବଂ ଅସତ୍ କର୍ମ ଆଜି କରିବ ନାହିଁ। ରବିବାର ଶ୍ରୀରାମଲୀଳାରେ ବାଲିସାହି ଆଖଡ଼ା ପକ୍ଷରୁ ରାବଣ ବଧ ନୀତି ସମ୍ପନ୍ନ ହୋଇଛି। ରାବଣଙ୍କ ସହିତ ରାମ, ଲକ୍ଷ୍ମଣ ଓ ହନୁମାନ ବେଶ ବନ୍ଧାଇ ଜଗନ୍ନାଥ ବଲ୍ଲଭରେ ଏହି ନୀତିରେ ସାମିଲ୍ ହୋଇଥିଲେ।

ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ଏବଂ ଦକ୍ଷିଣୀ ଘର ଭୋଗ ନୀତି ବଢ଼ିଥିଲା। ମହାଜନ ସେବକ ଦକ୍ଷିଣୀ ଘରୁ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ନେଇ ରତ୍ନସିଂହାସନ ଉପରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ମହାଜନ ସେବକ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ବଟବୃକ୍ଷ ମୂଳେ ଥିବା ପାଲିଙ୍କିକୁ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କିକୁ ଘଣ୍ଟ, ଛତା, କାହାଳୀ ସହିତ ପଟୁଆରରେ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ଠାକୁରଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଝୁଲଣ ଖଟ ଉପରେ ବିଜେ କରାଯାଇଥିଲା। ଏହାପରେ ମଠର ଆରାଧ୍ୟ ସୁଗ୍ରୀବ ମହାରାଜଙ୍କଠାରୁ ଆଜ୍ଞାମାଳ ବିଜେ ପରେ ଠାକୁରଙ୍କ ନିକଟରେ ଶୀତଳ ଭୋଗ ବନ୍ଦାପନା ହୋଇଥିଲା। ଏହାପରେ ରାବଣ ନୀତିରେ ସାମିଲ୍ ହୋଇଥିଲେ। ରାମ ଓ ରାବଣଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ରାବଣଙ୍କ ବକ୍ଷସ୍ଥଳକୁ ଶ୍ରୀରାମ ବ୍ରହ୍ମାସ୍ତ୍ର ପ୍ରୟୋଗ କରିଥିଲେ। ଶେଷରେ ରାବଣଙ୍କ ନିଧନ ହୋଇଥିଲା। ଯୁଦ୍ଧ ନୀତି ସମ୍ପନ୍ନ ପରେ ରାମ ଓ ଲକ୍ଷ୍ମଣ ପାଲିଙ୍କିରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ପିଏମ୍‌ଶ୍ରୀ ବିଶ୍ୱମ୍ଭର ବିଦ୍ୟାପୀଠରେ 'ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ'

ପୁରୀ,୫।୪(ସମିସ): ସାମଗ୍ରିକ ଶିକ୍ଷା ଓ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ପୁରୀସ୍ଥିତ ପିଏମ୍‌ଶ୍ରୀ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ନୂତନ ଶିକ୍ଷାବର୍ଷ ପାଇଁ 'ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂତନ ଶିକ୍ଷା ନୀତି (ଏନ୍‌ଇପି-୨୦୨୦) ଅନୁଯାୟୀ ପ୍ରାଥମିକ ଶିକ୍ଷା ସହିତ 'ଶିଶୁ ବାଟିକା' ଶ୍ରେଣୀର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ କୁନି କୁନି ପିଲାଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭଶ୍ରୀ ଦାଶଙ୍କ ସଭାପତିତ୍ୱ ଓ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ଖଡ଼ିଛୁଆଁ ସହିତ ମିଷ୍ଟାନ୍ନ, ପୁଷ୍ପଗୁଚ୍ଛ ଓ ପାଠ୍ୟୋପକରଣ ଦେଇ ସ୍ୱାଗତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ସଦସ୍ୟବୃନ୍ଦ ଏବଂ ଅଭିଭାବକମାନେ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପାର୍ବତୀ ଦାଶ, ସୁରେଶ ଚନ୍ଦ୍ର ତ୍ରିପାଠୀ, ପ୍ରତାପ ସାହୁ, ରଶ୍ମିତା ଦାଶ ଓ ଟିକିନା ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ପୁରୀ କ୍ଲବ୍‌ରେ ଚେସ୍ ପ୍ରଶିକ୍ଷଣ ଶିବିର ଆରମ୍ଭ



ପୁରୀ,୫।୪(ସମିସ): ନୂଆ ନୂଆ ଚେସ୍ ତାରକା ସୃଷ୍ଟି କରିବା ଲକ୍ଷ୍ୟରେ ପୁରୀ କ୍ଲବ୍ ପକ୍ଷରୁ ଚେସ୍ ପ୍ରଶିକ୍ଷଣ ଶିବିର କ୍ଲବ୍ ପରିସରରେ ରବିବାର ଶୁଭାରମ୍ଭ ହୋଇଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ ସଭାପତି, ଜଣାଶୁଣା ଚେସ୍ ପ୍ରଶିକ୍ଷକ ତଥା ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ସତ୍ୟରଞ୍ଜନ ପଟ୍ଟନାୟକ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। କ୍ଲବ୍‌ର ସାଧାରଣ ସମ୍ପାଦକ ରବିନାରାୟଣ ସାହୁ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଡ. ବିଶ୍ୱନାଥ ମିଶ୍ର କହିଛନ୍ତି, ଏବେ ଶନିବାର ଏବଂ ରବିବାର ଏହି ତାଲିମ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ପ୍ରଶିକ୍ଷାର୍ଥୀଙ୍କ ଚାହିଦାକୁ ଦେଖି ଅବଧି ବୃଦ୍ଧି କରାଯିବ। ପ୍ରତ୍ୟେକ ପିଲାଙ୍କ ଭିତରେ କିଛି ନା କିଛି ପ୍ରତିଭା ରହିଛି। ତେବେ ଯେଉଁମାନେ ନିକଟ ଭବିଷ୍ୟତରେ ଚେସ୍ କ୍ଷେତ୍ରରେ ସଫଳତା ହାସଲ କରିପାରିବେ ସେମାନଙ୍କୁ ଆଗକୁ ବଢ଼ାଇବା ଲାଗି କ୍ଲବ୍‌ର ମୁଖ୍ୟ ଲକ୍ଷ୍ୟ ରହିଛି। ଚେସ୍ ଏକ ବୌଦ୍ଧିକ ଖେଳ। ଏହି ଖେଳ ଉପସ୍ଥିତ ବୁଦ୍ଧି, ଧୈର୍ଯ୍ୟ, ନିଷ୍ପତ୍ତି ନେବାର ଦକ୍ଷତା ଓ ଦାୟିତ୍ୱବୋଧ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଏଥିସହ ପାଠପଢ଼ାରେ ମଧ୍ୟ ଏହାର ସକାରାତ୍ମକ ପ୍ରଭାବ ପ୍ରତିଫଳିତ ହୋଇଥାଏ। ପ୍ରାଥମିକ ଭାବେ ୬ରୁ ୧୨ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ନିଆଯାଉଛି। କ୍ଲବ୍ ଭିତ୍ତିଭୂମି, ପ୍ରଶିକ୍ଷଣ, ଅଧ୍ୟୟନ ସାମଗ୍ରୀ ଆଦି ଯୋଗାଇଦେବ। ଆବଶ୍ୟକ ପଡ଼ିଲେ ଅନ୍ତର୍ଜାତୀୟ ମାଷ୍ଟର ଏବଂ ଗ୍ରାଣ୍ଡମାଷ୍ଟରଙ୍କୁ ନିଯୁକ୍ତି ଦେବାର ଯୋଜନା ରହିଛି। ଏହି ପ୍ଲାଟ୍‌ଫର୍ମରୁ ରାଜ୍ୟ ଏବଂ ଜାତୀୟ ଚାମ୍ପିଅନ ଆଶା କରିଛୁ ବୋଲି ଶ୍ରୀ ସାହୁ ଓ ଡ. ମିଶ୍ର କହିଛନ୍ତି। ଆନ୍ତର୍ଜାତିକ ଚେସ୍ ପ୍ରଶିକ୍ଷକ ମନୋଜ ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ଲବ୍‌ର ଉପସଭାପତି ନଳିନୀ ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ଅରୁଣ କୁମାର ରାୟ, କାର୍ଯ୍ୟକାରୀ କମିଟି ସଭ୍ୟ ନୂତନ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପୁରୀରେ କାଳବୈଶାଖୀ ବର୍ଷା

## ତାତିରୁ ମିଳିଲା ସାମୟିକ ଆଶ୍ୱସ୍ତି



ପୁରୀ,୫।୪(ସମିସ)

ପୁରୀରେ କାଳବୈଶାଖୀ ପ୍ରଭାବରେ ହାଲୁକା ପବନ ଓ ବର୍ଷା ହୋଇଛି। ବିଜୁଳି ଓ ଘଡ଼ଘଡ଼ି ବି ମାରିଥିଲା। ଫଳରେ ଗ୍ରୀଷ୍ମ ତାତିରୁ ସାମୟିକ ଭାବେ ମିଳିଛି ଆଶ୍ୱସ୍ତି। ରବିବାର ସବୁକିଛି ସ୍ୱାଭାବିକ ଥିଲା। କିନ୍ତୁ ଖରା ଯୋଗୁଁ ତାତିରେ ଅସ୍ତବ୍ୟସ୍ତ ହେଉଥିଲେ ପୁରୀବାସୀ, ଭକ୍ତ ଓ ପର୍ଯ୍ୟଟକ। ଅପରାହ୍ଣ ପ୍ରାୟ ସାଢ଼େ ୩ଟା ପରଠାରୁ ହଠାତ୍ ଆକାଶ ଢାଙ୍କି ହୋଇଯାଇଥିଲା। କଳାହାଣ୍ଡିଆ ମେଘ ସନ୍ଧ୍ୟାର ଭ୍ରମ ସୃଷ୍ଟି କରିଥିଲା। ଅପରାହ୍ଣ ୪ଟାରୁ ଆରମ୍ଭ ହୋଇଥିଲା ହାଲୁକା ପବନ ସାଙ୍ଗକୁ ଝିପିଝିପି ବର୍ଷା। ଏହି କାଳବୈଶାଖୀ ବର୍ଷା, ପବନ ଯୋଗୁଁ ରାସ୍ତାଘାଟରେ କିଛି ସମୟ ପାଇଁ ପାଣି ଜମିଥିଲା। ଯାତାୟାତ ମଧ୍ୟ ପ୍ରଭାବିତ ହୋଇଥିଲା। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ପାଣି ଜମିଥିଲା। ପ୍ରଚଣ୍ଡ ଗରମ ଯୋଗୁଁ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିବା ଭକ୍ତ ଅସ୍ତବ୍ୟସ୍ତ ହୋଇପଡୁଥିଲେ। ହେଲେ ବର୍ଷା ହେବା ପରେ ସେମାନେ ଆଶ୍ୱସ୍ତି ଅନୁଭବ କରିଥିଲେ। ଅନ୍ୟପକ୍ଷରେ ଏହି କାଳବୈଶାଖୀ ବର୍ଷା, ପବନ ସାଙ୍ଗକୁ ବିଜୁଳି, ଘଡ଼ଘଡ଼ି ବି ମାରୁଥିଲା। ମାଳତିପାଟପୁରଠାରେ ଏକ ନଡ଼ିଆ ଗଛରେ ବଜ୍ରପାତ ହେବାରୁ ସେଥିରେ ନିଆଁ ଲାଗିଯାଇଥିଲା।

## ଆଇନ ମନ୍ତ୍ରୀଙ୍କ ମନ୍ତବ୍ୟ ପରେ ଉଠିଲାଣି ପ୍ରତିବାଦର ସ୍ୱର

ପୁରୀ,୫।୪(ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଅନ୍‌ଲାଇନ୍ ସ୍ଲଟ୍ ବୁକିଂ ବ୍ୟବସ୍ଥା କରାଯିବ। ଭୁବନେଶ୍ୱରରେ ଆୟୋଜିତ ଏକ କନ୍‌କ୍ଲେଭ୍‌ରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିବା ପରେ ଏହାକୁ ନେଇ ଆରମ୍ଭ ହେଲାଣି ବିରୋଧ। ମନ୍ତ୍ରୀ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ପାଇଁ ଖୁବ୍‌ଶୀଘ୍ର ଅନ୍‌ଲାଇନ୍ ସ୍ଲଟ୍ ବୁକିଂ ବ୍ୟବସ୍ଥା ହେବାକୁ ଯାଉଛି। ଯେଉଁ ଶ୍ରଦ୍ଧାଳୁ ଦୂରଦୂରାନ୍ତରୁ ଆସୁଛନ୍ତି ସେମାନେ ତାଙ୍କ ସୁବିଧା ଓ ସମୟ ଅନୁସାରେ ମହାପ୍ରଭୁଙ୍କ ସାନିଧ୍ୟ ପାଇପାରିବେ। ତାଙ୍କୁ ଆଉ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ। ସରକାର ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା କରିବାକୁ ଯାଉଛନ୍ତି। ସେହିପରି ଭକ୍ତଙ୍କ ନାଟମଣ୍ଡପରେ ଶ୍ରଦ୍ଧାଳୁଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯିବ। ମନ୍ଦିର ବାହାରେ ଅପେକ୍ଷା କରୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ୪ ଲାଇନ୍‌ର ଏକ ସେଡ୍ ବ୍ୟବସ୍ଥା ହେବ। ଏହା ବଡ଼ଦାଣ୍ଡର ମାର୍କେଟ ଛକ ପର୍ଯ୍ୟନ୍ତ ଲମ୍ବିବ। ସେଠାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପାନୀୟ ଜଳ ଓ ଫ୍ୟାନ୍ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ ଏହାକୁ ନେଇ ଉଠିଲାଣି ପ୍ରତିବାଦର ସ୍ୱର। ଏଭଳି ବ୍ୟବସ୍ଥା ଲାଗୁ ନ କରିବାକୁ କହିଛନ୍ତି। ଅନ୍ୟପକ୍ଷରେ ଅନ୍‌ଲାଇନ୍ ସ୍ଲଟ୍ ବୁକିଂ ବ୍ୟବସ୍ଥାର ରୂପରେଖ କ'ଣ ରହିବ ତାହା ସ୍ପଷ୍ଟ ହେବା ଦରକାର। ପୂର୍ବରୁ ମଧ୍ୟ ଅନ୍‌ଲାଇନ୍ ଟିକଟ୍ ବ୍ୟବସ୍ଥା ପ୍ରସଙ୍ଗ ଉଠିଥିଲା। କିନ୍ତୁ ଏହାକୁ ନେଇ ବିବାଦ ଉଠିବାରୁ ଏହା ଥମିଯାଇଥିଲା।

**ମହାପ୍ରଭୁଙ୍କ ଦର୍ଶନ ପାଇଁ ହେବ ଅନ୍‌ଲାଇନ୍ ସ୍ଲଟ୍ ବୁକିଂ!**

### ■ ଆଜି ମହାପ୍ରଭୁଙ୍କ ପଇତାଲାଗି

## ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ

ପୁରୀ,୫।୪(ସମିସ): ବୈଶାଖ କୃଷ୍ଣ ଚତୁର୍ଥୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତାଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ଦଇତାପତି ସେବକମାନେ ଏହି ନୀତି ପାଇଁ ଗର୍ଭଗୃହକୁ ପ୍ରବେଶ କରିବେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯିବ। ଏହି ନୀତି ସମ୍ପନ୍ନ ପରେ ଠାକୁରମାନଙ୍କର ମହାସ୍ନାନ କରାଯିବ। ଏହି ନୀତି ପାଇଁ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ଅର୍ଥାତ୍ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା: ପଞ୍ଚମ ଦିନରେ ସଚେତନତା ଯାତ୍ରା

ପୁରୀ,୫।୪(ସମିସ): ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ହେଲେ ଶୁଣୁନାହାନ୍ତି ସରକାର। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଓଡ଼ିଶା ଦିବସରୁ ଆରମ୍ଭ ହୋଇଥିବା ସଚେତନତା ପଦଯାତ୍ରା ରବିବାର ପଞ୍ଚମ ଦିନରେ ପହଞ୍ଚିଛି। ଅପରାହ୍ଣରେ କାଳବୈଶାଖୀ ବର୍ଷା ସତ୍ତ୍ୱେ ପୂର୍ବ ନିଷ୍ପତ୍ତି ମତେ ପଦଯାତ୍ରୀ ଓଦା ହୋଇ ଭକ୍ତ ସାଲବେଗ ସମାଧି ପୀଠରୁ ପଦଯାତ୍ରା ଆରମ୍ଭ କରିଥିଲେ। ଏହା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ଆବାହକ ସ୍ୱାଧୀନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା ଯାତ୍ରାରେ ସାମ୍ବାଦିକ ଅକ୍ଷୟ କୁମାର ସ୍ୱାଇଁ, ସୂର୍ଯ୍ୟ ରଥ, ବସନ୍ତ କୁମାର ମିଶ୍ର, କିଶୋର ଦାସ, ବିଶ୍ୱନାଥ ମିଶ୍ର, ପ୍ରମୋଦ ପଟ୍ଟନାୟକ, ଚନ୍ଦ୍ରଶେଖର ପାତ୍ର, ସତ୍ୟ ନାରାୟଣ ସାହୁ, ରମେଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



### ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନା

## ଅବତାର ଗ୍ରହଣ ମହାପ୍ରଭୁଙ୍କ ଲୀଳା

ପୁରୀ,୫।୪(ସମିସ)

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଏପ୍ରିଲ ମାସର ଆଲୋଚନା ରବିବାର ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଗୋପାଳକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାର ବିଷୟ 'ଶ୍ରୀଜଗନ୍ନାଥ ଚେତନାରେ ଶ୍ରୀବାମନ' ଆଧାରିକ ପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ. ଶ୍ରୀନିବାସ ଆଚାର୍ଯ୍ୟ। ଏହି ଆଲୋଚନାରେ ମହାବିଷ୍ଣୁ ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ। ସେ ସତ୍ୟଯୁଗରେ ଦଶ ଅବତାର ମଧ୍ୟରେ ପଞ୍ଚମ ବାମନ ଅବତାର ରୂପେ ଆବିର୍ଭୂତ ହୋଇଥିଲେ। ସତ୍ୟଯୁଗର ଭକ୍ତ ପ୍ରବର ପ୍ରହ୍ଲାଦଙ୍କ ପୌତ୍ର ବଳି ନିଜ ପରାକ୍ରମରେ ସ୍ୱର୍ଗ ଅଧିକାର କରିବାରୁ ସମସ୍ତ ଦେବତା ଅନନ୍ତଶାୟୀ ବିଷ୍ଣୁଙ୍କ ନିକଟକୁ ଯାଇ ବିପତ୍ତିରୁ ଉଦ୍ଧାର ନିମିତ୍ତ ପ୍ରାର୍ଥନା କରିଥିଲେ। ସେମାନଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ବିଷ୍ଣୁ କହିଲେ ଯେ, ସେ ସ୍ୱୟଂ ଦେବମାତା ଅଦିତିଙ୍କ ଗର୍ଭରୁ ଉତ୍ପନ୍ନ ହୋଇ ସେମାନଙ୍କୁ ସ୍ୱର୍ଗ ପ୍ରଦାନ କରିବେ। ରାଜା ବଳି ନର୍ମଦା ନଦୀ ତୀରରେ ଅଶ୍ୱମେଧ ଯଜ୍ଞ ଆରମ୍ଭ କଲେ। ଭଗବାନ ବିଷ୍ଣୁ ବାମନ ରୂପେ ଅବତରିତ ହୋଇ ବାଳ ବ୍ରହ୍ମଚାରୀ ବେଶରେ ବଳିଙ୍କ ଯଜ୍ଞଶାଳାରେ ପହଞ୍ଚି ତାଙ୍କୁ ଦାନରେ ତିନିପାଦ ଭୂମି ମାଗିଥିଲେ। ରାଜା ବଳି ଦେବା ପାଇଁ ସଂକଳ୍ପ କରିବାରୁ ବାମନ ଗୋଟିଏ ପାଦରେ ସମଗ୍ର ପୃଥିବୀ, ଦ୍ୱିତୀୟ ପାଦରେ ଊର୍ଦ୍ଧ୍ୱର ସମସ୍ତ ଲୋକ ଅଧିକାର କରିନେଲେ। ତୃତୀୟ ପାଦ ରୂପେ ନିଜ ଚରଣ କମଳ ବଳିଙ୍କ ଶିରରେ ରଖି ତାଙ୍କୁ ସୁତଳ ଲୋକକୁ ପଠାଇ ସେଠାକାର ସ୍ୱାମୀ କଲେ। ଶ୍ରୀବାମନ ସ୍ୱର୍ଗରେ ଦେବରାଜ ଇନ୍ଦ୍ରଙ୍କୁ ପ୍ରତିଷ୍ଠିତ କଲେ।

**ଶ୍ରୀବାମନ ସ୍ୱର୍ଗରେ ଦେବରାଜ ଇନ୍ଦ୍ରଙ୍କୁ ପ୍ରତିଷ୍ଠିତ କରିଥିଲେ**

ଶ୍ରୀମନ୍ଦିରରେ ଭାଦ୍ର ଶୁକ୍ଳ ଦ୍ୱାଦଶୀରେ ଶ୍ରୀଜଗନ୍ନାଥଙ୍କୁ ବାମନ ରୂପେ ଅଭିହିତ କରାଯାଇ ଜନ୍ମନୀତି ପାଳନ କରାଯାଏ। ତ୍ରୟୋଦଶୀରେ ଶ୍ରୀମନ୍ଦିରରେ ବଳିବାମନ ବେଶ ଅନୁଷ୍ଠିତ ହୁଏ, ଯେଉଁଥିରେ ଶ୍ରୀବଳଭଦ୍ର ବଳି ରାଜା ରୂପେ ଏବଂ ଶ୍ରୀଜଗନ୍ନାଥ ଛତ୍ର କମଣ୍ଡଳୁ, ଜଟଚୂଳ ଲାଗି ହୋଇ ବଟୁ ବ୍ରହ୍ମଚାରୀ ବାମନ ରୂପେ ଦୃଶ୍ୟମାନ ହୁଅନ୍ତି। ଶ୍ରୀବାମନଙ୍କ ଦୁଇଟି ରୂପ ବଟୁ ବ୍ରହ୍ମଚାରୀ ଓ ଅନ୍ୟଟି ତ୍ରିବିକ୍ରମ ରୂପ। କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବା ଡାଳିକିଆ ବେଶ ହୋଇଥାଏ। ଆଷାଢ଼ ମାସର ଅଧିପତି ଶ୍ରୀବାମନ ହୋଇଥିବାରୁ ଶ୍ରୀଜଗନ୍ନାଥଙ୍କଠାରେ ତାଙ୍କୁ ସ୍ମରଣ କରାଯାଏ। ତେଣୁ କୁହାଯାଏ ରଥରେ ଦେଖି ବାମନ ଜୀବନକୁ କର ଧନ୍ୟ। ଶାସ୍ତ୍ରରେ ପୃଥିବୀକୁ ରକ୍ଷା କରୁଥିବା ଅଷ୍ଟ ଦିଗ୍‌ଗଜଙ୍କ ମଧ୍ୟରେ ଦକ୍ଷିଣ ଦିଗର ରକ୍ଷକ ବାମନ ଅଟନ୍ତି। ଶ୍ରୀମନ୍ଦିର ତିନିପାଶ୍ୱର୍ରେ ସ୍ଥିତ ନିଶା ମନ୍ଦିର ମଧ୍ୟରୁ ଉତ୍ତରରେ ଶ୍ରୀତ୍ରିବିକ୍ରମଙ୍କ ଭବ୍ୟ କମନୀୟ ମୂର୍ତ୍ତି ରହିଛି। ମନ୍ଦିରମାନଙ୍କରେ ଦଶାବତାରଙ୍କ ସ୍ଥାନରେ ପଞ୍ଚମ ଅବତାର ରୂପେ ଶ୍ରୀବାମନ ସ୍ଥାନୀତ ହୁଅନ୍ତି। ମୁକ୍ତିମଣ୍ଡପ ପାଶ୍ୱର୍ସ୍ଥ ନୃସିଂହ ମନ୍ଦିରର ପାଶ୍ୱର୍ ଦେବତା ରୂପେ ଶ୍ରୀତ୍ରିବିକ୍ରମ ପୂଜିତ ହୁଅନ୍ତି। ଅବତାର ଗ୍ରହଣ ମହାପ୍ରଭୁଙ୍କ ଲୀଳା ଅଟେ। ଘୋଷଯାତ୍ରାରେ ମହାପ୍ରଭୁ ଭକ୍ତମାନଙ୍କୁ ତାଙ୍କଠାରେ ଶରଣାଗତ ବା ସମର୍ପିତ ହେବାର ଦିବ୍ୟ ସନ୍ଦେଶ ପ୍ରଦାନ କରି ବାମନାବତାରର ସ୍ମୃତିକୁ ଉଜ୍ଜୀବିତ କରନ୍ତି ବୋଲି ଆଲୋଚନା ହୋଇଥିଲା। ଏହି ଆଲୋଚନାଚକ୍ରରେ ଡ. ଉମେଶ ଚନ୍ଦ୍ର ଚିହ୍ନରା, ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଡ. ବିମଳ ପ୍ରସାଦ ମହାନ୍ତି, ଡ. ବିଜୟ ନାରାୟଣ ରାମାନୁଜ ଦାସ, ଡ. ନୃସିଂହ ଚରଣ ସାହୁ, ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ଦାସ, ଅନାମ ଚନ୍ଦ୍ର ସାହୁ, ଡ. ପ୍ରମୋଦ କୁମାର ଦଳେଇ, ଡ. କଲ୍ୟାଣୀ ଶତପଥୀ, ନାରାୟଣ ଦାଶ, ଅଶୋକ କୁମାର ଆଢ୍ୟ, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ପ୍ରଶାନ୍ତ ପାତ୍ର, ଡ. ଭାସ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ପୁରୀ,୫।୪(ସମିସ): ପୁରୀ ସଦର ଆଳପୁର ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ସଙ୍କୁଳ ପ୍ରମୁଖ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କିଭଳି ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଛି ସେ ବିଷୟରେ ମତ ରଖିଥିଲେ। ସଭାରେ ସଭାପତିତ୍ୱ କରିଥିଲେ ବିଦ୍ୟାମନ୍ଦିର ପରିଚାଳନା ସମିତିର ସଭାପତି ସସ୍ମିତା ରାଉତରାୟ। ଅନ୍ୟତମ ଅତିଥି ଭାବେ ସମ୍ପାଦକ ପ୍ରଶାନ୍ତ କୁମାର ବଳବନ୍ତରାୟ, ପ୍ରଧାନାଚାର୍ଯ୍ୟ ଦୀପରଞ୍ଜନ ଛୋଟରାୟ ମଞ୍ଚାସୀନ ଥିଲେ। ଉତ୍ସବରେ ଆଳପୁର, ମୋରଡ଼ପଡ଼ା, ପାଟଯୋଶିପୁର, ଗଡ଼ମୃଗଶିରା, ସୁନ୍ଦର, ଢୋଲ, କାଳିଆକେରା, ପାଇକରାୟପୁର, ଜମାରସୁଆଁ, ବାଲିସାହି, ନୂଆଗାଁ ଅଞ୍ଚଳର ଅଭିଭାବକ ଓ ଗ୍ରାମବାସୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାମନ୍ଦିରକୁ ଅନୁକମ୍ପା ପ୍ରଦାନ କରୁଥିବା ଅବସରପ୍ରାପ୍ତ ଶିକ୍ଷକ ଦୁର୍ଯ୍ୟୋଧନ ବେହେରା ଓରଫ ଗୋପାଳ ଦାସ ମହାରାଜଜୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ସହ ସମସ୍ତ ଗୁରୁଜୀ, ଗୁରୁମା' ଓ ପରିଚାଳନା ସମିତିର ସଦସ୍ୟ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଉପସଭାପତି ବିନୟ କୁମାର ଦାଶ, ଯୁଗ୍ମ ସମ୍ପାଦକ ପ୍ରସନ୍ନ ମହାନ୍ତି, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସଭ୍ୟ ସୂର୍ଯ୍ୟ ନାରାୟଣ ମିଶ୍ର, ସଭ୍ୟା ମାନିନୀ ସେଠୀ, ଶିକ୍ଷକ ପ୍ରତିନିଧି ଉଷାରାଣୀ ପାତ୍ରଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା' ପରିଚାଳନା କରିଥିଲେ। ଶେଷରେ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଦୁର୍ଘଟଣାରେ ଟ୍ରାକ୍ଟର ମାଲିକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୫ ।୪(ସମିସ): ପାରଳାଖେମୁଣ୍ଡି ସହର ରାଣୀପେଣ୍ଠ ରାସ୍ତାରେ ଥିବା ତରାତାରିଣୀ ନଗର ସମ୍ମୁଖ ସ୍ଥାନରେ ଏକ ଟ୍ରାକ୍ଟର ଦୁର୍ଘଟଣାରେ ଉକ୍ତ ଟ୍ରାକ୍ଟରର ମାଲିକଙ୍କ ମୃତ୍ୟୁ ଘଟିଛି। ଅନୁକୁଣ୍ଡା ଗ୍ରାମର ଟ୍ରାକ୍ଟର ମାଲିକ ମୁଦୁଲି ନାଗେଶ୍ୱର ରାଓ ନିଜ ଟ୍ରାକ୍ଟର ଚାଳକଙ୍କ ସହ ତରାତାରିଣୀ ନଗର ସମ୍ମୁଖରେ ଥିବା ଏକସ୍ଥାନରେ ବାଲି ଅନଲୋଡ କରିବାକୁ ଯାଇଥିଲେ। ଏକ ନିର୍ମାଣଧିନ କୋଠା ନିକଟରେ ଅନଲୋଡିଂ ପାଇଁ ଟ୍ରାକ୍ଟରଟିକୁ ପଛକୁ ଆଣିବାକୁ ନାଗେଶ୍ୱର ଏକ ପାଚେରୀ ନିକଟରେ ଛିଡା ହୋଇ ଚାଳକଙ୍କୁ ନିର୍ଦ୍ଦେଶ ଦେଉଥିଲେ। ମାଲିକଙ୍କ ନିର୍ଦ୍ଦେଶ ପ୍ରକାରେ ଚାଳକ ଜଣକ ଟ୍ରାକ୍ଟରଟିକୁ ପଛକୁ ଆଣୁଥିବା ସମୟରେ କାନ୍ଥ ନିକଟରେ ଠିଆ ହୋଇଥିବା ନାଗେଶ୍ୱର ଡାଲାର ପଛ ଭାଗ ଓ କାନ୍ଥ ମଧ୍ୟରେ ଚାପି ହୋଇଯାଇଥିଲେ। ଚାଳକ ଓ ନିକଟରେ ଥିବା ଲୋକେ ତୁରନ୍ତ ନାଗେଶ୍ୱରଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ କରାଯାଇଛି। ନାଗେଶ୍ୱରଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶତାଧିକ ଗ୍ରାମାଞ୍ଚଳବାସୀ ପହଞ୍ଚି ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଘାଟିରେ ଓଲଟିଲା ଟ୍ରକ୍; ଚାଳକ ଗୁରୁତର



ମୋହନା,୫।୪(ସମିସ): ମୋହନା ଥାନା ଲିଲିଗଡ଼ ନିକଟସ୍ଥ କେନ୍ଦୁଘାଟିରେ ପୁଣି ଘଟିଛି ଏକ ସଡ଼କ ଦୁର୍ଘଟଣା। ଏକ କୋଳଥ ବୋଝେଇ ଟ୍ରକ ବ୍ରହ୍ମପୁର ଠାରୁ ଜୟପୁର ଯାଉଥିବା ସମୟରେ ଘଟିଛି ଦୁର୍ଘଟଣା। ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ବ୍ରହ୍ମପୁରର କାଳିଆ ବେହେରା ଗୁରୁତର ଆହତ ହୋଇଥିବା ଅଭିଯୋଗ ହେଉଛି। ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବା ସୂଚନା ମିଳିଛି। ଦୁର୍ଘଟଣା ଶନିବାର ରାତିରେ ହୋଇଥିବା ବେଳେ ସ୍ଥାନୀୟ ବାସିନ୍ଦା କବିର ମଳିକ ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରି ମୋହନା ଡାକ୍ତରଖାନାକକୁ ଆଣିବା ସହ ପୁଲିସକୁ ଖବର ଦେଇଥିଲେ। ଖବର ପାଇଁ ମୋହନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ଓଡ଼ିଆ ପକ୍ଷ ପାଳନରେ ଐତିହ୍ୟ ଗଣଦୌଡ଼



ନୂଆଗଡ଼,୫।୪(ସମିସ): ନୂଆଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର କୁମାର ଦାସ, ଏଇଇ ପ୍ରାଦ୍ୟୁମ୍ନ କୁମାର ଦାସ, ବ୍ଲକ ପଞ୍ଚାୟତ ଉନ୍ନୟନ ଅଧିକାରୀ ଶସାଙ୍କ ଶେଖର ସମେତ ବ୍ଲକ ପରିସରର ବିଭିନ୍ନ ବିଭାଗର କର୍ମଚାରୀ, ବୁଦ୍ଧିଜୀବୀ, ଯୁବଗୋଷ୍ଠୀ, ବବିଦ୍ୟାଳୟର ଛାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଆଜିର ଗଣଦୌଡ଼ ବ୍ଲକକାର୍ଯ୍ୟାଳୟସମ୍ମୁଖରୁବାହାରିବଜାରଦେଇମିନିଷ୍ଟାଡିଅମଯାଇପୁଣିଫେରିଥିଲା।

## ଓଡ଼ିଆ ପକ୍ଷରେ ଗଣଦୌଡ଼



ଫିରିଙ୍ଗିଆ/ଫୁଲବାଣୀ,୫।୪(ସମିସ): ଓଡ଼ିଶାର କଳା, ସଂସ୍କୃତି ଓ ସମୃଦ୍ଧ ଐତିହ୍ୟକୁ ପ୍ରଚାର ପ୍ରସାର କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଓଡ଼ିଆ ପକ୍ଷ ଅବସରରେ ଆଜି ଫୁଲବାଣୀରେ ଏକ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କ୍ରୀଡ଼ା ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସ୍ଥାନୀୟ କନ୍ଧମାଳ ଷ୍ଟାଡିୟମରରେ ଆୟୋଜିତ ଏହି ଗଣ ଦୌଡ଼କୁ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଏବଂ ଜିଲ୍ଲାପାଳ ବେଦଭୂଷଣ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦୌଡ଼ରେ ଶତାଧିକ ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍, ସ୍ୱେଚ୍ଛାସେବୀ ଏବଂ ଜିଲ୍ଲାର ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ। ପଦଯାତ୍ରା କନ୍ଧମାଳ ଷ୍ଟାଡିୟମରୁ ବାହାରି ଏଫ୍‌ସିଆଇ ଛକ, ଗାନ୍ଧୀ ଛକ ଓ କୋରନେସନ୍ ଫିଲ୍ଡ ଦେଇ ପୁଣି କନ୍ଧମାଳ ଷ୍ଟାଡିୟମକୁ ଆସିଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବିଣ କୁମାର ବାଣୁଆ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର ନାୟକ ଏବଂ ଜିଲ୍ଲା ପ୍ରଶାସନର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

### କଟିମାହା ଗ୍ରାମରେ ଜଳ ସଙ୍କଟ

# 'ବସୁଧା'ରେ ମିଳୁଛି ଗୋଳିଆ ପାଣି

ଟିକାବାଲି,୫।୪(ସମିସ)

ସରକାର ପ୍ରତିଟି ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ "ବସୁଧା' ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ, କଟିମାହା ଗ୍ରାମରେ ଏହି ଯୋଜନା ଏବେ ଫସର ଫାଟିଛି। ଗ୍ରାମବାସୀଙ୍କୁ ନିର୍ମଳ ଜଳ ବଦଳରେ ମିଳୁଛି ଗୋଳିଆ ଓ କାଦୁଅ ମିଶା ପାଣି। ପ୍ରଶାସନିକ ଅବହେଳା ଓ କନିଷ୍ଠ ଯନ୍ତ୍ରୀଙ୍କ କାମରେ ଖାମଖିଆଲି ଯୋଗୁଁ ଲୋକେ ଦୂଷିତ ଜଳ ବ୍ୟବହାର କରି ନାନା ରୋଗବ୍ୟାଧିର ଶିକାର ହେବା ଆଶଙ୍କା ଦେଖାଦେଇଛି। ସୂଚନା ଅନୁସାରେ, ଗ୍ରାମକୁ ଜଳ ଯୋଗାଣ ପାଇଁ ନଦୀ ପଠାରେ ଏକ ସ୍ୱତନ୍ତ୍ର ଚାମ୍ବର ଓ କୂଅ ନିର୍ମାଣ କରାଯାଇଛି। କିନ୍ତୁ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ କୂଅ ଭିତରୁ ପଙ୍କ ଓ କାଦୁଅ ସଫା କରାଯାଇ ନାହିଁ। ଫଳରେ ମୋଟର ଚାଲିବା ମାତ୍ରେ ପାଇପ୍ ଯୋଗେ କାଦୁଅ ମିଶା ଗୋଳିଆ ପାଣି ଗ୍ରାମବାସୀଙ୍କ ପାଖକୁ ଯାଉଛି। ଏସମ୍ପର୍କରେ ପାଇପ୍ ଚାଳକଙ୍କୁ ପଚାରିବାରୁ ଯେ ପର୍ଯ୍ୟନ୍ତ କୂଅ ଭିତରୁ ସମ୍ପୂର୍ଣ୍ଣ ପଙ୍କ ବାହାର କରାଯାଇ ନାହିଁ, ସେ ପର୍ଯ୍ୟନ୍ତ ବର୍ଷ ସାରା ଏହିଭଳି ଦୂଷିତ ଜଳ ଆସିବ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗତ ଜାନୁଆରୀ ମାସରୁ ସେମାନେ ଏହି ସମସ୍ୟା ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପାଣି ସଫା ରଖିବା ପାଇଁ ଫିଟିକିରି ବ୍ୟବହାର କରିବା ଓ କୂଅ ସଫା କରିବାକୁ ଯନ୍ତ୍ରୀଙ୍କୁ ଜାନୁଆରୀ ମାସରୁ କହି ଆସୁଛନ୍ତି। ମାତ୍ର ଦୀର୍ଘ ତିନି ମାସ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବିଭାଗୀୟ ଅଧିକାରୀଙ୍କ ଏଭଳି



ଖାମଖିଆଲି ମନୋଭାବ ଯୋଗୁଁ ସ୍ଥାନୀୟଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କହିଲେ କେହି ଶୁଣୁନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାନୀୟ ଜଳ ପାଇଁ ଅନ୍ୟ କୌଣସି ବିକଳ୍ପ ନଥିବାରୁ ବାଧ୍ୟ ହୋଇ ଗୋଳି ପାଣିକୁ ହିଁ ଆଶ୍ରା କରୁଛନ୍ତି ମହିଳା ଓ ବୃଦ୍ଧବୃଦ୍ଧା। ଏହି ପାଣି ପିଇବା ଯୋଗୁଁ ପେଟ ରୋଗ ସମେତ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବା ଭୟ ରହିଛି। ତୁରନ୍ତ ଏହି ଘଟଣାର ତଦନ୍ତ କରି ନଦୀରେ ଥିବା କୂଅକୁ ସଫା କରିବା ସହ ସ୍ୱଚ୍ଛ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ଓ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟଥା ଆଗାମୀ ଦିନରେ ଏହି ଜଳ ସଙ୍କଟକୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଓଡ଼ିଆ ପକ୍ଷ ପାଳନରେ ଐତିହ୍ୟ ଗଣଦୌଡ଼



ପାରଳାଖେମୁଣ୍ଡି,୫।୪(ସମିସ): କ୍ରୀଡ଼ା ଓ ଯୁବା ସେବା ବିଭାଗ ଓ ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ଐତିହ୍ୟ ଗଣଦୌଡ଼ ଆଜି ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରୁ ବୃନ୍ଦାବନ ରାଜ ପ୍ରାସାଦ ପର୍ଯ୍ୟନ୍ତ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନାଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ତ୍ରିନାଥ ସାହୁ, ବରିଷ୍ଠ ନାଗରିକ ବିଚିତ୍ରାନନ୍ଦ ବେବର୍ତ୍ତା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଯୋଗଦେଇ ଥିଲେ। ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ସମୃଦ୍ଧ ଓ ରାଜ୍ୟ ସରକାରଙ୍କ ଆହ୍ୱାନକ୍ରମେ ଚଳିତ ବର୍ଷ ଏପ୍ରିଲ ପହିଲାରୁ ୧୪ ତାରିଖ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରାଯାଉଛି। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲାରେ ଐତିହ୍ୟ ଓ ଭାଷା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ବିଭାଗର ଅଧିକାରୀ ଐତିହ୍ୟ ଗଣଦୌଡ଼ରେ ସାମିଲ ହୋଇଥିଲେ। ପରେ ପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

**ପୁଅ ବୋହୂ ଘରୁ ତଡ଼ିଦେଲେ**

## ଦୋକାନ ପିଣ୍ଡାରେ ଆଶ୍ରୟ ନେଉଛନ୍ତି ମା' ଓ ଦିବ୍ୟାଙ୍ଗ ଝିଅ

ପାରଳାଖେମୁଣ୍ଡି,୫ ।୪(ସମିସ): ପୁଅ ବୋହୂ ଘରୁ ବାହାର କରିଦେଇଛନ୍ତି। ୨୦ ଦିନରୁ ଊର୍ଦ୍ଧ୍ୱ ହେବ ଦୋକାନ ପିଣ୍ଡାରେ ଆଶ୍ରୟ ନେଇଛନ୍ତି ମା,ଝିଅ। ରୋଷେଇ କରି ସେଠାରେ ଖାଉଥିବା ବେଳେ ସ୍ନାନଶୌଚ ପାଇଁ ସର୍ବସାଧାରଣ ସ୍ଥାନରେ ଥିବା ନଳକୂପ ଉପରେ ନିର୍ଭ କରୁଛନ୍ତି। ଏପଟେ ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ସମୟେ ସମୟେକାଳବୈଶାଖୀ ବର୍ଷା ପବନ ହେଉଥିବା ବେଳେ ସେମାନେ ପିଣ୍ଡାରେ ଆଶ୍ରୟ ନେଇଛନ୍ତି। ସାଙ୍ଗରେ ଜଣେ ଦିବ୍ୟାଙ୍ଗ ବୟସ୍କ ଝିଅକୁ ନେଇ ରାସ୍ତା କଡ଼ରେ ରହିବା କେତେ ସୁରକ୍ଷିତ ସେ ନେଇ ଚିନ୍ତାରେ ପଡ଼ିଛନ୍ତି ମା'। ନିଜର ଦୁଃଖ ବଖାଣିବାକୁ ଯାଇ ଅଶ୍ରୁଭରା ନୟନରେ ପଚାରିଲେ ସବୁ କଥା କହୁଛନ୍ତି। ବୃଦ୍ଧା ଜଣକ କହିବା ଅନୁଯାୟୀ ପାରଳାଖେମୁଣ୍ଡି ରେଳଷ୍ଟେସନ ନିକଟରେ ଶାନ୍ତି କଲୋନୀରେ ଥିବା ନିଜ ଘରେ ରହିଆସୁଥିଲେ। ତାଙ୍କ ନାମ ଭାଗି କରାଡ ଏବଂ ଦିବ୍ୟାଙ୍ଗ ଝିଅଙ୍କ ନାମ ବେବି କରରାଡ (୨୦)। ୨୦ ଦିନ ପୂର୍ବେ ତାଙ୍କୁ ପୁଅବୋହୂ ଘରୁ ତଡିଦେଇଛନ୍ତି। ଅନ୍ୟ ଉପାୟ ନ ପାଇ ଦୋକାନ ପିଣ୍ଡାରେ ଆଶ୍ରୟ ନେଇଥିବା କହିଛନ୍ତି। ଦୁଇ ପୁଅଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଯାଇଛି। ଅନ୍ୟ ପୁଅବୋହୂ ପାଖରେ ରହୁଥିଲେ। ଉଭୟେ ସମୟେ ସମୟେ ଅକାରଣରେ ଗଣ୍ଡଗୋଳ କରୁଥିଲେ। ଏଥିନେଇ ଘରେ ଅଶାନ୍ତି ଲାଗି ରହୁଥିଲା। ଦିବ୍ୟାଙ୍ଗ ଝିଅଟିଏ ସାଥିରେ ରହିଥିବାରୁ ଶେଷରେ ଦୁହେଁଙ୍କୁ ତଡି ଦେଇଥିଲେ। ଏପରି ପରିଣତ ବୟସ ସାଙ୍ଗକୁ ସାଥିରେ ଦିବ୍ୟାଙ୍ଗ ଝିଅ ଥିବାରୁ ଦୂରଦୂରାନ୍ତକୁ ନ ଯାଇ ଆଖପାଖରେ ରହିବା ପାଇଁ ବାଧ୍ୟ ହୋଇ ବନ୍ଦ ଥିବା ଏକ ଦୋକାନ ପିଣ୍ଡାରେ ପଡିରହିଥିବା ପ୍ରକାଶ କରିଛନ୍ତି। ରାସନ କାର୍ଡ ରହିଛି ଏବଂ ଦିବ୍ୟାଙ୍ଗ ଝିଅକୁ ଭତ୍ତା ମଧ୍ୟ ମିଳୁଛି। ସ୍ୱଳ୍ପ ଦମ୍ଭ ରହିଥିଲେ ମଧ୍ୟ ବାସହରା ହୋଇଯାଇଥିବାରୁ ଭାଗ୍ୟକୁ ଆଦରି ରହିଥିବାର ପ୍ରକାଶ କରିଛନ୍ତି। ଏହି ପିଣ୍ଡା ସମ୍ମୁଖରେ ଥିବା ରାସ୍ତାରେ ଅନେକ ପ୍ରଶାସନିକ ଅଧିକାରୀ ଯାତାୟାତ କରିଥାନ୍ତି ସେମାନଙ୍କ ଆବାସିକ ସ୍ଥଳକୁ। ସେମାନଙ୍କ ଦୃଷ୍ଟି ମା' ଝିଅଙ୍କ ଉପରେ କିପରି ପଡୁନି ତାହା ଏବେ ଆଲୋଚନାର ବିଷୟ ହୋଇଛି। ଯାତାୟାତ କରୁଥିବା ପଥଚାରୀ ସେମାନଙ୍କ ରହଣି, ଚଳନିକୁ ଦେଖି କିଏ କିଏ ଦୁଃଖ ବୁଝି ଶାନ୍ତ୍ୱନା ଦେଇ ଚାଲିଯାଉଛନ୍ତି।



## ଗୋଷାଣି ବ୍ଲକ୍‌ସ୍ତରୀୟ ଓଡ଼ିଆ ପକ୍ଷ ପାଳନରେ ଗଣଦୌଡ଼

### ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ଗୋଷାଣି,୫ ।୪(ସମିସ): ରାଜ୍ୟ ସରକାରଙ୍କ ଓଡ଼ିଆ, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଚଳିତ ମାସ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରାଯାଉଛି। ଏହି କ୍ରମରେ ଆଜି ପଞ୍ଚମ ଦିବସରେ କ୍ରୀଡ଼ା ଓ ଯୁବା ସେବା ବିଭାଗ ତରଫରୁ ସମଗ୍ର ରାଜ୍ୟରେ ଗଣଦୌଡ କରାଯାଇଥିଲା। ଏହି ଅବସରରେ ଗଜପତି ଜିଲ୍ଲା ଗୋଷାଣି ବ୍ଲକସ୍ତରୀୟ ଐତିହ୍ୟ ଗଣଦୌଡ ହୋଇଥିଲା। ଗଣଦୌଡ ଗୋଷାଣି ବ୍ଲକ ସଦରମହକୁମା ଠାରୁ ବାହାରି ଗାରାବନ୍ଧ ସ୍ଥିତ ଶ୍ରୀଭେଙ୍କେଟେଶ୍ୱର ହାଇସ୍କୁଲ ପ୍ରାୟ ୩ କିମି ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଗୁରାଣ୍ଡି ହାଇସ୍କୁଲ, ମୀନକେତନ ମହାବିଦ୍ୟାଳୟ, ଗାରାବନ୍ଧ ସ୍ଥିତ ଶ୍ରୀଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସମେତ ଜନସାଧାରଣ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ ଯୋଗ ଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଗୋଷାଣି ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ଗାରାବନ୍ଧ ସରପଞ୍ଚ ପି.ଅଶୋକ କୁମାର, ବଡଗୋଷାଣି ସରପଞ୍ଚ ବି.ମୋହନ ରାଓ ଓ ଶ୍ରୀଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି. ଗଙ୍ଗାଧରଙ୍କ ସମେତ ଅଗ୍ନିଶମବାହିନୀ, ଗାରାବନ୍ଧ ଓ ଗୁରାଣ୍ଡି ପୁଲିସ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ ଗୋଷାଣି ବ୍ଲକର ଯୁବ ଓ କନିଷ୍ଠ ବିଭାଗର ଜାତୀୟ ଓ ଅନ୍ତର୍ଜତୀୟ ଖେଳୁଥିବା ଖେଳାଳୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତର୍ଜାତୀୟ ଖୋଖୋ ଖେଳାଳୀ ପାବନୀ ଶବରଙ୍କ ଅନୁପସ୍ଥିତି ଯୋଗୁଁ ସେ ପଢିଥିବା ଗାରାବନ୍ଧ ସ୍ଥିତ ଶ୍ରୀଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ କ୍ରୀଡ଼ା ଶିକ୍ଷକ ଫଳକ ଓ ମାନପତ୍ର ଗ୍ରହଣ କରିଥିବା ବେଳେ ଶରଧାପୁର ସରକାରୀ ଉଚ୍ଚ ବିଦ୍ୟାଳୟର କବାଡି ଖେଳରେ ଜାତୀୟସ୍ତରରେ ଖେଳିଥିବା ଛାତ୍ରୀ ବି.ବେଦିକା ଓ ସର୍ବକନିଷ୍ଠ ଜାତୀୟ ଖୋଖୋ ଚମ୍ପିଅନସିପ୍‌ରେ ଖେଳିଥିବା ଗାରାବନ୍ଧ ସ୍ଥିତ ଶ୍ରୀଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟର ଦୁଇ ଛାତ୍ର ସନ୍ଦୀପ ଶବର ଓ ପବିତ୍ର ଶବରଙ୍କୁ ଫଳକ ଓ ମାନପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଗଣଦୈଡରେ କୃତୀତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



## ଅଳ୍ପକେ ବର୍ତ୍ତିଲା ଓଭରଲୋଡିଂ ଗାଡ଼ି



ପାରଳାଖେମୁଣ୍ଡି, ୫।୪ (ସମିସ) : ଗଜପତି ଜିଲ୍ଲାରେ ଆଞ୍ଚଳିକ ପରିବହନ ବିଭାଗର ଦାୟିତ୍ୱହୀନତା ଯୋଗୁଁ ବିପଦପୂର୍ଣ୍ଣ ଭାବେ ଓଭର ଲୋଡିଂ ଯାନ ଯାତାୟତ ବୃଦ୍ଧି ପାଇବାରେ ଲାଗିଛି। ବିଭାଗ କେବଳ ଦୁଇ ଚକିଆ ଯାନ ପାଇଁ ହେଲମେଟ୍, ଚାରିଚକିଆ ଯାନ ପାଇଁ ସିଟ୍‌ବେଲ୍ଟ ପରିଧାନ ଭଳି କେତେକ ନିୟମକୁ ଦେଖଣାହାରି କରି ଦାୟିତ୍ୱ ତୁଲାଉଛି। ହେଲେ ଛୋଟ ଯାନ ଗୁଡିକରେ ଓଭରଲୋଡିଂ କରି ବିପଦପୂର୍ଣ୍ଣ ଭାବେ ଯାଉଥିବା ଯାନବାହାନକୁ ଛାଡିଦେଉଥିବା ଅଭିଯୋଗ ହେଉଛି। ଓଭର ଲୋଡିଂ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟିଥିବା ଦୃଷ୍ଟାନ୍ତ ରହିଥିଲେ ମଧ୍ୟ ଏପରି ଛୋଟ ଯାନରେ ବିଭିନ୍ନ ସାମଗ୍ରୀ ନେଇ ହୋଇଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଗୋଷାଣି ବ୍ଲକ ଅନ୍ତର୍ଗତ ସାତମାଇଲ ଗ୍ରାମାଞ୍ଚଳରେ ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଯାତ୍ରୀବାହୀ ଅଟୋରେ ଅତ୍ୟାଧିକ ବିଭିନ୍ନ ସାମଗ୍ରୀ ନିଆଯାଉଥିଲା। ଟିକିଏ ଉଠାଣିଆ ପଡିବାରୁ ଅଟୋର ସମ୍ମୁଖ ଭାଗ ଚକା ସହ ଉଠିଯାଇଥିଲା। ହେଲେ କେତେକ ଲୋକେ ଏହାକୁ ଦେଖି ସଙ୍ଗେ ସଙ୍ଗେ ଅଟୋର ସମ୍ମୁଖ ଭାଗରେ ଠିଆ ରହି ଓଜନ ପକାଇବା ଯୋଗୁଁ ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା। ଜିଲ୍ଲା ପରିବହନ ବିଭାଗର ଗାଡି ଏହି ବ୍ଲକାଞ୍ଚଳରେ ଦିବାରାତ୍ର ପଇଁତରା ମାରୁଥିଲେ ମଧ୍ୟ ଯାତାୟତ କରୁଥିବା ଏପରି ଓଭରଲୋଡିଂ ଯାନବାହାନକୁ କିପରି ଦେଖୁନାହିଁ ତାହା ଏବେ ଆଲୋଚନା ହେଉଛି।

## କନ୍ଧମାଳରେ ବାସ୍କେଟବଲକୁ ପ୍ରୋତ୍ସାହନ



ରାଇକିଆ,୫।୪(ସମିସ): କନ୍ଧମାଳ ଜିଲ୍ଲାରେ ଜୁନିୟର ସ୍ତରରେ ଛାତ୍ରଛାତ୍ରୀ କେବଳ ଭଲିବଲ, ଫୁଟବଲ୍, ହକି ଭଳି ଖେଳରେ ସୀମିତ ନ ବିଭିନ୍ନ କ୍ରୀଡ଼ାରେ ପାରଦର୍ଶିତା ଦେଖାଉଛନ୍ତି। ବାସ୍କେଟବଲରେ ଦୁଇ ବର୍ଷ ହେଲା ରଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଏଥିପାଇଁ ଜୁନିୟର ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଚଳିତ ସପ୍ତାହରେ କନ୍ଧମାଳ ଜିଲ୍ଲାରୁ ୧୨ ଜଣ ପ୍ରତିଯୋଗୀ କଟକରେ ଅନୁଷ୍ଠିତ ୬୨ ତମ ରାଜ୍ୟସ୍ତରୀୟ

**ଆଗ୍ରହ ଦେଖାଉଛନ୍ତି ଛାତ୍ରଛାତ୍ରୀ**

ଜୁନିୟର ବାସ୍କେଟବଲ ଚମ୍ପିୟାନସିପରେ ଭାଗ ନେଇ କଟକ, ଭୁବନେଶ୍ୱର ଭଳି ଦଳ ସହ ପ୍ରତିଦ୍ୱନ୍ଦୀତା କରିଥିଲେ। ଜିଲ୍ଲାରେ ଏହି କ୍ରୀଡ଼ା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ରହିଥିବା ବେଳେ କନ୍ଧମାଳ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ଶିବ ପ୍ରସାଦ ତ୍ରୀପାଠୀ ପ୍ରୟାସରେ ଏ ଦିଗରେ ଉତ୍ସାହିତ କରାଯିବା ସହିତ ସଂଘ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯାଉଥିବା ମ୍ୟାନେଜର ତଥା କ୍ରୀଡ଼ା ଶିକ୍ଷକ କାର୍ତ୍ତିକ ନାୟକ ପ୍ରକାଶ କରିଛନ୍ତି।

# ଟ୍ରିବ୍ୟୁନାଲ ରାୟକୁ ନେଇ କାଶୀନଗରବାସୀଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ

କାଶୀନଗର,୫।୪(ସମିସ): ବଂଶଧାରା ଜଳବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲର ରାୟ ପ୍ରକାଶ ପାଇଛି। ଓଡିଶା ବିଶେଷ କରି ଗଜପତି ଜିଲ୍ଲାର କାଶୀନଗର ଓ ରାୟଗଡା ଜିଲ୍ଲାର ଗୁଣପୁର ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଉପେକ୍ଷା କରି ଉକ୍ତ ରାୟ ଆନ୍ଧ୍ର ସପକ୍ଷରେ ଯାଇଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଛନ୍ତି। କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ଉକ୍ତ ରାୟ ଆଧାରରେ ଗେଜେଟ ନୋଟିଫିକେସନ ପ୍ରକାଶ ପାଇଥିବା ସୂଚନା ମିଳିବା ପରେ ପ୍ରତିକ୍ରିୟାରେ ସେମାନେ କହିଛନ୍ତି ଯେ, ନେରେଡ଼ି ବ୍ୟାରେଜ ନିର୍ମାଣ କ୍ଷେତ୍ରରେ ଆନ୍ଧ୍ର ସକାଶେ ଆଉ ପ୍ରତିବନ୍ଧକ ରହିବ ନାହିଁ। କିନ୍ତୁ ବ୍ୟାରେଜ ନିର୍ମାଣ ପରେ କାଶୀନଗର ଅଞ୍ଚଳର ଚାଷୀ କ୍ଷତିଗ୍ରସ୍ତ ହେବେ। ଏହାଛଡା ଓଡ଼ିଶା ସରକାରଙ୍କୁ ୧୦୬ ଏକର ଜମି ବର୍ଷକ ଭିତରେ ଆନ୍ଧ୍ର ସରକାରଙ୍କୁ ଦେବା ପାଇଁ ପଡିବ। ଯେଉଁ ଚାଷୀଙ୍କ ମୂଲ୍ୟବାନ ଜଳସେଚିତ ଜମି ଉକ୍ତ ୧୦୬ ଏକର ଭିତରେ ଆସିବ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳିବ କି ନାହିଁ ତାକୁ ନେଇ ସନ୍ଦେହ ରହିଛି। ଏହି କାରଣରୁ ପ୍ରଭାବିତ ଚାଷୀ ଜମି ଛାଡିବାକୁ କୁଣ୍ଠାବୋଧ କରିବା ସମ୍ଭାବନା ରହିଛି। କାଶୀନଗର ବ୍ଲକ୍ ଅନ୍ତର୍ଗତ ସାରା, ବାଡିଗାଆଁ, ପାଲସିଂ ଖଂଡବା ପ୍ରଭୃତି ଅଂଚଳର ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଆନ୍ଧ୍ର ଶ୍ରୀକାକୁଲମ ଜିଲ୍ଲା ଲୋକସଭା ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ରାମ ମୋହନ ନାଇଡୁ ଆନ୍ଧ୍ର ସପକ୍ଷରେ ରାୟ ଯାଇଛି ଓ ବଂଶଧାରା ଜଳବିବାଦର ଅନ୍ତ ଘଟିଛି ବୋଲି ମତ ରଖିଥିବା ଜଣାପଡିବା ପରେ ଉଲ୍ଲିଖିତ ଅଞ୍ଚଳର ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଭାବିତ ଚାଷୀଙ୍କ ସହ ଆଲୋଚନା ନ କରି ଓଡ଼ିଶା ସରକାର ରାୟକୁ ମାନିନେବା ଉଚିତ ନୁହେଁ ବୋଲି ମତ ପ୍ରକାଶ ପାଇଛି। ପୁନଃର୍ବିଚାର ପାଇଁ ସୁପ୍ରିମକୋର୍ଟରେ ଆବେଦନ କରାଯିବା ଉପରେ ବୁଦ୍ଧିଜୀବୀ ଗୁରତ୍ୱାରୋପ କରିଛନ୍ତି। ନଚେତ ଗୁଣପୁର ନିକଟବର୍ତ୍ତୀ ଅଞ୍ଚଳରେ ଡ୍ୟାମ ନିର୍ମାଣ କରି ବଂଶଧାରା ଜଳକୁ ରୋକାଯିବା ସକାଶେ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି କୁହାଯାଇଛି।

୨୦୦୩ ମସିହାରେ ଆନ୍ଧ୍ରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜଶେଖର ରେଡ୍ଡୀ ନେରେଡ଼ି ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ପରେ ଏହାକୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ନ୍ୟାୟ ପାଇଁ ଓଡିଶା ସରକାର ଉଚ୍ଚତମ ନ୍ୟାୟାଳୟର ଆଶ୍ରୟ ନେଇଥିଲେ।୨୦୧୦ରେ ବଂଶଧାରା ଜଳବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠିତ ହୋଇଥିଲା। ବର୍ତ୍ତମାନ ବଂଶଧାରା ନଦୀ ଉପକୂଳସ୍ଥ ଓଡ଼ିଶା ଜନବସତି ଜନସାଧାରଙ୍କ ପ୍ରତି ସରକାର କିଭଳି ପଦକ୍ଷେପ ନେବେ ତାହା ଏବେ ଆଲୋଚନାର ବିଷୟ ହୋଇଛି।

- ନେରେଡ଼ି ବ୍ୟାରେଜ ନିର୍ମାଣ ହେଲେ କ୍ଷତିଗ୍ରସ୍ତ ହେବେ କାଶୀନଗର ଅଞ୍ଚଳ ଚାଷୀ
- ଓଡ଼ିଶା ସରକାରଙ୍କୁ ୧୦୬ ଏକର ଜମି ବର୍ଷକ ମଧ୍ୟରେ ଆନ୍ଧ୍ରକୁ ଦେବାକୁ ହେବ
- କ୍ଷତିଗ୍ରସ୍ତ ଜମି ମାଲିକଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳିବା ନେଇ ସନ୍ଦେହ
- ପ୍ରଭାବିତ ଚାଷୀଙ୍କ ସହ ଆଲୋଚନା ନ କରି ଓଡ଼ିଶା ସରକାର ରାୟକୁ ନ ମାନିବାକୁ ନିବେଦନ



## ବଢୁଛି ଗ୍ରୀଷ୍ମପ୍ରବାହ: ଖୋଲୁନି ଜଳଛତ୍ର




ମୋହନା,୫।୪(ସମିସ): ମୋହନା ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ଯୋଗୁଁ ଦୈନିକ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସାଧାରଣ ଜନସାଧାରଣ ଘୋର ପାନୀୟ ଜଳସଙ୍କଟରେ ପଡିଛନ୍ତି। ବଜାର, ବସ୍‌ଷ୍ଟାଣ୍ଡ, ସରକାରୀ କାର୍ଯ୍ୟାଳୟ ଓ ଜନଗହଳି ପୂର୍ଣ୍ଣ ସ୍ଥାନରେ ସରକାରୀ ଜଳଛତ୍ର ଖୋଲି ନଥିବାରୁ ତାହା ଚିନ୍ତାର ବିଷୟ ହୋଇଛି। ଦୈନିକ ମୋହନା ବ୍ଲକର ୩୯ ପଞ୍ଚାୟତରୁ ଶତାଧିକ ଲୋକ ନିଜ ଦୈନନ୍ଦିନ କାର୍ଯ୍ୟ ପାଇଁ ବ୍ଲକ କାର୍ଯ୍ୟାଳୟ ଠାରୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ, କୋର୍ଟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଆସୁଛନ୍ତି। ପିଇବା ପାଣିର ବଜାର ଦର ୧୫ରୁ ୨୦ ଟଙ୍କା ଧାର୍ଯ୍ୟ ରହୁଥିବା ଯୋଗୁଁ ଗରିବ ଶ୍ରେଣୀର ଲୋକେ ପାଣି ଟୋପାଏ ପାଇଁ ତହଲବିକଳ ହେଉଛନ୍ତି। ଏଭଳି ପରିସ୍ଥିତିରେ ବ୍ଲକ ପ୍ରଶାସନ କମ୍ବା ସ୍ଥାନୀୟ ମୋହନା ପଞ୍ଚାୟତ ପକ୍ଷରୁ ଏପର୍ଯ୍ୟନ୍ତ ଜଳଛତ୍ରର ବ୍ୟବସ୍ଥା କରାଯାଇନାହିଁ। ଏଥିଯୋଗୁଁ ଦୂରଦୁରାନ୍ତରୁ ଆସୁଥିବା ସାଧାରଣ ଗରିବ ଶ୍ରେଣୀର ଲୋକେ ନାନା ସମସ୍ୟାରେ ପଡୁଛନ୍ତି। ପ୍ରତ୍ୟେକ ବର୍ଷ ଜଳଛତ୍ର ସଠିକ ସମୟରେ ଖୋଲାଯାଉଥିବା ବେଳେ ଚଳିତ ବର୍ଷ କିନ୍ତୁ ଏପର୍ଯ୍ୟନ୍ତ ତାହା ହୋଇପାରିନାହିଁ। ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛ। ଅତିଶୀଘ୍ର ବ୍ଲକର ମୋହନା ସମେତ ୩୯ ପଞ୍ଚାୟତରେ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଜଳଛତ୍ର ସ୍ଥାପନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ମୋହନା ବିଡ଼ିଓ ରାଜୀବ ଦାସଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ଝାରସୁଗୁଡ଼ା ଜିଲ୍ଲା ଠିକାଦାର ସଂଘର ବୈଠକ

# ଟେଣ୍ଡରର ପ୍ରକ୍ରିୟାରେ ବାହାର ଜିଲ୍ଲା ଠିକାଦାରଙ୍କୁ ମନା

ଝାରସୁଗୁଡ଼ା,୫।୪(ସମିସ)

ଝାରସୁଗୁଡ଼ା ଜିଲ୍ଲା ଠିକାଦାର ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ସ୍ଥାନୀୟ ଠିକାଦାରମାନଙ୍କ ସ୍ୱାର୍ଥ ରକ୍ଷା ଏବଂ ସରକାରୀ କାର୍ଯ୍ୟର ସୂଚାରୁ ପରିଚାଳନା ପାଇଁ ସଂଘ ପକ୍ଷରୁ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ସ୍ଥାନୀୟ ଠିକାଦାରଙ୍କୁ ପ୍ରାଥମିକତା ଦେବା ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗରେ ବାହାରୁଥିବା ସମସ୍ତ ଟେଣ୍ଡରରେ କେବଳ ଝାରସୁଗୁଡ଼ା ଜିଲ୍ଲାର ଠିକାଦାରମାନେ ହିଁ ଅଂଶଗ୍ରହଣ କରିବେ। ଏଥିରେ ଭାଗନେବାକୁ ବାହାର ଜିଲ୍ଲାର ଠିକାଦାରଙ୍କ ଉପରେ କଟକଣା କରାଯାଇଛି। ବାହାର ଜିଲ୍ଲା କିମ୍ବା ଅନ୍ୟ ରାଜ୍ୟର ଯେଉଁ ଠିକାଦାରମାନେ ପୂର୍ବରୁ ଝାରସୁଗୁଡ଼ା ଜିଲ୍ଲାରେ ଟେଣ୍ଡର ପକାଉଥିଲେ ସେମାନଙ୍କୁ ବାରଣ କରାଯାଇଛି। ବର୍ତ୍ତମାନ ଯେଉଁ ଟେଣ୍ଡର ପଡ଼ିସରିଛି ଏବଂ ବିଡ ଖୋଲି ନାହିଁ ସେଥିରେ ମଧ୍ୟ ବାହାର ଜିଲ୍ଲାରୁ କେହି ଯଦି ଟେଣ୍ଡର ପକେଇଛନ୍ତି ତାକୁ ଉଠାଇନେବା ପାଇଁ କୁହାଯାଇଛି। ଜିଲ୍ଲାର ଠିକାଦାରମାନେ ଯଦି ଲେସ୍ ବିଡ୍ କରିଛନ୍ତି ତାକୁ ସୁଧାର କରି ଏସ୍ଓଆର୍ ଅର୍ଥାତ୍ ଶୂନ୍ୟ ପ୍ରତିଶତରେ ବିଡ୍ କରିବେ ବୋଲି ନିଷ୍ପତ୍ତି ହୋଇଛି। ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜିଲ୍ଲାର କୌଣସି ଟେଣ୍ଡରରେ ବାହାର ଜିଲ୍ଲା ଏବଂ ରାଜ୍ୟର ଠିକାଦାରମାନଙ୍କୁ ଭାଗ ନେବାକୁ ସଂଘ ପକ୍ଷରୁ ବାରଣ କରାଯାଇଛି। ସରକାରଙ୍କ ବିଭିନ୍ନ ବିଭାଗରେ ବାହାରୁଥିବା ଟେଣ୍ଡର ଗୁଡ଼ିକୁ ସରକାରୀ ନିର୍ଦ୍ଧାରିତ ଦର ଅନୁଯାୟୀ ହିଁ ଦାଖଲ କରିବାକୁ ଜିଲ୍ଲାର ସମସ୍ତ ଠିକାଦାରଙ୍କୁ ଅବଗତ କରାଯାଇଛି। ଜିଲ୍ଲାର ବିକାଶମୂଳକ କାର୍ଯ୍ୟରେ ସ୍ଥାନୀୟ ଶ୍ରମିକ ଓ ଠିକାଦାରମାନଙ୍କୁ ଅଗ୍ରାଧିକାର ଦେବା ଉଦ୍ଦେଶ୍ୟରେ ତଥା ଜିଲ୍ଲାର ସମସ୍ତ ଉନ୍ନୟନ ମୂଳକ କାମର ଗୁଣବତ୍ତା ଏବଂ ମାନକୁ ଉତ୍କୃଷ୍ଟ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ସଂଘର ଏହି ନିଷ୍ପତ୍ତିକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ସଦସ୍ୟଙ୍କୁ ଅନୁରୋଧ କରାଯାଇଛି। ଏହି ସାଧାରଣ ସଭାରେ ଓମ୍ ପ୍ରକାଶ ସିଂ, ଦେବାଶିଷ ପାଠଯୋଶୀ, ସନ୍ଦୀପ ଶର୍ମା, ସଞ୍ଜୟ ବଧାନ, ବିକାଶ ଅଗରୱାଲ, ରବି ପାଢ଼ୀ, ଭିକୁ ରାଓ୍ବଲ, ପୁଷ୍କର ନାୟକ, ସୌମ୍ୟ ରଞ୍ଜନ ବେହେରା, ଅରୁଣ ଭଟ୍ଟାଚାର୍ଯ୍ୟ ଏବଂ ଝାରସୁଗୁଡ଼ା ଜିଲ୍ଲାର ପ୍ରାୟ ୮୦ ଜଣ ଠିକାଦାର ସଭାରେ ଉପସ୍ଥିତ ଥିଲେ।



# ଧାନ କ୍ରୟ ନାମରେ ଠକେଇ; ଅଭିଯୁକ୍ତ ଗିରଫ

ଦେବଗଡ,୫।୪(ସମିସ): ରିଆମାଳ ଥାନାଞ୍ଚଳର ବିଭିନ୍ନ ଗ୍ରାମର ଗରିବ ଚାଷୀଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗରେ ରିଆମାଳ ଥାନା ପୁଲିସ ଶନିବାର ଗୁଣ୍ଡିଆପାଲି ଗ୍ରାମର ସମ୍ବିତ ଭୋଇ(୨୭) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ଖରିଫ ଋତୁରେ ରିଆମାଳ ବ୍ଲକ୍ ଅନ୍ତର୍ଗତ ବଡବାହାଲ, ଆଡସ, ରିଆମାଳ, ବାଘବର, ବେଲମୁଣ୍ଡା, ବଡକଙ୍କରଖୋଲ, କଣ୍ଟାବାହାଲ ଆଦି ଗ୍ରାମକୁ ଯାଇ କୁଇଣ୍ଟାଲ ପ୍ରତି ୨୨୦୦ରୁ ୨୫୦୦ ଟଙ୍କା ଦରରେ ଧାନ କିଣିବା ପାଇଁ ଅଭିଯାନ ଚଳାଇଥିଲେ। ପରେ ଟଙ୍କା ଦେବାର ପ୍ରତିଶୃତି ଦେଇ ସମ୍ପୃକ୍ତ ଅଞ୍ଚଳର ପ୍ରାୟ ୨୯ ଜଣ ଚାଷୀଙ୍କ ଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କାର ଧାନ ସଂଗ୍ରହ କରିଥିଲା। ଏହାର କିଛିଦିନ ପରେ ଧାନ ବିକ୍ରି କରିଥିବା ଚାଷୀମାନେ ସମ୍ବିତକୁ ପ୍ରାପ୍ୟ ଟଙ୍କା ମାଗିବାରୁ ସେ ଦିନ ଗଡାଇ ଚାଲିଥିଲା। ବାରମ୍ବାର ଉକ୍ତ ଟଙ୍କା ମାଗିବାରୁ ସମ୍ବିତ ସେମାନଙ୍କୁ ହତ୍ୟା ଧମକ ମଧ୍ୟ ଦେଇଥିଲା। ଫଳରେ ପ୍ରତାରିତ ଚାଷୀମାନେ ଏନେଇ ଗତ ଫେବୃୟାରୀ ୨୨ ତାରିଖ ରାତ୍ରୀରେ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ରିଆମାଳ ଥାନା ପୁଲିସ ସମ୍ବିତ ବିରୁଦ୍ଧରେ ଏକ ମାମଲା ରୁଜୁକରି ତାକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା।



# ଡିଏଭି ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଝାରସୁଗୁଡ଼ା,୫।୪(ସମିସ): ଝାରସୁଗୁଡ଼ା ଡିଏଭି ପରିବାର ତରଫରୁ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଶିକ୍ଷାବିତ ଚିନ୍ମୟ କୁମାର ମହାପାତ୍ରଙ୍କୁ ଭାବବିହ୍ୱଳ ପରିବେଶରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସ୍ଥାପନା କାଳରୁ ନିରନ୍ତର ଭାବେ ସଂସ୍ଥା ସହ ଅଖଣ୍ଡ ଭାବରେ ଜଡ଼ିତ ଥିବା ଶ୍ରୀ ମହାପାତ୍ରଙ୍କ ଅସାମାନ୍ୟ ଅବଦାନକୁ ସ୍ମରଣ କରାଯାଇଥିଲା। ସଭାରେ ଶ୍ରୀ ମହାପାତ୍ରଙ୍କ ଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଶିକ୍ଷା ପ୍ରତି ନିଷ୍ଠା ଓ ସଂସ୍ଥାର ସମଗ୍ର ଉନ୍ନତି ପାଇଁ ତାଙ୍କର ଅବିରତ ପ୍ରୟାସକୁ ସମସ୍ତେ ଉଚ୍ଚ ସ୍ୱରରେ ପ୍ରଶଂସା କରିବା ସହ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଓ ସଂଗଠନ କ୍ଷମତା ଡିଏଭି ଝାରସୁଗୁଡ଼ାକୁ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରୂପେ ପରିଚିତ କରାଇବାରେ ଏକ ମୁଖ୍ୟ ସ୍ରୋତ ଥିଲା ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ତରଫରୁ ଶ୍ରୀ ମହାପାତ୍ରଙ୍କୁ ଉତ୍ତରୀୟ ଓ ସ୍ମୃତିଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ମହାପାତ୍ର ପୂର୍ବରୁ ପୁରୀ ଡିଏଭି, ବ୍ରଜରାଜନଗର ଇବ ଭ୍ୟାଲି ଡିଏଭି ଓ ବ୍ରଜରାଜନଗର ସମଲେଶ୍ୱରୀ ଖୋଲା ଖଣି ପ୍ରକଳ୍ପ ଡିଏଭିରେ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରି ପରିଶେଷରେ କାର୍ଯ୍ୟରୁ ଅବସର ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅକ୍ଷୟ ପାଣି, ଆଶିଷ ପୂଜାରୀ, ନୀଳିମା ପଟେଲ, ସୁମନ୍ତ ବେହେରା, ବିଜୟ ଦାଶ, ଡ. ମଞ୍ଜୁଶ୍ରୀ ବେଦୁଲା, ମନିଷା ଚାନ୍ଦ, ଅଲେଖ ବିହାରୀ ସାହୁଙ୍କ ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀବୃନ୍ଦ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଜିଲ୍ଲା ଯୁବ ଓ ମହିଳା ଏକତା ମଞ୍ଚର ବୈଠକ



ଦେବଗଡ଼,୫।୪(ସମିସ): ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଶନିବାର ସନ୍ଧ୍ୟାରେ ଜିଲ୍ଲା ଯୁବ ଓ ମହିଳା ଏକତା ମଞ୍ଚ ପକ୍ଷରୁ ଜିଲ୍ଲାର ବିଭିନ୍ନ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନର ସଦସ୍ୟ ସଦସ୍ୟା ଓ ଜନସାଧାରଣ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ମୁଖ୍ୟତଃ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ ଜିଲ୍ଲା ପ୍ରଶାସନର ପ୍ରତିଶୃତି ପରେ ମଧ୍ୟ ତାହା ଠିକ ଭାବେ କାର୍ଯ୍ୟକାରୀ ହେଉନଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା।

ସେହିପରି ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ପ୍ରଧାନପାଟର ଉନ୍ନତୀକରଣ ନାମରେ ପର୍ଯ୍ୟଟକଙ୍କ ଠାରୁ ବନ ବିଭାଗ ଟିକସ ଅସୁଲିରେ ଲାଗିଥିବା ବେଳେ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରାଯାଉନଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏଥିସହ ସହରବାସୀଙ୍କ ଶ୍ମଶାନ ପ୍ରଧାନପାଟରେ ରହିଛି। ଶ୍ମଶାନରୁ ଫେରୁଥିବା ସହରବାସୀ ପ୍ରଧାନପାଟ ଜଳ ପ୍ରପାତରୁ ବୋହି ଆସୁଥିବା ଜଳରେ ସ୍ନାନ ଶୁଦ୍ଧି ଆଦି କରି ଆସୁଥିବା ବେଳେ ବନ ବିଭାଗ ପକ୍ଷରୁ ସେମାନଙ୍କ ଠାରୁ ମଧ୍ୟ ଟିକସ ଅସୁଲିକୁ ବିରୋଧ କରାଯାଇଥିଲା। ଏଥିସହ ପ୍ରଧାନପାଟ ପର୍ଯ୍ୟଟନ ସ୍ଥଳରେ ବୋଟିଂ, ରୋପ ୱେ, ବୋଟାନିକାଲ ଗାର୍ଡେନ, ଚିଡିଆଖାନ ସ୍ଥାପନ ସହ ଶୁଦ୍ଧିକ୍ରିୟା ପାଇଁ ପ୍ରଧାନପାଟକୁ ଯାଉଥିବା ଜନ ସାଧାରଣଙ୍କୁ ନିଃଶୁଳ୍କ ପ୍ରବେଶ ପାଇଁ ମତ ପ୍ରକାଶ ପାଇଥିଲା। ସେହିପରି ପୌରାଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇ ପୌର ପରିଷଦ ପକ୍ଷରୁ ସହରର ନାଳ ନର୍ଦ୍ଦମା ଗୁଡିକୁ ପରିଷ୍କାର ସହ ମରାମତି, ପୌରାଞ୍ଚଳର ବିଭିନ୍ନ ରାସ୍ତାର ଉନ୍ନତୀକରଣ ସହ ପର୍ଯ୍ୟାପ୍ତ ବ୍ଲିଚିଂ ଓ ମଶା ତେଲ ସିଞ୍ଚନ ପାଇଁ ପୌର ପରିଷଦର ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟ ପକ୍ଷରେ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଅନୁଯାଇ କାର୍ଯ୍ୟ କରାନଯାଇ ଠିକାଦାର ପ୍ରୀତିକୁ ମଞ୍ଚ ପକ୍ଷରୁ ଘୋର ବିରୋଧ କରାଯାଇଥିଲା। ଏଥିସହ ଅନେକ ମୌଳିକ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମଞ୍ଚ ପକ୍ଷରୁ ଅଭିଯୋଗ ପତ୍ର ପ୍ରଦାନ ପାଇଁ ନିଷ୍ପତି ନିଆଯାଇଥିଲା। ଏହି ଅବସରରେ ମଞ୍ଚ ପକ୍ଷରୁ ଜିଲ୍ଲା ଓକିଲ ସଂଘର ନବ ନିର୍ବାଚିତ ସଭାପତି ପ୍ରମଥେଶ ଗୁରୁ ଓ ସମ୍ପାଦକ ସିଦ୍ଧେଶ୍ୱର ଗୁରୁଙ୍କୁ ମଞ୍ଚ ପକ୍ଷରୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଜିଲ୍ଲାର ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ ପାଇଁ ଜିଲ୍ଲା ଓକିଲ ସଙ୍ଘର ସହଯୋଗ କାମନା କରାଯାଇଥିଲା।

ବୈଠକରେ ଓକିଲ ସଂଘ ସଭାପତି ପ୍ରମଥେସ ଗୁରୁ, ସମ୍ପାଦକ ସିଦ୍ଧେଶ୍ୱର ଗୁରୁ, ଜିଲ୍ଲା ନାଗରିକ କମିଟି ସଭାପତି ସୁଶୀଲ କୁମାର କପର୍ଦାର, ବିଭୁତି ଗଙ୍ଗଦେବ, ବରିଷ୍ଠ ନାଗରିକ କମିଟି ସଭାପତି ଡ. ରାମଚନ୍ଦ୍ର ମହାପାତ୍ର, ସମ୍ପାଦକ ଗୌରହରୀ ଷଡ଼ଙ୍ଗୀ, ମାର୍କଣ୍ଡେଶ୍ୱର ଶତପଥୀ, ମିତ୍ରଭାନୁ ମହାପାତ୍ର, କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା, ପୂର୍ବତନ କାଉନସିଲର ଭୀମସେନ ନାୟକ ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତ ପ୍ରକାଶ କରିଥିଲେ।

# ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଗିରଫ

ଦେବଗଡ,୫।୪(ସମିସ): ଜଣେ ୧୫ ବର୍ଷିୟା ନାବାଳିକାଙ୍କ ଫଟୋକୁ ଏଡିଟିଂ ମାଧ୍ୟମରେ ଅଶ୍ଳିଳ କରି ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ବାରକୋଟ ଥାନା ପୁଲିସ ଆଜି ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ଆବେଦନ ଖାରଜ ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି।



ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବାରକୋଟ ଥାନାଞ୍ଚଳ କଲା ଗ୍ରାମର ବିଜୟ ନାଏକ(୨୦) ନାମକ ଜଣେ ଯୁବକ ଉକ୍ତ ଥାନାଞ୍ଚଳର ଜଣେ ୧୫ ବର୍ଷିୟା ନାବାଳିକାଙ୍କୁ ବିଭିନ୍ନ ସମୟରେ ଆପତ୍ତିଜନକ କମେଣ୍ଟ ମାରିବା ସହ ତାଙ୍କୁ ପ୍ରେମ ନିବେଦନ କରିଥିଲା। ମାତ୍ର ନାବାଳିକାଳ ଜଣକ ବିଜୟର ପ୍ରେମ ନିବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ। ପରେ ବିଜୟ ପ୍ରତିଶୋଧ ପରାୟଣ ହୋଇ ଉକ୍ତ ନାବାଳିକାଙ୍କ ଏକ ଫଟୋକୁ ସଂଗ୍ରହ କରି ଅଶ୍ଳିଳ ଭାବେ ଏଡିଟିଂ କରିବା ସହ ଉକ୍ତ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲା। ଏକଥା ଜାଣିବାପରେ ପୀଡିତା ନାବାଳିକା ଜଣକ ଗତ ୨ ତାରିଖ ଦିନ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅଧାରରେ ବାରକୋଟ ଥାନା ପୁଲିସ ଅଭିଯୁକ୍ତ ବିଜୟ ବିରୁଦ୍ଧରେ ଆଇଟି ଆକ୍ଟ ଓ ପକ୍ସୋ ସମେତ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିଥିଲା। ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଚବିଶପ୍ରହର ଅଖଣ୍ଡ ନାମଯଜ୍ଞ ଉଦ୍ଯାପିତ



ଝାରସୁଗୁଡା,୫।୪(ସମିସ): ଝାରସୁଗୁଡା ଜିଲ୍ଲା ସଦର ବ୍ଲକ୍ ଲୋଇସିଂହ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାରଖଣ୍ଡିଆ ଗ୍ରାମରେ ଗତ ଏପ୍ରିଲ ୧ ତାରିଖ ବୁଧବାର ଠାରୁ ଆରମ୍ଭ ହୋଇଥିବା ୧୮ତମ ଚବିଶ ପ୍ରହର ଅଖଣ୍ଡ ଅହୋରାତ୍ର ନାମଯଜ୍ଞ ରବିବାର ନଗର ଭ୍ରମଣ, ଦଧିଭାଣ୍ଡଭଞ୍ଜନ ସହ ଉଦ୍ଯାପିତ ହୋଇଯାଇଛି।

ଏହି ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ବୁଧବାର କଳସ ଶୋଭାଯାତ୍ରା ପରେ ଶୁଭ ଅଧିବାସ ସହିତ ଅଖଣ୍ଡ ନାମଯଜ୍ଞର ଶୁଭାରମ୍ଭ କରାଯାଇଥିଲା। ଗୁରୁବାର ଦିନରୁ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମଗୁଞ୍ଜନ କରାଯାଇଥିବା ବେଳେ ରବିବାର ପୂର୍ଣ୍ଣାହୁତି ସହିତ ନଗର ଭ୍ରମଣ, ଦଧିଭାଣ୍ଡଭଞ୍ଜନ ପରେ ନାମଯଜ୍ଞ ସମାପନ ହୋଇଥିଲା। ଏଥିରେ ସପତ୍ନୀକ ସୁଧୀର କୁମାର ସାଏଦେଓ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବାରଖଣ୍ଡିଆ ଗ୍ରାମରେ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଅବସରରେ ଶନିବାର ସନ୍ଧ୍ୟାରେ ଛପନ ଭୋଗ ଲାଗି କରାଯାଇଥିଲା। ୫୬ ଭୋଗ ନେଇ ଗ୍ରାମର ମହିଳାମାନେ ଗ୍ରାମ ପରିକ୍ରମା କରି ସଂକୀର୍ତ୍ତନ ମଣ୍ଡପକୁ ପହଞ୍ଚି ସମସ୍ତ ଭୋଗ ଲଗାଇବା ସହିତ ଭକ୍ତି ଭାବରେ ପୂଜାର୍ଚ୍ଚନା କରିଥିଲେ। ବାରଖଣ୍ଡିଆ ଗ୍ରାମରେ ଅନୁଷ୍ଠିତ ଏହି ୧୮ତମ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନଗର ଭ୍ରମଣ କରାଯାଇଥିଲା। ଆୟୋଜକ ବାରଖଣ୍ଡିଆ ଗ୍ରାମବାସୀଙ୍କ ତରଫରୁ ସମସ୍ତ ଭକ୍ତବୃନ୍ଦଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା।

# ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଇଁ ପ୍ରସ୍ତୁତି

ଦେବଗଡ଼,୫।୪(ସମିସ): ଆସନ୍ତା ଏପ୍ରିଲ ୧୪ ତାରିଖରେ ପବିତ୍ର ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ପାଳନ ନିମନ୍ତେ ଆଜି ଜିଲ୍ଲା ବଜରଙ୍ଗ ମଣ୍ଡପ ପକ୍ଷରୁ ସ୍ଥାନୀୟ ଗୋପାଳଜୀଉ ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ବେହେରାଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୪ ତାରିଖ ଅପରାହ୍ନରେ ମନ୍ଦିର ପରିସରରୁ ଝଣ୍ଡା ଶୋଭାଯାତ୍ରା ନଗର ପରିକ୍ରମା କରିବା ସହ ପ୍ରତି ସାହି ସାହିରେ ଆଖଡ଼ା ଖେଳ ଅନୁଷ୍ଠିତ ହେବ। ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ସହ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ ମଧ୍ୟ କରାଯିବ। ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅନୁଷ୍ଠାନର ସମସ୍ତ ସଦସ୍ୟ ସକ୍ରିୟ ଅଂଶ ଗ୍ରହଣ ପାଇଁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ବୈଠକରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଉଦିପ୍ତ ନାୟକ, ଜନ୍ମାଜୟ ନାୟକ, ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ କୁମାର ନାୟକ, ସୁରଞ୍ଜିତ ମହାପାତ୍ର, ତରଣିକାନ୍ତ ଦାଶ, ପ୍ରଭାତ କୁମାର ସାହୁ, କ୍ଷୀରୋଦ ପ୍ରଧାନ, ଆଲୋକ ପାତ୍ର, ଦୀପକ ଝାଙ୍କର, ଶିବାଶିଷ ଝାଙ୍କରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।



# ତାବଡ଼ା ଆଞ୍ଚଳିକ ଚଷା ସଂଗଠନର ବାର୍ଷିକ ବୈଠକ




ରିଆମାଳ,୫।୪(ସମିସ): ରିଆମାଳ ବ୍ଲକ ତାବଡ଼ା ପଞ୍ଚାୟତ ଅନ୍ତର୍ଗତ କୁଦାଳପାଳ ଗ୍ରାମରେ ଆଜି ତାବଡ଼ା ଆଞ୍ଚଳିକ ଚଷା ସଙ୍ଗଠନର ୪୪ତମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ପବିତ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ଭୋଳେଶ୍ୱର ଗଡ଼ନାୟକ ସଭା ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ସଭାପତି କୌଶିକ ପ୍ରଧାନ, ବିଜେପି ଜିଲ୍ଲା ସଭାପତି ଅରୁଣ ସାହୁ, ଗୋହିରା ପାଣି ପଞ୍ଚାୟତ ସଭାପତି ପର୍ଶୁରାମ ଗଡ଼ନାୟକ, ଅବସରପ୍ରାପ୍ତ ଇଞ୍ଜିନିୟର ଧନଞ୍ଜୟ ବିଶ୍ୱାଳ, ପବିତ୍ର ମୋହନ ନାୟକ ମଞ୍ଚାସୀନ ଥିଲେ। ଉକ୍ତ ବୈଠକରେ ୪ ଶହରୁ ଊର୍ଦ୍ଧ୍ୱ ଚଷା ସଦସ୍ୟ ଉପସ୍ଥିତ ଥିବା ବେଳେ ଆଗାମୀ ଦିନରେ ଚଷାମାନଙ୍କ ଉନ୍ନତି, ସାମାଜିକ ସଂସ୍କାର ଦିଗରେ ଦିଗଦର୍ଶନ ଦେଇଥିଲେ। ସମ୍ପାଦକ ଧିରେନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ପକ୍ଷରେ ଐତିହ୍ୟ ଗଣଦୌଡ଼



ଝାରସୁଗୁଡା,୫।୪(ସମିସ)

ଓଡିଆ ପକ୍ଷ ପାଳନ ଉପଲକ୍ଷେ ଆଜି ଜିଲ୍ଲା ପ୍ରଶାସନ ତରଫରୁ ଏକ ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା। ଏଥିରେ ଛାତ୍ରଛାତ୍ରୀ, ଅଭିଭାବକ, ବରିଷ୍ଠ ନାଗରିକ, ସାମ୍ବାଦିକ ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ। ମନ୍ତ୍ରୀଙ୍କ ପ୍ରତିନିଧି ନଭଲ ଅଗ୍ରୱାଲ, ବିଧାୟକଙ୍କ ପ୍ରତିନିଧି ବଲୱିନ୍ଦର୍ ସିଂହ, ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧରେ ସମ୍ୟକ ଆଲୋକପାତ କରିଥିଲେ। ଏହି ଐତିହ୍ୟ ଗଣଦୌଡ ପି.ଏମ୍. ଶ୍ରୀ ହାଇସ୍କୁଲ, ପୁରୁଣାବସ୍ତିରୁ ଆରମ୍ଭ ହୋଇ ଝାଡ଼େଶ୍ୱର ମନ୍ଦିରଠାରେ ସମାପନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ ପରିଚାଳନା କରିଥିଲେ।

**ଦେବଗଡ଼:** ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ଜିଲ୍ଲା କ୍ରୀଡା ବିଭଗ, ଜିଲ୍ଲା କ୍ରୀଡା ସଂଘ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଐତିହ୍ୟ ଗଣ ଦୌଡ ଅନୁଷ୍ଠିତ ହୋଇଯାଇଛି। ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଭାରପ୍ରାପ୍ତ ଜିଲ୍ଲା କ୍ରୀଡା ଅଧିକାରୀ ହେମନ୍ତ ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ବରଣ୍ୟ ଅତିଥି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ ଚୋପଦାର, ମାନ୍ୟବର ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ ଓ ଭାରପ୍ରାପ୍ତ ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ସବୁଜ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଏହି ଗଣଦୌଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ପ୍ରଧାନପାଟ ସ୍ଥିତ ଐତିହ ସ୍ଥଳି ବସନ୍ତନିବାସଠାରେ ପହଞ୍ଚିଥିଲା। ଏହି ଗଣଦୌଡରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନି, ତହସିଲଦାର କର୍ଣ୍ଣ ମଲ୍ଲିକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠି, ଜିଲ୍ଲା କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାଏକ, ଦେବଗଡ଼ ମହାବିଦ୍ୟାଳୟର ଏନ୍‌ସିସି, ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ, ଏକଲବ୍ୟ ସ୍କୁଲ, ଆପ୍ରାଇଜ ମହାବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।







# ଡ. ସୁନାମଣି ରାଉତଙ୍କ କବିତା ପ୍ରଶଂସିତ



କଟକ,୫।୪(ସମିସ): ନୂଆଦିଲ୍ଲୀସ୍ଥିତ କେନ୍ଦ୍ର ସାହିତ୍ୟ ଅକାଦେମୀ ପକ୍ଷରୁ ଆୟୋଜିତ ଛଅ ଦିନିଆ ସାହିତ୍ୟ ଉତ୍ସବର ଉଦଯାପନୀ ଦିବସରେ ଓଡ଼ିଆ ଶିଶୁ ସାହିତ୍ୟର ଝଲକ ଦେଖିବାକୁ ମିଳିଛି। "ବାଲ୍ ସାହିତ୍ୟର ସ୍ୱତନ୍ତ୍ର ପରିଚୟ ଫେରିପାଇବା" ଶୀର୍ଷକରେ ଆୟୋଜିତ ଏହି ଶିଶୁ କବିତା ପାଠ କାର୍ଯ୍ୟକ୍ରମରେ ଓଡ଼ିଆ କବି ଡ. ସୁନାମଣି ରାଉତଙ୍କ କବିତା ଉଚ୍ଚ ପ୍ରଶଂସିତ ହୋଇଛି। ଏହି ସାରସ୍ୱତ ସମାରୋହରେ ଓଡ଼ିଆ ଭାଷାରେ ଡ. ସୁନାମଣି ରାଉତଙ୍କ ସମେତ ପଞ୍ଜାବୀ, ରାଜସ୍ଥାନୀ, ସାନ୍ତାଳୀ ଏବଂ ସିନ୍ଧୀ ଭାଷାର ବିଶିଷ୍ଟ ଶିଶୁ ସାହିତ୍ୟିକମାନେ ଯୋଗଦେଇଥିଲେ। ସମସ୍ତ କବି ନିଜ ନିଜ ମାତୃଭାଷା ସହିତ ହିନ୍ଦୀରେ ରୂପାନ୍ତରିତ କବିତା ପାଠ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ଅବସରରେ ଡ. ରାଉତଙ୍କ କବିତାକୁ ଏଆଇ ବା କୃତ୍ରିମ ବୁଦ୍ଧିମତା ମାଧ୍ୟମରେ ଏକ ନୂତନ ରୂପରେ ପ୍ରଦର୍ଶିତ କରାଯାଇଥିଲା, ଯାହା ଉପସ୍ଥିତ ସାହିତ୍ୟିକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ବିଶିଷ୍ଟ ଶିଶୁ ସାହିତ୍ୟିକା ଶକୁନ୍ତଳା କଲ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ର ସାହିତ୍ୟ ଅକାଦେମୀର କାର୍ଯ୍ୟକ୍ରମ ଅଧିକାରୀ ପଙ୍କଜ ସେଠ୍ ଏବଂ ବିଭିନ୍ନ ଭାଷାର ପ୍ରତିଷ୍ଠିତ ସାହିତ୍ୟିକମାନେ ଉପସ୍ଥିତ ଥିଲେ। ଜାତୀୟସ୍ତରରେ ଓଡ଼ିଆ ଶିଶୁ ସାହିତ୍ୟର ଏହି ସଫଳତା ସାହିତ୍ୟ ଜଗତ ପାଇଁ ଏକ ଗୌରବର ବିଷୟ ବୋଲି ମତ ପ୍ରକାଶ ପାଇଛି।

## ନିରବଦ୍ରଷ୍ଟା ସାଜିଛି କମିସନରେଟ୍ ପୁଲିସ

# ଫେରାର୍ ଅଛନ୍ତି ୧୨ ଦୁର୍ଦ୍ଧାନ୍ତ ଅପରାଧୀ

କଟକ,୫।୪(ସମିସ):

କଟକ ସହରରେ ଅପରାଧ ନିୟନ୍ତ୍ରଣ ପାଇଁ କମିସନରେଟ୍ ପୁଲିସ ପ୍ରସ୍ତୁତ କରିଥିବା ମାଷ୍ଟର ପ୍ଲାନ୍ ଏବେ ଫେଲ୍ ମାରିଥିବା

- ୨୦୨୫ରେ ଗ୍ୟାଙ୍ଗଷ୍ଟର ଗିରଫଦାରୀ ଶୂନ୍ୟ
- ୨୦୨୬ର ପ୍ରଥମ ୩ ମାସରେ ବି ସମାନ ସ୍ଥିତି
- ୧୬୮ ତାଲିକା ମଧ୍ୟରୁ ମାତ୍ର ୨୦ ପ୍ରତିଶତ ଗିରଫ
- ପୁଲିସର 'ଗୁପ୍ତ ଅଭିଯାନ' କେବଳ କାଗଜ କଲମରେ!

ପରିଲକ୍ଷିତ ହେଉଛି। ବିଶେଷକରି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯାଇଥିଲେ ହେଁ, ବାସ୍ତବ କ୍ଷେତ୍ରରେ ଗିରଫଦାରୀ ସଂଖ୍ୟା ଅତି ନଗଣ୍ୟ। ଗ୍ୟାଙ୍ଗଷ୍ଟର ସକିଲ୍ ଓ ତାର ୬ ଜଣ ସହଯୋଗୀଙ୍କୁ ଗିରଫ କରାଯିବା ପରେ ପୁଲିସ ପକ୍ଷରୁ ଅନ୍ୟ ୧୨ ଜଣ ପ୍ରମୁଖ ଗ୍ୟାଙ୍ଗଷ୍ଟରଙ୍କୁ ଗିରଫ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା ଏବଂ ସେମାନଙ୍କ ବିରୋଧରେ "ତଡ଼ିପାର୍' ନିର୍ଦ୍ଦେଶ ମଧ୍ୟ ରହିଥିଲା। ମାତ୍ର ଏହା ଭିତରେ ଦୁଇ ବର୍ଷ ବିତିଯାଇଥିଲେ ହେଁ ପୁଲିସ ସେମାନଙ୍କୁ ଛୁଇଁ ପାରିନାହିଁ। ପୁଲିସ ଏହି ଅପରାଧୀମାନଙ୍କୁ ଗୁପ୍ତ ଢଙ୍ଗରେ ଧରିବାକୁ କହୁଥିବା ବେଳେ ଏବେ ବି ସେମାନେ ନିର୍ଭୟରେ ସହର ମଧ୍ୟରେ ଚଳପ୍ରଚଳ ହେଉଥିବା ଅଭିଯୋଗ ଉଠିଛି। ପୁଲିସର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, ପୂର୍ବରୁ ଗିରଫଦାରୀ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସମ୍ଭବ ହୋଇ ନ ଥିବା ବେଳେ ଖୁବଶୀଘ୍ର ସେମାନଙ୍କୁ କାବୁ କରାଯିବ।

ସୂଚନାଯୋଗ୍ୟ ଯେ ସହରର ବିଭିନ୍ନ ଥାନା ଅଞ୍ଚଳରେ ଦାଦାବଟି, ଜୁଲମ ଓ ଗଣ୍ଡଗୋଳରେ ଲିପ୍ତ ଥିବା ପେଶାଦାର ଅପରାଧୀଙ୍କୁ ଜେଲ୍ ପଠାଇବା ପାଇଁ ପୁଲିସ ଏକ ବିସ୍ତୃତ ଅଭିଯାନ ଆରମ୍ଭ କରିଥିଲା। ନିର୍ବାଚନ ପୂର୍ବରୁ ସହରର ୬ଟି ଜୋନ୍‌ରୁ ମୋଟ ୧୬୮ ଜଣ ଅପରାଧୀଙ୍କ ତାଲିକା ପ୍ରସ୍ତୁତ ହୋଇଥିଲା (ଜୋନ୍-୧: ୩୭, ଜୋନ୍-୨: ୨୯, ଜୋନ୍-୩: ୨୫, ଜୋନ୍-୪: ୩୦, ଜୋନ୍-୫: ୨୫ ଏବଂ ଜୋନ୍-୬: ୨୨)। ମାତ୍ର ଦୁଃଖର ବିଷୟ ଏହି ଯେ, ପୁଲିସ ଏହି ତାଲିକାରୁ ମାତ୍ର ୨୦ ପ୍ରତିଶତ ଅପରାଧୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଯଦିଓ ପୁଲିସ ଫୋନ୍ ଟ୍ରାକିଂ ଓ ବିଭିନ୍ନ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଅପରାଧୀଙ୍କ ଉପରେ ନଜର ରଖିଥିବା ଏବଂ ରାତ୍ରିକାଳୀନ ବ୍ଲକିଂ-ଚେକିଂ କଡ଼ାକଡ଼ି କରୁଥିବା ଦାବି କରୁଛି, ତଥାପି ମୁଖ୍ୟ ୧୨ ଜଣ ଗ୍ୟାଙ୍ଗଷ୍ଟର ଏବେ ବି ପୁଲିସ ଆଖିରେ ଧୂଳି ଦେଇ ଫେରାର୍ ଅଛନ୍ତି। କେବଳ ଛୋଟମୋଟ ଅପରାଧୀ ଓ ଜାମିନବିହୀନ ଗିରଫ ପରୱାନା ଥିବା ବ୍ୟକ୍ତିଙ୍କୁ ଗିରଫ କରି ପୁଲିସ ନିଜ ଦାୟିତ୍ୱ ସାରିଦେଉଛି। ଫଳରେ ସହରର ସାଧାରଣ ଜନତାଙ୍କ ମଧ୍ୟରେ ଅସୁରକ୍ଷା ମନୋଭାବ ବୃଦ୍ଧି ପାଉଛି।

# ହୋମିଓପ୍ୟାଥ୍ ଚିକିତ୍ସକ ପ୍ରହଲ୍ଲାଦ ମହାନ୍ତିଙ୍କ ପରଲୋକ

କଟକ,୫।୪(ସମିସ): ବିଶିଷ୍ଟ ହୋମିଓପ୍ୟାଥ୍ ଚିକିତ୍ସକ ପ୍ରହଲ୍ଲାଦ ପ୍ରସାଦ ମହାନ୍ତିଙ୍କ ରବିବାର ଏକ ଘରୋଇ ଚିକିତ୍ସାଳୟରେ ହୃଦଘାତରେ ପରଲୋକ ଘଟିଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ଜଣେ ସୁନାମଧନ୍ୟ ଡାକ୍ତର ଭାବେ ପରିଚିତ ଶ୍ରୀ ମହାନ୍ତି ନିଜର ସରଳ ବ୍ୟବହାର, ମେଳାପୀ ପ୍ରକୃତି ଓ ମିଷ୍ଟଭାଷୀ ଗୁଣ ପାଇଁ ସ୍ଥାନୀୟ ଅଞ୍ଚଳରେ ବେଶ୍ ଲୋକପ୍ରିୟ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ମହାନଦୀବିହାର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ମହାନଦୀବିହାରସ୍ଥିତ ବାସଭବନକୁ ଅଣାଯିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ତାଙ୍କର ଶେଷ ଦର୍ଶନ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ମୈତ୍ରୀରାଣୀ ବିଶ୍ୱାଳ, ଶାଳକ ତଥା ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଏବଂ ଅନ୍ୟାନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ



# କବି ଭାଗବତ ମହାନ୍ତିଙ୍କ ଦୁଇଟି କବିତା ସଙ୍କଳନ ଉନ୍ମୋଚିତ

କଟକ,୫।୪(ସମିସ): ସ୍ଥାନୀୟ ସାରସ୍ୱତ ପୀଠ ସାରଳା ଭବନରେ ରବିବାର ପୂର୍ବାହ୍ନରେ ବିଶିଷ୍ଟ କବି ଭାଗବତ ମହାନ୍ତିଙ୍କ ଦୁଇଟି ନୂତନ କବିତା ସଙ୍କଳନ "ସଦଭାବନା ପଥେ' ଓ "ମାନସପକ୍ଷୀ' ଉନ୍ମୋଚିତ ହୋଇଯାଇଛି। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭାପତି ଡ. ଇଂ ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସଭାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଅରୁଣ କୁମାର ପରିଛା ମୁଖ୍ୟ ଉଦ୍‌ଘାଟକ ଭାବେ ଯୋଗଦେଇ ପୁସ୍ତକ ଦ୍ୱୟକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଜଷ୍ଟିସ ଶ୍ରୀ ପରିଛା କହିଥିଲେ ଯେ ଯେଉଁ କବିତା ଅନ୍ତରକୁ ସ୍ପର୍ଶ କରେ ତାହା ହିଁ ପ୍ରକୃତ ସାହିତ୍ୟ ଏବଂ ଶ୍ରୀ ମହାନ୍ତିଙ୍କ କବିତା ପାଠକଙ୍କ ହୃଦୟ ଜିଣିବାରେ ସମର୍ଥ ହେବ। ମୁଖ୍ୟ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ କହିଥିଲେ ଯେ କବିତାଗୁଡ଼ିକରେ ଆତ୍ମବୋଧ ଓ ଭାବାବେଗକୁ ଅତି ସରଳ ତଥା କଳାତ୍ମକ ଶୈଳୀରେ ଉପସ୍ଥାପନ କରାଯାଇଛି। ମୁଖ୍ୟବକ୍ତା ଡ. ସଞ୍ଜିତା ମିଶ୍ର କବିଙ୍କ ଲେଖନୀରେ ସତ୍ୟାନୁଭୂତି, ପ୍ରକୃତି ଓ ଆଧ୍ୟାତ୍ମିକତାର ସୁନ୍ଦର ସମନ୍ୱୟ ଘଟିଛି ବୋଲି ମତବ୍ୟକ୍ତ କରିଥିଲେ। କବି ଭାଗବତ ମହାନ୍ତି ନିଜର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିବା ବେଳେ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ପ୍ରଫେସର ନର୍ମଦା କୁମାରୀ ପରିଡ଼ା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ମୃତିରେଖା ନାୟକ ଓ ସହଯୋଗୀଙ୍କ ଦ୍ୱାରା ଉତ୍କଳ ବନ୍ଦନା ଗାନ କରାଯାଇଥିଲା।



# ମିଶନ ରୋଡ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ 'ଥିଙ୍କ ସ୍ପ୍ରିଙ୍ଗ'

କଟକ, ୫।୪(ସମିସ): ବସନ୍ତର ଆଗମନରେ ପଲ୍ଲବିତ ହୁଏ ଧରା। ଋତୁରାଜ ଆମନ୍ତ୍ରିତ କରେ ଅନ୍ୟ ଋତୁମାନଙ୍କୁ। ମନରେ ଭରିଯାଏ ଅନେକ ଆଶା ଭରସା। ସେହିଭଳି ନୂତନ କରି ସେଣ୍ଟ ଜାଭିୟର୍ସ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ଗଢ଼ିଉଠିଥିବା ମିଶନ ରୋଡସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଭରିଛି ପିଲାମାନଙ୍କ ଭିତରେ ନୂତନ ଆଶା। ବିଦ୍ୟାଳୟର ପରିବେଶ ସୃଷ୍ଟି କରିଛି ବିଭିନ୍ନତା ମଧ୍ୟରେ ଏକତା। ଜାତି ଧର୍ମ ନିର୍ବିଶେଷରେ ବିଦ୍ୟାଳୟର ମୂଳ ଲକ୍ଷ୍ୟ ହେଉଛି ନୈତିକ ଶିକ୍ଷା। ଏହି ନୈତିକ ଶିକ୍ଷା ବିଦ୍ୟାର୍ଥୀଙ୍କୁ ଏକ ସୁନ୍ଦର ଭାରତ ଗଠନ କରିବାରେ ସହାୟକ ହେବ ବୋଲି ବିଦ୍ୟାଳୟ ପରିସରରେ ଆୟୋଜିତ ଥିଙ୍କ୍ ସ୍ପ୍ରିଙ୍ଗ କାର୍ଯ୍ୟକ୍ରମରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥି ଭାବେ ମେୟର ସୁବାସ ସିଂ ଶିକ୍ଷା ବର୍ଷ ଆରମ୍ଭ ପୂର୍ବରୁ ବିଦ୍ୟାଳୟ ଦ୍ୱାରା ଆୟୋଜିତ ଏଭଳି କାର୍ଯ୍ୟକ୍ରମ ଏକ ନିଆରା ପରମ୍ପରା ବୋଲି ମତ ରଖିଥିଲେ। ଉଦ୍‌ଘାଟକ ଭାବେ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଡକ୍ଟର ପ୍ରଭୁଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ହାଇକୋର୍ଟ ବାର୍ ଆସୋସିଏସନ୍ ସମ୍ପାଦକ ହୃଦାନନ୍ଦ ମହାପାତ୍ର ଯୋଗ ଦେଇଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ରୂପା ମିଶ୍ର ସଂଯୋଜନା କରିଥିଲେ। ଉପାଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି, ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତି, ସହ ନିର୍ଦ୍ଦେଶିକା ଆୟେଶା ମହାନ୍ତି, ସହକାରୀ ନିର୍ଦ୍ଦେଶକ ସମର୍ଥ ମହାନ୍ତି ଉପସ୍ଥିତ ଥିଲେ। ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ବାସନ୍ତିକ କରିଦେଇଥିଲା। ଶିକ୍ଷକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# 'ନାଦ ନିନାଦ' ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ



କଟକ,୫।୪(ସମିସ): ଶ୍ରୀରାମଚନ୍ଦ୍ର ଭବନରେ ରବିବାର ସକାଳେ "ନାଦ ନିନାଦ' ଅନୁଷ୍ଠାନ ପକ୍ଷରୁ ଏକ ଭବ୍ୟ ପ୍ରାତଃକାଳୀନ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର ଓ ପ୍ରସାର ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସ୍ତମ୍ଭକାର ତଥା "ସମାଜ'ର ପୂର୍ବତନ ସମ୍ପାଦକ ଡଃ ସତ୍ୟ ରାୟ, ଆକାଶବାଣୀର ପୂର୍ବତନ କାର୍ଯ୍ୟକ୍ରମ ନିଷ୍ପାଦକ ସୁମିତ୍ରା ମହାପାତ୍ର ଏବଂ ଗୌର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଗଣେଶ ବନ୍ଦନା ଗାନ କରିଥିଲେ। ଏହାପରେ ଶିଳ୍ପୀ ଗୋପାଳକୃଷ୍ଣ ସାହୁ "ରାଗ ମୋଡ଼ି', ଦେବସ୍ମିତା ମିଶ୍ର "ରାଗ ଅହିର ଭୈରବ', ସୁବର୍ଣ୍ଣରେଖା ପ୍ରଧାନ "ରାଗ ବାହାର' ଏବଂ ରିତିକା ସ୍ୱାଇଁ "ରାଗ ନଟ ଭୈରବ' ପରିବେଷଣ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଛାତ୍ରଛାତ୍ରୀମାନେ ସାମୂହିକ ଭାବେ "ରାଗ ତିଲକକାମୋଦ' ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ହାର୍ମୋନିଅମ୍‌ରେ ଏ. ନାରାୟଣ ରାଓ, ବିଶ୍ୱନାଥ ମିଶ୍ର ଏବଂ ତବଲାରେ ଯୋଗେନ୍ଦ୍ରନାଥ ସ୍ୱାଇଁ ସହଯୋଗ କରିଥିଲେ। ବିଶିଷ୍ଟ ସଙ୍ଗୀତ ବିଦୂଷୀ ପଦ୍ମଶ୍ରୀ ଡଃ ଶ୍ୟାମାମଣି ଦେବୀ ସମସ୍ତ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୁରୁ ଶ୍ରୀ ଏ. ମହେଶ୍ୱର ରାଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଶିଷ୍ଟ ଉଦ୍‌ଘୋଷକ ବିଚିତ୍ରାନନ୍ଦ ପଣ୍ଡା ପରିଚାଳନା କରିଥିଲେ। ସୁଜନ ରାୟ ଚୌଧୁରୀ, ମିଳନ ପରିଡ଼ା ଓ ବିଜୟ ସ୍ୱାଇଁ ସହଯୋଗ କରିଥିଲେ।

# ନେତାଜୀ ସୁଭାଷ ଜୟନ୍ତୀ କମିଟି ପକ୍ଷରୁ ଚିତ୍ରକଳା କର୍ମଶାଳା

କଟକ,୫।୪(ସମିସ): ନେତାଜୀ ସୁଭାଷ ଜୟନ୍ତୀ କମିଟି ଓ କଟକ ଦୁର୍ଗାବାଡ଼ି ସମିତିର ମିଳିତ ଆନୁକୂଲ୍ୟରେ ଦୁର୍ଗାବାଡ଼ିଠାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଚିତ୍ରକଳା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଗୌତମ ମୁଖାର୍ଜୀ ଉଦଘାଟନ କରିଥିଲେ। ଚିତ୍ରଶିଳ୍ପୀ ରବି ନାରାୟଣ ରଥ, ସତ୍ୟ ଓଝା, ଡ. ଶୁଭ୍ରା ରୟ, ଦୀପକ ବିଶ୍ୱାଳ ଏହାକୁ ପରିଚାଳନା କରିଥିଲେ। କର୍ମଶାଳା ଆରମ୍ଭରେ କମିଟିର ଉପସଭାପତି ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜଙ୍କ ସଭାପତିତ୍ୱରେ ନେତାଜୀଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇ ନେତାଜୀଙ୍କ ଜୀବନୀ ସମ୍ପର୍କରେ ସମ୍ୟକ୍ ଆଲୋକପାତ କରାଯାଇଥିଲା। କମିଟିର ସମ୍ପାଦକ ବବି ବଳବନ୍ତରାୟ, ଶିକ୍ଷାବିତ ଡ. ଅର୍ଜୁନ ବିଶ୍ୱାଳ, ରଞ୍ଜନ ଲେଙ୍କା, ପ୍ରଫେସର ଆଲୋକେଶ ରୟ, ଡ. ଜୟଶ୍ରୀ ଷଡଙ୍ଗୀ, ଡ. ସ୍ନେହଲତା ମିଶ୍ର, ବିଶିଷ୍ଟ ଆଇନଜୀବୀ ସୋମା ପଟ୍ଟନାୟକ, ସୁବାଷ ଚନ୍ଦ୍ର ପ୍ରଧାନ, ସାହିତ୍ୟିକ ଅକ୍ଷୟ ରାଉଳ, ସାମାଜିକ କର୍ମୀ ମଞ୍ଜୁଲତା ଜେନା, ହୃଷିକେଶ ବଳ ତଥା କମିଟିର କୋଷାଧ୍ୟକ୍ଷ ବିନୋଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କଟକ ଦୁର୍ଗାବାଡ଼ି ସମିତିର ସଦସ୍ୟ ରାଜନାଥ ରୟ, ତପେନେଶ ରାୟ, ପାର୍ଥ ବାସୁମାଲିକ, ଶ୍ୟାମଲ କର୍ମକାର, ଗୌତମ ରାୟ, କାନୁ ଗୋପାଳ ଚକ୍ରବର୍ତ୍ତୀ, ଗିରିନ୍ଦ୍ର ନାରାୟଣ ଘୋଷ, ସୋମ୍ୟଦେବ ରାୟ, ଇଶାନି ମିତ୍ର ଏବଂ ତ୍ରିଦିବ ସରକାର ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାର ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ଓ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ଡ. ସତ୍ୟ ରାୟଙ୍କୁ 'ଉତ୍କଳମଣି ଗୋପବନ୍ଧୁ ଫେଲୋ' ସମ୍ମାନ

କଟକ,୫।୪(ସମିସ): ବରିଷ୍ଠ ସାମ୍ବାଦିକ ତଥା ବିଶିଷ୍ଟ ସାମାଜିକକର୍ମକର୍ତ୍ତା ଡ. ସତ୍ୟରାୟଙ୍କୁ ତାଙ୍କର ଉଲ୍ଲେଖନୀୟ ସାମାଜିକ ସେବା ପାଇଁ 'ଉତ୍କଳମଣି ଗୋପବନ୍ଧୁ ଫେଲୋ' ସମ୍ମାନ ପ୍ରଦାନ କରାଯାଇଛି। କଟକ ୱାକର୍ସ କ୍ଲବ ପକ୍ଷରୁ ଆୟୋଜିତ ଏକ ସୌଜନ୍ୟମୂଳକ ସାକ୍ଷାତକାର ଅବସରରେ ଡ. ରାୟଙ୍କୁ ଏହି ଗୌରବ ସୂଚକ ଉପାଧିରେ ଭୂଷିତ କରାଯାଇଛି। କ୍ଲବ୍‌ର ସଭାପତି ପ୍ରଫେସର ଡା. ଜୟନ୍ତ ପଣ୍ଡା ଏବଂ ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ରଙ୍କ ପରାମର୍ଶକ୍ରମେ ଉପସଭାପତି ପ୍ରଫୁଲ୍ଲ ସାହୁ ଡ. ରାୟଙ୍କୁ ଭେଟି ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ଅଭିନନ୍ଦନ ଜ୍ଞାପନ କରିଥିଲେ। ସମାଜସେବା କ୍ଷେତ୍ରରେ ତାଙ୍କର ନିରନ୍ତର ପ୍ରଚେଷ୍ଟା ଓ ସାମ୍ବାଦିକତା ଜରିଆରେ ଜନସଚେତନତା ସୃଷ୍ଟି କରିବାରେ ତାଙ୍କର ଭୂମିକାକୁ କ୍ଲବ୍ ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି। ଏହି ସମ୍ମାନଜନକ ପୁରସ୍କାର ପାଇଁ ଡ. ରାୟ କ୍ଲବ୍‌ର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ଡକ୍ଟର ରାୟଙ୍କ ସହିତ କ୍ଲବ୍‌ର ଅନ୍ୟତମ ପୁରୁଖା ସଦସ୍ୟ ଶ୍ୟାମ ସୁନ୍ଦର ସାହୁଙ୍କୁ ମଧ୍ୟ ସମାନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ପରେ ସହରର ବିଭିନ୍ନ ମହଲରୁ ଉଭୟ ବ୍ୟକ୍ତିଦ୍ୱୟଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।



# ଏୟାରଫୋର୍ସ ଆସୋସିଏସନ ପକ୍ଷରୁ ଉତ୍କଳ ଦିବସ

କଟକ,୫।୪(ସମିସ): ଏୟାରଫୋର୍ସ ଆସୋସିଏସନ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଏୟାର କମାଣ୍ଡର ଅରବିନ୍ଦ ମହାନ୍ତି ଓ ସ୍ମୃତି ମହାନ୍ତି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ବରପୁତ୍ରଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଡଃ ସୌମ୍ୟ ଶୁଭଦର୍ଶିନୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିନିୟର ଭେଟରାନ୍ ଶ୍ରୀ ମଙ୍ଗରାଜ, ହୃଷିକେଶ ସ୍ୱାଇଁ, ନବକିଶୋର ସାହୁ, ଜଗଦିଶ ସାମଲ, ବିଭୂତି ପଟ୍ଟନାୟକ, ସାମନ୍ତ ଶ୍ରୀକାନ୍ତ, ବିମଳ ଜେନା, ରବିନ୍ଦ୍ର ପଣ୍ଡା, ପବିତ୍ର ସାହୁ ଏବଂ କୃତିବାସ ମିଶ୍ର ଉପସ୍ଥିତ ଥିଲେ। ରବୀନ୍ଦ୍ରନାଥ ଟାଗୋରଙ୍କ ଗୀତ "ଅକେଲା ଚଲୋ'ର ଓଡ଼ିଆ ଅନୁବାଦ, ସଞ୍ଜୟ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ସଙ୍ଗୀତ 'ଏକଲା ଚାଲରେ'କୁ ଇଂ ଗଦାଧର ଗୁମାନସିଂହ ପରିବେଷଣ କରିଥିଲେ।



# କଟକରେ ଜିଲ୍ଲାସ୍ତରୀୟ 'ଐତିହ୍ୟ ଗଣଦୌଡ଼'



କଟକ,୫।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ କଟକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଏକ ବିଶାଳ "ଐତିହ୍ୟ ଗଣଦୌଡ଼' ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଏହି ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଏହି ଦୌଡ଼ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରୁ ବାହାରି ଗଡ଼ଖାଇ, ଦୟା ଆଶ୍ରମ ଓ ବିଜୁ ପଟ୍ଟନାୟକ ଛକ ଦେଇ ପୁନଶ୍ଚ ଷ୍ଟାଡିୟମରେ ପହଞ୍ଚିଥିଲା। ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ ଏହି ଐତିହ୍ୟ ଦୌଡ଼ କେବଳ ଏକ ଶାରୀରିକ ବ୍ୟାୟାମ ନୁହେଁ, ବରଂ ଆମର ଗୌରବମୟ ଅତୀତ ସହ ନୂତନ ପିଢ଼ିକୁ ଯୋଡ଼ିବାର ଏକ ସଶକ୍ତ ମାଧ୍ୟମ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ ବେହେରାଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୨୫୦ରୁ ଅଧିକ ଛାତ୍ରଛାତ୍ରୀ ଓ ସରକାରୀ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଅଲିମ୍ପିକ ଆସୋସିଏସନ ସମ୍ପାଦକ ଅଭିଜିତ ପାଲ, ବାସ୍କେଟବଲ ଆସୋସିଏସନ ସଭାପତି ଜ୍ଞାନରଞ୍ଜନ ପରିଡ଼ା, ସାଇକଲିଙ୍ଗ ଆସୋସିଏସନ ସମ୍ପାଦକ ପ୍ରସନ୍ନ ରାଉତ ଏବଂ ଷ୍ଟାଡିୟମର ଅଫିସର-ଇନ-ଚାର୍ଜ ଗଙ୍ଗାଧର ବେହେରା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

## ଓଡ଼ିଆ ଠିକାଦାରଙ୍କୁ ଅଣଦେଖା ଓ 'ଅସ୍ମିତା'କୁ ହତ୍ୟା

# କାଠଯୋଡ଼ି ସେତୁ ନିର୍ମାଣରେ ଦାଗୀ କମ୍ପାନୀ

କଟକ, ୫।୪ (ସମିସ):

କାଠଯୋଡ଼ି ନଦୀରେ ପ୍ରସ୍ତାବିତ ସେତୁ ନିର୍ମାଣ ପାଇଁ କରାଯାଇଥିବା ଟେଣ୍ଡର ପ୍ରକ୍ରିୟାକୁ ନେଇ ଏବେ

- ସରକାରଙ୍କୁ ଘେରିଲା ସିପିଆଇ-ଏମ୍
- ବିହାରରେ ଦୁଇଥର ପୋଲ ଭୁଶୁଡ଼ାଇଥିବା ସଂସ୍ଥାକୁ ୨୨୦ କୋଟିର କାମ

ରାଜନୈତିକ ସରଗରମ ବୃଦ୍ଧି ପାଇଛି। ହରିୟାଣାର ବିବାଦୀୟ କମ୍ପାନୀ "ଏସ.ପି. ସିଙ୍ଗଲା କନଷ୍ଟ୍ରକସନ'କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସିପିଆଇ (ଏମ୍) କଟକ ଜିଲ୍ଲା କମିଟି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏହି ଟେଣ୍ଡର ପ୍ରକ୍ରିୟା କେବଳ ଏକ ପ୍ରହସନ ଏବଂ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଦାଗୀ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି ବୋଲି ଦଳ ଅଭିଯୋଗ କରିଛି।

ବିଭିନ୍ନ ପୂର୍ବ ତଥ୍ୟକୁ ଆଧାର କରି ସିପିଆଇ(ଏମ୍) ଦର୍ଶାଇଛି ଯେ ଏହି କମ୍ପାନୀ ବିହାରର ସୁଲତାନଗଞ୍ଜ-ଖଗରୀଆ ସେତୁ ନିର୍ମାଣ ଦାୟିତ୍ୱରେ ଥିବାବେଳେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁଁ ସେଠାରେ ପୋଲ ଦୁଇ ଦୁଇ ଥର ଭୁଶୁଡ଼ି ପଡ଼ିଥିଲା। ଏହି ଘଟଣାରେ ପାଟଣା ହାଇକୋର୍ଟ ମଧ୍ୟ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏଭଳି ଏକ "ପୋଲ ଭୁଶୁଡ଼ାଇବା ଅଭ୍ୟାସଗତ' କମ୍ପାନୀକୁ ଓଡ଼ିଶା ସରକାର କେଉଁ ଆଧାରରେ ୨୨୦ କୋଟି ଟଙ୍କାର କାର୍ଯ୍ୟ ପ୍ରଦାନ କଲେ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ଅନୁଯାୟୀ, ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ବ୍ଲକସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସ୍ଥାନୀୟ ଓଡ଼ିଆ ଠିକାଦାରମାନେ ଅଣଦେଖାର ଶିକାର ହେଉଛନ୍ତି। ହରିୟାଣା, ବିହାର ଓ ଛତିଶଗଡ଼ ଭଳି ବିଜେପି ଶାସିତ ରାଜ୍ୟର ଠିକଦାରମାନେ ଓଡ଼ିଶାର ସିଂହଭାଗ କାମ ହାତେଇ ନେଉଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାର ସୁପର ଶ୍ରେଣୀ ଠିକାଦାରମାନେ ଶାସକ ଦଳର ନେତା ଓ କର୍ମୀଙ୍କ ନିର୍ଯାତନା ସହି ନ ପାରି କାମ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ଏହା "ଓଡ଼ିଆ ଅସ୍ମିତା' ଉପରେ ଏକ ବଡ଼ ପ୍ରହାର ବୋଲି ଦଳ କହିଛି। ଓଡ଼ିଶାର ରାଜସ୍ୱ ଓ ସାଧାରଣ ଜନତାଙ୍କ ଜୀବନର ସୁରକ୍ଷା ପାଇଁ ଏହି ଦାଗୀ କମ୍ପାନୀକୁ ତୁରନ୍ତ ସେତୁ ନିର୍ମାଣ ଦାୟିତ୍ୱରୁ ମୁକ୍ତ କରିବାକୁ ସିପିଆଇ (ଏମ୍) କଟକ ଜିଲ୍ଲା କମିଟି ସମ୍ପାଦକ ତଥା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ବଦ୍ରି ନାରାୟଣ ଦାଶ ଦାବି କରିଛନ୍ତି। ଦିଲ୍ଲୀର ଖାଉନ୍ଦମାନଙ୍କୁ ସନ୍ତୁଷ୍ଟ ନ କରି ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି।

### ଜମିକୁ ପାଣିର ଅଭାବ, ତେଲ ମୂଲ୍ୟରେ ହ୍ରାସ

# ରାୟଗଡ଼ା ଜିଲ୍ଲାରେ ଚାଷୀକୁ ସୁହାଉନି ଲେମନ୍ ଗ୍ରାସ୍ ଚାଷ



ରାୟଗଡ଼ା,୫।୪(ସମିସ): ଆଦିବାସୀ ବହୁଳ ରାୟଗଡ ଜିଲ୍ଲାରେ କେବେ ଆଶାର ଆଲୋକ ନେଇ ଆସିଥିବା ଲେମନ ଗ୍ରାମ ଚାଷ, ଏବେ ଚାଷୀଙ୍କ ଆଖିରେ ନିରାଶାର ଲୁହ ଆଣିଦେଇଛି । ସୁଗନ୍ଧିତ ଏହି ଚାଷରୁ ଭଲ ଆୟ ହେବ ବୋଲି ଭାବି ଅନେକ ଚାଷୀ ନିଜ ଏକର ଏକର ଜମିରେ ଏହାକୁ ଲଗାଇଥିଲେ । କିନ୍ତୁ ଏବେ ସେହି ଆଶା ଭାଙ୍ଗି ଯାଇଛି । ଲେମନ ଗ୍ରାସରୁ ତେଲ ତିଆରି କରି ବଜାରରେ ବିକ୍ରି କରିବା ହେଉଛି ମୂଳ ଲକ୍ଷ୍ୟ । କିନ୍ତୁ ଜିଲ୍ଲାରେ ଆବଶ୍ୟକୀୟ ଅନୁଯାୟୀ ପ୍ରୋସେସିଂ ୟୁନିଟ୍ ନ ଥିବାରୁ ଚାଷୀମାନେ ନିଜ ପଣ୍ୟକୁ ସଠିକ୍ ଭାବେ ବ୍ୟବହାର କରିପାରୁନାହାନ୍ତି । ଫଳରେ ଅଧିକ ଖର୍ଚ୍ଚ କରିଥିଲେ ମଧ୍ୟ ଲାଭ ମିଳୁ ନାହିଁ ବୋଲି କିଛି ଚାଷୀ କହିଛନ୍ତି । ଏହି ତେଲର ମୂଲ୍ୟ ଲିଟର ପିଛା ୧୩୫୦ରୁ ଆରମ୍ଭ ହୋଇ ୧୬୦୦ଟଙ୍କା ପର୍ଯ୍ୟନ୍ତ ଥିବା ବେଳେ ଏହାର ବଜାରୀକରଣ ଅଭାବ ହେତୁ ଚାଷୀମାନେ କ୍ଷତି ସହୁଥିବା ଜଣାପଡିଛି । ଅପରପକ୍ଷେ ଜିଲ୍ଲାରେ ଏହି ଲେମନ ଗ୍ରାସ ଚାଷ କେଉଁ କାରଣରୁ ବନ୍ଦ ରହିଛି ଏବଂ ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଇଁ କଣ ସହଯୋଗ ପ୍ରଦାନ କରାଯାଇଛି ବୋଲି ଗତ ମାର୍ଚ୍ଚ ମାସ ୨୫ତାରିଖରେ ବିଧାନସଭା ଅଧିବେସନରେ ଅଣତାରକା ପ୍ରଶ୍ନ ସଂଖ୍ୟା ୫୪୦୩ରେ ରାୟଗଡ଼ା ଜିଲ୍ଲାରେ ଲେମନ ଗ୍ରାସ ଚାଷର ସ୍ଥିତି ଉପରେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ ପ୍ରଶ୍ନ କରିଥିବା ବେଳେ ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ବିଭାଗୀୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହାର ଉତ୍ତରରେ ଗତ ୨୦୨୧ମସିହା ଠାରୁ ଆଜି ପର୍ଯ୍ୟନ୍ତ ରାୟଗଡ ଜିଲ୍ଲା କାଶିପୁର, ଗୁଣପୁର, ମୁନିଗୁଡା, ରାୟଗଡ଼ା ବ୍ଲକରେ ୧୮ ଜଣ ଚାଷୀ ଏହି ଚାଷ କରୁଥିବା ଉଲ୍ଲେଖ କରିଛନ୍ତି । କାଶୀପୁର ବ୍ଲକର ବାଙ୍କମ୍ବ ଗ୍ରାମ ପଞ୍ଚାୟତର ସଦର ଗାଁରେ ଚାଷୀ ଗୌରାଙ୍ଗ ବିଶୋଇ ୪ଏକର, ଗୋବିନ୍ଦ ଝୋଡିଆ ଓ ବିଲମାଳ ଗାଁର ରଂଜନ କର ଏବଂ ପୋଡାପାଡି ଗ୍ରାମପଞ୍ଚାୟତର ଆଦିତ୍ୟ ସିଂ ୩ ଏକର ଲେଖାଁଏ, ବାଙ୍କମ୍ବ ଗାଁର ଚାଷୀ ରାମନାଥ ଝୋଡିଆ ଓ ଧୋବଲୁ ଝୋଡିଆ ଏବଂ ଟିକିରି ଗ୍ରାମର ଜଗବନ୍ଧୁ ମାଝି ୨ଏକର ଲେଖାଁଏ ଜମିରେ ଲେମନ ଗ୍ରାସ ଚାଷ କରୁଥିବା ବେଳେ ଗୁଣପୁର ବ୍ଲକ୍‌ର ଜଗନ୍ନାଥପୁର ଗ୍ରାମପଞ୍ଚାୟତର ପେଙ୍ଗୁଡା ଗ୍ରାମର ଜଗଦୀଶ ପଣ୍ଡା ଓ ଓମକାମ ପଣ୍ଡା ୫ଏକର ଲେଖାଁଏ ଚାଷ କରୁଥିବା ବେଳେ ମୁନିଗୁଡା ବ୍ଲକର କୁମୁଡାବାଲି ଓ ଶିବପଦର ଗ୍ରାମରେ ଚାଷୀ ରାଜେନ୍ଦ୍ର କାଡ୍ରକା ଓ ସନ୍ତୋଷ ପିଡିକା ୨.୫ଏକର ଲେଖାଁଏ ୫ଏକରରେ ଏବଂ ଦୁର୍କିଲିମା ଗ୍ରାମର ଚାଷୀ ଲଳିତମୋହନ ସାହୁ ୩ଏକର, ସୀମାଞ୍ଚଳ ସାହୁ ୨ ଏକର ସମେତ ପୋଡିମାସ୍କା ଗ୍ରାମର ଡମ୍ବୁରୁ ପାନ୍ତାନାଇଡୁ, ବଡଦହିଖାଲ ଗ୍ରାମର ରୂପାବତୀ ଆମ୍ବାଡି, ଜଗଦଲପୁରର ଜବନ୍ଧୁ ପୁଶିକା ଭଳି ଚାଷୀ ୨ ଏକର ଲେଖାଁଏ ଚାଷ କରିଥିବା ବେଳେ ରାୟଗଡ଼ା ବ୍ଲକର କୁଟୁଳୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଣଧର ଗ୍ରାମର ଚାଷୀ ସିକୁନ ଓ ବାସି ମିଣିଆକା ୨ଏକର ଲେଖାଁଏ ୪ଏକର ଜମିରେ ମୋଟ ୪୯ଏକର ଜମିରେ ଏହି ଚାଷ କରିଥିବା ମନ୍ତ୍ରୀ ଶ୍ରୀ ସିଂଦେଓ ଉତରରେ ଉଲ୍ଲେଖ କରିଛନ୍ତି । ସେହିପରି ୨୦୨୧ ମସିହାରେ କୋଭିଡ-୧୯ ହେବା ପରଠାରୁ ଜିଲ୍ଲାରେ ଲେମନ ଗ୍ରାସ ଚାଷ କ୍ରମଶଃ ହ୍ରାସ ପାଇଥିବା ଜଣାଇବା ସହ ଏହି ଚାଷ ନିମନ୍ତେ ବର୍ଷ ତମାମ ପ୍ରଚୁର ପାଣିର ଆବଶ୍ୟକତା ପଡିଥାଏ । ଜିଲ୍ଲାରେ ଜଳସେଚିତ ପାଣିର ଅଭାବ ଏବଂ ଲେମନ ଗ୍ରାସ ତେଲର ବିକ୍ରିୟ ମୂଲ୍ୟରେ ହ୍ରାସ ଦୁଇଟି ମୁଖ୍ୟ କାରଣ ବୋଲି ମନ୍ତ୍ରୀ ଶ୍ରୀ ସିଂଦେଓ ଉଲ୍ଲେଖ କରିଛନ୍ତି । ଏହି ଲେମନ ଗ୍ରାସର ପ୍ରକ୍ରିୟା କରଣ ପାଇଁ ରାୟଗଡ଼ା ବ୍ଲକର ଶେଷଖାଲ, କଲ୍ୟାଣସିଂପୁର ବ୍ଲକର କୃଷ୍ଣପାତ୍ରଗୁଡା ଏବଂ କାଶୀପୁର ବ୍ଲକର ପୋଡାପାଡି ଗ୍ରାମରେ ଲେମନ ଗ୍ରାସ ତେଲ ପ୍ରୋସେସିଂ ୟୁନିଟ୍ ରହିଥିବା ବେଳେ ଏହି ଚାଷ ପାଇଁ ସରକାର ଜାତୀୟ ଉଦ୍ୟାନ କୃଷି ମିଶନ ଯୋଜନାରେ ଏବଂ ଏହାର ପ୍ରୋସେସିଂ ୟୁନିଟ୍ ସ୍ଥାପନା କରିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପାଇଁ ୪୦-୫୦ଶତକଡା ସହାୟତା ଯୋଗାଇ ଦିଆଯାଉଛି ବୋଲି ରାୟଗଡ଼ା ବିଧାୟକ ଶ୍ରୀ କାଡ୍ରକାଙ୍କ ପ୍ରଶ୍ନର ଉତ୍ତର କୃଷି ମନ୍ତ୍ରୀ ଶ୍ରୀ ସିଂଦେଓ ରଖିଥିଲେ ।

# ଜୟପୁରର ପ୍ରଥମ ବିଧାୟକ ଲଇଛନ ନାୟକଙ୍କ ଜୟନ୍ତୀ



ଜୟପୁର,୫।୪(ସମିସ): ଜୟପୁର ବିଧାନସଭା ମଣ୍ଡଳୀର ପ୍ରଥମ ବିଧାୟକ ସ୍ୱର୍ଗତ ଲଇଛନ ନାୟକଙ୍କ ଜୟନ୍ତି କୁନ୍ଦାରିଗୁଡା ଛକ ସ୍ଥିତ ପ୍ରତିମୂର୍ତ୍ତି ଠାରେ ଆଜି ପାଳିତ ହୋଇଯାଇଛି । ସ୍ମୃତି କମିଟିର ସଭାପତି ମଦନ ମୋହନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତି ପାଳନ ଉତ୍ସବରେ ସହରର ବିଭିନ୍ନ ସଂଗଠନ ଏବଂ ବୁଦ୍ଧିଜୀବି ମାନେ ଉପସ୍ଥିତ ରହି ସ୍ୱର୍ଗତ ନାୟକଙ୍କ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ସ୍ମୃତି କମିଟିର ସମ୍ପାଦକ ପରମେଶ୍ୱର ପାତ୍ର, ପୂଜ୍ୟପୂଜା ସଂସଦର ଉପସଭାପତି ତପନ କିରଣ ତ୍ରିପାଠୀ, ସମ୍ପାଦକ ବୈରାଗି ଚରଣ ସାହୁ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ହୋତା, ପ୍ରମୋଦ ରାଉଳ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ଭଞ୍ଜ, ତୁଳସୀ ରାଓ, ବୃନ୍ଦାବନ ଖରା, ସୁରେନ୍ଦ୍ର ଖରା, କିଶୋର ମିଶ୍ର, ତାରିଣ ଚରଣ ମିଶ୍ର, ସତ୍ୟ ନାରାୟଣ ପରିଚ୍ଛା, ନରେଶ ମହାକୁଳ, ରବି ଗୌଡ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅବସରରେ ଭକ୍ତି ସଂଗୀତ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା ।

# ଜିଲ୍ଲାସ୍ତରୀୟ ସଉରା ଭାଷା ସାହିତ୍ୟ ସଭା



ରାୟଗଡ଼ା/ରାମନାଗୁଡ଼ା,୫।୪(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ସଦର ମହକୁମା ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପ୍ରଥମ ଜିଲ୍ଲା ସ୍ତରୀୟ ସଉରା ଭାଷା ସାହିତ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରଟି ଉଚ୍ଚ ବିଦ୍ୟାଳୟ ଶିକ୍ଷକ କ୍ଷୀରୋଦ କୁମାର ଗମାଙ୍ଗ ଓ ରାଜସ୍ୱ ନିରୀକ୍ଷକ ଭବାନୀ ଶବରଙ୍କ ମିଳିତ ପ୍ରୟାସରେ ଆୟୋଜିତ ହୋଇଥିଲା । ଅବସରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ଗମାଙ୍ଗ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ସଭାରେ ମୁଖ୍ୟ ଅତିଥି ଭାବେ ସଉରା ପଣ୍ଡିତ ଆନନ୍ଦ ଶବର, ଅବସରପ୍ରାପ୍ତ ଶିକ୍ଷକ ଲମ୍ବୋଦର ଶବର, କୃଷ୍ଣ ଶବର ଏବଂ ସ୍ୱତନ୍ତ୍ର ଅତିଥି ଭାବେ ରାମନାଗୁଡ଼ା ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ଗୁଡ଼ାରି, ଗୁଣପୁର, ପଦ୍ମପୁର, ରାମନାଗୁଡ଼ା ଓ କୋଲନରା ବ୍ଲକରୁ ସଉରା ଭାଷାର କବି, ଗାୟକ, ଲେଖକ, ଗଳ୍ପକାର ଓ ବ୍ୟଙ୍ଗକାରମାନେ ଶିବିରରେ ଯୋଗଦେଇଥିଲେ । ସଭାର ଆରମ୍ଭରେ ସଉରା ପଣ୍ଡିତ ଆନନ୍ଦ ଶବର ସଉରା ଆରାଧ୍ୟ ଦେବତା ମାଉରବନାମଙ୍କ ଉଦ୍ଦେଶ୍ୟରେ ପାରମ୍ପରିକ ଭଜନ ଗାନ କରି ସଭାର ଶୁଭାରମ୍ଭ କରିଥିଲେ । ଏହି ଶିବିରକୁ ଜାଗାରାଓ ବିଡ଼ିକା ମଞ୍ଚ ସଂଯୋଜନା କରିଥିଲେ । ସେହିପରି ସଭା ସଂଚାଳନ ଭବାନୀ ଶବର କରିଥିଲେ । ଶିବିର ଶେଷରେ ବିଭିନ୍ନ କ୍ଷେତ୍ରରେ କୃତୀ ଅଂଶଗ୍ରାହୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ସଭାର ପ୍ରଧାନ ଉଦ୍ଦେଶ୍ୟ ସଉରା ଭାଷା, ସାହିତ୍ୟ ଓ ଲିପିର ପ୍ରଚାର-ପ୍ରସାର କରିବାର ଥିଲା । ଦ୍ୱିତୀୟ ଅଧିବେଶନରେ ସଉରା ଗୁଣୀ ଓ ଜ୍ଞାନୀମାନଙ୍କ ମଧ୍ୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଶେଷରେ ସମସ୍ତ ଉପସ୍ଥିତ ଅତିଥି ଓ ଅଂଶଗ୍ରାହୀମାନେ ଆୟୋଜକ ଦମ୍ପତି ଓ ତାଙ୍କ ପରିବାରକୁ ଧନ୍ୟବାଦ ଜଣାଇଥିଲେ ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



ସେମିଲିଗୁଡ଼ା,୫।୪ (ସମିସ): ସେମିଲିଗୁଡା ବ୍ଲକ ଅନ୍ତର୍ଗତ ପାକଝୋଲା ପଞ୍ଚାୟତ ସମିତିର ଉପର ମାନିଆ ଜୟପ୍ରକାଶ ଉଚ୍ଚ ବିଦ୍ୟାଳୟ ଠାରେ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି । ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପଟ୍ଟନାୟକ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଫୁଲ କୁମାର ପାଙ୍ଗି, ସମ୍ମାନିତ ଅତିଥି ପକଝୋଲା ଗ୍ରାମ ପଂଚାୟତ ର ପୂର୍ବତନ ସମତି ସଭ୍ୟ ତଥା ବିଦ୍ୟାଳୟର ପୂର୍ବତନ ସମ୍ପାଦକ ସଦାଶିବ ବାରିକ ପ୍ରକାନ୍ତ ଜିଲ୍ଲା ଓଷ୍ଟା ସଭାପତି ବଳଭଦ୍ର ନାୟକ, ଜଗତ କୁମାର ଗୁଣ୍ଡା, ସୁଶାନ୍ତ କୁମାର ଖୁଣ୍ଟିଆ, ଚିତ୍ତ ରଞ୍ଜନ ମିଶ୍ର, ରମେଶ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ଚନ୍ଦ୍ରକାନ୍ତ ନାୟକ ଦୀର୍ଘ ୩୨ ବର୍ଷ ୮ ମାସ ଚାକିରି କରି ଅବସରଗ୍ରହଣ କରିଛନ୍ତି । ଶ୍ରୀ ନାୟକ ଜଣେ ମେଳାପୀ କର୍ତ୍ତବ୍ୟନିଷ୍ଠ ସହିତ ଜଣେ ଦକ୍ଷ ଗଣିତ ଶିକ୍ଷକ ରୂପେ କୋରାପୁଟ ଜିଲ୍ଲାରେ ଜଣା ଶୁଣା ଥିଲେ । ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ ଓ ଶିକ୍ଷୟିତ୍ରୀ, ବିଭିନ୍ନ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ ସହିତ ସମସ୍ତ ଛାତ୍ରଛାତ୍ରୀ, ପୁରାତନ ଛାତ୍ର ଛାତ୍ରୀ ୬୦୦ରୁ ଉର୍ଦ୍ଧ ଗ୍ରାମବାସୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଚୈତନ୍ୟ ପ୍ରସାଦ ନାୟକ, ସୀମାଞ୍ଚଳ ବାରିକ, ବସନ୍ତ କୁମାର ବେହେରା, ଭମରବର ସାହୁ, ରଘୁନାଥ ଗୁଣ୍ଡା ଉପସ୍ଥିତ ଥିଲେ । ସଭାକୁ ସଂଯୋଜନା କରିଥିଲେ ଅଶୋକ କୁମାର ମହାନ୍ତି । ଶିକ୍ଷକ ଚନ୍ଦ୍ର କାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚଇତି ପରବ ଉପଲକ୍ଷେ ବନ୍ଧୁମିଳନ



ଲକ୍ଷ୍ମୀପୁର,୫।୪(ସମିସ): କୋରାପୁଟ ଜିଲ୍ଲା ହେଉଛି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ଏଠି ଆଦିବାସୀମାନଙ୍କର ଅନେକ ପ୍ରକାର ପର୍ବ ପର୍ବାଣୀ ରହିଛି । ତହିଁ ମଧ୍ୟରୁ ଚଇତି ପରବ ହେଉଛି ଅନ୍ୟତମ । ଏହା ବୈଶାଖ ମାସ ଆରମ୍ଭରୁ ପାଳନ ନିମନ୍ତେ ଗାଁ କୁଟୁମ୍ବ ଦ୍ୱାରା ଆୟୋଜନ ନିମନ୍ତେ ଡାକରା ଦିଆଯାଇ ଥାଏ । ଏହି ଚଇତି ପରବ ପାଳନ ଅବସରରେ ଲକ୍ଷ୍ମୀପୁର ସ୍ଥାନୀୟ ଆଦିବାସୀ ସାହିରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଗାଁର ପ୍ରାୟ ସମସ୍ତେ ଏକତ୍ରିତ ହୋଇ ସାହି ମୁଣ୍ଡର ଏକ ପଡ଼ିଆ ଠାରେ ଏହା କରାଯାଇ ଥିଲା । ଗାଁର ବରିଷ୍ଠ ମହିଳା, ପୁରୁଷ ଓ ଭଦ୍ର ବ୍ୟକ୍ତି ମାନଙ୍କ ଦ୍ୱାରା ଆଦିବାସୀ ନିତିନିତି ଅନୁସାରେ ଗାଁର ପ୍ରକୃତି ଦେବୀ ଓ ଗାଁ ଦେବୀଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ କାମନା କରିଥିଲେ । ପରେ ସେମାନଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । ପ୍ରତି ବର୍ଷ ଚଇତି ପରବ ପାଳନ ହେଉଥିଲା । ଏଭଳି ବନ୍ଧୁମିଳନ କାର୍ଯ୍ୟକ୍ରମ ଚଳିତ ବର୍ଷରୁ ଆରମ୍ଭ ହୋଇଥିବା ଆୟୋଜକ ଈଶ୍ୱର ମିଣିଆକା, ଯୁଧିଷ୍ଠିର ମିଣିଆକା, ଦେବେନ୍ଦ୍ର ମାଣ୍ଡିଙ୍ଗା ଓ ଅନ୍ୟ ମାନେ ସବୁ କହିଛନ୍ତି । ବର୍ତ୍ତମାନ ମର୍ତ୍ତ୍ୟ ଯୁଗରେ ମଧ୍ୟ ନିଜର ପରମ୍ପରାକୁ ଭୁଲି ନାହାନ୍ତି ଆଦିବାସୀ ମାନେ । ପୂର୍ବ ନୀତି ଅନୁସାରେ ବରିଷ୍ଠ ମାନଙ୍କ ଦ୍ୱାରା ପର୍ବପର୍ବାଣି ଗୁଡ଼ିକ ପରିଚାଳିତ ହୋଇଆସୁଛି । ଉଚ୍ଚ ଶିକ୍ଷିତ ଛାତ୍ରଛାତ୍ରୀ ମାନେ ମଧ୍ୟ ଏହା କିପରି ବଜାୟ ରହିବ ସେଥିପାଇଁ ଚେଷ୍ଟା ରହିବ ବୋଲି କହିଛନ୍ତି । ଏହି ଚଇତି ପର୍ବ ଏକ ମାସ ଧରି ପାଳନ କରିଥାନ୍ତି । ପ୍ରକୃତିର ଅନେକ ଦେବାଦେବୀଙ୍କୁ ପୂଜାର୍ଚ୍ଚା କରାଯାଇ ଥାଏ । ଗାଁର ସମସ୍ତେ କୌଣସି ରାଗରୁଷା ନ ଥାଇ ଯେଭଳି ଗୋଟିଏ ପରିବାର ଭଳି ଲାଗେ ଏହି ପରବ ପାଳନ ସମୟରେ ନିଜ ନିଜ ଭିତରେ ଭାଇଚାରା ସ୍ପଷ୍ଟ ବାରି ହେଉଥିଲା । ନିଆରା ପରବ ପାଳନ ଅବସରରେ ନିଆରା ଭାବେ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନକୁ ଅନ୍ୟମାନେ ପ୍ରଶଂସା କରିଥିଲେ । ଲକ୍ଷ୍ମୀପୁର ଆଦିବାସୀ ସାହି ବ୍ୟତୀତ ଆଖପାଖ ଗାଁର କିଛି ଭଦ୍ର ବ୍ୟକ୍ତି ମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରି ସମ୍ମାନିତ କରି ଥିଲେ । ଉମେ ମିଣିଆକା, ବେଲ ହିକକା, ୱାଲସି ମାଣ୍ଡିଙ୍ଗା, ସାନ୍ଧୁ ମାଣ୍ଡିଙ୍ଗା, ବିସ୍କୁଡ଼ି ମାଣ୍ଡିଙ୍ଗା, ଇଚ୍ଛା ମାଣ୍ଡିଙ୍ଗା, ବୁର୍ସି ହିମେରିକା ଗାଁର ମୁଖ୍ୟ ବେଜେଣି ଏବଂ ଏମାନେ ହିଁ ଗାଁର ମଙ୍ଗଳ ପାଇଁ ସଦାବେଳେ ବିଭିନ୍ନ ପୂଜା କରି ମଙ୍ଗଳ କାମନା କରିଥାନ୍ତି ।

# ରାମନାଗୁଡ଼ାରେ ଆଇନ ସଚେତନତା ଶିବିର



ରାମନାଗୁଡ଼ା,୫।୪(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଇନଗତ ସହାୟତା ଓ ମୌଳିକ ଅଧିକାର ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ପ୍ରଶାସନ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ମିଳିତ ଆନୁକୂଲ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜଜ୍ ଦେବଦତ୍ତ ପଟ୍ଟନାୟକ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶ୍ରୀ ବିଜୟ ଲକ୍ଷ୍ମୀ ମହାପାତ୍ର, ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ଲିମା, ସମ୍ପାଦକ ସୂରଜ ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ । ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀ ପଟ୍ଟନାୟକ ନିଜ ଅଭିଭାଷଣରେ ଯୌତୁକ ନିରାକରଣ ଆଇନ ବିଷୟରେ ଆଲୋକପାତ କରିବା ସହ ପ୍ରଥମ ଥର ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଶିବିରକୁ ପ୍ରଶଂସା କରିଥିଲେ । ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶ୍ରୀ ବିଜୟ ଲକ୍ଷ୍ମୀ ମହାପାତ୍ର ନିଜ ଅଭିଭାଷଣରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ବିଭିନ୍ନ ପ୍ରାବଧାନ ଉପରେ ମତ ପ୍ରକାଶ କରିଥିଲେ । ସଚେତନତା ଅଭାବରୁ ଅନେକ ସମୟରେ ଗରିବ ଓ ଅସହାୟ ଲୋକମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଏଣୁ ଏଭଳି ଶିବିର ମାଧ୍ୟମରେ ସାଧାରଣ ଜନତାଙ୍କ ନିକଟରେ ନ୍ୟାୟିକ ପ୍ରକ୍ରିୟା ପହଞ୍ଚାଇବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଥିଲେ । ମୃତ ବ୍ୟକ୍ତିଙ୍କ ଉତ୍ତରାଧିକାରୀ କିଭଳି ପଟ୍ଟା ନିଜ ନାମରେ କରିପାରିବେ, ତହସିଲଦାର ମତ ରଖିଥିଲେ । ଏହି ଶିବିରରେ ଅଙ୍ଗନବାଡି କର୍ମୀ, ଏମ୍‌ବିକେଙ୍କ ସହ ଓକିଲ ଭାଗିରଥୀ ବଙ୍ଗାରି, ପ୍ରଶାନ୍ତ ପଟ୍ଟନାୟକ, ମିହିର ପଟ୍ଟନାୟକ, ସରୋଜ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ଅଶ୍ୱିନୀ ତ୍ରିପାଠୀ ମଞ୍ଚ ସଂଯୋଜନା କରିଥିବା ବେଳେ ରମେଶ ଲିମା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଭ୍ୟାସ ଟେକ୍ନୋ ସ୍କୁଲର ମାଗଣା ସ୍ୱାସ୍ଥ୍ୟସେବା



ପଦ୍ମପୁର,୫।୪(ସମିସ): ଉତ୍ତମ ଭବିଷ୍ୟତ ଗଠନ ପାଇଁ ଶିକ୍ଷା ସହ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବା ସମସ୍ତଙ୍କ ଆବଶ୍ୟକତା । ସ୍ୱାସ୍ଥ୍ୟ ଠାରୁ ଦୁର୍ଲଭ କୌଣସି ବସ୍ତୁ ନାହିଁ ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ ଅସିମା ରାଓ ରାୟଗଡ଼ା ଜିଲ୍ଲା ପଦ୍ମପୁରର ଅଭ୍ୟାସ ଟେକ୍ନୋ ସ୍କୁଲ ପ୍ରତିଷ୍ଠା ଦିବସ ତଥା ବାର୍ଷିକ ଉତ୍ସବ ମହାସମାରୋହରେ ଯୋଗ ଦେଇ ବକ୍ତବ୍ୟ ରଖିଛନ୍ତି । ଏହି ଅନୁଷ୍ଠାନ ସମାଜସେବାକୁ ପ୍ରାଧାନ୍ୟ ଦେଇ ପ୍ରତ୍ୟେକ ବର୍ଷ ବାର୍ଷିକ ଉତ୍ସବରେ କିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଳନ କରିଥାଏ । ସେହିପରି ଏହି ବର୍ଷ ମଧ୍ୟ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟରେ ସୁଦୂର ବିଶାଖାପାଟନମରୁ ୩ ଜଣ ସ୍ପେସିଆଲିଷ୍ଟ ଡାକ୍ତର ଏବଂ ୨ ଜଣ ଏମ୍ ବିବିଏସ୍ ଡାକ୍ତର ସହ ୮ ଜଣ ସହଯୋଗୀ ଷ୍ଟାଫଙ୍କୁ ଡକାଇ ଅଞ୍ଚଳର ଅନେକ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ରକ୍ତଚାପ, ଡାଇବେଟିସ ଭଳି ସ୍ୱାସ୍ଥ୍ୟ ପରୀକ୍ଷାକୁ ବିନା ମୂଲ୍ୟରେ କରି ଔଷଧ ମଧ୍ୟ ଯୋଗାଇଥିଲେ । ପଦ୍ମପୁର ସୁନାରିଘାଇ ଛକ ଠାରେ ଅବସ୍ଥିତ ଗ୍ରାମଦେବୀଙ୍କ ଠାରୁ ଆଜ୍ଞାମାଳ ନେଇ ସହର ପରିକ୍ରମା କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । ସନ୍ଧ୍ୟା ସମୟରେ ସ୍କୁଲ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ରାୟଗଡ଼ା ଜିଲ୍ଲା ମଙ୍ଗଳ ଅଧିକାରିଣୀ ଅସୀମା ରାଓ, ସମ୍ମାନିତ ଅତିଥି ରୂପେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିକେଶ ରଥ ଏବଂ ମୁଖ୍ୟବକ୍ତା ରୂପେ ଗୁଣୁପୁର ଗାୟତ୍ରୀ ଶିକ୍ଷା ଅନୁଷ୍ଠାନର ଅକ୍ଷୟ ଦାସ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ଥିଲା ଝିଅ ମାନଙ୍କ ପିରାମିଡ଼ ଏବଂ ପୁଅ ମାନଙ୍କ ଅକ୍ରୋବେଟିକ ପ୍ରଦର୍ଶନୀ । ଏଥିରେ ଝିଅ ମାନଙ୍କୁ ମଧ୍ୟ ଠିକ୍ ପରିଚାଳନା ସହ ଉଚିତ ସୁଯୋଗ ଦେଲେ କଣ କରିପାରିବେ ତାହା ଦର୍ଶାଯାଇଥିଲା । ପୁଅ ମାନେ ଅକ୍ରୋବେଟିକ୍‌ରେ ସେମାନଙ୍କ ପରାକାଷ୍ଠା ଦେଖାଇଥିଲେ । କାର୍ଯ୍ୟକ୍ରମରେ କୁନି କୁନି ପିଲାମାନେ ସମାଜ ସଂସ୍କାର ମୂଳକ ନୃତ୍ୟ ମାଧ୍ୟମରେ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କୁ ଆକର୍ଷିତ କରିଥିଲେ ।

### ସମସ୍ୟା ଘେରରେ ଅଣ୍ଡୁରୁଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଅସଂମ୍ପୂର୍ଣ୍ଣ





ନନ୍ଦପୁର, ୫।୪ (ସମିସ): ଓଡ଼ିଶା-ଆନ୍ଧ୍ର ସୀମାନ୍ତ ପାଟ୍ଟଲୁଙ୍ଗ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଅଣ୍ଡୁରୁଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମସ୍ୟା ମଧ୍ୟ ରେ ଗତି କରୁଥିବା ଅଭିଯୋଗ ହୋଇଛି । ପାଖପାଖି ୬ ମାସରୁ ଅଧିକ ହେବ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ପୁରାତନ ଶ୍ରେଣୀ ଗୃହ ଭାଙ୍ଗି ଅଧପନ୍ତରିଆ ଭାବେ ନିର୍ମାଣ ଧୀନ କୋଠା ପଡି ରହିଥିବା ବେଳେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ ନଥିବା ଅଭିଯୋଗ ହୋଇଛି । ସୂଚିତ ଯେ ୧୯୫୨ ମସିହାରେ ସ୍ଥାପିତ ସୀମାନ୍ତ ଅଣ୍ଡୁରୁଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୫ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଶିକ୍ଷକ ଅଛନ୍ତି ୫ ଜଣ । ହେଲେ ବର୍ତ୍ତମାନ ନୂତନ ଶ୍ରେଣୀ ଗୃହ ନିର୍ମାଣ ନେଇ ଗତ ବର୍ଷ ଅକ୍ଟୋବର ମାସରେ ସ୍ଥିର କରାଯାଇ ନୂତନ କୋଠା ନିର୍ମାଣ ପାଇଁ ପୁରୁଣା ଶ୍ରେଣୀ ଗୃହ ଭାଙ୍ଗି ଦିଆ ଯାଇଛି । ହେଲେ ଆଜିକୁ ୬ ମାସ ବିତିଯାଇଥିଲେ ସୁଦ୍ଧା ଶ୍ରେଣୀ ଗୃହ ସମ୍ପୂର୍ଣ୍ଣ ହେବା କଥା ତ ଦୂର କୋଠା ନିର୍ମାଣ କାର୍ଯ୍ୟ ଆଗକୁ ମଧ୍ୟ ବଢି ପାରିନାହିଁ । ଗତ ୬ ମାସ ହେବ ଗୋଟିଏ ଦୁଇଟି ଶ୍ରେଣୀରେ ୧୦୫ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ଦେଖିବାକୁ ମିଳିଛି । ଏନେଇ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ସେ କହିଛନ୍ତି, ବହୁବାର କର୍ତ୍ତୃପକ୍ଷଙ୍କୁ ଜଣାଉଛୁ । ସେପଟେ ଠିକାଦାର ମଧ୍ୟ ପୁରୁଣା ଶ୍ରେଣୀଗୃହ ଭାଙ୍ଗି ଦେଲେ, ଆଉ ଦେଖା ନାହିଁ । ସେପଟେ ଏନେଇ ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ଉତ୍ତର ମିଳି ନଥିବା ବେଳେ ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୂର୍ଗା ପ୍ରସାଦ ଦୋରା କହିଛନ୍ତି ଯନ୍ତ୍ରୀଙ୍କ ଆଲୋଚନା କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ କୁହାଯିବ ବୋଲି କହିଛନ୍ତି ।

# ଓଡ଼ପଡ଼ାରେ ବାର୍ଷିକ ଯାଦବ ସମ୍ମିଳନୀ



ଆନନ୍ଦପୁର, ୫।୪(ସମିସ): ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ଓଡପଡା ଗ୍ରାମରେ ଘସିପୁରା ବ୍ଲକ ଯାଦବ ମହାସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତିଭିତିକ ଜନଗଣନା, ଯାଦବ ସଂସ୍କୃତି ଓ ପରମ୍ପରାକୁ ଉଦଜୀବିତ କରିବା ପାଇଁ ସମସ୍ତ ଯାଦବ ପରିବାରକୁ ଏକଜୁଟ କରି ଜିଲ୍ଲା ତଥା ରାଜ୍ୟ ବିକାଶରେ ସହଭାଗୀ ହେବାକୁ ଆହ୍ୱାନ ଦିଆଯାଇଥିଲା। ଶିକ୍ଷା ଏବଂ ରାଜନୈତିକ କ୍ଷେତ୍ରରେ ଯାଦବ ଶ୍ରେଣୀକୁ ଜାତିଗତ ଜନଗଣନାରେ ସ୍ୱତନ୍ତ୍ର ଭାବେ ଓବିସି ତାଲିକାଭୁକ୍ତ କରିବା ସହ ଯାଦବ ଶବ୍ଦ ଉପଯୋଗ କରାଯିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ସହ ଏହାର ଆଇନଗତ ଦିଗ ଉପରେ ତର୍ଜମା ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଯାଦବ ପରିବାରର କୌଣସି ବ୍ୟକ୍ତି ଦୁସ୍ଥ ଏବଂ ଅସହାୟ ଅବସ୍ଥାରେ ପଡିଲେ ଯାଦବ ମହାସଂଘ ପକ୍ଷରୁ ସେମାନଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯିବାକୁ ଜିଲ୍ଲା ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରକାଶ କରିଥିଲେ। ସମ୍ମିଳନୀ ପୂର୍ବରୁ ଶାଳଦେଇ, ଓଡପଡା ଗାଁ ମୁଣ୍ଡରୁ ଯାଦବ ସମ୍ପ୍ରଦାୟର ଯୁବକମାନେ ନୃତ୍ୟ ପରିବେଷଣ କରି ଗାଁ ଦାଣ୍ଡରେ ସଙ୍ଗିତ ଏବଂ ନୃତ୍ୟର ତାଳେତାଳେ ମାଧବ ପ୍ରେମରେ ମଜ୍ଜି ଯାଇଥିଲେ। ବ୍ଲକ ଯାଦବ ମହାସଂଘ ପକ୍ଷରୁ ଏକ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲାର ଯାଦବ ମହାସଂଘ ଜିଲ୍ଲା ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଉପଦେଷ୍ଟା ରାହାସ ବିହାରୀ ବାରିକ, ଜିଲ୍ଲା ମହିଳା ନେତ୍ରୀ ମମତା ସିଂ, ଜିଲ୍ଲା ଉପସଭାପତି ହରିହର ବେହେରା, ରାଜ୍ୟ ଉପସଭାପତି ନୃସିଂହଚରଣ ଦାସ, ବ୍ଲକ ମହିଳା ସଭାପତି ଉଷାରାଣୀ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ପବିତ୍ର ପଲେଇ, ବ୍ଲକ ସଭାପତି ବିଜୟ ଦାସ, ସମ୍ପାଦକ ପ୍ୟାରୀମୋହନ ବାରିକ, ବରିଷ୍ଠ ଉପଦେଷ୍ଟା ଗଙ୍ଗାଧର ପରିଡ଼ା, ବଳରାମ ବେହେରା, ଯାଜପୁର ଜିଲ୍ଲା ସଭାପତି ଗଣେଶ୍ୱର ଦାସ, ପ୍ରଦୀପ ବେହେରା ସମସ୍ତ ଯାଦବ ପରିବାରକୁ ଏକଜୁଟ୍ ହେବାକୁ ଆହ୍ୱାନ ଦେଇଥିଲେ। ଅତିଥି ପରିଚୟ ଏବଂ ସଭାମଞ୍ଚ ପରିଚାଳନାରେ ବ୍ଲକ ଯୁବ ଯାଦବ ସଂଘ ସଭାପତି ଅମୂଲ୍ୟ ବାରିକ କାର୍ଯ୍ୟ ସମ୍ପାଦନ କରିଥିଲେ। ଘସିପୁରା ବ୍ଲକ ସମେତ ପଡୋଶୀ ଯାଜପୁର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ଯାଦବ ପରିବାର ସଦସ୍ୟ ଏହି ସମ୍ମିଳନୀରେ ଯୋଗଦାନ କରିଥିଲେ।

# ନିମ୍ନମାନର ପେଭର୍ ବ୍ଲକ୍ ରାସ୍ତା



ତେଲକୋଇ, ୫।୪(ସମିସ): ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟର ବିକଳ ଚିତ୍ର ଦେଖିବାକୁ ମିଳୁଛି। ରାସ୍ତାରେ ପେଭର ବ୍ଲକ ପଡ଼ିବା କ୍ଷଣି ଭୁଶୁଡ଼ି ପଡୁଛି। ଏଥିରୁ ଅନୁମାନ କରି ହେବ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟର ସ୍ଥାୟିତ୍ୱ। ଏଭଳି ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ପୁରୁଯୋଡା ପଞ୍ଚାୟତରେ। ପୁରୁଯୋଡା ପଞ୍ଚାୟତ ଅଫିସ୍ ଛକଠାରୁ ଆଦି ଶକ୍ତି ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ୩ଲକ୍ଷ ଟଙ୍କା ବ୍ୟୟଅଟକଳରେ ପେଭର ବ୍ଲକ ପକାଇବା ପାଇଁ ସରକାରୀ ଅର୍ଥ ମଞ୍ଜୁର କରାଯାଇଥିଲା। କାର୍ଯ୍ୟ ସମ୍ପାଦନ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରି ନିମ୍ନମାନର ପେଭର ବ୍ଲକ ପକାଇ ସରକାରୀ ଅର୍ଥର ଅପବ୍ୟହାର କରୁଥିବା ଦେଖାଯାଇଛି। ଦିନେ ନପୂରୁଣୁ ପେଭର ବ୍ଲକ ଭୁଶୁଡି ପଡୁଛି। ପରେ ରାସ୍ତାର ଦୁଇ ପାର୍ଶ୍ୱରେ ସିମେଣ୍ଟ ଲଗାଇ ପେଭର ବ୍ଲକକୁ ଜାମ କରିବାର ବ୍ୟବସ୍ଥା ରହିଥିବା ବେଳେ ତାହା କରାଯାଇନାହିଁ। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ସାଇଁକୁଳରେ ଗୋ-ପୁତ୍ର କୃପାସିନ୍ଧୁଙ୍କ ସ୍ମୃତିସଭା



ଆନନ୍ଦପୁର, ୫।୪ (ସମିସ): ଘସିପୁରା ବ୍ଲକ ସାଇଁକୁଳଠାରେ ବଜରଙ୍ଗ ହିନ୍ଦୁ ବାହିନୀ ଦ୍ୱାରା ଆଜି ଏକ ଶୋକସଭା ପାଳନ କରାଯାଇଛି। ବାଲେଶ୍ୱରଠାରେ ଗୋମାତାଙ୍କ ସୁରକ୍ଷା ପାଇଁ ଗୋଚାଲାଣ ଗାଡିକୁ ଅଟକ କରିବା ସମୟରେ ଗୋମାଫିଆ ଏସ୍କର୍ଟ ଗାଡି ଚଢେଇ ଦେଇଥିଲା। ସେଥିରେ ଗୋ-ପୁତ୍ର କୃପାସିନ୍ଧୁ ଭାଇ ମୃତ୍ୟୁବରଣ କରିଥିଲେ। ଆଉ ଗୋପୁତ୍ର ଲମ୍ବୋଧର ମହାପାତ୍ର ଗୁରୁତ୍ୱର ହୋଇ କଟକ ବଡମେଡିକାଲ ଚିକିତ୍ସା ହେଉଛନ୍ତି। ସେଥିପାଇଁ ପ୍ରଭୁ ଶ୍ରୀରାମଙ୍କ ନିକଟରେ ପ୍ରାର୍ଥନା କରି ଦୀପଦାନ କରାଯାଇଥିଲା। ପ୍ରଫେସର ସନତ ରଥଙ୍କ ସଂଯୋଜନାରେ ସ୍ମୃତି ସଭା ଆରମ୍ଭ ହୋଇଥିଲା। ସମାଜସେବୀ ସନ୍ତୋଷ ସ୍ୱାଇଁ ସହଯୋଗରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦିଲୀପ ରାଉତ, ନିରଞ୍ଜନ ସା, ଚନ୍ଦନ ପରିଡା. ସୁଶାନ୍ତ ସ୍ୱାଇଁ. ରୁଦ୍ର ପାଢ଼ୀ. ରାଜେଶ୍ୱର ଜେନା, ସରୋଜ ସାହୁ, ଅଂଶୁମାନ ରାଉତଳ, ଦେବପ୍ରସାଦ ମହାନ୍ତି. ଅଜୟ ବାରିକ. ଭାନୁପ୍ରାତପ ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। ପ୍ଲାବନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଶଲ୍ୟ ବିଶେଷଜ୍ଞଙ୍କ ବିୟୋଗରେ ଶୋକ



ଆନନ୍ଦପୁର, ୫।୪ (ସମିସ): ଆନନ୍ଦପୁର ଉପଖଣ୍ଡର ପୂର୍ବତନ ଚିକିତ୍ସାଧିକାରୀ ତଥା କେନ୍ଦୁଝର ଜିଲ୍ଲାର ସ୍ୱନାମଧନ୍ୟ ଶଲ୍ୟ ବିଶେଷଜ୍ଞ, ଲୋକପ୍ରିୟ ଡାଃ ବିଷ୍ଣୁ ନାରାୟଣ ପାତ୍ରଙ୍କ ଅକାଳ ବିୟୋଗରେ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ମାତ୍ର ୬୫ ବର୍ଷ ବୟସରେ ଡାଃ ପାତ୍ର ହୃଦଘାତରେ ଗତ ଶୁକ୍ରବାର ରାତିରେ ଭୁବନେଶ୍ୱରସ୍ଥ ଏକ ଘରୋଇ ଡାକ୍ତରଖାନାରେ ଇହଲୀଳା ସାଙ୍ଗ କରିଥିଲେ। ତାଙ୍କ ପରଲୋକ ଖବରରେ ଆନନ୍ଦପୁର ଉପଖଣ୍ଡ ସ୍ତବ୍ଧ ହୋଇଯାଇଛି। ସରକାରୀ ଦାୟିତ୍ୱରୁ ଅବ୍ୟାହତି ପରେ ସେ ଆନନ୍ଦପୁର ପୌର କାର୍ଯ୍ୟାଳୟ ନିକଟରେ ଏକ କ୍ଲିନିକ ଖୋଲି ମାତ୍ର ଶହେ ଟଙ୍କା ବିନିମୟରେ ରୋଗୀ ଚିକିତ୍ସା କରି ଗରୀବଗୁରୁବା ଲୋକଙ୍କ ପାଇଁ ଭଗବାନଙ୍କ ଅବତାର ଥିଲେ ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଆଜି ଘସିପୁରାଠାରେ ଆୟୋଜିତ ଶୋକସଭାରେ ଆନନ୍ଦପୁର ପୌରାଞ୍ଚଳର କାଉନସିଲର ଅଜୟ ସାହୁ (ବାହାଦୁର୍), ବୁଲୁ ପଟ୍ଟନାୟକ, ରଘୁନାଥ ପାଢ଼ୀ, ଝାଡେଶ୍ୱର ମେଡ଼ିସିନ ଷ୍ଟୋର ମାଲିକ ବ୍ରହ୍ମାନନ୍ଦ ଜେନା, ଲକ୍ଷ୍ମୀଧର ମହାରଣା, ମୋନାଲିସା ଦତ୍ତ, ଅଚ୍ୟୁତାନନ୍ଦ ଜେନା, ଜ୍ଞାନରଞ୍ଜନ ମହାରଣା, ଦେବରାଜ ସାହୁ, ଦିଲ୍ଲୀପ୍ ଚକ୍ର, ଅକ୍ଷୟ ସାହୁ, ପରେଶ୍ କୁଅଁର୍ ପ୍ରମୁଖ ଦିବଂଗତ ଚିକିତ୍ସାବିତ୍ ଡାଃ ପାତ୍ରଙ୍କ ଗୁଣଗାନ କରି ତାଙ୍କ ଆତ୍ମାର ସ୍ୱର୍ଗପ୍ରାପ୍ତି ନିମନ୍ତେ ଝାଡେଶ୍ୱର ବାବାଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍‌ର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଆନନ୍ଦପୁର, ୫।୪ (ସମିସ):



କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅଳତି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଏବଂ ହାଇଟେକ ମେଡିକାଲ କଲେଜ ହସ୍ପିଟାଲ ସହଯୋଗରେ ଦିନିକିଆ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଆଖପାଖ ପାଞ୍ଚ ଖଣ୍ଡ ପଞ୍ଚାୟତରୁ ହଜାରରୁ ଅଧିକ ବ୍ୟକ୍ତି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମେଡ଼ିସିନ, ଅସ୍ଥିଶଲ୍ୟ, କର୍ଣ୍ଣ, ନାସା,ଗଳା, ଚକ୍ଷୁ, ଦନ୍ତ, ଚର୍ମ ଇତ୍ୟାଦି ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପରାମର୍ଶ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଆବଶ୍ୟକସ୍ଥଳେ ମେଡ଼ିସିନ ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନର ଅଧକ୍ଷ ଡ଼ ବିପିନ ବିହାରୀ ମିଶ୍ର, ସମ୍ପାଦକ ଡ଼ଃ ସୁକାନ୍ତି ମିଶ୍ର ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ବସନ୍ତ ମଞ୍ଜରୀ ଫାଉଣ୍ଡେସନର ଟ୍ରଷ୍ଟି ଡ. ରତିକାନ୍ତ ବରାଳ, ବିଶେଷ ଅତିଥି ଭାବେ ରାମଚନ୍ଦ୍ରପୁର ଥାନାର ଭାରପ୍ରାପ୍ତ ଅଧିକାରୀ ମନୋଜ ସ୍ୱାଇଁ, ବକ୍ତା ଭାବେ ହାଇଟେକ୍ ମେଡିକାଲ କଲେଜ ଉପାଧକ୍ଷ ଡା. ମନୋଜ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନିଶାକର ରାଉତ, ଘଷିପୁରା ଅଗ୍ନିଶମ ଅଧିକାରୀ ରାଧୁଚରଣ ମଲ୍ଲିକ ଯୋଗ ଦେଇଥିଲେ। ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଓଡ଼ିଶା ମୁଖ୍ୟ ରବୀନ୍ଦ୍ରନାଥ ରାଉତରାୟ ସ୍ୱାସ୍ଥ୍ୟ ଶିବିର ବିଷୟରେ ସୂଚନା ଦେଇଥିଲେ। ହାଇଟେକ ମେଡିକାଲର ସମସ୍ତ ଡାକ୍ତର ଓ କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳର ଉତ୍ସାହୀ ସଂଗଠନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ବସନ୍ତ ମଞ୍ଜରୀ ଫାଉଣ୍ଡେସନର ସଭାପତି ଡ. ରତିକାନ୍ତ ବରାଳ ଏବଂ ସମାଜସେବୀ ପ୍ରଭାତ ବରାଳ ଶିବିରକୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ହାଇଟେକ ମେଡିକାଲର ସମସ୍ତ ଡାକ୍ତର, ନର୍ସ ଓ କର୍ମଚାରୀ ଏବଂ ସ୍ଥାନୀୟ ସତ୍ୟସାଇ ସେବା ସଂଗଠନ, ଗାୟତ୍ରୀ ପରିବାର, ଶିଶୁ ମନ୍ଦିର ଗୁରୁଜୀ ଗୁରୁମା ଏବଂ ପ୍ରେସ୍ ବନ୍ଧୁ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନ ଜ୍ଞାପନ କରାଯାଇଥିଲା। ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ସଂଯୋଜକ ପ୍ରିୟଦର୍ଶନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ମିଳନ ପ୍ରଧାନ, ସିଦ୍ଧାର୍ଥ ପଣ୍ଡା, ଉପେନ୍ଦ୍ର ସାହୁ, ଗତିକୃଷ୍ଣ ଭୂୟାଁ, ନିରଂଜନ ମଲ୍ଲିକ, ସୁଶାନ୍ତ ସେଠୀ, ସତ୍ୟବ୍ରତ ରାଉଳ, ନିରଂଜନ ବରାଳ ସହଯୋଗ କରିଥିଲେ।

# ଘରପୋଡ଼ି ଘଟଣାରେ ଅଭିଯୁକ୍ତ ଗିରଫ

ତୁରୁମୁଙ୍ଗା, ୫।୪(ସମିସ): ଧାରରେ ଟଙ୍କା ମାଗିବା ପରେ ଟଙ୍କା ନଦେବାରୁ ଶାଳୀ ସହ ଝଗଡ଼ା ପରେ ଘରେ ଶୋଇଥିବା ସମୟରେ ଘରକୁ ପେଟ୍ରୋଲ ଢାଳି ଜାଳି ଦେଇଥିବା ଅଭିଯୁକ୍ତ ଭିଣୋଇକୁ ଶନିବାର ତୁରୁମୁଙ୍ଗା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲା କେନ୍ଦୁଝର ସଦର ଥାନା ସଦରପଡା ଗ୍ରାମର ଦେବ। ଗତ ୨୯ ତାରିଖ ରାତିରେ ତୁରୁମୁଙ୍ଗା ଥାନା କିଆପଡା ଗାଁରେ ଘଟିଥିଲା ଏଭଳି ଅଭାବନୀୟ ଘଟଣା। ଅଭିଯୁକ୍ତ ଭିଣୋଇ ଶାଳୀ ମଙ୍ଗୁଳି କାରୁଆଙ୍କ ଘରକୁ ଆସି ୧୦ ହଜାର ଟଙ୍କା ଧାର ସୂତ୍ରରେ ମାଗିଥିଲେ କିନ୍ତୁ ଟଙ୍କା ନଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଭିଣୋଇ ରାଗି ଯାଇ ଘରେ ସମସ୍ତେ ଶୋଇଥିବା ସମୟରେ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲା। ପରିବାର ଲୋକେ ବର୍ତ୍ତି ଯାଇଥିବା ବେଳେ ନିଆଁ ଲାଗି ଖପର ଘର ସହ ଜରୁରୀ କାଗଜପତ୍ର ନଗଦ ଟଙ୍କା ପୋଡି ଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଙ୍ଗୁଳି ସ୍ୱୟଂସହାୟକ ଗୋଷ୍ଠୀରୁ ୪୦ ହଜାର ଟଙ୍କା ଋଣ ସୂତ୍ରରେ ଆଣିବା ସହ ଝିଅ ଜ୍ୱାଇଁଙ୍କଠାରୁ ୨୦ ହଜାର ଟଙ୍କା ଆଣି ଘରେ ରଖିଥିଲେ। ଘଟଣା ଘଟାଇ ଭିଣୋଇ ଫେରାର ଥିବାବେଳେ ଶନିବାର ଘରେ ଚଢ଼ଉ କରି ଭିଣୋଇକୁ ଗିରଫ କରିଛି ତୁରୁମୁଙ୍ଗା ପୁଲିସ। ଏସ୍ଆଇ ସୁରେଶ ସାହୁ ମାମଲାର ତଦନ୍ତ କରୁଛନ୍ତି।

# ରାଜପଥ କଡ଼ ଢ଼ାବାରୁ ବିଦେଶୀ ମଦ ଜବତ



ତୁରୁମୁଙ୍ଗା, ୫।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଓ ସାହାରପଡା ଦେଇ ଯାଇଥିବା ୨୨୦ ନମ୍ବର୍ ଜାତୀୟ ରାଜପଥ କଡ଼ ଦେଓ ନଦୀ ନିକଟରେ ଥିବା ମହାପାତ୍ର ଫେମିଲି ରେଷ୍ଟୁରେଣ୍ଟରେ ରବିବାର ପାଟଣା ପୁଲିସ ଚଢଉ କରି ବେଆଇନ୍ ୧୫ ଲିଟର ବିଦେଶୀ ମଦ ଜବତ କରିଛି। ଢ଼ାବା ମାଲିକ ମୟୂରଭଞ୍ଜ ଜିଲା କରଞ୍ଜିଆର ସବ୍ରତ କୁମାର ମହାପାତ୍ରଙ୍କୁ ପୋଲିସ ଥାନାକୁ ଆଣି ବେଲ୍‌ରେ ଛାଡ଼ିଛି। ଏନେଇ ପାଟଣା ଥାନାରେ ୧୪୧/୨୬ରେ ଏକ ମାମଲା ରୁଜୁ ହୋଇଥିବା ପାଟଣା ଥାନାଧିକାରୀ କିରଣ ପ୍ରାସାଦ ସାହୁ କହିଛନ୍ତି।

# ଓଡ଼ିଆ ପକ୍ଷରେ ଗଣଦୌଡ଼




ତୁରୁମୁଙ୍ଗା, ୫।୪(ସମିସ): ଓଡ଼ିଆ ପକ୍ଷ ଉପଲକ୍ଷେ ରବିବାର ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ପାଟଣା ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟ ତରଫରୁ ଗଣଦୌଡ ଅନୁଷ୍ଠିତ ହେଉଛି। ଗଣଦୌଡରେ ମହାବିଦ୍ୟାଳୟର ୧୦୫ ଜଣ ଛାତ୍ରଛାତ୍ରୀଙ୍କ ସହ ଅଧାପକ କର୍ମଚାରୀ ସାମିଲ ହୋଇଥିଲେ। ଗଣ ଦୌଡ କଲେଜ ପରିସରରୁ ବହାରି ପାଟଣା ବଜାର ପରିକ୍ରମା କରି ପୁଟୁଳିଆ ଅଗ୍ନିଶମ କେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲା। କ୍ୟାପଟେନ ତଥା ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ସହ ମହାବିଦ୍ୟାଳୟ ଅଧକ୍ଷ ବୀରେନ୍ଦ୍ର କୁମାର ସାହୁ, ଅଧାପକ ରତ୍ନାକର ମହାକୁଡ, ପରମେଶ୍ୱର ଧରୁଆ, ମନ୍ଦାକିନୀ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

# ଜଙ୍ଗଲ ନିଆଁ ନିବାରଣ ସଚେତନତା



ଆନନ୍ଦପୁର, ୫।୪ (ସମିସ): ଆନନ୍ଦପୁର ବ୍ଲକ୍ ଗୟଳମୁଣ୍ଡା ପଞ୍ଚାୟତସ୍ଥିତ ଓଲେଇକୁଣ୍ଡି ଗ୍ରାମରେ ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁଙ୍କ ନେତୃତ୍ୱରେ ଜଙ୍ଗଲ ନିଆଁ ନିବାରଣ, ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ହାତୀ ମଣିଷ ବିବାଦ କମାଇବା ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଜଙ୍ଗଲ ନିଆଁର ଭୟାବହତା ଏବଂ ହାତୀ ମଣିଷ ବିବାଦ ସମ୍ପର୍କରେ ଶ୍ରୀ ସାହୁ ବିସ୍ତୃତ ଆଲୋଚନା କରିଥିଲେ। ଆଗାମୀ ଦିନରେ ଖରାର ପ୍ରକୋପ ବଢ଼ିବାକୁ ଥିବାରୁ ଏ ଦିଗରେ ଅଧିକ ଯତ୍ନଶୀଳ ହେବାପାଇଁ ଶ୍ରୀ ସାହୁ ଆହ୍ୱାନ ଦେଇଥିଲେ। ଏଥିରେ ଓଲେଇକୁଣ୍ଡି ଗ୍ରାମର ରାମ ନିରୂପା, ସମାଜସେବୀ ରାଜକିଶୋର ବାରିକ, ରଞ୍ଜିତ ନାୟକ ସହଯୋଗ କରିଥିଲେ। ଆଗାମୀ ଦିନର ଅଧିକରୁ ଅଧିକ ସଚେତନତା ଶିବିର ଆୟୋଜନ କରିବେ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

# ଏସ୍‌ୟୁଜେ ଓଡ଼ିଶାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ




ଆନନ୍ଦପୁର, ୫।୪ (ସମିସ): ସାମ୍ବାଦିକମାନେ ସମାଜର ଜାଗ୍ରତ ପ୍ରହରୀ। ସେମାନଙ୍କ ସୁରକ୍ଷାକୁ ସରକାର ପ୍ରାଥମିକତା ନଦେବା ଦୁର୍ଭାଗ୍ୟଜନକ। ସକାରାତ୍ମକ ଖବର ପରିବେଷଣ ବିକଶିତ ରାଷ୍ଟ୍ର ନିର୍ମାଣର ପୁଞ୍ଜି ବୋଲି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ହୋଟେଲ ଆଚିଲ୍ଲଠାରେ ରାଜ୍ୟ ସାମ୍ବାଦିକ ସଂଘ ଏସୟୁଜେ ଓଡ଼ିଶାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ମତ ପ୍ରକାଶ ପାଇଛି। ଗଣମାଧ୍ୟମ ବିପନ୍ନ ହେଲେ ଗଣତନ୍ତ୍ର ଦୁର୍ବଳ ହୁଏ। ସାମ୍ବାଦିକଙ୍କ ସର୍ବ ନିମ୍ନ ଦାବିକୁ ସରକାର ପୂରଣ କରିବା ସହିତ ସେମାନଙ୍କ ସୁରକ୍ଷା ଓ ଜୀବନ ଜୀବିକା ପ୍ରତି ସଚେତନ ରହିବାକୁ ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମତ ବ୍ୟକ୍ତ କରିଛନ୍ତି। ଏସୟୁଜେ ଓଡିଶା ରାଜ୍ୟ ସଭାପତି କୈଳାଶଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ସ୍ୱତନ୍ତ୍ର ଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଆନନ୍ଦପୁର ଏସଡିପିଓ କମଲ କୁମାର ପଣ୍ଡା, ଜାତୀୟ ସାମ୍ବାଦିକ ୟୁନିଅନ ଏନୟୁଜେ ଇଣ୍ଡିଆର ସଂଗଠନ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ କୁମାର ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରୀ ସଭାପତି କୀର୍ତ୍ତିଚନ୍ଦ୍ର ସାହୁ, ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶିଭୂଷଣ ଷଡ଼ଙ୍ଗୀ, ଉପସଭାପତି ବାସୁଦେବ ତ୍ରିପାଠୀ, ସମରେଶ ମିଶ୍ର ପ୍ରମୁଖ ଭୁବନେଶ୍ୱରରେ ଏକ ସାମ୍ବାଦିକ ଅତିଥି ଭବନ ନିର୍ମାଣ ପାଇଁ ଦାବି କରିଥିଲେ। କାର୍ଯ୍ୟକ୍ରମରେ ସୁସଂଗଠକ ପ୍ରଦୀପ କୁମାର ସାହୁ, ସମାଜସେବୀ ସରୋଜ କୁମାର ସାହୁ, ନୃତ୍ୟଗୁରୁ ଜିତୁ ଦାଶଙ୍କ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବୀଣାପାଣି କଳାନିକେତନର କଳାକାର, ଉପସ୍ଥାପିକା ସୌମ୍ୟଶ୍ରୀ ଚାଟାର୍ଜିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରୟାଗରାଜ କର ସାମ୍ବାଦିକଙ୍କ ସମସ୍ୟା ସମାଧାନ ପାଇଁ ରାଜ୍ୟର ସମସ୍ତ ସଂଘ ଏକତ୍ରିତ ହୋଇ ସ୍ୱର ଉଠାଇବାକୁ ପ୍ରସ୍ତାବ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବାରେ ଏସୟୁଜେ କେନ୍ଦୁଝର ଶାଖାର ବରିଷ୍ଠ ଉପସଭାପତି କିଶୋର ଆଚାର୍ଯ୍ୟ, ବରିଷ୍ଠ ସଭ୍ୟ ଗୋପାଳକୃଷ୍ଣ ରାଉତ, ନାରାୟଣ ସାହୁ, ସନ୍ତୋଷ ରାଉତ, ସ୍ୱପ୍ନେଶ୍ୱର ପଣ୍ଡା, ଗତିକୃଷ୍ଣ ଭୂୟାଁ, ସତ୍ୟଜିତ ସାହୁ, ଉପେନ୍ଦ୍ର ସାହୁ, ରାଜକିଶୋର ସାହୁ, ସୁଶାନ୍ତ ସାହୁ, ସ୍ମୃତିରଞ୍ଜନ ବିହାରୀ, ପାର୍ଥସୌରଭ ସା, ରଞ୍ଜନ ସା, ଉମାକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କେନ୍ଦୁପଶିରେ ସ୍ୱାସ୍ଥ୍ୟ ଶିବିର

କେନ୍ଦୁଝର, ୫।୪(ସମିସ): ଟିପିଏନ୍‌ଓଡିଏଲ୍ ସିଏସ୍ଆର୍ କେନ୍ଦୁଝର ମୁଖ୍ୟ ଶିବା ମୁଖୀଙ୍କ ନେତୃତ୍ୱରେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପଶି ଗ୍ରାମରେ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଡା ବିଶ୍ୱଜିତ ବେହେରା, ଫାର୍ମାସିଷ୍ଟ ସବ୍ୟବ୍ରତ ସାହୁ, ଏଏନ୍‌ଏମ୍ ଲକ୍ଷ୍ମୀପ୍ରିୟା ଜେନା, ଗାଡି ଚାଳକ ଚିନ୍ମୟ ଗିରି ଏଥିରେ ସାମିଲ ହୋଇଥିଲେ। ୧୨୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରିଥିଲେ। ୱାର୍ଡମେମ୍ବର ଦୁର୍ଯ୍ୟୋଧନ ପାତ୍ର, ଚନ୍ଦନ ଦାସ, ପଦ୍ମଲୋଚନ ପାତ୍ର, ବୁଦ୍ଧଦେବ ପାତ୍ର, ଯଶୋବନ୍ତ ପାତ୍ର ଉପସ୍ଥିତ ଥିଲେ।

# ଯୁବକଙ୍କ ଅକାଳ ବିୟୋଗ

ତୁରୁମୁଙ୍ଗା, ୫।୪(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଝରବେଡା ଗ୍ରାମରେ ଭିଣୋଇ ଘରେ ରହି ତୁରୁମୁଙ୍ଗା ବଜାରରେ ହଟେଲରେ କାମ କରି ଚଳୁଥିବା ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା କାଶିପାଳ ଗ୍ରାମର ପ୍ରମୋଦ ମହାକୁଡ଼(୩୫)ଙ୍କ ଶନିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। କିଛି ଦିନ ହେବ ସେ ଟିବି ରୋଗରେ ଆକ୍ରାନ୍ତ ହୋଇଥିଲେ। ଗତ ଶୁକ୍ରବାର ସେ ଅସୁସ୍ଥ ଅନୁଭବ କରିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେରେ ଭର୍ତ୍ତି କରାଯାଇଥିଲା। ତୁରୁମୁଙ୍ଗା ଥାନା ଏଏସଆଇ ଦେବେନ୍ଦ୍ର ମୁର୍ମୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ୧୨/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ





ବାଲିବନ୍ଧ, ୫।୪ (ସମିସ):

ଝୁମ୍ପୁରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ଏବଂ ଶିକ୍ଷା ସଚେତନତା ରଥ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଝୁମ୍ପୁରା ବିଡିଓ ହୃଦାନନ୍ଦ ଅଡା ମୁଖ୍ୟଅତିଥି, ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ମିଶ୍ର, ସହଗୋଷ୍ଠୀ ଶିକ୍ଷାଧିକାରୀ ନବକିଶୋର ସାମଲ, ଜୟନ୍ତୀ କୁମାରୀ ମଲ୍ଲିକ, ମୁଖ୍ୟମନ୍ତ୍ରୀଙ୍କ ଝୁମ୍ପୁରା ବ୍ଲକ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରାକାର ବେହେରା, ଅବସରପ୍ରାପ୍ତ ଏବିଓ ବିଜୟାନନ୍ଦ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀପକ ସାହୁ, ଉପସଭାପତି ଗୀତାଞ୍ଜଳି ପାତ୍ର, ପଞ୍ଚସଖା ଶିକ୍ଷାସେତୁ କମିଟି ଉପସଭାପତି ସମରେନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

**ଆନନ୍ଦପୁର:** ଆନନ୍ଦପୁର ବ୍ଲକ ବାଉଁଶଗଡ଼ ନୂଆସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଅଭିଭାବକମାନେ ପିଲାମାନଙ୍କୁ ଧରି ପହଞ୍ଚିବା ପରେ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ନାୟକ, ଶିକ୍ଷୟତ୍ରୀ ନୀଳନ୍ଦ୍ରି ନାଏକ ସମ୍ବର୍ଦ୍ଧନା ଜଣାଇଥିଲେ। ଅଙ୍ଗନବାଡ଼ିରୁ ଆସିଥିବା ପିଲାଙ୍କୁ ବାଲ ବାଟିକାରେ ନାମ ଲେଖାଯାଇ ଖଡ଼ିଛୁଆଁ ପର୍ବ ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ସଭାପତି ପରେଶ ଖଟୁଆ, ବୁଦ୍ଧିଜୀବୀ ମଣିଚରଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଙ୍ଗନବାଡ଼ି ଦିଦି ପ୍ରତିମା ଦେହୁରୀ, ଗ୍ରାମର ଯୁବକଯୁବତୀ ଅଂଶଗ୍ରହଣ କରିଥିଲେ। ସେହିପରି ବାଲିବରୁଆଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧକ୍ଷ ଶମ୍ଭୁପ୍ରସାଦ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ପ୍ରଶାନ୍ତ ନାଥ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଏହି ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ କର, ସ୍ୱପ୍ନାମୟୀ ସାହାଣୀ, ଜୟଶ୍ରୀ ସାହୁ, ଶିକ୍ଷକ ସଞ୍ଜୟ ରାଉତ ଏବଂ ଅତିଥି ଶିକ୍ଷୟିତ୍ରୀ ଦୀପ୍ତିମୟୀ ନାୟକ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀମାନେ ଅଭିଭାବକମାନଙ୍କ ସହ ସୁସମ୍ପର୍କ ରକ୍ଷା କରି ପିଲାମାନଙ୍କର ଶୈକ୍ଷିକ ବିକାଶ ପାଇଁ ସହଯୋଗ କରିବାକୁ ନିବେଦନ କରିଥିଲେ।

### କୋଟିଆରେ ଆନ୍ଧ୍ର ଅଧିକାରୀଙ୍କ ପୁଣି ଅନୁପ୍ରବେଶ

# ଆନ୍ଧ୍ର ଯୋଜନା ନେଇ ଲୋକଙ୍କ ସହ କଲେ ଆଲୋଚନା





ପଟାଙ୍ଗି,୫।୪(ସମିସ): ଦୀର୍ଘ ଦିନ ପରେ ପୁନର୍ବାର କୋଟିଆରେ ଆନ୍ଧ୍ର ଅଧିକାରୀଙ୍କ ଅନୁପ୍ରବେଶ ଦେଖିବାକୁ ମିଳିଛି। ଓଡ଼ିଶା ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆରେ ଆନ୍ଧ୍ର ଅଧିକାରୀ ଅନୁପ୍ରବେଶ କରିବା ସହ ଆନ୍ଧ୍ର ଯୋଜନା ଏବଂ ମସା ନିରାକରଣ ପାଇଁ କଲେ ସଚେତନତା କାର୍ଯ୍ୟକ୍ରମ। ସୂଚନା ଅନୁଯାୟୀ, ଆନ୍ଧ୍ର ପ୍ରଦେଶର ପାର୍ବତିପୁରମ୍ ମାନ୍ୟମ୍ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ସାଲୁର ମଣ୍ଡଳ ତଥା ବ୍ଲକର ଏମ୍‌ପିଡିଓ ଗୋଲେପାଲି ପାର୍ବତୀ ଏବଂ ମଣ୍ଡଳ ସ୍ୱତନ୍ତ୍ର ଅଧିକାରୀ ପ୍ରସାଦଙ୍କ ସମେତ ବିଭିନ୍ନ ଆନ୍ଧ୍ର ଅଧିକାରୀ ମାନେ କୋଟିଅ ରେ ଅନୁପ୍ରବେଶ କରିଛନ୍ତି। ସେମାନେ କୋଟିଆ, ଉପରସେମ୍ବୀ, ଗଞ୍ଜେଇପୋଦର ଆଦି ଗ୍ରାମ ଗୁଡ଼ିକ ଗସ୍ତ କରିଛନ୍ତି। ସେଠାରେ ସ୍ଥାନୀୟ ଅଧିବାସୀଙ୍କ ସହ ଆଲୋଚନା କରିଥିଲେ ଏବଂ ମଶା ନିରାକରଣ କରିବା ପାଇ ଶୁଷ୍କ ଦିବସ ପାଳନ କରିଥିବା ନେଇ ସୂଚନା ମିଳିଛଇ। ଉକ୍ତ ଗସ୍ତ ସମୟରେ ଓଡ଼ିଶା ନାମ ଫଳକ ସମ୍ମୁଖରେ ଅଧିକାରୀ ଗଣ ଠିଆ ହୋଇ ଫଟୋ ଉଠାଇଥିବା ଦେଖିବାକୁ ମିଳିଛି। ପ୍ରକାଶଥାଉକି ଚଳିତ ବର୍ଷ ଫେବୃଆରୀ ୧୪ ରିଖ ଦିନ ଆନ୍ଧ୍ର କିଷାନ କାର୍ଡ ସର୍ଭେ ନିମନ୍ତେ ଅନୁପ୍ରବେଶ କରିଥିଲେ ଆନ୍ଧ୍ର ଅଧିକାରୀ। ଆନ୍ଧ୍ର କୃଷି ବିଭାଗ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କୁ ଏକାଠି କରିଥିଲେ। ଅଧିକାରୀ ଗଣ ନିଜ ସହ ଆଣିଥିବା କାଗଜପତ୍ର ସହ ଗ୍ରାମବାସୀଙ୍କ ଆଧାର କାର୍ଡ ଯାଞ୍ଚ କରି ପିଏମ୍ କିଷାନ କାର୍ଡ ଲାଗି ସର୍ଭେ କରୁଥିଲେ। ଉକ୍ତ ଘଟଣା ନେଇ ପଟାଙ୍ଗି ବିଡିଓ ରାମ କୃଷ୍ଣ ନାୟକଙ୍କୁ ସୂଚନା ପହଞ୍ଚିଥିଲା। ତୁରନ୍ତ ଘଟଣା ସ୍ଥଳରେ କୋଟିଆ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ କଣ୍ଡା ଗୋଲରୀ ଏବଂ ଏଡିଓ ସୁକାନ୍ତ କୁମାର ରୂଢିଙ୍କୁ ପଠାଇଥିଲେ। ଉକ୍ତ ଅଧିକାରୀ ଗଣ ପହଞ୍ଚି ଆନ୍ଧ୍ର ଅଧିକାରୀଙ୍କୁ ବିରୋଧ କରିବା ପରେ ସେମାନେ ଫେରିଯାଇଥିଲେ। ଦୀର୍ଘଦିନ ପରେ ପୁନର୍ବାର ଆନ୍ଧ୍ର ଅଧିକାରୀଙ୍କ ଅନୁପ୍ରବେଶ କରିଥିବା ଦେଖିବାକୁ ମିଳିଛି।

## ଭାଷା ଓ ସଂସ୍କୃତିଭିତ୍ତିକ ପ୍ରତିଯୋଗିତା



ନବରଙ୍ଗପୁର,୫।୪(ସାମିସ): ସ୍ଥାନୀୟରାଜା ଚୈତନ୍ୟଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ସୀମାନ୍ତ ସାହିତ୍ୟ ପରିବାର' ଆନୁକୂଲ୍ୟରେ ଆନ୍ତଃ ଉଚ୍ଚ ବିଦ୍ୟାଳୟ ଏବଂ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ଓ ସଂସ୍କୃତି ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା ଓଡ଼ିଆ ଶୁଦ୍ଧ ବନାନ ଲିଖନ, ଓଡ଼ିଆ କୁଇଜ୍, ଓଡ଼ିଆ କ୍ଷୁଦ୍ର ଗଳ୍ପ ଓ କବିତା, ଓଡ଼ିଆ ଦେଶାତ୍ମବୋଧକ କଣ୍ଠ ସଙ୍ଗୀତ ଏବଂ ନବରଙ୍ଗପୁର ସଂସ୍କୃତି ଭିତ୍ତିକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୧୦୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା କୃତି ପ୍ରତିଯୋଗୀଙ୍କୁ ଆସନ୍ତା ଏପ୍ରିଲ ୧୪ ବିଷୁବ ସୀମାନ୍ତ ସାହିତ୍ୟ ତଥା ଓଡ଼ିଆ ନବ ବର୍ଷ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମକୁ ସୀମାନ୍ତ ସାହିତ୍ୟ ପରିବାରର ଅଶୋକ ପଟ୍ଟନାୟକ, ଜି. ଭେଙ୍କେଟ ରେଡ୍ଡୀ, ସୁରେଶ ମିଶ୍ର, ରାମକୃଷ୍ଣ ପାତ୍ର, ରଘୁନାଥ ଶତପଥୀ, ଦିଲ୍ଲୀପ କୁମାର ପାଣିଗ୍ରାହୀ, ଆଶୁତୋଷ ପାତ୍ର,ବସନ୍ତ ବେନ୍ୟା, ପି. ରବିକାନ୍ତ ରଘୁରାମ, ଦୁର୍ଗା ପ୍ରସାଦ ପାଢ଼ୀ ପରିଚାଳନା କରିଥିଲେ। ପର୍ଶୁରାମ ସାହୁଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ । ସଂଯୁକ୍ତା ପଣ୍ଡା, ଦିଲୀପ କୁମାର ଦାଶ ଏବଂ ଡିସିବି ବ୍ୟାଙ୍କ ଶାଖା ପରିଚାଳକ ପ୍ରମୁଖ ପୃଷ୍ଠ ପୋଷକତା କରିଥିଲେ।

# ନବରଙ୍ଗପୁର ଜିଲ୍ଲା ଶିଶୁ ମଙ୍ଗଳ କମିଟି ଗଠିତ









ନବରଙ୍ଗପୁର,୫।୪(ସମିସ): ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ କରାଯାଇ ନବରଙ୍ଗପୁର ଜିଲ୍ଲା ଶିଶୁ ମଙ୍ଗଳ କମିଟି ଆଗାମୀ ତିନି ବର୍ଷ ପାଇଁ ଗଠିତ ହୋଇଛି। ଏହି କମିଟିରେ ଜଣେ ଅଧ୍ୟକ୍ଷା ଓ ଚାରି ଜଣ ସଦସ୍ୟ ନିଯୁକ୍ତ ହୋଇଛନ୍ତି। ଅଧ୍ୟକ୍ଷା ଭାବେ ଅନ୍ନପୂର୍ଣ୍ଣା ପାତ୍ର ନିଯୁକ୍ତି ହୋଇଥିବା ବେଳେ ସଦସ୍ୟ ଭାବେ ଅନୁପମା ମଲ୍ଲିକ, ସାନୁଜ କୁମାର ପାତ୍ର, ସିଦ୍ଧାର୍ଥ ଶଙ୍କର ବେହେରା ଓ ସ୍ନେହଲତା ପଟ୍ଟନାୟକଙ୍କୁ ସରକାରଙ୍କ ତରଫରୁ ନିଯୁକ୍ତ କରାଯାଇଛି। ପୂର୍ବ କମିଟି ଅଧ୍ୟକ୍ଷ ଓ ସଦସ୍ୟଙ୍କ କାର୍ଯ୍ୟ କାଳ ଶେଷ ହେବା ପରେ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ ଅଧୀନରେ ଗଠିତ ଏହି ସ୍ୱୟଂଶାସିତ ସଂସ୍ଥା, ଯାହା ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କ ଉଦ୍ଧାର, ଥଇଥାନ, ସୁରକ୍ଷା ଏବଂ ସେମାନଙ୍କ ସର୍ବୋତ୍ତମ ସ୍ୱାର୍ଥ ପାଇଁ କାର୍ଯ୍ୟ କରେ। ପୁଲିସ୍, ଚାଇଲ୍ଡ ଲାଇନ୍, କିମ୍ବା ସମାଜସେବୀଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ଗ୍ରହଣ କରିବା ଏବଂ ସେମାନଙ୍କର ସୁରକ୍ଷା ନିଶ୍ଚିତ କରିବା ସହ ଏହି କମିଟି ୨୪ ଘଣ୍ଟା ମଧ୍ୟରେ ଉଦ୍ଧାର ହୋଇଥିବା ଶିଶୁଙ୍କୁ ପରିବାରକୁ ଫେରାଇବା କିମ୍ବା ଉପଯୁକ୍ତ ସଂସ୍ଥାରେ ରଖିବା ନିଷ୍ପତ୍ତି ନିଏ। ଶିଶୁର ପରିବାର ସନ୍ଧାନ କରି ସେମାନଙ୍କୁ ଶିଶୁକୁ ହସ୍ତାନ୍ତର କରିବା କିମ୍ବା ଆବଶ୍ୟକ ସ୍ଥଳେ ଶିଶୁ ଯତ୍ନ ଅନୁଷ୍ଠାନରେ ରଖିବାର ବନ୍ଦୋବସ୍ତ ଏହି କମିଟି ଦ୍ୱାରା ହୋଇଥାଏ। ଶିଶୁଙ୍କୁ ସେମାନଙ୍କ ଅଧିକାର ବିଷୟରେ ଅବଗତ କରାଇବା ଏବଂ ସେମାନଙ୍କୁ ଆଇନଗତ ସୁରକ୍ଷା ପ୍ରଦାନ କରିବା, ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କ ପାଇଁ ସର୍ବୋତ୍ତମ ବିକଳ୍ପ ଖୋଜିବା ଏବଂ ଶିଶୁଙ୍କ ଯତ୍ନ, ଥଇଥାନ ଏବଂ ସୁରକ୍ଷା ପାଇଁ ଦାୟିତ୍ୱ ନେବା ଏହି ସଂସ୍ଥାର ପ୍ରମୁଖ କାର୍ଯ୍ୟ।

## ଗକୁଲମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



ଟିକିରି, ୫।୪(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ପଞ୍ଚାୟତ ଅନ୍ତର୍ଗତ ଗକୁଲମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମରସିଂ ନାୟକ ଓ ସିଏସ୍ଆର ହେଡ୍ ଲୋପାମୁଦ୍ରା ମିଶ୍ର ,ମୁଖ୍ୟବକ୍ତା ଜୟପୁରର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ନବୀନ ଖରା, (ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ,ପବିତ୍ର ମୋହନ ନାଏକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପସ୍ଥିତ ରହିଥିଲେ। ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ସୁଦର୍ଶନୀ ଖୋସଲା ଓ ଶିକ୍ଷକ ଅନନ୍ତ ଷଡ଼ଙ୍ଗୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇ ଉପହାର ଦିଆଯାଇଥିଲା। ବିଦ୍ୟାଳୟର ୪୬ ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ଅତିଥି ମାନଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସୌମ୍ୟ ରଞ୍ଜନ ସାହୁ ,ଶମ୍ଭ ମାଝୀ ,ବ୍ଲକ୍ ଅଧ୍ୟକ୍ଷ କଣ୍ଠ ମାଝୀ , ଟିକିରି ସରପଞ୍ଚ ଜଗବନ୍ଧୁ ମାଝୀ ,କାର୍ତ୍ତିକ ବେହେରା ସିଆରସିସି , ସଞ୍ଜୟ ବେହେରା, ପ୍ରଧାନ ଶିକ୍ଷକ ଥୁଟିବର, ଲୋଚନ ଖରା, ପ୍ରଧାନ ଶିକ୍ଷକ କାଶିପୁର,ନିରଞ୍ଜନ ନାୟକ ଅତିରିକ୍ତ କୃଷି ଅଧିକାରୀ ଉପସ୍ଥିତ ଥିଲେ। ସୁବାସ ନାୟକ, ପ୍ରୀତିସ୍ନିଗ୍ଧା ସାହୁ, ଶର୍ମିଷ୍ଠା ମାଝୀ, ମାଧବ ଦୋରା, ନିର ସାହୁ, ଏସ୍ଏମ୍ସି କମିଟି ସଭ୍ୟ ସଭ୍ୟା ସହଯୋଗ କରିଥିଲେ। ନିରଞ୍ଜନ ତ୍ରିପାଠୀ ଓ ପ୍ରଶାନ୍ତ ଦାଶ ମଞ୍ଚ ପରିଚାଳନା କରିଥିଲେ।

## ତେନ୍ତୁଳି ଗଛରୁ ପଡ଼ି ବୃଦ୍ଧ ଗୁରୁତର

ଉମରକୋଟ,୫।୪ (ସମିସ): ବର୍ତ୍ତମାନ ଚାଲିଛି ତେନ୍ତୁଳିର ସିଜନ୍। ତେନ୍ତୁଳି ବିକ୍ରି କରି ଦି ପଇସା ରୋଜଗାର କରିଥାନ୍ତି କିଛି ଲୋକେ। ଜୀବନକୁ ବାଜି ଲଗାଇ ତେନ୍ତୁଳି ଗଛରେ ଚଢି ତେନ୍ତୁଳି କାଢିଥାନ୍ତି ଲୋକେ। ତେନ୍ତୁଳି ଗଛରୁ ତେନ୍ତୁଳି କାଢୁଥିବା ସମୟରେ ତେନ୍ତୁଳି ଗଛରୁ ପଡି ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍‌ରେ। ବୃଦ୍ଧ ଜଣକ ହେଲେ ନାଗ ଯୋଡି ଗ୍ରାମର ଲଛମନ ଭତରା (୬୦)। ସୂଚନା ଅନୁସାରେ ଲଛମନ ତେନ୍ତୁଳି ଗଛରେ ଚଢି ତେନ୍ତୁଳି ତୋଳୁଥିଲେ। ଏହି ସମୟରେ ଅସାବଧାନତା ଯୋଗୁଁ ଗୋଡ ଖସିଯିବାରୁ ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ଲଛମନ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଲଛମନଙ୍କ ଅଣ୍ଟା ଭାଙ୍ଗି ଯାଇଛି। ପ୍ରାଥମିକ ଚିକିତ୍ସା ପରେ ଲଛମନକୁ ମେଡିକାଲ କର୍ତ୍ତୃପକ୍ଷ ଭଲ ଡାକ୍ତରଖାନାରେ ଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ପରିବାର ଲୋକଙ୍କ ପାଖରେ ଆର୍ଥିକ ସମ୍ବଳ ନଥିବାରୁ ଲଛମନକୁ ବାହାରକୁ ନନେଇ ଘରକୁ ନେଇ ପଳାଇ ଯାଇଥିଲେ।

## ଦଶମନ୍ତପୁର ବ୍ଲକ୍ ଅଞ୍ଚଳରେ ଇଷ୍ଟର ପର୍ବ



ପୋଡ଼ାଗଡ଼,୫।୪(ସମିସ): ଦଶମନ୍ତପୁର ବ୍ଲକ ଅଧିନସ୍ଥ ପ୍ରତ୍ୟେକ ପଞ୍ଚାୟତର ବିଭିନ୍ନ ଚର୍ଚ୍ଚରେ ଆଡମ୍ବରରେ ଇଷ୍ଟର ବା ପୁନରୁତ୍ଥାନ ପର୍ବ ପାଳିତ ହୋଇଛି। ଏହି ପର୍ବରେ ପାହାନ୍ତିଆ ୪.୩୦ ମିନିଟ ସମୟରେ ପ୍ରତ୍ୟେକ ଚର୍ଚ୍ଚରୁ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମର ପୁରୁଷ ମହିଳା ଓ ଯୁବକ ଯୁବତୀ ମିଶି ସମାଧି ସ୍ଥଳକୁ ଯାଇଥିଲେ। ସେଥିରେ ଯାଇ ନିଜ ନିଜର ମୃତ୍ୟୁବରଣ କରିଥିବା ଆତ୍ମୀୟ ସଜନ ମାନଙ୍କର ସମାଧିରେ ପୁଷ୍ପ ଗୁଚ୍ଛ ସହ ମାଳଦେଇ ଧୂପ କାଠି କଣ୍ଡେଲ୍ ଜାଳିବା ପରେ ଉପାସନା ଆରମ୍ଭ କରିଥିଲେ। ଏହି ସବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସ୍ଥାନୀୟ ପାଳକ କାର୍ଯ୍ୟକାରୀ ଓ ପ୍ରାଚୀନ ମାନେ। ଦଶମନ୍ତପୁର ବ୍ଲକର ପରଜା ସୁକୁ ପୋଡ଼ାଗଡ ବିଲାନ୍ ସିଲ୍ ମୁଜଙ୍ଗ ପ୍ରମୁଖ ଚର୍ଚ୍ଚ ମାନଙ୍କରେ ପାଳିତ ହୋଇଛି। ପରଜା ସୁକୁ ପ୍ରଧାନ ମଣ୍ଡଳୀରେ ପରିଚାଳନା କରିଥିଲେ ସ୍ଥାନୀୟ ପରିଚାଳକ ରେଭ୍ ରେଣ୍ଡ ରବୀନ୍ଦ୍ର ଚେଟି। ପୋଡ଼ା ଗଡ ପ୍ୟାରିସରେ ପରିଚାଳନା କରିଥିଲେ ପାଳକ ରେଭ୍ ରଶ୍ମିରଞ୍ଜନ ଲିମା, ବିଲାନ ସିଲ୍ ପ୍ୟାରିସରେ ପରିଚାଳନା କରିଥିଲେ ରେବ ହୋସଅ ଭତ୍ରା ଓ ମୁଜାଙ୍ଗା ପ୍ୟାରିସରେ ପରିଚାଳନା କରିଥିଲେ ରେବ ପ୍ରମଦ କଛପ। ସେହିପରି କୋରାପୁଟ ସଦର ବ୍ଲକ ଅଧିନସ୍ଥ ବଙ୍ଗଳା ଗୁଡା ପ୍ୟାରିସରେ ଧୁମ୍‌ଧାମରେ ପାଳନ କରାଯାଇଛି। ଏହି ଗ୍ରାମରେ ସକାଳ ତଥା ପାହାନ୍ତିଆ ୪.୩୦, ମିନିଟ ସମୟରେ ସ୍ଥାନୀୟ ଚର୍ଚ୍ଚରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସମାଧି ସ୍ଥଳକୁ ଯାଇଥିଲେ। ଏଥିରେ ଗ୍ରାମ ସହ ଆଖ ପାଖର ଲୋକ ସାମିଲ ହେ ଇଥିଲେ। ସମାଧି ସ୍ଥଳକୁ ପହଞ୍ଚି ପ୍ରଥମେ ଗ୍ରାମର ସମସ୍ତ ଲୋକ ମହାନିଦ୍ରା ପ୍ରାପ୍ତ ନିଜ ନିଜ ଆତ୍ମୀୟ ସ୍ୱଜନଙ୍କର ସମାଧି ସ୍ଥଳରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହ କ୍ୟାଣ୍ଡେଲ ଓ ଧୂପ କାଠି ଜାଳି ଥିଲେ। ପରେ ସମାଧି ସ୍ଥଳରେ ଏକ ସାଧାରଣ ଉପାସାନ କାର୍ଯ୍ୟ କରାଯାଇଥିଲା। ପରେ ଗ୍ରାମବାସୀ ସମାଧିରୁ ଫେରି ଠିକ୍ ୧୦.୩୦ ମିନିଟ ସମୟରେ ସ୍ଥାନୀୟ ଜୟଲୁମ୍ ଗୀର୍ଜାରେ ମୁଖ୍ୟ ଉପାସନା କରିଥିଲେ। ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ସ୍ଥାନୀୟ ପାଳକ ରେଭ୍ ସାନ୍ତୁନୁ କୁମାର ସୁନା।

## ହାଲ୍ ଏସ୍‌ସି, ଏସ୍‌ଟି ଏମ୍ପ୍ଲଇଜ୍ ଓ ଅଫିସର ଏସୋସିଏସନ୍‌ର ରକ୍ତଦାନ ଶିବିର



ସେମିଲିଗୁଡା/ସୁନାବେଡ଼ା, ୫।୪ (ସମିସ): ଭାରତ ରତ୍ନ ଡ. ବାବା ସାହେବ ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ଉପଲକ୍ଷେ ହାଲ ଏସ୍‌ସି, ଏସ୍‌ଟି ଏମ୍ପ୍ଲୋଇଜ ଓ ଅଫିସର ଏସୋସିଏସନ୍ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରକୁ ସୁନାବେଡା ହାଲ ହସ୍‌ପିଟାଲର ବରିଷ୍ଠ ଚିକିତ୍ସାଧିକାରୀ ଡାକ୍ତର ପାର୍ଥ ସାରଥୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରି ସ୍ୱେଚ୍ଛାକୃତ ରକ୍ତଦାନର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ହାଲ ଏସସି ଏସଟି ଏସୋସିଏସନର ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ସେଠୀ, ବରିଷ୍ଠ କର୍ମକର୍ତ୍ତା ବିଚା ଓରାମ, ବିମଳ କୁମାର ମୁଣ୍ଡା, ବଳରାମ ଚମ୍ପିଆଙ୍କ ସମେତ ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍‌ର ବରିଷ୍ଠ କର୍ମକର୍ତ୍ତା ଶେଖ ଇବ୍ରାହିମ , ସ୍ୱରାଜ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ଆସୋସିଏସନ୍‌ର କର୍ମକର୍ତ୍ତା, ସଦସ୍ୟ, ଅନେକ ଦମ୍ପତି , ମହିଳା ଓ ଯୁବ ବର୍ଗର ରକ୍ତଦାତା ରକ୍ତଦାନ କରିଥିଲେ। ଶିବିରକୁ ସାଫଲ୍ୟ ମଣ୍ଡିତ କରିବାରେ ସଂଗଠନର ସଦସ୍ୟ ଗୌରହରି ଗଗରାଇ ପ୍ରଫୁଲ୍ଲ ନାୟକ, ଭାନୁ ଚରଣ ବେହେରା, କଲ୍ୟାଣ ନାୟକ, ଉପେନ୍ଦ୍ର ନାୟକ ବିଶେଷ ଭାବେ ସହଯୋଗ କରିଥିଲେ। ଏହି ଅବସରରେ ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍ ପକ୍ଷରୁ ଶିବିର ଆୟୋଜକଙ୍କ ବରିଷ୍ଠ କର୍ମକର୍ତ୍ତାଙ୍କୁ ଉପଢୌକନ ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ହସପିଟାଲ ରକ୍ତ କେନ୍ଦ୍ରର କର୍ମକର୍ତ୍ତା ସୁଶିଲା ଶବର, ରଘୁନାଥ ଗଣ୍ଡ, ଅଜିତ୍ କୁମାର ଗୌଡ଼ ଏବଂ ରବୀନ୍ଦ୍ର ମିଶ୍ର ୫୦ ଜଣ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ।

## କୋରାପୁଟ ଜିଲ୍ଲାରେ ଇଷ୍ଟର ପାଳିତ



କୋରାପୁଟ,୫।୪(ସମିସ) କୋରାପୁଟ ଜିଲ୍ଲାର ଖ୍ରୀଷ୍ଟିଆନ ଧର୍ମାଲବମ୍ବୀ ମାନେ ଆଡମ୍ବର ସହକାରେ ଇଷ୍ଟର ବା ଉତ୍‌ଥାନ ପର୍ବ ପାଳନ କରିଛନ୍ତି। ପ୍ରଭୁ ଯୀଶୁ ଗୁଡ୍ ଫ୍ରାଇଡେ ପୂର୍ବରାତିରେ କ୍ରୁଶବିଦ୍ଧ ହୋଇ ପ୍ରାଣ ତ୍ୟାଗ କରିବାର ୭୨ ଘଣ୍ଟା ପରେ ରବିବାର ପାହାନ୍ତିଆରେ ପୁର୍ନଜନ୍ମ ନେବାର ବିଶ୍ୱାସକୁ ନେଇ ଖ୍ରୀଷ୍ଟ ଧର୍ମର ଲୋକେ ଖୁସିରେ ଇଷ୍ଟର ବା ଉତ୍‌ଥାନ ପର୍ବ ପାଳନ କରନ୍ତି। ଆଜି ସକାଳୁ ସମସ୍ତେ ଶ୍ମଶାନକୁ ଯାଇ ନିଜର ପରଲୋକଗତ ସମ୍ପର୍କୀୟ ମାନଙ୍କ କବରରେ କ୍ୟାଣ୍ଡେଲ, ଧୂପକାଠି ଜଳାଇ ସ୍ମୃତିଚାରଣ କରିବା ସହ ଗରିବ ମାନଙ୍କୁ ଖାଦ୍ୟ ବସ୍ତ୍ର ଦାନ କରି ଥାଆନ୍ତି। ପରମ୍ପରା ଅନୁଯାୟୀ ଇଷ୍ଟରରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକେ ନୂତନ ବସ୍ତ୍ର ପରିଧାନ କରି ଆମ୍ବ ନୂଆ ଖାଇ ଥାଆନ୍ତି। କୋରାପୁଟ ସମେତ ଜିଲାର ଜୟପୁର, କୋଟପାଡ, ସୁନାବେଡା,ଦାମନଯୋଡି, ସେମିଲିଗୁଡା, ବୋରିଗୁମା , ଲକ୍ଷ୍ମୀପୁର ଇତ୍ୟାଦି ସହରରେ ଧୁମ୍‌ଧାମରେ ଇଷ୍ଟର ପାଳନ ହୋଇଛି।

### ଶିକ୍ଷା ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପୂରଣ ହେବ କେବେ?

# ସହିଦ ମାଟିରେ ବଢୁଛି ଡ୍ରପ୍‌ଆଉଟ୍ ସଂଖ୍ୟା




ବୈପାରୀଗୁଡ଼ା,୫।୪(ସମିସ): ଶିକ୍ଷା ଅଧିକାର ଆଇନ ଅନୁଯାୟୀ ପ୍ରତ୍ୟେକ ପଞ୍ଚାୟତରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଖଲିବାର ବ୍ୟବସ୍ଥା ରହିଛି । କିନ୍ତୁ କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣ ନାୟକଙ୍କ ଜନ୍ମ ମାଟି ତେନ୍ତୁଳିଗିମ୍ମା ପଞ୍ଚାୟତରେ ଶିକ୍ଷା ବିଭାଗ ପକ୍ଷରୁ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ନାହିଁ। ଫଳରେ ଏହି ସଂଗ୍ରାମ ମାଟିର ତଥା ପଞ୍ଚାୟତର ଛାତ୍ରଛାତ୍ରୀମାନେ ଅଷ୍ଟମ ଶ୍ରେଣୀ ପାସ କରିବା ପରେ ପଡୋଶୀ ଜିଲ୍ଲା ଉପରେ ନିର୍ଭର କରିବାକୁ ପଡୁଛି। ଏଥିଲାଗି ବହୁ ସମସ୍ୟା ସମ୍ମୁଖୀନ ହେଉଛନ୍ତି ପିଲାମାନେ। ଏଣୁ ବାଧ ହୋଇ ଅଷ୍ଟମ ପରେ ଅଧିକାଂଶ ପିଲା ପାଠ ଛାଡୁଛନ୍ତି । ଶିକ୍ଷାର ଉନ୍ନତି ପାଇଁ ତେନ୍ତୁଳିଗୁମ୍ମା ସଦର ମହକୁମା ଠାରେ ସହିଦ ଲକ୍ଷ୍ମଣ ନାୟକ ଆଶ୍ରମ ବିଦ୍ୟାଳୟ ରହିଛି। ଏହି ଅନୁଷ୍ଠିନରେ ୨୩୦ରୁ ଅଧିକ ପିଲା ପଢୁଛନ୍ତି । କିନ୍ତୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଡିବା ସୁବିଧା ରହିଛି। ଉଚ୍ଚ ଶିକ୍ଷା ସୁବିଧା ନାହିଁ । ଚଳିତ ବର୍ଷ ଅଷ୍ଟମ ଶ୍ରେଣୀ ପାସ ପରେ ୬୦ ଜଣ ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟ ସ୍ଥାନ ନାହିଁ । ଏଣୁ ସେମାନେ ପଡୋଶୀ ଜିଲ୍ଲା ମାଲକାନଗିରି ଉପରେ ନିର୍ଭର କରିବାକୁ ପଡିବ। ନଚେତ ପାଠ ଛାଡିବାକୁ ପଡିବ । ସୂଚନା ଥାଉକି, ବୈପାରୀଗୁଡା ସ୍ଥିତ ତେନ୍ତୁଳିଗୁମ୍ମା ଠାରେ ଗତ ମାର୍ଚ୍ଚ ୨୯ ତାରିଖରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ ପାଳନ ହୋଇଛି । ଏହି ଅବସରରେ ଲକ୍ଷ୍ମଣ ନାୟକ ଆଶ୍ରମ ବିଦ୍ୟାଳୟ ଛାତ୍ରଛାତ୍ରୀ ବୈପାରୀଗୁଡା ବିଡ଼ିଓ ସୁବ୍ରତ ସାହୁ ଏବଂ ବ୍ଲକ ଅଧକ୍ଷ ପ୍ରଶାନ୍ତ ଗୁପ୍ତାଙ୍କୁ ହାଇସ୍କୁଲ ଆବଶ୍ୟକକୁ ନେଇ ଦାବି କରିଥିଲେ। ଏହି ଦିନ ମଞ୍ଚରେ ମଧ ତେତୁଲିଗୁମ୍ମା ଯୁବକ ସଂଘ କର୍ମକର୍ତା ମାନେ ଅତିଥିଙ୍କ ଉପସ୍ଥିତିରେ ପ୍ରଶାସନର ପ୍ରତିଶୃତିକୁ ନେଇ ପ୍ରଶ୍ନ ଉଠାଇ ଥିଲେ। ଏଥିପୂର୍ବରୁ ଗତ ନଭେମ୍ବର ୨୨ ତାରିଖ ଦିନ ସହିଦଙ୍କ ଜନ୍ମତିଥି ପାଳନ ଅବସରରେ ଓଡିଶା ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, କୋଟପାଡ଼ ବିଧାୟକ ରୁପୁ ଭତ୍ରା ଏବଂ କୋରାପୁଟ ଜିଲ୍ଲାପାଳ ମଧ ଉପସ୍ଥିତ ଥିଲେ। ଏହି ଅବସରରେ

### ହାଇସ୍କୁଲ ଖୋଲିବା ପାଇଁ ଦାବି

ତେନ୍ତୁଳିଗୁମ୍ମା ପଞ୍ଚାୟତ ଆଶ୍ରମ ବିଦ୍ୟାଳୟରେ ହାଇସ୍କୁଲ ଖଲିବା ପାଇଁ ମଞ୍ଚରେ ଘୋଷଣା କରିଥିଲେ। ଏବେ ଶିକ୍ଷା ବର୍ଷ ଆରମ୍ଭ ହୋଇଛି କିନ୍ତୁ ହାଇସ୍କୁଲ ଆରମ୍ଭ ହୋଇପାରିଲା ନାହିଁ । ବର୍ତ୍ତମାନ ଏହି ପଞ୍ଚାୟତରେ ଭେଜିନିଗୁଡା, ମାଙ୍କଡ଼ପାଣି, ଅଁଳାଗୁଡା ଆଦି ୩ ଟି ପ୍ରାଥମିକ ବିଦ୍ୟାଳୟରହିଥିବା ବେଳେ କିନ୍ତୁ ହାଇସ୍କୁଲ ବ୍ୟବସ୍ଥା ନାହିଁ । ଯଦିଓ ଅଭିଭାବକ ମାନେ ନିରକ୍ଷର କିନ୍ତୁ ସେମାନେ ସଚେତନ । ସେମାନଙ୍କ ପିଲାଙ୍କୁ ପାଠ ପଢାଇବା ପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ ପଞ୍ଚାୟତରେ ନବମ ଶ୍ରେଣୀ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ିବା ପାଇଁ କୌଣସି ବିଦ୍ୟାଳୟ ନଥିବା ଯୋଗୁଁ ପଡୋଶୀ ଜିଲ୍ଲା ମାଲକାନଗିରି ଉପରେ ନିର୍ଭର କରୁଛନ୍ତି। ନଚେତ ପିଲାମାନେ ଅଧାରୁ ପାଠ ଛାଡୁଛନ୍ତି । ନଦୀ ଆର ପଟେ ଥିବା ୬ ଖଣ୍ଡ ଗାଁ ଲୋକଙ୍କ କଷ୍ଟ ଦୁଇଗୁଣିତ କରୁଛି। ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କୁ ନେଇ ଦେଶ ଗର୍ବ କରୁଥିବା ବେଳେ ସଂଗ୍ରମ ମାଟିର ସନ୍ତାନ ଶିକ୍ଷାରୁ ବଞ୍ଚିତ ରହି ଡ୍ରପ୍‌ଆଉଟ ସଂଖ୍ୟା ବଢୁଛି । ଏନେଇ ସ୍ଥାନୀୟ ବିଇଓ ସୁକାନ୍ତି କର୍ତ୍ତମୀଙ୍କୁ ପଚାରିବାରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ଆସିଲେ ଖୋଲାଯିବ କହିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଖୋଲିବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ସାଜିଛି ଅଘୋଷିତ ଟ୍ୟାକ୍ସି ଷ୍ଟାଣ୍ଡ

ବାରିପଦା, ୫ ।୪(ସମିସ)



ଦିନ ତମାମ ହେଉଛି ଟ୍ରାଫିକ୍ ସମସ୍ୟା

ବାରିପଦା ସହରର ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସହରର ଯେକୌଣସି ସ୍ଥାନରେ ମନଇଚ୍ଛା ଗାଡ଼ି ପାର୍କିଂ ପାଇଁ ସବୁଠି ସମସ୍ୟା ସୃଷ୍ଟି ହେଉଥିବାବେଳେ ବର୍ତ୍ତମାନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଅଘୋଷିତ ଟ୍ୟାକ୍ସି ଷ୍ଟାଣ୍ଡ ପାଲଟିଛି। ଯାହାକୁ ନେଇ ଦିନ ତମାମ ଟ୍ରାଫିକ ସମସ୍ୟା ପରିଲକ୍ଷିତ ହେଉଛି।

ବାରିପଦାରୁ ବିଭିନ୍ନ ସ୍ଥାନକୁ ଲୋକଙ୍କୁ ପରିବହନ ନିମନ୍ତେ ଟ୍ୟାକ୍ସି ଚଳପ୍ରଚଳ କରିଥା'ନ୍ତି। ତେବେ ଏମାନେ ଲୋକଙ୍କୁ ନେବା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଟ୍ୟାକ୍ସି ଷ୍ଟାଣ୍ଡ କରିଛନ୍ତି। ସହରରେ ଟ୍ରାଫିକ ସମସ୍ୟା ଥିବାବେଳେ ଜିଲ୍ଲାର ମୁଖ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏପରି ଚିତ୍ର ନିୟମିତ ପରିଲକ୍ଷିତ ହେଉଛି। ଏଭଳି ସମସ୍ୟା ଦେଖି ସୁଦ୍ଧା ନିୟନ୍ତ୍ରଣ କରିବାକୁ ପୁଲିସ ପ୍ରଶାସନ ମନ ବଳାଉନାହିଁ। ନିକଟରେ ପୌରପାଳିକା ବସଷ୍ଟାଣ୍ଡ ଥିବାରୁ ବସ ଓ ଲୋକଙ୍କ ଭିଡ଼ ସହିତ ଅଘୋଷିତ ଟ୍ୟାକ୍ସି ଷ୍ଟାଣ୍ଡ ଟ୍ରାଫିକ ସମସ୍ୟାକୁ ବଢ଼ାଇ ଦେଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କ୍ୱାଟର ସମ୍ମୁଖରେ ଗାଡ଼ି ପାର୍କିଂ ନ କରିବାକୁ ନିୟୋଜିତ ଟ୍ରାଫିକ କର୍ମଚାରୀ ୨୪ ଘଣ୍ଟିଆ ପହରା ଦେଉଥିବାବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଟ୍ୟାକ୍ସିଗୁଡିକର ମେଳି ସାଜୁଛି। ନିକଟରେ ବାରିପଦା ବନଖଣ୍ଡ ଅଧିକାରୀ ଓ ପୌରପାଳିକା କାର୍ଯ୍ୟାଳୟ ଥିବାରୁ ଜନସାଧାରଣ ବିଶେଷ ଅସୁବିଧା ଭୋଗ କରୁଛନ୍ତି। ଏହି ରୁଟ ବା ରାସ୍ତା ଦେଇ ପୌରପାଳିକା ବସଷ୍ଟାଣ୍ଡରୁ ସମସ୍ତ ବସ ବାହାରି ଗନ୍ତବ୍ୟ ସ୍ଥଳକୁ ଯାଇଥା'ନ୍ତି। ଏଣୁ ରାସ୍ତାରେ ଟ୍ୟାକ୍ସି ପାର୍କିଂ ଅଡୁଆ ସୃଷ୍ଟି କରୁଛି। ପୂର୍ବରୁ ଏପରି ଅସୁବିଧା ଦୂର ପାଇଁ ସହିଦ ସ୍ମୃତି ଭବନରୁ କଚେରୀ ପର୍ଯ୍ୟନ୍ତ ଯାତ୍ରୀ ପରିବହନ କରୁଥିବା ଟ୍ୟାକ୍ସିକୁ ନୋ-ଏଣ୍ଟ୍ରି କରାଯାଇଥିଲା। ବର୍ତ୍ତମାନ ପୁଲିସ କେବଳ ଏସ୍‌ପିଙ୍କ କ୍ୱାଟର ପରିସୀମାକୁ ସୁରକ୍ଷା ଦେଇ ବାକି ସ୍ଥାନ ପାଇଁ ଆଖି ବୁଜିଛି। ବାରିପଦା ସହରରେ ଜଣେ ନିୟମିତ ଟ୍ରାଫିକ ଇନ୍‌ସପେକ୍ଟର ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାର୍କିଂ ପାଇଁ ଟ୍ରାଫିକ କର୍ମଚାରୀ କୌଣସି କଟକଣା କରୁନାହାଁନ୍ତି। ଫଳରେ ଖୁଲମଖୁଲା ଭାବେ ରାସ୍ତାରେ ପାର୍କିଂ କରି ଟ୍ୟାକ୍ସି ଷ୍ଟାଣ୍ଡ ସଜାଇଛନ୍ତି। ଜିଲ୍ଲାପାଳ, ମନ୍ତ୍ରୀ, ଅନ୍ୟ ଉଚ୍ଚପଦସ୍ଥ ଅଧିକାରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବାବେଳେ ଟ୍ରାଫିକ ଜାମରେ ଅଟକି ରହୁଛନ୍ତି। ଜିଲ୍ଲାର ମୁଖ୍ୟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରାଫିକ ସମସ୍ୟା ଲାଗି ରହିଥିବାବେଳେ ବାରିପଦା ସହରର ଟ୍ରାଫିକ ବ୍ୟବସ୍ଥାର କ'ଣ ସମାଧାନ ହେବ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଖୁମଠାଣ ଗ୍ରାମରେ ଛଉ ନୃତ୍ୟ ଓ ବାଦୀପାଲା



**ମହୁଲଡିହା, ୫।୪(ସମିସ):** ଚଇତି ପର୍ବ ନୂଆଖିଆ (ଡାଳଅଣା) ଅବସରରେ ମହୁଲଡିହା ପଞ୍ଚାୟତର ଖୁମଠାଣ ଗ୍ରାମରେ ଛଉ ନୃତ୍ୟ ଓ ମହିଳା ବାଦୀପାଲା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅନୁଷ୍ଠାନ ପକ୍ଷରୁ ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମର ଦେହୁରୀ ତପନ କୁମାର ଦେହୁରୀ ବଡାମ ଶାଳରେ ନୀତିକାନ୍ତି ଶେଷରେ ସଂସ୍କୃତି ସମ୍ପନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିଥିଲା। ସ୍ଥାନୀୟ ଓ ଆଖପାଖ ଅଞ୍ଚଳରୁ ଆସିଥିବା ଶତାଧିକ ବିଦ୍ୱାନ ଓ ସଂସ୍କୃତିପ୍ରେମୀ ଦର୍ଶକଙ୍କ ଗହଣରେ ଛଉ ନୃତ୍ୟ, ଢେଙ୍କାନାଳ ଓ ଦେବଗଡ଼ ଜିଲ୍ଲାରୁ ଆସିଥିବା ଗାୟିକା କସ୍ତୁରୀ ସ୍ୱାଇଁ ଓ ଦ୍ରୌପଦୀ ବେହେରା ପାଲା ପରିବେଷଣ କରିଥିଲେ।



### ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସରେନ୍ ଆଣ୍ଡ ସରେନ୍ ଟିମ୍ ଚାମ୍ପିଅନ୍

**ମୋରଡା, ୫।୪(ସମିସ):** ମୋରଡା ବ୍ଲକ ଅଧୀନ ଚିକିଟାମାଟିଆ ପଞ୍ଚାୟତର ଉଫାଲଗଡ଼ିଆ ଗ୍ରାମରେ ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୋରଡା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଭାସ କରମହାପାତ୍ର, ସମ୍ମାନିତ ଅତିଥି ଭାବେ ଚିକିଟାମାଟିଆ ପଞ୍ଚାୟତ ସମିତିସଭ୍ୟ ଉପେନ୍ଦ୍ର ମହାନ୍ତ, ସବାନ ହାଁସଦା ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ୧୬ଟି ଟିମକୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ୍ ଟୁଡୁ ଏଣ୍ଡ ଟୁଡୁ ଟିମ ଓ ସରେନ ଏଣ୍ଡ ସରେନ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସରେନ ଆଣ୍ଡ ସରେନ ଟିମ୍ ବିଜୟୀ ହୋଇ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି। ଯୁବକ ସଂଘ ପକ୍ଷରୁ ପ୍ରଥମ ପୁରସ୍କାର ୨୦ ହଜାର, ଦ୍ୱିତୀୟ ପୁରସ୍କାର ୧୫ ହଜାର, ତୃତୀୟ ପୁରସ୍କାର ଓ ଚତୁର୍ଥ ପୁରସ୍କାର ୩ ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ।



### ଜବରଦଖଲକାରୀଙ୍କ କବଜାରେ ବାଣ୍ଟିଆ ଜଗନ୍ନାଥ ମନ୍ଦିର

## ଆଗକୁ ଅକ୍ଷୟ ତୃତୀୟା; ରଥ ଖଳା ପାଲଟିଛି ପାର୍କିଂ ସ୍ଥଳ






**ବାରିପଦା, ୫ ।୪(ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ସାନଜଗନ୍ନାଥ ତଥା ବାଣ୍ଟିଆ ଜଗନ୍ନାଥ ମନ୍ଦିର ବର୍ତ୍ତମାନ ଜବରଦଖଲକାରୀଙ୍କ କବଜାରେ ରହିଛି। ରଥ ନିର୍ମାଣ ପାଇଁ ଥିବା ଖଳା ପାର୍କିଂ ସ୍ଥଳ ସାଜିଛି। ରାଜାରାଜୁଡା ଅମଳର ଉକ୍ତ ବାଣ୍ଟିଆ ଜଗନ୍ନାଥ ମନ୍ଦିରର ଅନେକ ଐତିହ୍ୟ ରହିଛି। କିନ୍ତୁ କାଳକ୍ରମେ ଠାକୁରଙ୍କ ଜାଗିର ସମ୍ପତ୍ତିକୁ ଜବରଦଖଲକାରୀ ଧୀରେ ଧୀରେ କବଜା କରିସାରିଲେଣି। ଯଦ୍ୱାରା ମନ୍ଦିର ପରିସରକୁ ଛାଡ଼ିଦେଲେ ଚାରି ଆଡକୁ ସ୍ଥାୟୀ ଓ ଅସ୍ଥାୟୀ ଦୋକାନ ବଜାରରେ ଭରି ରହିଛି। ଏହା ମୁଖ୍ୟ ବଜାର ହୋଇଥିବାବେଳେ ଜନଗହଳିପୂର୍ଣ୍ଣ ସ୍ଥାନ ଅଟେ। ତେବେ ସ୍ଥାନୀୟ ଦୋକାନୀ ରଥ ନିର୍ମାଣ ଖଳାକୁ ସ୍ଥାୟୀ ପାର୍କିଂ ସ୍ଥଳ କରିଛନ୍ତି। ଫଳରେ ଦିନରାତି ଦୁଇଚକିଆ ଓ ଚାରିଚକିଆ ଗାଡ଼ି ପାର୍କିଂ ହେଉଛି। ଆଗକୁ ଅକ୍ଷୟ ତୃତୀୟା ଥିବାରୁ ରଥ ନିର୍ମାଣ ନିମନ୍ତେ ଶୁଭ ଦିଆଯାଇ ଅଖରେ ଚକ ଲାଗିବ। କିନ୍ତୁ ରଥ ଖଳା ବେଆଇନ ପାର୍କିଂ ସ୍ଥଳ ସାଜିଥିବାରୁ ଅଖ ଗୋଟିଏ ଜାଗାରେ ରହିଥିବାବେଳେ ଚକ ମନ୍ଦିର ପାଚେରୀରେ ଡେରା ହୋଇରହିଛି। ଯାହାକି ଶ୍ରଦ୍ଧାଳୁଙ୍କ ଭାବବେଗକୁ କୁଠାରଘାତ କରିଛି।

ଅକ୍ଷୟ ତୃତୀୟା ପରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। କିନ୍ତୁ ରଥ ଖଳାରେ କିପରି ନିର୍ମାଣ କାର୍ଯ୍ୟ ହେବ, ସେନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏ ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବାରୁ ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ରଥ ଖଳାରୁ ପାର୍କିଂ ନିଷେଧ କରିବା ପାଇଁ ବ୍ୟବସ୍ଥା କରାଯିବ। ଏଥିସହିତ ଠାକୁରଙ୍କ ଜମି ଜବରଦଖଲକାରୀଙ୍କ କବଜାରେ ରହିଥିବାବେଳେ ଖୁବଶୀଘ୍ର ମାପଚୁପ କରି ଜବରଦଖଲ ହଟାଯିବ ବୋଲି କହିଛନ୍ତି।

## କୁଆମରା ହାଇସ୍କୁଲ ପୁରାତନ ଛାତ୍ରଙ୍କ ଚଇତି ସମ୍ମିଳନୀ

**ବାରିପଦା, ୫ ।୪(ସମିସ):** କୁଆମରା ହାଇସ୍କୁଲ ୧୯୮୯ ମ୍ୟାଟ୍ରିକ ବ୍ୟାଚ ଛାତ୍ରଙ୍କ ଚଇତି ସମ୍ମିଳନୀ ତକତପୁରସ୍ଥିତ ହୋଲି ପ୍ୟାଲେସ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ର କଳ୍ପତରୁ କଟୁଆଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ହାଇସ୍କୁଲର ଶିକ୍ଷକଙ୍କ ଫଟୋଚିତ୍ରରେ ଦୀପ, ଧୂପ ଓ ପୁଷ୍ପ ଅର୍ପଣ କରାଯିବା ସହିତ ଦିବଂଗତ ଶିକ୍ଷକ, କର୍ମଚାରୀ ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଞ୍ଜୀବ ଜେନା, ଇଂ କିଶୋର ଚନ୍ଦ୍ର ଗିରି, ସୁକେନ୍ଦୁ ଦାସ, ମନୋଜ ପଣ୍ଡା, ରାଜେଶ ଦାଶ, ସମରଜିତ ମହାପାତ୍ର, ଚନ୍ଦ୍ରମୋହନ ପାତ୍ର, ସୁକାନ୍ତ ବିଦ୍ଧାଣୀ ଓ ଗୌରମୋହନ ବିଦ୍ଧାଣୀ ପ୍ରମୁଖ ଅତୀତର ସ୍ମୃତିରେ କୁଆମରା ହାଇସ୍କୁଲ ଅଧ୍ୟୟନ ଶୃଙ୍ଖଳିତ ଜୀବନଧାରା ଗଠନର ମୁଖ୍ୟ ସହାୟକ ବୋଲି କହିଥିଲେ। ଆଗକୁ ସମାଜସେବାମୂଳକ କାର୍ଯ୍ୟକ୍ରମ ପାଇଁ ଟ୍ରଷ୍ଟ ଗଠନ ସହିତ ପାଣ୍ଠି ଜମା ଉପରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ପ୍ରତିବର୍ଷ ଜାନୁଆରୀ ତୃତୀୟ ରବିବାର ସପରିବାର ଏକତ୍ରିତ ହୋଇ କାର୍ଯ୍ୟକ୍ରମ ସ୍ମରଣୀୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରିଥିଲେ। ଶାଶ୍ୱତ ପଣ୍ଡା, ରାଜେଶ ମହାପାତ୍ର, ଜ୍ଞାନରଞ୍ଜନ ଦାଶ, ଅରୁଣ ମାଇତି, ଅରୁଣ ମହାନ୍ତି, ସତ୍ୟନାରାୟଣ ମିଶ୍ର, ନିରୋଜ ନାୟକ, ପ୍ରସନ୍ନ ମିଶ୍ର, ଭୂତେଶ ବେହେରା, ଦୀପକ ରାଜ ଓ ଅମରେନ୍ଦ୍ର ଦଳବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆଦିବାସୀ ସାମାଜିକ ଶିକ୍ଷା ସଂସ୍କୃତି ସଂଗଠନ

## କେନ୍ଦୁଜିଆଣିରେ ନୂତନ ଶାଖା କମିଟି ଗଠନ

**କରଞ୍ଜିଆ, ୫।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ଆଦିବାସୀ ସାମାଜିକ ଶିକ୍ଷା ସଂସ୍କୃତି ସଂଗଠନ ରାଇରଙ୍ଗପୁରର କେନ୍ଦୁଜିଆଣୀ ଶାଖା କମିଟି ଗଠିତ ହୋଇଛି। ଏହା ସ୍ଥାନୀୟ ଆଦିବାସୀ ସମାଜର ସଂଗଠନମୂଳକ ଶକ୍ତିକୁ ଆରୋହଣ କରିବା ସହ ସାମାଜିକ, ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରରେ ନୂତନ ଦିଗ ଦେବାର ଆଶା ଉଜ୍ଜୀବିତ କରିଛି। ଆଜି କେନ୍ଦୁଜିଆଣସ୍ଥ ବିଦୁଚାଦାନ ସେମଲେଦ ଜାହେରଠାରେ ଆୟୋଜିତ ଏକ ବିଶେଷ ବୈଠକରେ ଏହି କମିଟି ଗଠନ କାର୍ଯ୍ୟ ସମ୍ପନ୍ନ ହୋଇଛି। ବୈଠକରେ ଉଦୟନାଥ ମୁର୍ମୁ ସଭାପତିତ୍ୱ କରିଥିଲେ। ଏଥିରେ ଠାକୁରମୁଣ୍ଡା ବ୍ଲକର ୪୨ ଜଣ ମାଝୀ ବାବା ଉପସ୍ଥିତ ରହି ସମାଜର ବିଭିନ୍ନ ମୁଦ୍ଦା, ସଂଗଠନର ଲକ୍ଷ୍ୟ ଓ ଆଗାମୀ କାର୍ଯ୍ୟ ଯୋଜନା ବିଷୟରେ ମତ ରଖିଥିଲେ। ସର୍ବସମ୍ମତି କ୍ରମେ ନୂତନ କମିଟି ଗଠନ କରାଯାଇଥିଲା। କାରୁ ମୁର୍ମୁଙ୍କୁ ସଭାପତି ଭାବେ ନିଯୁକ୍ତ କରାଯାଇଥିବାବେଳେ କୃଷ୍ଣଚନ୍ଦ୍ର ମୁର୍ମୁଙ୍କୁ ଉପସଭାପତି ଭାବେ ଚୟନ କରାଯାଇଛି। ସମ୍ପାଦକ ଭାବେ ଶୁରେନ୍ଦ୍ର ହାଁସଦା ଓ ସହସମ୍ପାଦକ ଭାବେ ଦୁଲା ଟୁଡୁଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହିତ ଉଦୟନାଥ ମୁର୍ମୁଙ୍କୁ କୋଷାଧ୍ୟକ୍ଷ, ବିଶ୍ୱନାଥ ଟୁଡୁଙ୍କୁ ଶିକ୍ଷା ସମ୍ପାଦକ, ନିମାଇଁ ମାଝୀଙ୍କୁ ସାମାଜିକ ସମ୍ପାଦକ ଓ ମୁନିରାମ ମୁର୍ମୁଙ୍କୁ ସାଂସ୍କୃତିକ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ଏହି କମିଟିରେ ଠାକୁରମୁଣ୍ଡା ପିଳପାର୍ଗନାର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରହିଛି। ଜୁନାରାମ ଟୁଡୁଙ୍କୁ ଠାକୁରମୁଣ୍ଡା ପିଳପାର୍ଗନା, ସାଲଖୁ ହେମ୍ବ୍ରମଙ୍କୁ ସହ ପିଳପାର୍ଗନା, ରତନ ପିଳପାର୍ଗନା ଭାବେ ସୀତାରାମ ଟୁଡୁଙ୍କୁ ମନୋନୀତ କରାଯାଇଛି। ବୈଠକରେ ଉପସ୍ଥିତ ସଦସ୍ୟମାନେ ସଙ୍ଗଠନକୁ ଆହୁରି ସଶକ୍ତ କରିବା, ଆଦିବାସୀ ସମାଜର ଶିକ୍ଷାଗତ ଉନ୍ନତି, ସାମାଜିକ ସଚେତନତା ଓ ସଂସ୍କୃତିର ସୁରକ୍ଷା ପାଇଁ ସମ୍ମିଳିତ ଭାବେ କାମ କରିବାକୁ ସଙ୍କଳ୍ପ ଗ୍ରହଣ କରିଥିଲେ। ଏହି ନୂତନ କମିଟି ଗଠନ ମାଧ୍ୟମରେ ଅଞ୍ଚଳରେ ସାମାଜିକ ଏକତା ବୃଦ୍ଧି ପାଇବା ସହିତ ଆଦିବାସୀ ସମାଜର ଅଧିକାର ଓ ଉନ୍ନତି ପାଇଁ ଏକ ମଜବୁତ ମଞ୍ଚ ସୃଷ୍ଟି ହେବ ବୋଲି ସ୍ଥାନୀୟ ଲୋକମାନେ ଆଶା ବ୍ୟକ୍ତ କରିଛନ୍ତି।



## ୭ରୁ ମାଦଳ ମହୁରୀ ଉତ୍ସବ

**ବାରିପଦା, ୫ ।୪(ସମିସ):** ସ୍ଥାନୀୟ ସହିଦ ସ୍ମୃତି ଭବନରେ ଦୁର୍ଯ୍ୟୋ-ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର କ୍ଲବ ଆନୁକୂଲ୍ୟରେ ଚଳିତ ମାସ ୭ରୁ ୯ ତାରିଖ ପର୍ଯ୍ୟନ୍ତ ମାଦଳ ମହୁରୀ ଉତ୍ସବ ଅନୁଷ୍ଠିତ ହେବ। ପ୍ରଥମ ସନ୍ଧ୍ୟାରେ ଗୁହିରାମ ଜେନାଙ୍କ ନିର୍ଦ୍ଦେଶିତ ନାଟକ 'ମହାବିଭ୍ରାଟ' ଓ ଧନଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ ନାଟକ 'ରାଜଧାନୀରେ କରୋନା ଠକ', ଦ୍ୱିତୀୟ ସନ୍ଧ୍ୟାରେ ଜ୍ଞାନ ପଣ୍ଡାଙ୍କ ନିର୍ଦ୍ଦେଶିତ ନାଟକ 'ଗ୍ରେଟ ନୁଙ୍ଗୁରା' ଓ ମହେଶ ସାହୁଙ୍କ ନିର୍ଦ୍ଦେଶିତ 'ମିଛୁଆ ରାଧୁଆ' ନାଟକ ଓ ଶେଷ ସନ୍ଧ୍ୟାରେ 'ମରୀଚିକାର ଛାଇ' ନାଟକ ଓ ଝୁମର ନୃତ୍ୟର କାର୍ଯ୍ୟକ୍ରମ ରହିଛି ବୋଲି ସମସ୍ତ ନାଟକର ନାଟ୍ୟକାର ତଥା ମୁଖ୍ୟ ଆୟୋଜକ କ୍ଷୀରୋଦ ବିହାରୀ ସିଟ ଜଣାଇଛନ୍ତି। ଏ ଅବସରରେ କ୍ଷୀରୋଦ ବିହାରୀ ସିଟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାରିପଦାର ବିଶିଷ୍ଟ ଅଭିନେତା, ନିର୍ଦ୍ଦେଶକ ଓ ନାଟ୍ୟ ସଂଗଠକ ପ୍ରମୁଖ ଉପସ୍ଥିତ ରହି ଉତ୍ସବର ସଫଳତା ପାଇଁ ସୁଚିନ୍ତିତ ମତାମତ ଦେଇଥିଲେ।



## ମୁଣ୍ଡାରୀ ବାଣୀ ବିଦ୍ୟାଳୟର ଉନ୍ନତି ପାଇଁ ବୈଠକ



**ବାରିପଦା, ୫ ।୪(ସମିସ):** ମୁଣ୍ଡାରୀ ଭାଷା ସମନ୍ୱୟ ସମିତି (ଏମଏଲସିସି) ଦ୍ୱାରା ପରିଚାଳିତ ମୁଣ୍ଡାରୀ ଭାଷା ବିଦ୍ୟାଳୟର ମୁଣ୍ଡାରୀ ବାଣୀ ଶିକ୍ଷକଙ୍କ ଏକ ବୈଠକ ବାରିପଦାର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକର ପ୍ରମୁଖ ଉଦ୍ଦେଶ୍ୟ ଥିଲା ବିଦ୍ୟାଳୟର ପ୍ରଗତି ସମୀକ୍ଷା କରିବା ଓ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା। ମୁଣ୍ଡାରୀ ଭାଷା ସମନ୍ୱୟ କମିଟି, ମୁଣ୍ଡାରୀ ଭାଷା, ସଂସ୍କୃତିର ସଂରକ୍ଷଣ, ପ୍ରଚାର ଓ ଉନ୍ନତି ପ୍ରତି ଅତୁଟ ଭାବେ ପ୍ରତିବଦ୍ଧ। ଏ ଉଦ୍ଦେଶ୍ୟରେ ସମିତି ବର୍ତ୍ତମାନ ୩୨ଟି ମୁଣ୍ଡାରୀ ବାଣୀ ବିଦ୍ୟାଳୟ ପରିଚାଳନା କରୁଛି। ଯେଉଁଥିରେ ପ୍ରତି ରବିବାର ଦିନ ମୁଣ୍ଡାରୀ ଭାଷାରେ ଶିକ୍ଷା ପ୍ରଦାନ କରାଯାଉଛି। ଉକ୍ତ ବୈଠକ ଏମଏଲସିସିର ସଂଯୋଜକ ବୀରବଲ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁନାରାମ ସିଂ ସାଧାରଣ ସଚିବ, ବୁଦ୍ଧିଆ ସିଂ, ମୁଣ୍ଡାରୀ ଶିକ୍ଷା ବୋର୍ଡର ଶିକ୍ଷା ସଚିବ, ଅଜିତ କୁମାର ସିଂ, ଏମଏଲସିସିର ପର୍ଯ୍ୟବେକ୍ଷକ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରେ ସମସ୍ତ ଶିକ୍ଷକ ବିଦ୍ୟାଳୟ ମୂଲ୍ୟାୟନ ଫର୍ମାଟ୍ ଅନୁସାରେ ତାଙ୍କର ରିପୋର୍ଟ ପ୍ରଦାନ କରିଥିଲେ। ପରବର୍ତ୍ତୀ କାଳରେ ବିଦ୍ୟାଳୟର ସ୍ଥିତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୀରବଲ ସିଂ ଶିଶୁଙ୍କ କ୍ଷମତା ବିକାଶ ଉପରେ ଜୋର ଦେଇ ସୁସ୍ଥ ସମାଜ ଗଠନରେ ତାହାର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ବୁଦ୍ଧିଆ ସିଂ ଶିକ୍ଷକଙ୍କୁ କିପରି ପ୍ରଗତି ରିପୋର୍ଟ ପ୍ରସ୍ତୁତ କରିବା, ସ୍ୱୟଂ ମୂଲ୍ୟାୟନ କରିବା ଉପରେ ପ୍ରଶିକ୍ଷଣ ଦେଇଥିଲେ। ସେ ଗ୍ରାମ ସ୍ତରରେ ସଚେତନତା ସଭା ଆୟୋଜନ କରି ମୁଣ୍ଡାରୀ ଭାଷାର ବ୍ୟବହାରକୁ ସମସ୍ତ କ୍ଷେତ୍ରରେ ବଢ଼ାଇବା ପାଇଁ ଆହ୍ୱାନ କରିଥିଲେ। ଏ ଅବସରରେ ସୁନାରାମ ସିଂ ଘୋଷଣା କରିଥିଲେ ଯେ ମୁଣ୍ଡାରୀ ବିଦ୍ୟାଳୟମାନଙ୍କର ପରୀକ୍ଷା ଜୁନ୍ ୧୩ ତାରିଖରେ ଅନୁଷ୍ଠିତ ହେବ। ଫର୍ମ ପୂରଣର ଶେଷ ତାରିଖ ମେ ୩୧ ତାରିଖ ରଖାଯାଇଛି। ବୈଠକ ଶେଷରେ ସମସ୍ତ ଅଂଶଗ୍ରହଣକାରୀ ମୁଣ୍ଡାରୀ ଭାଷାର ପ୍ରଚାର ଓ ବିଦ୍ୟାଳୟର ସୁଦୃଢ଼ୀକରଣ ପାଇଁ ପୁନର୍ବାର ଦୃଢ଼ ସଙ୍କଳ୍ପ ନେଇଥିଲେ।

### ଓଡ଼ିଆ ପକ୍ଷର ପଞ୍ଚମ ଦିବସ

## ଜିଲ୍ଲାସ୍ତରୀୟ ଐତିହ୍ୟ ଗଣଦୌଡ଼; ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମିଲ





ବାରିପଦା, ୫ ।୪(ସମିସ)

ଓଡ଼ିଶା ସରକାରଙ୍କ ପକ୍ଷରୁ ପାଳିତ ହେଉଥିବା ଓଡ଼ିଆ ପକ୍ଷ-୨୦୨୬ର ପଞ୍ଚମ ଦିବସର କାର୍ଯ୍ୟକ୍ରମ ଭାବେ ମୟୂରଭଞ୍ଜ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଐତିହ୍ୟ ଗଣଦୌଡ଼ ବେଶ୍ ଉତ୍ସାହ ଓ ଉଦ୍ଦୀପନାର ସହ ସମ୍ପନ୍ନ ହୋଇଛି। ଜିଲ୍ଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଯୁବମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରା ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ଥିଲା। ଆଜି ଆୟୋଜିତ ଗଣଦୌଡ଼ରେ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ପାଳିତ ହେଉଥିବା ଓଡ଼ିଆ ପକ୍ଷର ଲକ୍ଷ୍ୟ ହେଉଛି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପାରମ୍ପରିକ ଖାଦ୍ୟ, ଐତିହ୍ୟର ପ୍ରଚାର ଓ ସୁରକ୍ଷା। ଏହା ଅନୁଯାୟୀ ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ବିଷୟବସ୍ତୁର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏଥିରେ ସରକାରୀ ବିଭାଗ ସହ ସାଧାରଣ ଲୋକଙ୍କ ଭାଗୀଦାରିତାକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ଆଜିର ଐତିହ୍ୟ ଗଣଦୌଡ଼ର ମୂଳ ଉଦ୍ଦେଶ୍ୟ ଥିଲା ଯୁବପିଢ଼ିଙ୍କୁ ଓଡ଼ିଶାର ଐତିହ୍ୟ ସ୍ଥଳୀ, ସଂସ୍କୃତି ଓ ଗୌରବମୟ ଇତିହାସ ସହିତ ଯୋଡ଼ିବା ସହ ଶାରୀରିକ ସୁସ୍ଥତା ପ୍ରତି ସଚେତନ କରିବା। ଏହି ଗଣଦୌଡ଼ରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରୁ ୧୬୫ ଜଣରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣଦୌଡ଼କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସେ କହିଥିଲେ, ଓଡ଼ିଆ ପକ୍ଷ କେବଳ ଏକ ଉତ୍ସବ ନୁହେଁ, ବରଂ ଏହା ଓଡ଼ିଆ ଅସ୍ମିତା ଓ ପରିଚୟକୁ ସୁଦୃଢ କରିବାର ଏକ ସାମୂହିକ ଆନ୍ଦୋଳନ। ଏପରି ଐତିହ୍ୟ ଗଣଦୌଡ଼ ଯୁବପିଢ଼ିଙ୍କୁ ନିଜ ମୂଳ ସଂସ୍କୃତି ସହିତ ଯୋଡ଼ି ରଖିବା ସହ ତାଙ୍କ ମଧ୍ୟରେ ଜାତୀୟ ଓ ସାମାଜିକ ମୂଲ୍ୟବୋଧ ଜୀବନ ଗଢ଼ି ତୋଳିବାରେ ଉପାଦେୟ ହେବ। ସେ ଆହୁରି କହିଥିଲେ ଯେ, ଓଡ଼ିଆ ପକ୍ଷ ମାଧ୍ୟମରେ ଭାଷା, ସଂସ୍କୃତି ଓ ପାରମ୍ପରିକ ଜୀବନଶୈଳୀକୁ ପୁନରୁଜ୍ଜୀବିତ କରାଯାଉଛି। ଏହାର ଲାଭ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚିପାରିବ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ମୟୂରଭଞ୍ଜ କ୍ରୀଡ଼ା ଛାତ୍ରାବାସ କର୍ମଚାରୀ, ଶାରୀରିକ ଶିକ୍ଷକ, ପୁଲିସ ବିଭାଗ ଓ ଡାକ୍ତରୀ ଦଳ ସକ୍ରିୟ ସହଯୋଗ କରିଥିଲେ।

# ସର୍ବନିମ୍ନ ମଜୁରୀ ଦାବି କଲେ ଛଟେଇ ଧମକ

ରାଉରକେଲା, ୫।୪(ସମିସ)




ସୁନ୍ଦରଗଡ଼ ଜିଲ୍ଲାର ବରସୁଆଁ କଲମଙ୍ଗ ଠାରେ ଥିବା କୁରମିତର ଆଇରନ ଓର ମାଇନ୍ସ (କେଆଇଓଏମଏଲ) ରେ ସର୍ବନିମ୍ନ ମଜୁରୀ ଦାବି କଲେ କାର୍ଯ୍ୟରତ ଶ୍ରମିକଙ୍କୁ ମିଳୁଛି ଛଟେଇ ଧମକ। 'ଇଚ୍ଛା ହେଲେ କାମ କର ନଚେତ୍ କାମ ଛାଡ ଆମେ ବାହାରୁ ଶ୍ରମିକ ଆଣି ନିଯୁକ୍ତି ଦେବୁ' ଏପରି ଧମକପୂର୍ଣ୍ଣ ଚେତାବନୀ ମିଳୁଛି କାର୍ଯ୍ୟରତ ଶ୍ରମିକମାନଙ୍କୁ। ଯାହାର ପ୍ରତିବାଦରେ ଉତ୍ତର ଓଡ଼ିଶା ଶ୍ରମିକ ସଂଘ ପକ୍ଷରୁ କୁରମିତର ଆଇରନ ଓର ମାଇନ୍ସ (କେଆଇଓଏମଏଲ)ର ମ୍ୟାନେଜରଙ୍କୁ ପତ୍ର ମାଧ୍ୟମରେ ଅଭିଯୋଗ କରିବା ସହ ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ ପାଇଁ ଦାବି କରାଯାଇଛି। ସୂଚନାଯୋଗ୍ୟ, ବରସୁଆଁ ଅନ୍ତର୍ଗତ କଲମଙ୍ଗ ଠାରେ ଥିବା ଓଡ଼ିଶା ମାଇନିଂ କର୍ପୋରେସନ ଲିମିଟେଡ (ଓଏମସି) ଅଧିନସ୍ଥ କୁରମିତର ଆଇରନ ଓର ମାଇନ୍ସ (କେଆଇଓଏମଏଲ) ଅଧିନରେ ଡିଏ - ୨ ପ୍ରୋଜେକ୍ଟ ଏରିଆରେ କଣ୍ଟ୍ରାକ୍ଟର ମେସର୍ସ କେଆଇଓଏମଏଲ ଏବଂ ସବ କଣ୍ଟ୍ରାକ୍ଟର ଭାବେ ମେସର୍ସ ଏସଆରସି, ଡିକେ ଗ୍ରୁପ ଏବଂ ପାୱାର ମେକ କାର୍ଯ୍ୟ କରୁଛନ୍ତି। ତେବେ ସେମାନଙ୍କ ଅଧିନରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ରାଜ୍ୟ ଶ୍ରମ ବିଭାଗ ନିୟମ ଅନୁସାରେ ସର୍ବନିମ୍ନ ମଜୁରୀ ପ୍ରଦାନ କରାଯାଉନାହିଁ। ଯାହାବି ଦରମା ଦିଆଯାଉଛି ତାକୁ ଶ୍ରମିକମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାନଯାଇ ନଗଦ ଟଙ୍କା ଦିଆଯାଉଛି ଯାହାକି ନିୟମ ବିରୁଦ୍ଧ। କେବଳ ସେତିକି ନୁହେଁ ଶ୍ରମିକମାନଙ୍କର ପିଏଫ୍ ଅର୍ଥ କିମ୍ବା ଆଇଏସଆଇ ଅର୍ଥ କଟାଯାଇ ନଥିବା ଅଭିଯୋଗ ହୋଇଛି। ରାଜ୍ୟ ଶ୍ରମ ବିଭାଗ ନିୟମ ଅନୁସାରେ ଖଣି ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ଉଭୟ ମହିଳା ଓ ପୁରୁଷ ଶ୍ରମିକଙ୍କ ପାଇଁ ଦୈନିକ ୫୪୧ ଟଙ୍କା ରହିଥିବା ବେଳେ ସେଠାରେ ପୁରୁଷ ଶ୍ରମିକଙ୍କୁ ୪୦୦ ଟଙ୍କା ଓ ମହିଳା ଶ୍ରମିକଙ୍କୁ ୩୫୦ ଟଙ୍କା ପ୍ରଦାନ କରାଯାଉଛି। କୁରମିତର ଆଇରନ ଓର ମାଇନ୍ସ (କେଆଇଓଏମଏଲ) ପକ୍ଷରୁ ଏହି ମଜୁରୀ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି କଣ୍ଟ୍ରାକ୍ଟରମାନେ ଶ୍ରମିକଙ୍କୁ କହିବା ସହ ଏହାକୁ ଗ୍ରହଣ କରିବା ପାଇଁ ବାଧ କରୁଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଏପରିକି ଏହି ମଜୁରୀ ପସନ୍ଦ ନ ଆସିଲେ ଚାକିରି ଛାଡି ଚାଲିଯିବାକୁ ଧମକଚମକ ଦିଆଯାଉଛି। କାର୍ଯ୍ୟରତ ସମସ୍ତ ଶ୍ରମିକ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ତଥା କେଆଇଓଏମଏଲ ସେମାନଙ୍କର ଏକମାତ୍ର ଜୀବିକା ଉପାର୍ଜନର ମାଧ୍ୟମ ହୋଇଥିବାରୁ କଣ୍ଟ୍ରାକ୍ଟରମାନଙ୍କ ଦାଦାଗିରିକୁ ମୁଣ୍ଡପୋତି ସହିବାକୁ ବାଧ ହେଉଛନ୍ତି। ନ୍ୟାୟ ପାଇଁ ଶ୍ରମିକମାନେ ଓଏମସି କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ ବି କୌଣସି ଲାଭ ନ ହେବାରୁ ବାଧ ହୋଇ ଶ୍ରମିକମାନେ ଉତ୍ତର ଓଡ଼ିଶା ଶ୍ରମିକ ସଂଘ ନିକଟରେ ଗୁହାରି କରିଥିଲେ। ଏହାକୁ ନେଇ କେଆଇଓଏମଏଲ ମଧ୍ୟରେ ଶ୍ରମିକମାନଙ୍କ ମଧ୍ୟରେ ଚାପା ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ସେପଟେ ଶ୍ରମିକମାନଙ୍କ ଠାରୁ ଅଭିଯୋଗ ପାଇ ଉତ୍ତର ଓଡ଼ିଶା ଶ୍ରମିକ ସଂଘ ପକ୍ଷରୁ ସମ୍ପାଦକ ଆର୍‌କେ ପତି କୁରମିତର ଆଇରନ ଓର ମାଇନ୍ସ (କେଆଇଓଏମଏଲ) ମ୍ୟାନେଜରଙ୍କୁ ଏକ ପତ୍ର ଲେଖି ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ ପାଇଁ ଦାବି କରିଛନ୍ତି। ଯଦି କର୍ତ୍ତୃପକ୍ଷ ଏହି ଦାବି ନମାନନ୍ତି ତେବେ ଆଗାମୀ ଦିନରେ ହେବାକୁ ଥିବା ସମ୍ଭାବ୍ୟ ଅଶାନ୍ତି ଓ ଆନ୍ଦୋଳନ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ପତ୍ରରେ ଚେତାବନୀ ଦିଆଯାଇଛି।

- ମାଇନ୍ସ ମ୍ୟାନେଜରଙ୍କୁ ଉତ୍ତର ଓଡ଼ିଶା ଶ୍ରମିକ ସଂଘର ଦାବିପତ୍ର
- ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ଓହ୍ଲାଇବେ ଶ୍ରମିକ

## ସୃଜନୀ ସାହିତ୍ୟ ସଂସଦର କାର୍ଯ୍ୟକାରୀ ବୈଠକ

**ରାଉରକେଲା, ୫।୪(ସମିସ):** ରାଉରକେଲାର ସୃଜନୀ ସାହିତ୍ୟ ସଂସଦର କାର୍ଯ୍ୟକାରୀ ବୈଠକ ସାରନଗରୀ ସ୍ଥିତ ଏହାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ସଚ୍ଚିନ୍ଦ୍ର କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ବେହୁରିଆ ସ୍ୱାଗତ ଭାଷଣ ଦେଇ ସଂସଦର ବିଭିନ୍ନ କାର୍ଯ୍ୟକ୍ରମ ଓ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ପୂର୍ବତନ ଉପଦେଷ୍ଟା ସ୍ୱର୍ଗତ ମନ୍ମଥ ରାଉତରାୟ ଏବଂ ଦିବଂଗତ ସାହିତ୍ୟିକ ସଦାନନ୍ଦ ତ୍ରିପାଠୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସଂସଦ ପକ୍ଷରୁ ଶୋକ ପ୍ରକାଶ କରାଯାଇ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆସନ୍ତା ଏପ୍ରିଲ ୧୪ ତାରିଖ ଦିନ ପ୍ରତିବର୍ଷ ଭଳି ଓଡିଆ ନବବର୍ଷକୁ ସଂସଦ ପକ୍ଷରୁ ପାଳନ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଶରତ ଚନ୍ଦ୍ର ଚୌଧୁରୀଙ୍କୁ ନାଗରିକ ସମ୍ମାନ ପ୍ରଦାନ କରାଯିବାକୁ ମଧ୍ୟ ସ୍ଥିର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହରିହର ବେହେରା, ରାଜକିଶୋର ଜେନା, ଆଦିତୀ କୁମାର ଷଡଙ୍ଗୀ, ଲକ୍ଷ୍ମୀଧର ସ୍ୱାଇଁ, ଲିଳାବତୀ ମହାପାତ୍ର, ମୀରା ମଲ୍ଲିକ, ହରପ୍ରିୟା ସାମଲ ଆଦି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଲିଳାବତୀ ମହାପାତ୍ରଙ୍କ ଗଳ୍ପ 'ପୁଣି ସେଇ ବସନ୍ତ' ଏବଂ ମୀରା ମଲ୍ଲିକଙ୍କ କବିତା 'ଟିକି ଚଢେଇ' ବେଶ୍ ମର୍ମସ୍ପର୍ଶୀ ହୋଇଥିଲା। ଶେଷରେ ହରିହର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୮ରେ ଗାନ୍ଧୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**ରାଉରକେଲା, ୫।୪(ସମିସ):** ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଓଡିଆ ପକ୍ଷ ପାଳନ ଅବସରରେ ସ୍ଥାନୀୟ ଦେଓଗାଁ ସ୍ଥିତ ଗାନ୍ଧି ମହାବିଦ୍ୟାଳୟରେ ଆସନ୍ତା ୮ ତାରିଖ ଦିନ ପୂର୍ବାହ୍ନ ୮ଟାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ୱାଇଆରସି, ଏନଏସଏସ ଓ ଏନସିସି ସହାୟତାରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀ, ଅଧ୍ୟାପକ, ଅଧ୍ୟାପିକା ସାମିଲ ହୋଇ ରକ୍ତଦାନ କରିବାକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଚନ୍ଦ୍ରିକା ପଟ୍ଟନାୟକ ଅନୁରୋଧ କରିଛନ୍ତି।

# ଆର୍‌ଏସ୍‌ପିର ବାର୍ଷିକ ସମୀକ୍ଷା ଓ ପୁରସ୍କାର ବିତରଣ ସମାରୋହ



**ରାଉରକେଲା, ୫।୪(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅନ୍ତର୍ଗତ ଗୋପବନ୍ଧୁ ଅଡିଟୋରିୟମରେ ଅନୁଷ୍ଠିତ ବାର୍ଷିକ କାର୍ଯ୍ୟ ସମୀକ୍ଷା ଏବଂ ପୁରସ୍କାର ବିତରଣ ସମାରୋହରେ ଦକ୍ଷତା ଉତ୍କର୍ଷ, ଉତ୍କୃଷ୍ଟ ନେତୃତ୍ୱ ଏବଂ ସୁରକ୍ଷା ପରିଚାଳନା ଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଛି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡିଆଇସି) ଆଲୋକ ବର୍ମା ସିଫ୍ଟ ଇନଚାର୍ଜଙ୍କ ପାଇଁ ପ୍ରତିଷ୍ଠିତ ପ୍ରଦର୍ଶନ ଉତ୍କର୍ଷ ପୁରସ୍କାର, ଉତ୍କୃଷ୍ଟ ନେତୃତ୍ୱ ଏବଂ ସୁରକ୍ଷା ଚାମ୍ପିଅନ୍ ପୁରସ୍କାର ପ୍ରଦାନ କରିଥିଲେ। ଚଳିତ ବର୍ଷ ପାଇଁ ଏହି ପୁରସ୍କାର ସିଣ୍ଟରିଂ ପ୍ଲାଣ୍ଟ-୩ର ଡେପୁଟି ମ୍ୟାନେଜର ଶାନୁ ସିହ୍ନା, ବ୍ଲାଷ୍ଟ ଫର୍ଣ୍ଣେସେସ୍ ବିଭାଗର ଏଜିଏମ୍ ମାନଗୋବିନ୍ଦ ପରିଡ଼ା, ଷ୍ଟିଲ୍ ମେଲ୍ଟିଂ ସପ୍-୧ ବିଭାଗର ଏଜିଏମ୍ ଉଦୟ ନାରାୟଣ ଶିଅଲ, ନ୍ୟୁ ପ୍ଲେଟ୍ ମିଲ୍ ବିଭାଗର ସିନିୟର ମ୍ୟାନେଜର ସୀମାଞ୍ଚଳ ଗୌଡ଼, ଟାଉନ୍ ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଉମାକାନ୍ତ ରାଉତ, ବଲାଣି ସ୍ଥିତ ସିଏମଏଲଓ (ବିଓଏମ୍-ଓଜିଓଏମ୍) ବିଭାଗର ଡେପୁଟି ମ୍ୟାନେଜର ବିକାଶ କୁମାର ଏବଂ ସେଣ୍ଟ୍ରାଲାଇଜ ମେକାନିକାଲ୍ ମେଣ୍ଟେନାନ୍ସ ବିଭାଗର ଜୁନିୟର ଇଞ୍ଜିନିୟର କାଳନ୍ଦୀ ଚରଣ ବେହେରା ଗ୍ରହଣ କରିଥିଲେ। ସେହିପରି ୨୦୨୨ ମସିହାରେ ପ୍ରଚଳିତ 'ଉତ୍କୃଷ୍ଟ ନେତୃତ୍ୱ ପ୍ରଦର୍ଶନକାରୀ' ପୁରସ୍କାର, ଇ୭ଇ୮ ସ୍କେଲରେ ବିଭାଗ ମୁଖ୍ୟ/ ସିଜିଏମମାନଙ୍କୁ ଉତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ। ଏହି ପୁରସ୍କାରରେ ଏକ ସ୍ମାରକୀ ଏବଂ ପ୍ରମାଣପତ୍ର ସହିତ ୧୦, ୦୦୦ ଟଙ୍କା ନଗଦ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ବର୍ଷ ଏ ସମ୍ମାନସ୍ପଦ ପୁରସ୍କାରକୁ ରକ୍ଷଣାବେକ୍ଷଣ ବିଭାଗର ସିଜିଏମ ଇନ୍‌ଚାର୍ଜ ଏସ.ଏସ. ରାୟଚୌଧୁରୀ ଗ୍ରହଣ କରିଥିଲେ। ଅନୁରୂପ ଭାବେ ଗତ ବର୍ଷ ଡିଆଇସିଙ୍କ ଦ୍ୱାରା ପ୍ରଚଳିତ 'ସେଫ୍ଟି ଚାମ୍ପିଅନ୍ ଅଫ୍ ଦି ଇୟର' ପୁରସ୍କାର, ନେତୃତ୍ୱ, ସକ୍ରିୟ ଆପଦ ନିବାରଣ ଏବଂ କାର୍ଯ୍ୟକ୍ଷେତ୍ର ସୁରକ୍ଷା ପ୍ରତି ପ୍ରତିବଦ୍ଧତା ପ୍ରଦର୍ଶନ କରୁଥିବା ବ୍ୟକ୍ତିମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ପୁରସ୍କାରରେ ୧୦, ୦୦୦ ଟଙ୍କାର ନଗଦ ପୁରସ୍କାର ରାଶି ସହ ପ୍ରମାଣ ପତ୍ର ଏବଂ 'ସେଫ୍ଟି ଚାମ୍ପିଅନ୍' ଲେଖାଥିବା ଏକ ସେଫ୍ଟି ହେଲମେଟ୍ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ଏହି ପୁରସ୍କାରକୁ ବିଦ୍ୟୁତ୍ ବଣ୍ଟନ ବିଭାଗର ଡେପୁଟି ମ୍ୟାନେଜର ତ୍ରିପତି ନାରାୟଣ ମିଶ୍ର ଗ୍ରହଣ କରିଥିଲେ।

## ପୋଖରୀରେ ବୁଡ଼ି ୬ ବର୍ଷର ଶିଶୁ ମୃତ

ବଣାଇଁ, ୫।୪(ସମିସ): ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା ଅନ୍ତର୍ଗତ ସାନ ଭାଲୁପାଣି ଗ୍ରାମରେ ପୋଖରୀରେ ବୁଡ଼ି ୬ ବର୍ଷର ଶିଶୁର ମୃତ୍ୟୁ ହୋଇଛି। ମୃତ ଶିଶୁ ହେଲେ ଗ୍ରାମର ଜଗନ୍ନାଥ ମୁଣ୍ଡାଙ୍କ ପୁଅ ଚନ୍ଦନ ମୁଣ୍ଡା। ସୂଚନାନୁଯାୟୀ, ଗତ ୨ ତାରିଖ ଦିନ ଗ୍ରାମରେ ପଡୋଶୀଙ୍କ ଏକୋଇଶିଆ କାର୍ଯ୍ୟକ୍ରମ ଥିବାରୁ ଜଗନ୍ନାଥ ମୁଣ୍ଡା ତାଙ୍କ ସ୍ତ୍ରୀ, ପୁତ୍ର ଓ ଝିଅ ସହିତ ଭୋଜିରେ ଯୋଗଦେବାକୁ ଯାଇଥିଲେ। ଏହି ସମୟରେ ତାଙ୍କ ପୁତ୍ର ଚନ୍ଦନ ମୁଣ୍ଡା ସାଙ୍ଗମାନଙ୍କ ସହ ଚୁପଚାପ ଭୋଜି ସ୍ଥଳରୁ ବାହାରି ଗ୍ରାମର ପୋଖରୀକୁ ଗାଧେଇବାକୁ ଯାଇଥିଲା। ପରେ ପୁଅ ନମିଳିବାରୁ ପରିବାର ଲୋକ ଖୋଜାଖୋଜି ଆରମ୍ଭ କରିଥିଲେ। ପରେ ପୋଖରୀରୁ ଚନ୍ଦନଙ୍କୁ ଉଦ୍ଧାର କରି ସ୍ଥାନୀୟ ସ. ବଲାଙ୍ଗ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବକୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଯାଇଥିଲା। ପିତା ଜଗନ୍ନାଥ ମୁଣ୍ଡାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବରେ ୪ ଚିତ୍ରଶିଳ୍ପୀ ସମ୍ମାନିତ



**ରାଉରକେଲା, ୫।୪(ସମିସ):** ଆନ୍ତର୍ଜାତୀୟ ୭ମ ଅନ୍ତର୍ଜାତିକ ଧଉଳି କଳା ମହୋତ୍ସବ, ଶିଳ୍ପୀ ଶିବିର, ଚିତ୍ରକଳା ପ୍ରଦର୍ଶନୀ ଓ ଚିତ୍ର ଶିଳ୍ପୀ ସମ୍ମାନ ପ୍ରଦାନ ମହୋତ୍ସବରେ ରାଉରକେଲା ସେକ୍ଟର - ୭ ଜସପାଲ ସ୍ମୃତି ଚିତ୍ରାଳୟର ଅଧ୍ୟକ୍ଷ ତଥା ବିଶିଷ୍ଟ ଚିତ୍ରଶିଳ୍ପୀ ରମେଶ ଚନ୍ଦ୍ର ପାତ୍ର, ପ୍ରତାପ କୁମାର ପଟ୍ଟନାୟକ, ସସ୍ମିତା ପଟ୍ଟନାୟକ ଓ ସିଦ୍ଧାର୍ଥ ଶଙ୍କର ଜେନାଙ୍କୁ ସମ୍ମାନିତ କରାଯାଇଛି। ଉକ୍ତ କଳା ମହୋତ୍ସବରେ ରମେଶ ଚନ୍ଦ୍ର ପାତ୍ର ଓ ପ୍ରତାପ କୁମାର ପଟ୍ଟନାୟକଙ୍କୁ 'ଓଡ଼ିଶା କଳା ସମ୍ମାନ'ରେ ସମ୍ମାନିତ କରାଯାଇଛି। ସୂଚନାଯୋଗ୍ୟ, ଏହି ୪ ଜଣ ଚିତ୍ରଶିଳ୍ପୀ ଓଡ଼ିଶା ବ୍ୟତୀତ ଝାରଖଣ୍ଡ, ବିହାର, ପଶ୍ଚିମ ବଙ୍ଗର ବିଭିନ୍ନ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀରେ ନିୟମିତ ଅଂଶ ଗ୍ରହଣ କରି ପ୍ରଶଂସିତ ହୋଇଛନ୍ତି। ପ୍ରତାପ କୁମାର ପଟ୍ଟନାୟକ ଓଡ଼ିଶା ଲଳିତକଳା ଏକାଡେମୀ ଓ କେନ୍ଦ୍ର ଲଳିତ କଳା ଏକାଡେମୀରେ ଅଂଶ ଗ୍ରହଣ କରି ମଧ୍ୟ ସମ୍ମାନିତ ହୋଇଛନ୍ତି। ରମେଶ ଚନ୍ଦ୍ର ପାତ୍ର ଏକାଧାରାରେ ଜଣେ ଚିତ୍ରଶିଳ୍ପୀ, କବି, ଲେଖକ, ଅନୁବାଦକ, ସାନ୍ତାଳୀ ଲେଖକ ଓ ସାନ୍ତାଳୀ ଭାଷା ସାହିତ୍ୟ ଗବେଷକ ଭାବେ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି। ଶ୍ରୀ ପାତ୍ର ମଧ୍ୟ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି। ସେହିଭଳି ସସ୍ମିତା ପଟ୍ଟନାୟକ ଓ ସିଦ୍ଧାର୍ଥ ଶଙ୍କର ଜେନା ବିଭିନ୍ନ କଳା ଶିବିର ଓ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରି ପ୍ରଶଂସିତ ଓ ସମ୍ମାନିତ ହୋଇଛନ୍ତି। ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ, ବିଜେପି ରାଜ୍ୟ ସଂଯୋଜିକା ରବି ମହାରଣା, ପଦ୍ମଶ୍ରୀ ବିନୋଦ ମହାରଣା, ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବିଭୁ ପ୍ରସାଦ ମିଶ୍ର, ଅଧ୍ୟାପକ ଚକ୍ରଧର ବେହେରା, ପ୍ରବୀର ଦଳାଇ, ଦିପ୍ତୀରେଖା ପଟ୍ଟନାୟକ, ଶ୍ୟାମ ସୁନ୍ଦର ମହାପାତ୍ର, ଗୌରାଙ୍ଗ ବାରିକି, କଳାମିତ୍ର ଫାଉଣ୍ଡେସନର ଅଧ୍ୟକ୍ଷ ଏମ୍. ରମେଶ, ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ସହ ଅନେକ ଚିତ୍ରଶିଳ୍ପୀ ଓ କଳା ପ୍ରେମୀ ଉପସ୍ଥିତ ଥିଲେ। ଧଉଳି କଳା ଓ ଚରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ କଳାର ଉଦ୍ଦେଶ୍ୟ ଓ ଆବଶ୍ୟକତା ଆଭିମୁଖ୍ୟ ସମ୍ବନ୍ଧରେ ବ୍ୟାଖ୍ୟା କରିଥିଲେ।

## ଆହତ କୁଟୁରା ଉଦ୍ଧାର

**ଲହୁଣୀପଡ଼ା, ୫।୪(ସମିସ):** ରାଜାମୁଣ୍ଡା ସ୍ଥିତ ବାଙ୍କି ରେଞ୍ଜ ବଡ ପୁରୁଣାପାଣି ପଞ୍ଚାୟତ ଜୁନିଆନି (ଗୁଲଜାରନଗର) ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଏକ କୁଟୁରାକୁ ଆହତ ଅବସ୍ଥାରେ ବନବିଭାଗ ଉଦ୍ଧାର କରିଥିବା ଜଣାପଡ଼ିଛି। ପ୍ରକାଶ ଥାଉକି ଆଜି ଏକ ଜଙ୍ଗଲି କୁଟୁରାକୁ କିଛି କୁକୁର ଜଙ୍ଗଲ ପାର୍ଶ୍ୱରେ ଗୋଡ଼ାଇବା ସହ କାମୁଡି ଆହତ କରିଥିଲେ। କୁକୁରଙ୍କ କବଳରୁ ଜୀବନ ବଞ୍ଚାଇବା ପାଇଁ କୁଟୁରାଟି ଗାଁ ଭିତରକୁ ପଶି ଆସି ଜଣଙ୍କ ଘର ଭିତରେ ପଶିଯାଇଥିଲା। ଗ୍ରାମବାସୀ ଆହତ କୁଟୁରାକୁ ଦେଖି ବନବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଜୁନିଆନି(ଗୁଲଜାରନଗର ) ସ୍ଥିତ ଆଲାଉଦ୍ଦିନ ନାମକ ବ୍ୟକ୍ତିଙ୍କ ଘରେ ପହଞ୍ଚି ଆହତ କୁଟୁରାକୁ ଉଦ୍ଧାର କରି ଚିକିତ୍ସା ପାଇଁ ଲହୁଣୀପଡ଼ା ସ୍ଥିତ ପ୍ରାଣୀ ଚିକିତ୍ସାଳୟକୁ ଆଣି ଚିକିତ୍ସା କରିଥିବା ଜଣାପଡ଼ିଛି। ଚିକିତ୍ସା ପରେ ପ୍ରାଣୀ ଚିକିତ୍ସକଙ୍କ ନିର୍ଦ୍ଦେଶ କ୍ରମେ ଆହତ କୁଟୁରାକୁ ବନବିଭାଗ ଗୋଟିଏ ଦିନ ପାଇଁ ଅବଜରଭେସନରେ ରଖିଥିବା ଜଣାପଡ଼ିଛି। ଆହତ କୁଟୁରାର ଆନୁମାନିକ ବୟସ ୫ ବର୍ଷ ହୋଇଥିବା ବନ ବିଭାଗ ଅଧିକାରୀ କହିଥିବା ବେଳେ ଅବସ୍ଥା ସ୍ୱାଭାବିକ ପରେ ତାକୁ ଚମ୍ପାଝରଣ ସ୍ଥିତ ଘଞ୍ଚ ଜଙ୍ଗଲରେ ଛଡ଼ାଯିବ ବୋଲି ସୂଚନା ମିଳିଛି।

## ଡିଭାଇଡରକୁ ଧକ୍କା ଦେଲା କାର୍; ଚାଳକ ଆହତ

**ରାଉରକେଲା, ୫।୪(ସମିସ):** ରିଙ୍ଗ ରୋଡରେ କାର ନିୟନ୍ତ୍ରଣ ହରାଇ ଡିଭାଇଡରକୁ ଧକ୍କା ଦେବା ଫଳରେ ଚାଳକ ଆହତ ହୋଇଛନ୍ତି। ଶନିବାର ବିଳମ୍ବିତ ରାତିରେ ବିଶ୍ରା ଛକ ସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ୨ ନମ୍ବର ଗେଟ ନିକଟରେ ଏହି ଦୁର୍ଘଟଣା ଘଟିଛି। ଉକ୍ତ ରାସ୍ତା ଦେଇ ଏକ କାର ଯାଉଥିବା ବେଳେ ହଠାତ୍ ଡିଭାଇଡରକୁ ଧକ୍କା ଦେଇ ରାସ୍ତାର ଆରପଟକୁ ପଳାଯାଇ ଯାଇଥିଲା। ଦୁର୍ଘଟଣା ଏତେ ଜୋରରେ ଥିଲା ଯେ କାରର ସମ୍ମୁଖ ଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ଏଥିରେ ଚାଳକ ଆହତ ହୋଇଥିଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଚାଳକଙ୍କୁ ଡାକ୍ତରଖାନାକୁ ପଠାଇଥିଲା। ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ଓଡ଼ିଆ ପକ୍ଷରେ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମ

**ରାଉରକେଲା, ୫।୪(ସମିସ):** ଓଡ଼ିଆ ପକ୍ଷ ପାଳନର ପଞ୍ଚମ ଦିନରେ ଆଜି ଐତିହ୍ୟସ୍ଥଳୀ ଗୁଡ଼ିକର ସୁରକ୍ଷା ଓ ଯୁବପିଢ଼ିଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲ୍ଲା କ୍ରୀଡ଼ା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିକାଶ ଭବନ ପରିସରରୁ ନୂତନ ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ଗଣଦୌଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା କ୍ରୀଡା ବିଭାଗର ବିଭିନ୍ନ ପ୍ରଶିକ୍ଷକ, କର୍ମଚାରୀ ତଥା ସମାଜସେବୀମାନେ ଯୋଗ ଦେଇଥିଲେ। ଏଥିରେ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, କ୍ରୀଡା ହୋଷ୍ଟେଲର ଛାତ୍ରଛାତ୍ରୀ ଏବଂ ବିଏସ ହାଇସ୍କୁଲରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରି ସମସ୍ତ ଐତିହ୍ୟ ସ୍ଥଳ ଗୁଡ଼ିକର ସୁରକ୍ଷା ନିମନ୍ତେ ସଚେତନତାର ବାର୍ତ୍ତା ଦେଇଥିଲେ।




ବେଦବ୍ୟାସ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ

## ବିଜୟ ସଭାପତି, ବିଶ୍ୱରଞ୍ଜନ ସାଧାରଣ ସମ୍ପାଦକ

**ରାଉରକେଲା, ୫।୪(ସମିସ):** ବେଦବ୍ୟାସ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ଆଜି ଶାନ୍ତିପୂର୍ଣ୍ଣ ଭାବରେ ସମାପ୍ତ ହୋଇଛି। ସଂଘର ମୋଟ ୨୫୧ ଭୋଟରଙ୍କ ମଧ୍ୟରୁ ୧୩୬ ଜଣ ସଦସ୍ୟ ସେମାନଙ୍କର ମତଦାନ କରିଥିଲେ। ଏହି ନିର୍ବାଚନରେ ବିଜୟ କୁମାର ପ୍ରଧାନ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ବିଶ୍ୱରଞ୍ଜନ ବେଉରା ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ବିଶ୍ୱରଞ୍ଜନ ବେଉରା ୭୧ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ମନୋଜ କୁମାର ସିଂହ ୬୭ ଖଣ୍ଡ ଭୋଟ ପାଇ ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ବିଜୟ ଚୌଧୁରୀ ଓ ସନ୍ତୋଷ ଯାଦବ ଯଥାକ୍ରମେ ୯୮ ଓ ୭୧ ଖଣ୍ଡ ଭୋଟ ପାଇ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ଦିନେଶ ସ' ୮୦ ଖଣ୍ଡ ଭୋଟ ପାଇ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ସୂଚନା ମିଳିଛି। ଆଜି ସଂଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇ ସମସ୍ତ ବିଜୟୀ ପ୍ରାର୍ଥୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜ୍ଞାପନ କରାଯାଇଥିଲା। ଧର୍ମେନ୍ଦ୍ର ଦୁବେ, ବିଶ୍ୱନାଥ ଦେ, ପ୍ରଦୀପ ଦାସ, ସଞ୍ଜୀବ ସିଂହ, ତରୁଣ ଚରଣ ଏବଂ ଦୀପକ ସିଂହ ପ୍ରମୁଖ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ନବନିର୍ବାଚିତ ପଦାଧିକାରୀମାନେ ସଂଘର ବିକାଶ ଏବଂ ସମସ୍ତ ସଦସ୍ୟଙ୍କ ହିତ ପାଇଁ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ଓଡ଼ିଆ ପକ୍ଷର ଚତୁର୍ଥ ଦିବସ

## ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ

**ରାଉରକେଲା, ୫।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲାରେ ଓଡ଼ିଆ ପକ୍ଷର ଚତୁର୍ଥ ଦିବସ ଅବସରରେ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ଆୟୋଜିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ କିରେଇ ସ୍ଥିତ ବିଦ୍ୟାଳୟଠାରେ ଆୟୋଜିତ ହୋଇଥିଲା। ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଜିଲ୍ଲା ପରିଷଦର ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ପିଲାମାନଙ୍କୁ ଖଡ଼ି ଛୁଆଁଇ ଥିଲେ। ବିଦ୍ୟାଳୟରେ ନାମଲେଖା ପ୍ରକ୍ରିୟାକୁ ସ୍ମରଣୀୟ କରିବା ପାଇଁ ଏହି ଅବସରରେ ଅନେକ ଆକର୍ଷଣୀୟ ଏବଂ ଶିକ୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ନୂତନ ଭାବେ ନାମ ଲେଖାଉ ଥିବା ପିଲାମାନଙ୍କୁ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ପାରମ୍ପରିକ ରୀତିରେ ଫୁଲତୋଡ଼ା ସହ ଚନ୍ଦନ ଲଗେଇ ବିଦ୍ୟାଳୟକୁ ସ୍ୱାଗତ କରିଥିଲେ। ପାରମ୍ପରିକ ପଦ୍ଧତିରେ ସେମାନଙ୍କର ଖଡିଛୁଆଁ ହୋଇଥିଲା। ଏହି ଅବସରରେ ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପୁସ୍ତକ ମଧ୍ୟ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଏହି ରଥ ବିଭିନ୍ନ ସ୍ଥାନ ଭ୍ରମଣ କରି ଶିକ୍ଷା ଉପରେ ସଚେତନତା ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ।



# ବ୍ଲାଷ୍ଟ ଫର୍ଣ୍ଣେସ୍-୧ ଓ ୫ରୁ ସର୍ବୋତ୍ତମ ଉତ୍ପାଦନ ରେକର୍ଡ

ରାଉରକେଲା, ୫।୪(ସମିସ)



ଦେଶର ସର୍ବବୃହତ୍ତ ମହାରତ୍ନ ଇସ୍ପାତ କମ୍ପାନୀ ସେଲ୍‌ର ଅଧିନସ୍ଥ ରାଉରକେଲା ଇସ୍ପାତ କାରଖାନା ୨୦୨୫-୨୬ ଆର୍ଥିକ ବର୍ଷରେ ନିଜର ସର୍ବୋତ୍ତମ ପ୍ରଦର୍ଶନ ପଞ୍ଜୀକୃତ କରି ପ୍ରମୁଖ ଉତ୍ପାଦନ ଏବଂ ଟେକ୍ନୋ-ଅର୍ଥନୈତିକ ମାନଦଣ୍ଡ ଗୁଡିକରେ ଏହାର ନୂତନ ମାଇଲଖୁଣ୍ଟ ହାସଲ କରିଛି। ଆରଏସପି ବ୍ଲାଷ୍ଟ ଫର୍ଣ୍ଣେସ୍-୧ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍-୫ ଉଭୟରୁ ସର୍ବୋତ୍ତମ ଉତ୍ପାଦନ ରେକର୍ଡ କରିଛି। ବ୍ଲାଷ୍ଟ ଫର୍ଣ୍ଣେସ୍-୧ ରୁ ୧୦, ୭୦, ୩୭୯ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ ହୋଇଥିବା ବେଳେ ବ୍ଲାଷ୍ଟ ଫର୍ଣ୍ଣେସ୍-୫ ରୁ ୩୨, ୪୬, ୩୬୧ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦିତ ହୋଇଥିଲା। ଯାହା ଗତ ବର୍ଷ ସମାନ ଅବଧିରେ ଉତ୍ପାଦିତ ହୋଇଥିବା ୩୧, ୩୨, ୩୧୬ ଟନ୍ କୁ ୩.୬ ପ୍ରତିଶତ ଅଭିବୃଦ୍ଧି ହାରରେ ଅତିକ୍ରମ କରିଛି। ସେହିଭଳି ନ୍ୟୁ ପ୍ଲେଟ୍ ମିଲ୍ (ଏନପିଏମ) ରେ ୬.୬ ପ୍ରତିଶତ ଅଭିବୃଦ୍ଧି ହାର ରେକର୍ଡ ସହ ସର୍ବକାଳୀନ ଶ୍ରେଷ୍ଠ ୯, ୯୩, ୩୫୧ଟନ୍ ପ୍ଲେଟ୍ ଉତ୍ପାଦନ ହୋଇଛି। ହଟ୍ ଷ୍ଟ୍ରିପ୍ ମିଲ୍ ୨ (ଏଚଏସଏମ-୨) ମଧ୍ୟ ଉପରୋକ୍ତ ଅବଧି ମଧ୍ୟରେ ସର୍ବୋତ୍ତମ ଫଳାଫଳ ହାସଲ କରି ସମାନ ସଫଳତା ଲାଭ କରିଛି। ଏଚଏସଏମ-୨ ଉକ୍ତ ସମୟ ମଧ୍ୟରେ, ମୋଟ ୨୬, ୭୦, ୨୪୩ ଟନ୍ ଏଚଆର କଏଲ୍ ଉତ୍ପାଦନ କରି ୪.୩ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରିଥିଲା। ଏଚଏସଏମ-୨ ର ନୂତନ ସିଟ୍ ସିୟରିଂ ଲାଇନ (ଏସଏସଏଲ) ମଧ୍ୟ ୩, ୧୪, ୩୫୬ ଟନ୍ ଏଚଆର ପ୍ଲେଟ୍ ଉତ୍ପାଦନ କରି ଏହାର ସର୍ବୋତ୍ତମ ଆର୍ଥିକ ପ୍ରଦର୍ଶନ ପଞ୍ଜୀକୃତ କରିଛି। ଯାହା ଗତ ବର୍ଷର ସମ ଅବଧି ତୁଳନାରେ ୧୮.୭ ପ୍ରତିଶତ ଅଭିବୃଦ୍ଧି ଅଟେ। ଆମ ପ୍ରତିରକ୍ଷା କ୍ଷେତ୍ରକୁ ଯୋଗାଣ କରୁଥିବା ସ୍ୱତନ୍ତ୍ର ପ୍ଲେଟ୍ ଉତ୍ପାଦନରେ, ସ୍ୱତନ୍ତ୍ର ପ୍ଲେଟ୍ ପ୍ଲାଣ୍ଟ ସର୍ବୋତ୍ତମ ୩୯୦୫ଟନ୍ ର ସ୍ୱତନ୍ତ୍ର ପ୍ଲେଟ୍ ଉତ୍ପାଦନ କରି ୨୦୧୭-୧୮ ଆର୍ଥିକ ବର୍ଷରେ ହାସଲ କରାଯାଇଥିବା ସର୍ବୋତ୍ତମ ୩୩୬୬ ଟନ୍ ପରିସଂଖ୍ୟାନକୁ ଅତିକ୍ରମ କରିଛି। ସେହିପରି ଚଳିତ ଆର୍ଥିକ ବର୍ଷରେ ଆରଏସପି ୪୧, ୬୫, ୨୨୨ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ କରିଛି ଯାହା ଗତ ବର୍ଷର ଉତ୍ପାଦନ ସଂଖ୍ୟା ୪୦, ୮୦, ୪୫୧ଟନ୍‌କୁ ଅତିକ୍ରମ କରି ୨.୧ ପ୍ରତିଶତ ସ୍ଥିର ଅଭିବୃଦ୍ଧି ହାର ପଞ୍ଜୀକୃତ କରିଛି। ଏଥିସହ ଉଲ୍ଲେଖନୀୟ ଯେ, ସଦ୍ୟ ସମାପ୍ତ ଆର୍ଥିକ ବର୍ଷରେ, ଆରଏସପି ଟେକ୍ନୋ-ଅର୍ଥନୈତିକ ପରିମାପକରେ ନୂତନ ମାନଦଣ୍ଡ ମଧ୍ୟ ସୃଷ୍ଟି କରିଛି। କଠୋର କାର୍ଯ୍ୟ ଶୃଙ୍ଖଳା ଏବଂ ଉତ୍କୃଷ୍ଟ ମୂଲ୍ୟ ନିପୁଣତାର ଧାରା ପାଳନ କରି ଆରଏସପି ବ୍ଲାଷ୍ଟ ଫର୍ଣ୍ଣେସରେ ସର୍ବୋତ୍ତମ କୋକ୍ ହାର, ବିଏଫ ଉତ୍ପାଦକତା ଏବଂ କୋଇଲାରୁ ଉତ୍ତପ୍ତ ଧାତୁ ଉତ୍ପାଦନ ହାରରେ ନୂତନ ଶିଖର ଛୁଇଁଛି। ସେହିପରି ଷ୍ଟିଲ୍ ମେଲ୍ଟିଂ ସପ୍-୨ରେ ମୋଟ ସର୍ବୋତ୍ତମ ଧାତୁ ବ୍ୟବହାର ପଞ୍ଜୀକୃତ କରିଛି। ସେହିପରି ଆରଏସପି, ନିର୍ଦ୍ଦିଷ୍ଟ ବିଦ୍ୟୁତ୍ ଏବଂ ଜଳ ବ୍ୟବହାରରେ ମଧ୍ୟ ନୂତନ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ଆଗାମୀ ଦିନରେ ଆରଏସପି, ନୂତନ ଉତ୍ପାଦ ବିକାଶ, ଷ୍ଟକ୍ ହ୍ରାସ, ରାଜସ୍ୱ ସର୍ବାଧିକରଣ ଏବଂ ଅପଚୟର ଲାଭଦାୟକ ବିନିଯୋଗରେ ବିଶେଷ ପ୍ରୋତ୍ସାହନ ସହିତ ଲାଭଦାୟକତାକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଛି।

### ଅସୁରାଳି ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍‌ଘାଟନକୁ ବିତିଲା ୧୪ ଦିନ

# ଏବେ ବି ତାଲା; ସେବା ପାଇବାରୁ ବଞ୍ଚିତ ସ୍ଥାନୀୟ ବାସିନ୍ଦା



**ଅସୁରାଳି, ୫।୪(ସମିସ)**

ବିକାଶର ନୂଆ ଅଧ୍ୟାୟ କହି ମନ୍ତ୍ରୀଙ୍କ ଦ୍ୱାରା ବଡ଼ ଆଡ଼ମ୍ବରରେ ଶିଳାନ୍ୟାସ ଓ ଉଦ୍‌ଘାଟନ ତ ହେଲା, କିନ୍ତୁ ସେବା ଯୋଗାଇବା ବେଳକୁ ପ୍ରଶାସନ ନିରବ। ଧାମନଗର ବ୍ଲକ ଅସୁରାଳିଠାରେ ନୂତନ ଭାବେ ନିର୍ମିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉଦ୍‌ଘାଟନ ହେବାର ୧୪ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏଠାରେ ସ୍ୱାସ୍ଥ୍ୟ ସେବା ସକ୍ରିୟ ହୋଇପାରିନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଗତ ମାର୍ଚ୍ଚ ୨୨ ତାରିଖରେ ମନ୍ତ୍ରୀଙ୍କ ଦ୍ୱାରା ଅସୁରାଳିଠାରେ ୭୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ନୂତନ ସ୍ୱାସ୍ଥ୍ୟ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରାଯାଇଥିଲା। ଗ୍ରାମାଞ୍ଚଳର ଲୋକମାନେ ଯେପରି ନିକଟରେ ଉନ୍ନତ ଚିକିତ୍ସା ସୁବିଧା ପାଇପାରିବେ, ସେହି ଉଦ୍ଦେଶ୍ୟରେ ଏହି କେନ୍ଦ୍ରଟି ସ୍ଥାପିତ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଉଦ୍‌ଘାଟନ ସରିବା ପରେ କେନ୍ଦ୍ରଟି କେବଳ ଏକ କୋଠା ଭାବେ ଠିଆ ହୋଇଛି। ଏଠାରେ କୌଣସି ଡାକ୍ତର କିମ୍ବା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ ହୋଇ ନ ଥିବାରୁ ରୋଗୀମାନେ ନିରାଶ ହୋଇ ଫେରୁଛନ୍ତି। କେବଳ ପ୍ରଶଂସା ସାଉଁଟିବା ପାଇଁ ଅଧପନ୍ତରିଆ ଭାବେ ଉଦ୍‌ଘାଟନ କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ୧୪ ଦିନ ବିତିଯାଇଥିଲେ ବି ସାଧାରଣ ଲୋକେ ଏହାର ସୁଫଳ ପାଇପାରୁନାହାନ୍ତି। ସେବା ସକ୍ରିୟ ନ ହେବା ଯୋଗୁଁ ଅସୁରାଳି ଓ ଆଖପାଖ ପଞ୍ଚାୟତର ଲୋକଙ୍କୁ ସାମାନ୍ୟ ଚିକିତ୍ସା ପାଇଁ ଏବେ ମଧ୍ୟ ଦୂର ସହର ଉପରେ ନିର୍ଭର କରିବାକୁ ପଡୁଛି। ଲୋକଙ୍କ ସ୍ୱାସ୍ଥ୍ୟ ସହିତ ଖେଳାଯାଉଛି। ଯଦି ତୁରନ୍ତ ଏଠାରେ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି କରାଯାଇ ସ୍ୱାସ୍ଥ୍ୟ ସେବା ଆରମ୍ଭ କରା ନ ଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଆହାର କେନ୍ଦ୍ର ଖୋଲିବାକୁ ଦାବି

**ଭଦ୍ରକ, ୫।୪(ସମିସ):** ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂଆ ବଜାରରୁ ଗେଲପୁରକୁ ସ୍ଥାନାନ୍ତରିତ ହେବାର ବହୁ ଦିନ ବିତିଯାଇଥିଲେ ମଧ୍ୟ ଏଠାରେ ରୋଗୀ ସମ୍ପର୍କୀୟଙ୍କ ପାଇଁ ଏକ ଆହାର କେନ୍ଦ୍ର ନାହିଁ। ଏଣୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଆହାର କେନ୍ଦ୍ର, ଶୌଚାଳୟ ଓ ମାର୍କେଟ୍ କମ୍ପ୍ଲେକ୍ସ ଖୋଲିବାକୁ ପୂର୍ବତନ ଭଦ୍ରକ ବିଧାୟକ ନରେନ୍ ପଲେଇ ଦାବି କରିଛନ୍ତି। ଶ୍ରୀ ପଲେଇଙ୍କ ଦାବି ଅନୁଯାୟୀ, ମେଡିକାଲକୁ ବହୁ ଦୂରଦୂରାନ୍ତରୁ ଲୋକେ ସେମାନଙ୍କର ରୋଗୀଙ୍କୁ ନେଇ ଆସୁଛନ୍ତି। ସେମାନଙ୍କ ଖାଇବା ପାଇଁ ଏଠାରେ କୌଣସି ହୋଟେଲ କିମ୍ବା ଜଳଖିଆ ଦୋକାନ ନାହିଁ। ହସ୍ପିଟାଲ ପରିସରରେ ପାନୀୟଜଳର ଆବଶ୍ୟକ ବ୍ୟବସ୍ଥା ନାହିଁ। ରୋଗୀଙ୍କ ସମ୍ପର୍କୀୟ ପାଇଁ ବାହାରେ ଶୌଚାଳୟଟିଏ ନାହିଁ। ମେଡିକାଲ ପରିସରରେ ଔଷଧ ଦୋକାନ ମଧ୍ୟ ନାହିଁ। ସେହିପରି ଏଠାରେ ଓମ୍‌ଫେଡ୍ ଷ୍ଟଲ୍, ଜଳଖିଆ ଦୋକାନ ସହ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲାଯିବା ଉଚିତ୍। ନହେଲେ ଏହି ନିଛାଟିଆ ମେଡିକାଲ ପରିସରରୁ ରାତି ବେଳେ ରୋଗୀଙ୍କ ସମ୍ପର୍କୀୟ କୁଆଡ଼େ ଯିବେ ବୋଲି ଶ୍ରୀ ପଲେଇ ପ୍ରଶ୍ନ କରିଛନ୍ତି। ଏହାସହ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବ୍ଲଡ୍ ବ୍ୟାଙ୍କ ଖୋଲିବାକୁ ସେ ଦାବି କରିଛନ୍ତି। ସୋମବାର ଶ୍ରୀ ପଲେଇ ଏହି ଦାବି ନେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି।

## ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶୌଚାଳୟ ବିପର୍ଯ୍ୟସ୍ତ

**ଧାମନଗର, ୫।୪(ସମିସ):** ଧାମନଗର ମେଡିକାଲରେ ସ୍ୱାସ୍ଥ୍ୟ ସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଦୁଃଖ ଓ ପରିତାପର ବିଷୟ ଯେ ରୋଗୀଙ୍କ ୱାର୍ଡ ଭିତରେ ଥିବା ଶୌଚାଳୟ ଓ ପରିସ୍ରାଗାର ଗୃହରେ କବାଟ ନ ଥିବାରୁ ମହିଳା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରିଷ୍କାର ଶୌଚାଳୟକୁ ବ୍ୟବହାର କରିବା ପାଇଁ ରୋଗୀମାନେ ଡରୁଛନ୍ତି। ରୋଗୀ ଓ ସେମାନଙ୍କ ସହିତ ଆସୁଥିବା ସହଯୋଗୀମାନେ ପରିଶ୍ରା ପାଇଁ ଗଲେ ପୁଣି ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ ବୋଲି ଚିକିତ୍ସାଧୀନ କେତେକ ରୋଗୀ ଘୋର୍ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆମେ ଆସିଛୁ ଭଲ ହେବା ପାଇଁ ନା ଅଧିକ ରୋଗରେ ଆକ୍ରାନ୍ତ ହେବା ପାଇଁ। ଗଣମାଧ୍ୟମ ଆଗରେ ଏପରି ପ୍ରଶ୍ନ କରିବା ସହିତ ଉକ୍ତ ସଫେଇ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚିକିତ୍ସାଧୀନ ରୋଗୀମାନେ ଦାବି କରିଛନ୍ତି। ସରକାରଙ୍କ ନିୟମକୁ ଉଲ୍ଲଂଘନ କରି କେତେକ ଷ୍ଟାଫ୍‌ନର୍ସ ଦୀର୍ଘ ବର୍ଷ ଧରି ଏଠାରେ ରହି ଅଫିସର ଏବଂ ଡାକ୍ତରମାନଙ୍କୁ ଖାତିର୍ ନ କରି ମନମୁଖୀ କାର୍ଯ୍ୟ କରିଚାଲିଛନ୍ତି। ଏଥିପ୍ରତି ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ନଜର ଦେବାକୁ ଜନସାଧାରଣ ଦାବି କରିଛନ୍ତି। ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ସହ ଓ ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ସରକାରଙ୍କ ନିୟମକୁ ଅନୁସରଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରୋଗୀଙ୍କ ପରିବାର ଓ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



## ପିଲା ଚୋରକୁ କାବୁକଲେ ଗ୍ରାମବାସୀ

### ଚକୋଲେଟ୍ ଲୋଭ ଦେଖାଇ ନେଇଯାଉଥିଲା

**ଅସୁରାଳି, ୫।୪(ସମିସ):** ଧୂଷୁରୀ ଥାନା ଅଧୀନ ଅସୁରାଳି ପଞ୍ଚାୟତର ଉଛପଦା ନିକଟରେ ରବିବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଶିଶୁକୁ ଚକୋଲେଟ୍‌ର ପ୍ରଲୋଭନ ଦେଖାଇ ଅପହରଣ କରିବାକୁ ଉଦ୍ୟମ କରୁଥିବାବେଳେ ସନ୍ଦେହଜନକ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କୁ ଗ୍ରାମବାସୀ କାବୁ କରି ପୁଲିସର ଜିମା ଦେଇଛନ୍ତି।



ପ୍ରକାଶ ଯେ, ରବିବାର ସକାଳ ସମୟରେ ଉଛପଦା ଗ୍ରାମର ଜଣେ ଶିଶୁ ଏକାକୀ ଥିବାବେଳେ ଜଣେ ଅଜଣା ବ୍ୟକ୍ତି ସେଠାରେ ପହଞ୍ଚିଥିଲା। ବ୍ୟକ୍ତି ଜଣକ ଶିଶୁଟି ସହ ମଧୁର କଥାବାର୍ତ୍ତା କରିବା ସହ ତାକୁ ଚକୋଲେଟ୍ ଦେଇ ନିଜ ସାଙ୍ଗରେ ନେଇଯିବାକୁ ଚେଷ୍ଟା କରୁଥିଲା। ଠିକ୍ ଏହି ସମୟରେ ଶିଶୁର ବାପା ସେଠାରେ ପହଞ୍ଚିଯିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଭୟଭୀତ ହୋଇ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲା। ପାଟି ଶୁଣି ଗ୍ରାମବାସୀମାନେ ଏକଜୁଟ୍ ହୋଇ ସମ୍ପୃକ୍ତ ଦୁର୍ବୃତ୍ତକୁ ଗୋଡ଼ାଇ ଗୋଡ଼ାଇ କାବୁ କରିଥିଲେ। କିଛି ସମୟ ପାଇଁ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀମାନେ ସମ୍ପୃକ୍ତ ବ୍ୟକ୍ତିକୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଧୂଷୁରୀ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାକୁ ଗ୍ରାମବାସୀଙ୍କଠାରୁ ଉଦ୍ଧାର କରି ଥାନାକୁ ନେଇଛି। ଉକ୍ତ ବ୍ୟକ୍ତି ଜଣକ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ଶିଶୁଟିକୁ ନେଇଯାଉଥିଲା, ସେ ନେଇ ପୁଲିସ ପଚରାଉଚରା ଜାରି ରଖିବା ସହ ଘଟଣାର ଅଧିକ ତଦନ୍ତ କରୁଛି।

### ସାଇକଲ ଚାଳନା ପ୍ରତିଯୋଗିତା ଚୟନ ପ୍ରକ୍ରିୟା

## ଖରାରେ ସିଝି ସିଝି ୩୦ କିମି ଗଲେ ପ୍ରତିଯୋଗୀ



**ବାରିକପୁର, ୫।୪(ସମିସ):** କ୍ରୀଡ଼ା ମନ୍ତ୍ରୀଙ୍କ ଜିଲ୍ଲାରେ ଚୟନ ପ୍ରକ୍ରିୟା ହେଉନାହିଁ। ଯେଉଁଥିପାଇଁ ଖରାରେ ପ୍ରାୟ ୩୦ କିଲୋମିଟର ଗଲେ ପ୍ରତିଯୋଗୀ। ଏମିତି ଚିତ୍ର ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲାରେ। ସୂଚନା ମୁତାବକ, ବାରିକପୁର ଓ ଭଦ୍ରକ ଅଞ୍ଚଳର କିଛି ସାଇକଲ୍ ଚାଳନା ପ୍ରତିଯୋଗୀ ଚୟନ ପ୍ରକ୍ରିୟାରେ ଭାଗନେବା ପାଇଁ ଯାଜପୁର ଯାଇଛନ୍ତି। ଗତ ଶନିବାର ଦିନ ପ୍ରଶିକ୍ଷକ ସୁବାସ ଗୋଛାୟତଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ଭଣ୍ଡାରିପୋଖରୀ ମଣିନାଥପୁର ପୂର୍ତ୍ତ ରାସ୍ତା ଅତିକ୍ରମ କରି ଖରାରେ ଯାଜପୁର ଯାଇଥିବା ଦେଖିବାକୁ ମିଳିଥିଲା। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯାଜପୁରଠାରେ ଚୟନ ପ୍ରକ୍ରିୟା ହେଉଥିବାବେଳେ ପ୍ରତିଯୋଗୀମାନେ ଖରାରେ ସିଝି ସେଠାରେ ପହଞ୍ଚିଥିଲେ। ଭଦ୍ରକ ଜିଲ୍ଲାରେ ଏଥିପାଇଁ ବ୍ୟବସ୍ଥା ହୋଇ ନ ଥିବା ଯୋଗୁଁ ପ୍ରତିଯୋଗୀମାନେ ଯାଜପୁର ଜିଲ୍ଲାକୁ ଯାଇ ଭାଗ ନେଇଥିଲେ। କ୍ରୀଡ଼ା ମନ୍ତ୍ରୀଙ୍କ ଜିଲ୍ଲାରେ ପ୍ରଶାସନ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ସୁବିଧାସୁଯୋଗ ସୃଷ୍ଟି କରିବାରେ ବିଫଳ ହୋଇଛନ୍ତି ବୋଲି ପ୍ରଶିକ୍ଷକ ଶ୍ରୀ ଗୋଛାୟତ ପ୍ରକାଶ କରିଛନ୍ତି।

## ପ୍ରାଣୀଧନ ନିରୀକ୍ଷକ ସଙ୍ଘର ଜିଲ୍ଲା କାର୍ଯ୍ୟକାରିଣୀ

**ଭଦ୍ରକ, ୫।୪(ସମିସ):** ଭଦ୍ରକ ଜିଲ୍ଲା ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ ଭଦ୍ରକ ସହର ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭଦ୍ରକ ଜିଲ୍ଲା ସଙ୍ଘ ସଭାପତି ପ୍ରିୟବ୍ରତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ ଜିଲ୍ଲା ସମ୍ପାଦକ ଭାସ୍କର ଚନ୍ଦ୍ର ସେଠୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଭକ୍ତ ରଞ୍ଜନ ମଲ୍ଲିକ ସଂଘର ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ସଙ୍ଘର ଉପସଭାପତି ବିଶ୍ୱନାଥ ପ୍ରତାପ ବଳ ସଙ୍ଘର ବର୍ତ୍ତମାନ ସମୟରେ ଆବଶ୍ୟକ ହେଉଥିବା ସମସ୍ୟା ବାବଦରେ ଆଲୋଚନା କରିଥିଲେ। ଯଥା- ସମସ୍ତ ପ୍ରାଣୀ ସହାୟକ କେନ୍ଦ୍ରରେ ୪ର୍ଥ ଶ୍ରେଣୀ କର୍ମଚାରୀ ପୂରଣ କରିବା, ଟିକାକରଣ ପାଇଁ ନିର୍ଦ୍ଦିଷ୍ଟ ପଦ ସୃଷ୍ଟି କରିବା, ୨୦୧୩ ପୂର୍ବରୁ ନିଯୁକ୍ତ ପ୍ରାଣୀଧନ ନିରୀକ୍ଷକମାନଙ୍କର ଚୁକ୍ତିଭିତ୍ତିକ ଚାକିରି କାଳକୁ ସମାନଙ୍କ ମୂଳ ଚାକିରି କାଳରେ ଯୋଗ କରିବା ସହିତ ଦୁଇବର୍ଷ ଡିପ୍ଲୋମା ପାଠ୍ୟକ୍ରମ ଲାଗୁ ସହିତ ଗ୍ରେଡ୍ ପେ' ୪୨୦୦କୁ ବୃଦ୍ଧି କରିବାର ଦାବି ରଖିଥିଲେ। ତୃଣମୂଳସ୍ତରରେ ସରକାରଙ୍କ ସମସ୍ତ ଯୋଜନା ଲୋକଙ୍କର ନିକଟତର କରିବା ଆଦି ଦାବି ରଖାଯାଇଥିଲା। ଏଥିରେ ବନ୍ତ ବ୍ଲକ ସଂଗଠକ ଶଶିକାନ୍ତ ନାୟକ, ତିହିଡ଼ିର ସରୋଜ ଜେନା, ଭଦ୍ରକର ମହେଶ୍ୱର ନାୟକ, ତିହିଡ଼ି ଧାମନଗରର ଲଲାଟେନ୍ଦୁ ନାୟକ ବାସୁଦେବପୁରର ଉଦୟନାଥ ବେହେରା, ଭଣ୍ଡାରିପୋଖରୀର ସୁବ୍ରତ ରାଉତ, ଚାନ୍ଦବାଲିର ନିରଞ୍ଜନ ମୁଦୁଲି, ଏରେଇଁର ସନ୍ତୋଷ ନାୟକ ପ୍ରମୁଖ ଏହି ଆଲୋଚନାରେ ଭାଗନେବା ସହିତ ଆଗକୁ ସଙ୍ଘକୁ ଆହୁରି ଶକ୍ତିଶାଳୀ ହେବା ସହିତ ସେ ଦିଗରେ ସମସ୍ତେ ଚେଷ୍ଟା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଅସ୍ତଲରେ ସାର୍ବଜନୀନ ମା' ଶୀତଳାଙ୍କ ପୂଜା

**ଭଦ୍ରକ, ୫।୪(ସମିସ):** ପ୍ରତିବର୍ଷ ପରି ଚଳିତ ବର୍ଷ ଭଦ୍ରକ ସହର ନରିପୁର(ଅସ୍ତଲ) ଗ୍ରାମରେ ସାର୍ବଜନୀନ ମା' ଶୀତଳାଙ୍କ ପୂଜା ୫ ଦିନ ଧରି ପାଳିତ ହୋଇଯାଇଛି। ସାଳନ୍ଦୀ ନଦୀ ଶୀତଳା ଘାଟରେ କଳସ ବୁଡ଼ାଯାଇ ଜଳ ଅଣାଯିବା ପରେ ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ଘଟ ପୂଜାପାଠ, ହୋମ, ପୂଜାର୍ଚ୍ଚନା ନୀତିକାନ୍ତି ହେବା ସହିତ ଭାଗବତ ପାଠ, ପାଲା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟତଃ ଦେବୀଙ୍କ ଅଷ୍ଟମୀ ଦିନ ଗ୍ରାମର ଶତାଧିକ ମହିଳା ଆସି ବ୍ରତ ଧାରଣ କରି ପୂଜାର୍ଚ୍ଚନା କରିଥିଲେ। ଦେବୀ ଶୀତଳାଙ୍କ ଦୁଇ ପାର୍ଶ୍ୱରେ ସଖୀ ଥିବାବେଳେ ମା'ଙ୍କ ଅଗ୍ରରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ପୂଜା ପାଉଥିଲେ। ୧୯୫୨ରୁ ମା' ଶୀତଳାଙ୍କୁ ଗ୍ରାମର ମୁରବୀମାନେ ବୁଝାସୁଝା କରି ପାଳନ କରିଆସୁଥିବାବେଳେ ଅଦ୍ୟାବଧି ୭୪ ବର୍ଷ ପର୍ଯ୍ୟନ୍ତ ଏହା ମହାସମାରୋହରେ ପାଳିତ ହୋଇଆସୁଛି। ପୂଜା କମିଟିର ସମ୍ପାଦକ ସମାଜସେବୀ ନୃସିଂହ ଚରଣ ପଣ୍ଡା, ପ୍ରାକ୍ତନ କାଉନ୍‌ସିଲର ଗଜେନ୍ଦ୍ର ପଣ୍ଡା, କାଉନ୍‌ସିଲର ଗୀତାରାଣୀ ଦାସ, ସୂର୍ଯ୍ୟ କୁମାର ଦାସ, ବିରଞ୍ଚି ନାରାୟଣ ପଣ୍ଡା, ମଧୁସୂଦନ ପଣ୍ଡା, ଉମାକାନ୍ତ ପଣ୍ଡା, ଉପେନ୍ଦ୍ର ଦାସ, ନରେନ୍ଦ୍ର ପଣ୍ଡା, ମହେଶ୍ୱର ବାରିକ, ନୀଳକଣ୍ଠ ଦାଶ, ଅନନ୍ତ ଚରଣ ପଣ୍ଡା, ଅଶୋକ ଜେନା, ରାକେଶ ପଣ୍ଡା, ରାଜେଶ ପଣ୍ଡା, ଦୀପୁ ପଣ୍ଡା, ପ୍ରଭାଂଶୁ ଦାଶ, ଲିପୁ ପଣ୍ଡା, କାଳନ୍ଦୀ ଦାଶ, ରଜନୀ ପଣ୍ଡା, ସ୍ୱର୍ଣ୍ଣଲତା ପଣ୍ଡା, କାବେରୀ ପଣ୍ଡା, ଅଶୋକ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।



### ରାମେଶ୍ୱରପୁରରେ ମା' ରକ୍ଷାକାଳୀଙ୍କ ବାର୍ଷିକ ପୂଜା

## ଉତ୍ସର୍ଗ ହେଲେ ୭୦୦ରୁ ଊର୍ଦ୍ଧ୍ୱ ବୋଦା

**ଦୋବଲ, ୫।୪(ସମିସ):** ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତ ଅଧୀନସ୍ଥ ରାମେଶ୍ୱରପୁର ଗ୍ରାମରେ ମା' ରକ୍ଷାକାଳୀଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଗୋଟିଏ ଦିନରେ ମା'ଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇ ଶନିବାର ରାତି ୯ଟାରେ ଗେଙ୍ଗୁଟି ନଦୀରୁ କଳସ ପୂଜା କରାଯାଇ ଶୋଭାଯାତ୍ରାରେ ମନ୍ଦିରକୁ ଅଣାଯାଇଥିଲା। ଏଥିରେ ଉକ୍ତ ଗ୍ରାମର ବୀରେନ୍ଦ୍ର କୁମାର ବାରିକ ସଂକଳ୍ପ କରିଥିଲେ। ଏହା ପରେ ମା' ଙ୍କ ଚକ୍ଷୁ ଓ ଘଟ ସ୍ଥାପନ କରାଯିବା ସହିତ ପୂଜାର୍ଚ୍ଚନା କରାଯାଇଥିଲା। ରାତି ୨ଟା ୩୦ରେ ଏକ ବୋଦା ବଳି ଦିଆଯାଇଥିଲା। ଏହା ସହିତ ୭୦୦ରୁ ଅଧିକ ବୋଦାକୁ କାନ କଟାଯାଇ ଉତ୍ସର୍ଗ କରାଯାଇଥିଲା। ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। କେବଳ ଭଦ୍ରକ ଜିଲ୍ଲା ନୁହେଁ, ପଡ଼ୋଶୀ ଜିଲ୍ଲା ସହିତ ପଶ୍ଚିମବଙ୍ଗରୁ ମଧ୍ୟ ଭକ୍ତମାନେ ନିଜର ମାନସିକ ପୂରଣ ହୋଇଥିବାରୁ ଏଠାକୁ ଆସିଥିଲେ। ଧାମନଗର ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହିତ କମିଟିକୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଧାମନଗର ବ୍ଲକ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଧାମନଗର ଏନ୍‌ଏସି ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ମହାପାତ୍ର, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ପୂର୍ବତନ ସଭାପତି ଉମେଶ ମହାନ୍ତି, ସ୍ଥାନୀୟ ସରପଞ୍ଚ ରଞ୍ଜିତ ଜେନା ମା'ଙ୍କୁ ଦର୍ଶନ କରିବା ସହିତ ମା'ଙ୍କୁ ଆଶୀର୍ବାଦ ଭିକ୍ଷା କରିବା ସହିତ ଅଞ୍ଚଳବାସୀଙ୍କୁ ନିରୋଗ ଓ ଦୁଃଖ ଦୂର ନିମନ୍ତେ ମା'ଙ୍କୁ ପ୍ରାର୍ଥନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କମିଟି ସଭାପତି କ୍ଷେତ୍ରବାସୀ ବାରିକ, ସମ୍ପାଦକ ରମାକାନ୍ତ ବେହେରା, ଉପଦେଷ୍ଟା କୃଷ୍ଣଚନ୍ଦ୍ର ନାୟକ, ସଭ୍ୟ ଭାସ୍କର ମହାପାତ୍ର, ଦାମୋଦର ମହାନ୍ତି, ଭାସ୍କର ଦଳାଇ, ପ୍ରଶାନ୍ତ ବେହେରା, ଅନନ୍ତ ଦଳାଇ, ଧନଞ୍ଜୟ ନାୟକ, ମା' ରକ୍ଷାକାଳୀ ଯୁବକ ସଂଘର ସମସ୍ତ ସଭ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦିନ ୨ଟାରୁ ୩ଟା ପର୍ଯ୍ୟନ୍ତ ହୋମ ଯଜ୍ଞ କରାଯାଇଥିଲା। ଶେଷରେ ପୂର୍ଣ୍ଣାହୁତି ଦିଆଯାଇ ସନ୍ଧ୍ୟାରେ ମା'ଙ୍କର ଭସାଣି ଶୋଭାଯାତ୍ରା କରାଯାଇ ଗେଙ୍ଗୁଟି ନଦୀରେ ବିସର୍ଜନ କରାଯାଇଥିଲା। ତେବେ ଅଦିନିଆ ବର୍ଷା ଦାଉ ସାଧିଥିଲା। ବର୍ଷାକୁ ଖାତିର୍ ନ କରି ଭକ୍ତମାନେ ମା'ଙ୍କ ଦର୍ଶନ କରିଥିଲେ।



**ଲକ୍ଷାଧିକ ଭକ୍ତଙ୍କ ଭିଡ଼; ଭାସାଣି ଶୋଭାଯାତ୍ରାରେ ଦାଉ ସାଧିଲା ଅଦିନିଆ ବର୍ଷା**

### ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଖାତା ମୂଲ୍ୟାୟନ

## ଅନିୟମିତତା ଅଭିଯୋଗକୁ ପରୀକ୍ଷକଙ୍କ ଖଣ୍ଡନ

**ଧାମନଗର, ୫।୪(ସମିସ):** ଦଶମ ଶ୍ରେଣୀର ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଖାତା ମୂଲ୍ୟାୟନରେ ଅନିୟମିତତା ହୋଇଥିବା ଅଭିଯୋଗକୁ ସମ୍ପୃକ୍ତ ମୂଲ୍ୟାଙ୍କନକାରୀ ଶିକ୍ଷକମାନଙ୍କ ପକ୍ଷରୁ ଖଣ୍ଡନ କରାଯାଇଛି। ଶିକ୍ଷକମାନେ ଦର୍ଶାଇଛନ୍ତି ଯେ ଅର୍ଥ କାରବାର ମାଧ୍ୟମରେ କୌଣସି ଛାତ୍ରଛାତ୍ରୀଙ୍କୁ ଅଧିକ ମାର୍କ ଦିଆଯାଇ ନାହିଁ। ଅନ୍ୟପକ୍ଷରେ ମାଧ୍ୟମିକ ଶିକ୍ଷା ବୋର୍ଡ଼ ସମ୍ପାଦକ କିମ୍ବା କୌଣସି କର୍ତ୍ତୃପକ୍ଷଙ୍କ ସହିତ ସମ୍ପର୍କ ରଖି ଖାତା ମୂଲ୍ୟାୟନରେ ସାମିଲ ହେଉଥିବା ଖବର ଅଯୌକ୍ତିକ। ସାରା ରାଜ୍ୟରୁ ସମ୍ପୃକ୍ତ ବିଷୟରେ ଅଭିଜ୍ଞ ଏବଂ ଦକ୍ଷ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଚୟନ କରି ବୋର୍ଡ଼ କର୍ତ୍ତୃପକ୍ଷ ପରୀକ୍ଷା ଖାତା ମୂଲ୍ୟାୟନରେ ନିୟୋଜିତ କରିଥା'ନ୍ତି। ପରୀକ୍ଷା କେନ୍ଦ୍ରରୁ ଆସୁଥିବା ଖାତାଗୁଡ଼ିକରେ କୌଣସି ସ୍କୁଲ କିମ୍ବା ଛାତ୍ରଛାତ୍ରୀଙ୍କ ନାମ ଉଲ୍ଲେଖ ନ ଥାଏ, କେବଳ କେନ୍ଦ୍ରର କୋଡ୍ ନମ୍ବର ପଡ଼ିଥାଏ। ତେଣୁ ଜଣେ ମୂଲ୍ୟାଙ୍କନକାରୀ ଶିକ୍ଷକ କିମ୍ବା ସମ୍ପୃକ୍ତ ପରୀକ୍ଷାର୍ଥୀ ମୂଲ୍ୟାଙ୍କନ କେନ୍ଦ୍ର କିମ୍ବା ମୂଲ୍ୟାଙ୍କନକାରୀ ଶିକ୍ଷକଙ୍କ ସମ୍ପର୍କରେ ଜାଣିବା ଦୁରୂହ ବ୍ୟାପାର। ଏପରିସ୍ଥଳେ ପରୀକ୍ଷାର୍ଥୀଙ୍କ ଠାରୁ ଅର୍ଥ ନେଇ ଅଧିକ ମାର୍କ ଦେବା ସମ୍ପୂର୍ଣ୍ଣ ଅମୂଳକ ବୋଲି ଶିକ୍ଷକମାନେ ଯୁକ୍ତି ବାଢ଼ିଛନ୍ତି। ମାଧ୍ୟମିକ ଶିକ୍ଷା ବୋର୍ଡ଼ ଏବଂ ମୂଲ୍ୟାଙ୍କନକାରୀ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ବଦନାମ କରିବା ପାଇଁ କୌଣସି ଈର୍ଷାପରାୟଣ ବ୍ୟକ୍ତି ଏଭଳି ମିଥ୍ୟା ଅଭିଯୋଗ ଆଣିଛନ୍ତି। ଏଭଳି ମିଥ୍ୟା ଅପବାଦ ଓ ଅଭିଯୋଗରୁ ସମ୍ପୃକ୍ତ ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ବିରତ ରହି ମୂଲ୍ୟାଙ୍କନ ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ବିଶ୍ୱାସ ରଖିବାକୁ ମୂଲ୍ୟାଙ୍କନକାରୀ ପରୀକ୍ଷକମାନେ ଅନୁରୋଧ କରିଛନ୍ତି।

## ଓଡ଼ିଆ ପକ୍ଷରେ ଗଣଦୌଡ଼ କାର୍ଯ୍ୟକ୍ରମ

**ଭଦ୍ରକ, ୫।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ସବୁଜ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଆରମ୍ଭ ହୋଇଥିବା ଏହି ସଚେତନତାମୂଳକ ଐତିହ୍ୟ ଗଣଦୌଡ଼ରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଦେବବ୍ରତ ମହାପାତ୍ର, ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ, ଜିଲ୍ଲାର ଏଡିଇଓ, ବିଇଓ, ଜିଲ୍ଲା ଆଥ୍‌ଲେଟିକ୍ସ ସଂଘର ସଦସ୍ୟମାନେ, ବିଭିନ୍ନ ବିଦ୍ୟାଳୟର ପିଇଟି, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ପ୍ରଶାସନିକ ଅଧିକାରୀ, ବରିଷ୍ଠ ନାଗରିକ, ଶିକ୍ଷକଶିକ୍ଷୟିତ୍ରୀ ଓ ଜନସାଧାରଣ ସାମିଲ୍ ହୋଇଥିଲେ। ସେମାନେ ପ୍ଲାକାର୍ଡ ଧରି ସହର ପରିକ୍ରମା କରି ଐତିହାସିକ ଗାନ୍ଧୀ ପଡ଼ିଆରେ ପହଞ୍ଚିଥିଲେ। ପରେ ଜିଲ୍ଲାପାଳଙ୍କ ସହିତ ପ୍ରଶାସନିକ ଅଧିକାରୀ ଓ ବରିଷ୍ଠ ନାଗରିକମାନେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଓଡ଼ିଆ ଅସ୍ମିତା, ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବାକୁ ଆହ୍ୱାନ କରିଥିଲେ। ସେହିପରି ଆସନ୍ତା ୧୦ ବର୍ଷ ମଧ୍ୟରେ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତଙ୍କୁ ସଂକଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ।

### ଗ୍ୟାସ୍ ସିଲିଣ୍ଡର ଲିକ୍ ଦୁର୍ଘଟଣା

## ୧୦ ଦିନ ପରେ ଆଖି ବୁଜିଲେ ଭାର୍ଗବୀ

### ସ୍ୱାମୀ ଓ ଝିଅ ଏବେ ବି ଚିକିତ୍ସାଧୀନ

**ତିହିଡ଼ି, ୫।୪(ସମିସ):** ତିହିଡ଼ି ଥାନା ଅଧୀନ ପାଳିଆବିନ୍ଧା ପଞ୍ଚାୟତ ଶତପଥୀ ସାହିରେ ଗତ ୨୬ ତାରିଖରେ ଘରୋଇ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଗୁରୁତର ଆହତ ଭାର୍ଗବୀ ଶତପଥି (୩୨) ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତି ସାଢ଼େ ୧୦ଟାରେ ପ୍ରାଣ ହରାଇଛନ୍ତି। ସେ ହାଇଟେକ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଏଳ ଗୁରୁତର ଅବସ୍ଥାରେ ଶନିବାର ତାଙ୍କୁ ଏମ୍‌ସ ସ୍ଥାନାନ୍ତର କରାଯାଇଥିଲା। ଭାର୍ଗବୀଙ୍କ ଶବ ବ୍ୟବଚ୍ଛେଦ ପରେ ତାଙ୍କ ଗ୍ରାମକୁ ଅଣାଯାଇଛି। ଅତ୍ୟନ୍ତ ଶୋକାକୁଳ ପରିବେଶ ମଧ୍ୟରେ ରବିବାର ଅପରାହ୍ଣରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ୮ ବର୍ଷର ପୁତ୍ର ଅଜୟ ମୁଖାଗ୍ନି ଦେଉଥିବାବେଳେ ଉପସ୍ଥିତ ଲୋକେ ଭାବବିହ୍ୱଳ ହୋଇପଡ଼ିଥିଲେ।

ପ୍ରକାଶ ଯେ, ଗତ ୨୬ ତାରିଖରେ ଉଦୟ ଶତପଥୀ ଘରେ ରୋଷେଇ ଗ୍ୟାସ୍ ସିଲିଣ୍ଡର ମରାମତି କରୁଥିଲେ। ଏହି ସମୟରେ ଗ୍ୟାସ୍ ଲିକ୍ ହୋଇ ଚାରିଆଡ଼େ ବ୍ୟାପିଥିଲା। ଅଜାଣତରେ ରୋଷେଇ ଘରେ ଗ୍ୟାସ୍ ଚୁଲା ଲଗାଇବା ମାତ୍ରେ ଘର ଭିତର ଜଳି ଉଠିଥିଲା। ଉଦୟ, ଭାର୍ଗବୀ ଓ ତାଙ୍କ ୧୨ ବର୍ଷର କନ୍ୟା ସ୍ନେହାଞ୍ଜଳି ପୋଡ଼ି ହୋଇଯାଇଥିଲେ। ଶନିବାର ରାତିରେ ଭାର୍ଗବୀଙ୍କର ମୃତ୍ୟୁ ହୋଇଥିବାବେଳେ ସ୍ୱାମୀ ଉଦୟ ଓ ଝିଅ ସ୍ନେହାଞ୍ଜଳି ବର୍ତ୍ତମାନ ଗୁରୁତର ଅବସ୍ଥାରେ ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି।



### ସାନ ସରକାର ବାବାଙ୍କ ୧୧ତମ ବାର୍ଷିକ ସମାରୋହ

# 'ଫାତେହା' ସମାରୋହରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

**ଭଦ୍ରକ, ୫।୪(ସମିସ)**

ଭଦ୍ରକ ବାଇପାସ୍ ରୋଡ୍‌ସ୍ଥିତ ସରକାର ନଗର ଖାନକାହାଠାରେ ସିଦ୍ଧ ପୁରୁଷ ହଜରତ ସୈୟଦ ଶାହା ୱସିମ୍ ଅଖ୍ତର କାଦରୀ ଓରଫ ସାନ ସରକାର ବାବାଙ୍କ ୧୧ତମ ବାର୍ଷିକ ଫାତେହା 'ଉର୍ଷ-ମାମାଜାନ' ୨ ଦିନ ଧରି ପାଳିତ ହୋଇଯାଇଛି। ଉତ୍ସବର ପ୍ରଥମ ଦିନ ପ୍ରବଳ ବର୍ଷା ସତ୍ତ୍ୱେ ରାଜ୍ୟ ତଥା ରାଜ୍ୟ ବାହାରୁ କୋଲକାତା, ବିହାର, ହାଇଦରାବାଦ, ଆଲ୍ଲାବାଦ, ଦିଲ୍ଲୀ, କାଶ୍ମୀର ଏବଂ ବିଭିନ୍ନ ରାଜ୍ୟରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଶାନ୍ତିଶୃଙ୍ଖଳାର ସହ ଉତ୍ସବରେ ଯୋଗଦେଇଥିଲେ। ସାନ ସରକାର ବାବା ୨୪.୧.୧୯୫୪ ମସିହା ବିହାରର (ଝରିଆ) ନାମକ ଗାଁରେ ପିତା ସୈୟଦ ଶାହା ଅବୁ ସଇଦ କାଦରୀ ଓ ମାତା ସୈୟଦ ସଇୟଦା ୱାରଷା ଖାତୁନ କାଦରୀଙ୍କଠାରୁ ଜନ୍ମ ନେଇଥିଲେ। ୧୯୭୧ରେ ତାଙ୍କ ବଡ଼ ଭାଇ ସନ୍ଥ ସୈୟଦ ଶାହା ନସିମ ଅଖ୍ତର କାଦରୀ(ବଡ଼ ସରକାର) ବାବାଙ୍କ ସହିତ ଭଦ୍ରକ ଆସି ଅନେକ ଜନସେବାରେ ନିଜକୁ ନିୟୋଜିତ କରିଥିଲେ ଓ ସାନ ସରକାର ବାବା ନିଜ ଅନୁଗାମୀଙ୍କୁ ଉପଦେଶ ଛଳରେ ପ୍ରତିଦିନ ପ୍ରଭୁଙ୍କୁ ପ୍ରାର୍ଥନା କରିବା ଦ୍ୱାରା ମନରେ ସ୍ୱଚ୍ଛତା ଓ ସେବା ମନୋବୃତ୍ତି ଫୁଟିଉଠେ ବୋଲି କହି ଆସୁଥିଲେ। ଭଦ୍ରକରେ ରକ୍ତର ଅଭାବ ଯେଉଁ ସମୟରେ ଥିଲା ସେହି ସମୟରେ 'ଅଖିଳ ଭାରତୀୟ ଦୁଃଖୀ ସମାଜ ସଂଗଠନ' କରି ରକ୍ତଦାନ ଶିବିର କରାଇଥିଲେ। ଯାହା ଆଜି ପର୍ଯ୍ୟନ୍ତ ମାମାଜାନଙ୍କ ଭକ୍ତମାନେ ପ୍ରତ୍ୟେକ ବର୍ଷ ରକ୍ତଦାନ ଶିବିର ଚାଲୁ ରହିଛି ଓ ମାତ୍ର ୫୯ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। କିନ୍ତୁ ସେ ଛାଡ଼ି ଯାଇଥିବା ଆଦର୍ଶକୁ ଏବେ ଲକ୍ଷ ଲକ୍ଷ ଅନୁଗାମୀ ଅନୁସରଣ କରୁଛନ୍ତି।

ଉର୍ଷ ଉତ୍ସବରେ ଅର୍ଦ୍ଧରାତ୍ରିରେ ବାବାଙ୍କ ସମାଧି ସ୍ଥଳରେ ଜଳଲାଗି ସ୍ନାନ (ଗୋସଲଖାନୀ) କରାଯାଇ କମିଟିର ଚାଦର ଚଢ଼ାଯାଇଥିଲା ଓ ସକାଳ ନମାଜପାଠ ସାରି କୋରାନଖାନୀ, ମିଲାଦ ସରିଫ, ଫାତେହା ଉତ୍ସବ କାର୍ଯ୍ୟକ୍ରମ ସରିଲା ପରେ ସମସ୍ତ ଭକ୍ତଙ୍କୁ ଶିରିଣି (ଫଳପ୍ରସାଦ) ବଣ୍ଟନ କରାଯାଇଥିଲା। ସକାଳରୁ ରାତି ୧୨ଟା ପର୍ଯ୍ୟନ୍ତ ଭକ୍ତମାନେ ଚାଦର ଶୋଭାଯାତ୍ରା କରି ସାନ ସରକାର ଓ ବଡ଼ ସରକାର ବାବାଙ୍କ ସମାଧିରେ ଚାଦର ଚଢ଼ାଇଥିଲେ। ଏହି ଉତ୍ସବରେ ପ୍ରତ୍ୟେକ ଧର୍ମର ଅନୁଗାମୀ ଭକ୍ତମାନେ ଆସି ବାବାଙ୍କୁ ଦର୍ଶନ କରିଛନ୍ତି। ଏଠି କୌଣସି ଭେଦଭାବ ରହେ ନାହିଁ। ଭକ୍ତମାନଙ୍କ ପାଇଁ ମାଗଣା ଚା' ଷ୍ଟଲ୍, ସ୍ୱାସ୍ଥ୍ୟ ଶିବିର ସହ ବିଭିନ୍ନ କମିଟି ଦ୍ୱାରା ଦୁଇ ଦିନ ଧରି (ଲଙ୍ଗର) ଖାଦ୍ୟ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ଏଥିରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଯୋଗଦେଇଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରକାରର ଦୋକାନ ଖୋଲା ସହିତ ସୁସଜ୍ଜିତ ଗେଟ୍ ଓ ରଙ୍ଗବେରଙ୍ଗର ଆଲୋକର ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ ଭକ୍ତ ସଦ୍‌ଭାବନାର ପ୍ରତୀକ ବଜାୟ ରଖି ଶାନ୍ତିଶୃଙ୍ଖଳା ସହିତ ଉତ୍ସବକୁ ସଫଳ କରିଥିଲେ। ଏସ୍‌ପି ମନୋଜ କୁମାର ରାଉତ ଏବଂ ତାଙ୍କ ସ୍ୱତନ୍ତ୍ର ପୁଲିସ ଟିମ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ।



## ସତ୍ୟସାଇ ବାବାଙ୍କ ସାଧନା ଶିବିର

ଟାଙ୍ଗୀ, ୫।୪ (ସମିସ): ଟାଙ୍ଗୀ ଶ୍ରୀ ସତ୍ୟସାଇ ସେବା ସଂଗଠନ ସମିତି ଆବାହକ ବିଜୟ କୁମାର ରାଓ ଙ୍କ ଆବାହକତ୍ୱରେ ସାଧନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଧିବିଧାନ ଅନୁସାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଭାତ ରେ ନଗର ସଙ୍କୀର୍ତ୍ତନ ଓ ପ୍ରଭୁ ଶ୍ରୀ ବଳରାମଦେବଙ୍କ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସାଧନା ଶିବିରରେ ପୂର୍ବତନ ଆବାହକ ଡଃ ମଧୁସୂଦନ ସେନାପତି, ସରପାରୀ ଭଜନ ମଣ୍ଡଳି ଆବାହକ ଗୌରଚରଣ ବିଶ୍ୱାଳ, ପୂର୍ବତନ ସରପଞ୍ଚ ମିରାବାଇ ସେନାପତି, ଖାଉଟି ଅଦାଲତର ପୂର୍ବତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର ପ୍ରମୁଖଙ୍କ ସମେତ ସମିତି ର ସମସ୍ତ ଭାଇ ଭଉଣୀ ଯୋଗଦେଇଥିଲେ।

## ପ୍ରାକ୍ତନ ଫୁଟ୍‌ବଲ ଖେଳାଳିଙ୍କ ପରଲୋକ

ଟାଙ୍ଗୀ, ୫।୪(ସମିସ): ଟାଙ୍ଗୀ ଅଞ୍ଚଳର ଜଣେ ପ୍ରାକ୍ତନ ଫୁଟବଲ ଖେଳାଳୀ ସାଧୁ ଚରଣ ମାଝୀ ଙ୍କର ଆଜି ସକାଳେ ଚଣ୍ଡେଶ୍ୱରସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ପାଠ ପଢୁଥିବା ସମୟରେ ସେ ଜଣେ ଉଚକୋଟୀର ଫୁଟବଲ ଖେଳାଳୀଭାବେ ଜଣାଶୁଣା ଥିଲେ। ତାଙ୍କର ପରଲୋକ ଖବର ପାଇ ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟକୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ପୁରୀ ସାଂସଦ ପ୍ରତିନିଧି ଦୀନବନ୍ଧୁ ସାହୁ, ଚିଲିକା ବ୍ଲକ ଶିକ୍ଷକ ନେତା ପୂର୍ଣଚନ୍ଦ୍ର ସାହୁଙ୍କ ସମେତ ବହୁ ଫୁଟବଲ ଖେଳାଳୀ ତାଙ୍କର ଅନ୍ତିମ ଦର୍ଶନ କରିଥିଲେ। ଶୋକାକୂଳ ପରିବେଶରେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ବିପ୍ର ଚରଣ ମୁଖାଗ୍ନି ଦେଇଥିଲେ।

## ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବେଗୁନିଆ, ୫।୪(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମକୁନ୍ଦପୁର ଗ୍ରାମର ଆରାଧ ଦେବତା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଚାରିଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଛି। ଏଥିରେ ଯଜ୍ଞାଚାର୍ଯ୍ୟ ଅଶୋକ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱର୍ ପାଣିଗ୍ରାହୀ ଓ ପତ୍ନୀ ମାଳତୀ କର୍ତ୍ତା ଭାବେ ଉପବେସନ କରିବା ପରେ ବୈଦିକ ରୀତି ନୀତି ଅନୁଯାଇ ଅଙ୍କୁରାରୋପଣ ସହ କଳସ ଶୋଭାଯାତ୍ରା କରାଯାଇ ଯଜ୍ଞ ସ୍ଥଳରେ ସ୍ଥାପନ ହୋଇଥିଲା। ପରେ ତୀର୍ଥାବାହନ, ମଣ୍ଡଳକରଣ, ଅଗ୍ନିସ୍ଥାପନ, ଆହୁତି ପ୍ରଦାନ, ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା, ଶିବଙ୍କ ଷୋଡଶ ଉପଚାର ପୂଜା, ଶିବ ମନ୍ତ୍ରରେ ଆହୁତି, ସର୍ବ ଦେବଦେବୀ ପୂଜା ସହ ପୂର୍ଣ୍ଣାହୁତି ଭକ୍ତି ଭାବମୟ ପରିବେଶ ମଧ୍ୟରେ ସମାପନ ହୋଇଥିଲା ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚକ ଗଣେଶ୍ୱର ସ୍ୱାଇଁ ଓ ଗୁରୁପ୍ରସାଦ ମହାପାତ୍ରଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ପ୍ରଦୀପ କୁମାର ସାହୁ ପହଁଚି ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ।

## ଶିକ୍ଷାବିତ୍‌ଙ୍କ ମାତୃ ବିୟୋଗ



ବେଗୁନିଆ, ୫।୪(ସମିସ): ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଗୌଡନୂଆଗାଁ ଗ୍ରାମର ଶିକ୍ଷାବିତ୍ ଅନ୍ତର୍ଯ୍ୟାମୀ ପଣ୍ଡାଙ୍କ ମାତା ବୈଦେହୀ ଦେବୀ (୮୬)ଙ୍କ ବାର୍ଦ୍ଧକ୍ୟ ଜନିତ ଯୋଗୁଁ ମୃତ୍ୟୁ ଘଟିଛି। ସେ ଜଣେ ମେଳାପୀ, ଆଧାତ୍ମିକବାଦୀ, ପରୋପକାରୀ ଓ ଦୟାଳୁ ମହିଳା ଭାବରେ ପରିଚିତ ଥିଲେ। ତାଙ୍କ ମରଶରୀରକୁ ପୁଅ ଅନ୍ତର୍ଯ୍ୟାମୀ ଓ ରବି ନାରାୟଣ ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

ନିରାକାରପୁର, ୫।୪ (ସମିସ): ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ବଡପୋଖରିଆସ୍ଥିତ କାର୍ଯ୍ୟାଳୟ ଠାରେ ବଡପୋଖରିଆ ମଣ୍ଡଳର ପ୍ରଶିକ୍ଷଣ ବର୍ଗ ମଣ୍ଡଳ ସଭାପତି ମାଧବ ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ବିଜେପିର ଜିଲ୍ଲା ସଭାପତି ବିଶ୍ୱ ରଞ୍ଜନ ବଡ଼ଜେନା ଉଦ୍‌ଘାଟନ କରିଥିଲେ। ନିକୁଞ୍ଜ କିଶୋର ପଟ୍ଟନାୟକ ବୈଚାରିକ ଅଧିଷ୍ଠାନ, ମନୋଜ ନନ୍ଦ ସ୍ୱତନ୍ତ୍ର ସଘନ ସଂଶୋଧନ, ମଣ୍ଡଳ ପ୍ରଭାରୀ ଦୁଷ୍ମନ୍ତ ହରିଚନ୍ଦନ ଇତିହାସ ବିକାଶ ବକ୍ତବ୍ୟ ରଖିଥିଲେ। ବିଜେପି ବରିଷ୍ଠ କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କାର୍ଯ୍ୟ ବିସ୍ତାର, ପ୍ରଫୁଲ୍ଲ ଦଳେଇ, ଦିଲ୍ଲୀପ ହୋତା, କେଳୁ ଚରଣ ଜଗଦେବ, ପ୍ରତାପ ଚନ୍ଦ୍ର ମହାପାତ୍ର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ ଉଦଯାପନ କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ବିଜେପିର ପ୍ରଭାରୀ ପବିତ୍ର ମୋହନ ଦାସ, ବିଜେପି ଓଡ଼ିଶା ଶିକ୍ଷକ ପ୍ରକୋଷ୍ଠ ଆବାହକ ଲକ୍ଷ୍ମୀକାନ୍ତ ମିଶ୍ର, ଭାଗିରଥି ସାମନ୍ତରାୟ, ଜିଲ୍ଲା ସମ୍ପାଦିକା ତଥା ବଡପୋଖରିଆ ସମିତି ସଭ୍ୟା ଜ୍ୟୋସ୍ନାରାଣୀ ଜେନା, ଛଣଗିରି ସମିତି ସଭ୍ୟା ତଥା ମଣ୍ଡଳ ସାଧାରଣ ସମ୍ପାଦିକା ସୁମିତ୍ରା ବୈରିସଲ, ଅଚ୍ୟୁତପୁର ସମିତି ସଭ୍ୟ ତଥା ମଣ୍ଡଳ ସାଧାରଣ ସମ୍ପାଦିକ ପୂର୍ଣ୍ଣଚନ୍ଦ୍ର ସିଂହ, ସରପଞ୍ଚ ପ୍ରତିନିଧି ଟଙ୍କଧର ମହାପାତ୍ର, ଓଲସିଂହ ସରପଞ୍ଚ ପ୍ରତିନିଧି ଚିତ୍ତରଞ୍ଜନ ଭୋଳ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ତଥା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ଜେନାଙ୍କ ସହିତ ସାତ ଗୋଟି ଶକ୍ତିକେନ୍ଦ୍ରର ପ୍ରମୁଖ, ମଣ୍ଡଳ କମିଟିର ସଦସ୍ୟ ଏବଂ ସମସ୍ତ ବୁଥ ସଭାପତି ଓ ବୁଥ ସାଧାରଣ ସମ୍ପାଦକ ଉପସ୍ଥିତ ଥିଲେ।

# ପାଉଚ୍ ପାଣିର ଗୁଣବତ୍ତାକୁ ନେଇ ପ୍ରଶ୍ନ

# ବଜାରରେ ମିଳୁନି ବିଶୁଦ୍ଧ ପିଇବା ପାଣି

ଖୋର୍ଦ୍ଧା, ୫।୪ (ସମିସ)



ଗ୍ରୀଷ୍ମ ପ୍ରବାହ ଯେତେ ବୃଦ୍ଧି ପାଇବାରେ ଲାଗିଛି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସେତିକି ପରିମାଣରେ ପିଇବା ପାଣିର ଚାହିଦା ମଧ୍ୟ ବୃଦ୍ଧି ପାଉଛି। ଏଥିପାଇଁ ଏବେ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଥଣ୍ଡା ପିଇବା ପାଣିର ଚାହିଦା ରହିଥିବାବେଳେ ବଜାରରେ ଉପଲବ୍ଧ ଥଣ୍ଡା ପାଣି ପାଉଚର ଆଦିର ମଧ୍ୟ ଅନେକ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ଏହି ପାଉଚ ପାଣି କମ ଦାମରେ ଓ ସୁବିଧାରେ ସବୁଠି ଉପଲବ୍ଧ ହେଉଥିବାରୁ କେବଳ ଗ୍ରୀଷ୍ମଋତୁ କାହିଁକି ବର୍ଷ ସାରା ସବୁ ବର୍ଗର ଲୋକଙ୍କଠାରେ ଏହା ବେଶ ଆଦୃତ ହୋଇପାରିଛି। କିନ୍ତୁ ବଜାରରେ ମିଳୁଥିବା ଏହି ପାଉଚ ପାଣି ଉପଯୁକ୍ତ ମାନର କି ନୁହେଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଥାଉକି, ବର୍ତ୍ତମାନ ବଜାରରେ ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ପାଣି ପାଉଚ ଲୋକଙ୍କ ପାଇଁ ଏକ ସୁବିଧା ପାନୀୟ ଜଳ ମାଧ୍ୟମ ପାଲଟିଛି। ଫଳରେ ବିଭିନ୍ନ ନାମୀଦାମୀ କମ୍ପାନି ସହ କିଛି ଅନାମଧେୟ କମ୍ପାନୀ ମଧ୍ୟ ଏହାକୁ ପ୍ରସ୍ତୁତ କରି ବଜାରରେ ବିକ୍ରି ପାଇଁ ଛାଡୁଛନ୍ତି। ଏହାକୁ ପ୍ରସ୍ତୁତ ପାଇଁ ବିଦ୍ଧିବଦ୍ଧ ନିୟମ ଥିଲେ ମଧ୍ୟ ବଜାରରେ ଉପଲବ୍ଧ ଅଧିକାଂଶ ପାଣି ପାଉଚ ଉତ୍ପାଦନ କମ୍ପାନି ସେହିସବୁ ନିୟମର ଖୋଲାଖୋଲି ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ହେଉଛି। ସରକାରୀ ବିଧି ବ୍ୟବସ୍ଥା ଅନୁଯାୟୀ, ପାଣି ଉତ୍ପାଦନ କମ୍ପାନି ଆଇଏସ୍‌ଆଇ ମାର୍କ ପାଇବା ବାଧ୍ୟତାମୂଳକ ସହ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନ କର୍ତ୍ତୃପକ୍ଷ (ଫୁଡ ସେଫ୍ଟି ଏଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ) ର ଅନୁମତି ନେବା ବାଧ୍ୟତାମୂଳକ ରହିଛି। ପ୍ରସ୍ତୁତ ପାଣି ପାଉଚ ଉପରେ ବ୍ୟାଚ୍ ନମ୍ବର ସହ ଉତ୍ପାଦନ ତାରିଖ ସ୍ପଷ୍ଟ ଉଲ୍ଲେଖ ରହିବା ବାଧ୍ୟତାମୂଳକ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ପାଉଚର ପ୍ୟାକିଂ ହୋଇଥିବା ପାଣି କେତେ ଦିନ ପର୍ଯ୍ୟନ୍ତ ବ୍ୟବହାରଯୋଗ୍ୟ ତାହା ମଧ୍ୟ ଉଲ୍ଲେଖ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ମାତ୍ର ବଜାରରେ ଉପଲବ୍ଧ ପାଣି ପାଉଚ ଉପରେ ଉତ୍ପାଦନ ତାରିଖର ୩୦ ଦିନ ମଧ୍ୟରେ ବ୍ୟବହାର ଯୋଗ୍ୟ ଉଲ୍ଲେଖ ରହିଥିଲେ ମଧ୍ୟ କେଉଁ ତାରିଖରେ ତାହା ପ୍ୟାକିଂ ହୋଇ କେତେଦିନ ପର୍ଯ୍ୟନ୍ତ ବ୍ୟବହାର ଯୋଗ୍ୟ ତାହା ଗ୍ରାହକମାନେ ଜାଣିବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ପାଣି ପାଉଚ୍ ସବୁ ଥଣ୍ଡା ଅବସ୍ଥାରେ ଗ୍ରାହକମାନଙ୍କୁ ଦିଆଯାଉନାହିଁ।

ଅଧିକାଂଶ ଅଞ୍ଚଳରେ ଫ୍ରିଜ୍ ଖରାପ ଥିବା, ବର୍ତ୍ତମାନ ଫ୍ରିଜ୍ ରେ ପାଉଚ ଭର୍ତ୍ତି କରିଥିବା ଆଳ ଦେଖାଇ ଦୋକାନୀ ଗ୍ରାହକଙ୍କୁ ସାଦା ପାଣି ପାଉଚ ଦେଇ ଠକୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ପାଉଚ୍‌ରେ ବ୍ୟବହୃତ ପାଣିର ନିୟମିତ ବ୍ୟବଧାନରେ ଯାଞ୍ଚ ପାଇଁ ଜିଲ୍ଲାସ୍ତରରେ ଖାଦ୍ୟ ସୁରକ୍ଷା ଅଧିକାରୀ ନିଯୁକ୍ତ କରାଯାଇଛି। ଏହି ବିଭାଗ କିନ୍ତୁ ସେଭଳି ଆଖିଦୃଷିଆ କାର୍ଯ୍ୟକ୍ରମ କରୁନଥିବା ଅଭିଯୋଗ ହେଉଛି। ଯାହା ଫଳରେ ବର୍ଷର ସବୁ ଦିନେ ଦୋକାନୀଙ୍କୁ ଉତ୍ପାଦନକାରୀ କମ୍ପାନୀମାନେ ପାଣି ଯୋଗାଉଛନ୍ତି। ଏପରିକି ଅଧିକାଂଶ ସମୟରେ ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ପାଣିରୁ ଦୁର୍ଗନ୍ଧ ବାହାରିବା ସହ ଅନେକ ସମୟରେ ଏହା ପିଇବା ଲାଗି ଅନୁପଯୁକ୍ତ ହେଉଥିବା ଅଭିଯୋଗ ହେଉଛି।

ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ସରକାର ବିଶେଷ ଗୁରୁତ୍ୱ ଦେଇ ଏହାର ଉତ୍ପାଦନ ଓ ବିକ୍ରୟ ଉପରେ ବିଧିବଦ୍ଧ ନିୟମ ଲାଗୁ କରିଥିଲେ ହେଁ ଏହାକୁ ନିୟନ୍ତ୍ରଣ କରୁଥିବା ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଏବଂ ପାଣି କମ୍ପାନୀ ସହ ଚାଲିଥିବା ମଧୁଚନ୍ଦ୍ରିକା ଯୋଗୁଁ ବର୍ତ୍ତମାନ ଅଧିକାଂଶ କମ୍ପାନୀ ନିୟମର ଖୋଲାଖୋଲି ଉଲଙ୍ଘନ କରି ଗ୍ରାହକମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ତେଣୁ ବିଭିନ୍ନ ସ୍ଥାନରେ ଚାଲିଥିବା ପାଣି ପାଉଚ କମ୍ପାନୀ ରେ ଚଢଉ କରାଯାଇ ଏହାର ଉତ୍ପାଦନରେ ସଠିକ ମାନ ରକ୍ଷା କରାଯିବା ସହ ବଜାରରେ ବିକ୍ରି ହେଉଥିବା ପାଣିର ପରୀକ୍ଷା କରିବା ଦିଗକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉ ବୋଲି ସାଧାରଣରେ ଦାବୀ ହେଉଛି।

### ସ୍ୱଚ୍ଛ ଭାରତ ଯୋଜନାକୁ ଉପହାସ

## ବାଲିପାଟପୁର ଜେଟି ଅଭିଶପ୍ତ ନର୍କକୁଣ୍ଡ

ଟାଙ୍ଗୀ, ୫।୪(ସମିସ) : ଟାଙ୍ଗୀ ବ୍ଲକ ବାଲିପାଟପୁର ପଞ୍ଚାୟତ ଖୋର୍ଦ୍ଧା ଜିଲ୍ଲା ରେ ପରିମଳ ବ୍ୟବସ୍ଥା ପାଇଁ ବ୍ୟତିକ୍ରମ। ପ୍ରଶାସନ କି ପଞ୍ଚାୟତ କର୍ତ୍ତୃପକ୍ଷ କାହାର ଏହି ପଞ୍ଚାୟତର ପରିମଳ ବ୍ୟବସ୍ଥା ପ୍ରତି ତିଳେମାତ୍ର ପରବାଏ ନାହିଁ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ପ୍ରତି ସରକାର ସମ୍ପୂର୍ଣ୍ଣ ସଚେତନ ଥିବା ଡିଣ୍ଡିମ ପିଟୁଥିବା ତଥା କିମ୍ବିର କାନ୍ଦଣା କାହାରିକୁ ଅଛପା ନାହିଁ। ଚିଲିକାରୁ ଆମଦାନି ହେଉଥିବା ବିଭିନ୍ନ କିସମର ମାଛ ନେବା ପାଇଁ ଚାନ୍ଦପୁର, ରଣପୁର, ସୁନାଖଳା ସମେତ ଦୂରଦୂରାନ୍ତରୁ ମାଛ ବେପାରୀ ମାନେ ପ୍ରତିଦିନ ଏହି ବାଲିପାଟପୁର ଜେଟିକୁ ଆସନ୍ତି। ତେବେ ଏହି ଜେଟି ର ପାର୍ଶ୍ୱ ରେ ପାହାଡ ଭଳି ଅଳିଆ, ଆବର୍ଜନା, ବର୍ଜ୍ୟବସ୍ତୁ ପୁତିଗନ୍ଧମୟ ପରିବେଶରେ ବର୍ଷ ବର୍ଷ ଧରି ଜମା ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ଆଦୌ ଦୃଷ୍ଟି ନାହିଁ। ଏହି ଜେଟି ଆଖପାଖ ରାସ୍ତା ସର୍ବସାଧାରଣଙ୍କ ପାଇଖାନା ଭାବେ ବ୍ୟବହାର କରାଯାଉଥିବା ଜଣାପଡ଼ିଛି। ସବୁଠାରୁ ଦୁଃଖ ତଥା ପରିତାପର ବିଷୟ ବାଲିପାଟପୁର ପଞ୍ଚାୟତ କାର୍ଯ୍ୟାଳୟ ପଛ ପଟେ ଏହି ଜେଟି ରହିଛି। ଏପରିକି ପଞ୍ଚାୟତ କାର୍ଯ୍ୟାଳୟ ପଛପଟେ ମଧ୍ୟ ଏକ ବିରାଟ ଖଉରିଆ ଅପରିଷ୍କାର ପୁଷ୍କରିଣୀ ରହିଛି ଓ ଏହି ପୋଖରୀ ପାଣି ଦୁଷିତ ହୋଇଥିଲେ ମଧ୍ୟ କର୍ମକୁ ଆଦରି ସର୍ବସାଧରଣ ଗାଧୋଇବା, ପାଇଖାନା ଫେରିବା ପରେ ଶୌଚ ହେବା ଏପରିକି ଏହି ପୋଖରୀ ପାଣି ରେ ପୋଷାକ ପତ୍ର ସଫାସୁତୁରା କରାଯାଉଥିବା ଜଣାପଡ଼ିଛି। ଟାଙ୍ଗୀ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କେବେ ଏ ଅଞ୍ଚଳରେ ପାଦ ପଡ଼ିନଥିବା ଭଳି ସନ୍ଦେହ ସୃଷ୍ଟି ହୋଇଛି।



## ଖୋର୍ଦ୍ଧା ଜିଲ୍ଲା ଯାଦବ ସମିତିର ବୈଠକ



ନିରାକାରପୁର, ୫।୪(ସମିସ): ଖୋର୍ଦ୍ଧା ଜିଲ୍ଲା ଯାଦବ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଯାଦବ ମହାସଭାର ଅନୁମତିକ୍ରମେ ଦୁଇଜଣ ପର୍ଯ୍ୟବେକ୍ଷକ ନନ୍ଦଲାଲ ସିଂହ ଯାଦବ ଏବଂ ପ୍ରସନ୍ନ କୁମାର ବେହେରାଙ୍କ ଉପସ୍ଥିତିରେ ଏହି ବୈଠକ ସମ୍ପନ୍ନ ହୋଇଛି। ଏହି ବୈଠକରେ ନିରାକାରପୁର ଯାଦବ ସମିତିର ମା' ଦହିଖାଇଙ୍କ ପୀଠରେ ଖୋର୍ଦ୍ଧା ଜିଲ୍ଲା କର୍ମକର୍ତ୍ତା ଚୟନ ନୀତିଗତ ଭାବେ କରାଯିବ ପାଇଁ ସ୍ଥିର କରାଯାଇଛି।

ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ମେ ମାସ ୬ ତାରିଖ ବୁଧବାର ପୂର୍ବାହ୍ନ ୧୦ ଘଟିକା ସମୟରେ କନ୍ଧନୟାଗଡ଼ ସ୍ଥିତ ମା' ଡୋମଣି'ଙ୍କ ପୀଠରେ ନୂତନ କର୍ମକର୍ତ୍ତା ଚୟନ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଖୋର୍ଦ୍ଧା ଜିଲ୍ଲା ଯାଦବ ସଂଘ ସଭାପତି ରତ୍ନାକର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାରେ ଶଙ୍କର ପ୍ରତାପ ମହାରଥୀ, ଅନ୍ତର୍ଯ୍ୟାମୀ ବେହେରା, ରତ୍ନାକର ପରିଡ଼ା, ମୋହନ ବେହେରା, ସୁଦର୍ଶନ ଦାସ, ଲକ୍ଷ୍ମୀଧର ବେହେରା, ଲୋକନାଥ ବେହେରା, ନିରଞ୍ଜନ ବେହେରା, ସୁଶାନ୍ତ ବେହେରା, ପ୍ରଦୀପ ବେହେରା, ଶେଷଦେବ ବେହେରା, ପୀତାବାସ ବେହେରା, ଲକ୍ଷ୍ମୀଧର ବେହେରା, ଜହରୀ ବେହେରା, ରାମଚନ୍ଦ୍ର ପରିଡ଼ା, ଶତ୍ରୁଘ୍ନ ବେହେରା ଓ ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆଶାକର୍ମୀଙ୍କ ଆନ୍ଦୋଳନ ପ୍ରସ୍ତୁତି

ବେଗୁନିଆ, ୫।୪ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ମା' ବର ମୂଳେଇ ପୀଠରେ ଏଆଇଟିୟୁଆଇସି ସହବନ୍ଧିତ୍ ନିଖିଳ ଓଡ଼ିଶା ଆଶା କର୍ମୀଙ୍କ ଆନ୍ଦୋଳନ ପାଇଁ ବେଗୁନିଆ ବ୍ଲକ କମିଟି ପକ୍ଷରୁ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ ହୋଇଛି। ଏ ନେଇ ଆଶାକର୍ମୀ ସରସ୍ୱତୀ ଦେବୀଙ୍କ ଆବାହକତ୍ୱରେ ଜିଲ୍ଲା ସଭାପତି ବସନ୍ତ କୁମାର ସେଠୀ ଯୋଗ ଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ସହ ଆଗାମୀ ଦିନରେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଧାରଣା ଦେବାକୁ ଆହ୍ୱାନ ଦିଆଯାଇଥିଲା। ଲୋକଙ୍କ ସରକାର କ୍ଷମତାକୁ ଆସିବା ଦିନଠାରୁ ନିୟମିତ ଭତା ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରାପ୍ୟ ନିୟମିତ ଭାବେ ମିଳୁ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖିନ ହୋଇ ପରିବାରର ଗୁଜୁରାଣ ମେଣ୍ଟାଉ ଅଛନ୍ତି। ଏପରିକି ବିଭିନ୍ନ ସମୟରେ ନୂତନ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଆସୁଥିବା ବେଳେ ପାରିଶ୍ରମିକ ମିଳୁ ନ ଥିବାରୁ ଦିନକୁ ଦିନ ଅସନ୍ତୋଷ ସୃଷ୍ଟି ହେଉଛି। ତୁରନ୍ତ ନିୟମିତ ଭତ୍ତା ପ୍ରଦାନ ସହ କାର୍ଯ୍ୟ ଅନୁଯାଇ ଅର୍ଥ ରାଶି ଦେବା ଉପରେ ଆଲୋକପାତ କରିଥିଲେ। ଯଦି ଦାବୀ ମୁତାବକ ଅର୍ଥ ପ୍ରଦାନ କରା ନ ଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। ଏଥିରେ ଟୁନି ମାନସିଂହ, ସୁନ୍ଦରମଣି ପ୍ରଧାନ, ରୀନା ଚମ୍ପତି, ବାସନ୍ତୀ ବାରିକ୍, ରେବତୀ ନାୟକ, ସଞ୍ଜୁଲତା ପ୍ରଧାନ, ମମତା ରାଣୀ ଓ ମାନିନୀ ସ୍ୱାଇଁଙ୍କ ସମେତ ଆଶାକର୍ମୀ ଉପସ୍ଥିତ ରହିଥିଲେ।

## ବାଘମାରୀ ରାବଣ ପୋଡ଼ି ଉତ୍ସବ ଉଦ୍‌ଯାପିତ

ବେଗୁନିଆ, ୫।୪(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମସ୍ଥିତ ତଳସାହିର ରଘୁନାଥ ଦେବ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ନଅ ଦିନ ଧରି ଚାଲିଥିବା ରାମଲୀଳା ନାଟକର ଉଦଯାପନୀ ଉତ୍ସବ ଅବସରରେ ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଦାଶରଥି ପଣ୍ଡାଙ୍କ ଅଧ୍ୟକ୍ଷତା ଓ କବି ଗୋପୀନାଥ ସେଠୀଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ସମାଜସେବୀ ମାନସ ବେହେରା, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସମିତି ସଭ୍ୟା ନବନିତା ମହାନ୍ତି, ୱାର୍ଡସଭ୍ୟା ସୁନିତା ରାଣୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ସମାଜସେବୀ ମଧୁ ସୁଦନ ସୁବୁଦ୍ଧି ଓ ବରିଷ୍ଠ ସଦସ୍ୟ ନାରାୟଣ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଅହିଂସା ଓ ଶାନ୍ତିଭାବ ଉଦ୍ରେକ ଦ୍ୱାରା ରାମରାଜ୍ୟ ପ୍ରତିଷ୍ଠା ହୋଇ ପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସଭା ପ୍ରାରମ୍ଭରେ ସମ୍ପାଦକ ପ୍ରତାପ ମହାନ୍ତି ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପରେ ଖୋର୍ଦ୍ଧା ମହାବୀର ଡ୍ୟାନସ ଗ୍ରୁପ ଓ ନୃତ୍ୟ ନୟନା ଏକାଡେମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ ୭୦ ଫୁଟ ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆର୍ତ୍ତବନ୍ଧୁ ସେଠୀ, ଦୀନବନ୍ଧୁ ବେହେରା, ବିନୋଦ ମହାପାତ୍ର, ନାରାୟଣ ସେଠୀ ଓ ସୁଧାଂଶୁ ମୋହନ ସେଠୀ ପ୍ରମୁଖ କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ।

## ଲେଣ୍ଡୁ ସେବା ସମବାୟ ସମିତି ସମ୍ପାଦକଙ୍କ ମୃତ୍ୟୁ

ନିରାକାରପୁର, ୫।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ଲେଣ୍ଡୁ ସେବା ସମବାୟ ସମିତିର ସମ୍ପାଦକ ଦେବବ୍ରତ୍ ସାମନ୍ତରାୟଙ୍କର ଆଜି ନିଜ ବାସଭବନରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଲେଣ୍ଡୁ ପଞ୍ଚାୟତ ଲଳିତାପାଟପୁର ଗ୍ରାମସ୍ଥିତ ତାଙ୍କ ବାସଭବନରେ ଏହି ଅଭାବନୀୟ ଘଟଣା ଘଟିଥିବା ଆଜି ପରିବାର ଲୋକେ ଦେଖିବାକୁ ପାଇଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୩୧ ବର୍ଷ ବୟସ ହୋଇଥିଲା। ତେବେ ତାଙ୍କ ମୃତ୍ୟୁର ସଠିକ୍ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଘଟଣା ସମ୍ପର୍କରେ ଖବର ପାଇ ନିରାକାରପୁର ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ତାଙ୍କର ଏହି ହଠାତ୍ ବିୟୋଗ ସ୍ଥାନୀୟ ଅଞ୍ଚଳ ତଥା ସମବାୟ କ୍ଷେତ୍ରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଶ୍ରୀ ସାମନ୍ତରାୟ ଜଣେ ନିଷ୍କପଟ, ମିଷ୍ଟଭାଷୀ, କଠିନ ପରିଶ୍ରମୀ ଏବଂ ସମବାୟ ପ୍ରେମୀ ବ୍ୟକ୍ତିତ୍ୱ ଥିଲେ ବୋଲି ଟାଙ୍ଗୀ ବ୍ଲକ ସମବାୟ କର୍ମଚାରୀ ସଂଘ ପକ୍ଷରୁ ସୂଚନା ମିଳିଛି। ତାଙ୍କର ଏହି ଦୁଃଖଦ ବିୟୋଗରେ ଟାଙ୍ଗୀ ବ୍ଲକ ସେବା ସମବାୟ ସମିତି କର୍ମଚାରୀ ସଂଘ ଏବଂ ରାଜ୍ୟ ସେବା ସମବାୟ ସମିତି କର୍ମଚାରୀ ସଂଘର ଉପ-ସଭାପତି ତଥା ବଡ଼ପୋଖାରିଆ ସେବା ସମବାୟ ସମିତିର ସମ୍ପାଦକ ଦୁଷ୍ମନ୍ତ କୁମାର ମହାପାତ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି ନୂଆଗଡ଼ ସେବା ସମବାୟ ସମିତିର ସମ୍ପାଦକ ଜଗନ୍ନାଥ ଓଝା ଶୋକବ୍ୟକ୍ତ କରିଛନ୍ତି।

# ଖୋର୍ଦ୍ଧାରେ ଜିଲ୍ଲାସ୍ତରୀୟ ଐତିହ୍ୟ ଗଣଦୌଡ଼

ଖୋର୍ଦ୍ଧା, ୫।୪(ସମିସ)



ଓଡ଼ିଶାର ଅସ୍ମିତା, ଓଡ଼ିଆର ପରମ୍ପରା, କଳା ଓ ସଂସ୍କୃତିକୁ ପୁନଃର୍ଜିବୀତ କରିବା ତଥା ଏହାର ମହତ୍ୱ ପ୍ରତ୍ୟେକ ଓଡିଆଙ୍କ ମନରେ ଜାଗ୍ରତ କରିବା ଉପଲକ୍ଷେ ଓଡ଼ିଆ ପକ୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲ ୧ରୁ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ପାଳନ କରାଯାଉଛି। ଓଡ଼ିଶାର ବରପୁତ୍ର ମାନଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ପୂର୍ବସୁରୀ ମାନଙ୍କ ଗାଥାକୁ ଅନୁସରଣ କରି ଓଡ଼ିଶାର ଅସ୍ମିତାକୁ ତଥା ଜିଲ୍ଲାର ଗାରିମାକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ଆଜି ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ ପରିଚାଳନାରେ ଐତିହ୍ୟ ଗଣ ଦୌଡ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ୍ ସମାବେଶରେ ମୁଖ୍ୟଅତିଥି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ ପତାକା ଦେଖାଇ ଗଣଦୌଡ କୁ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା କାର୍ଯ୍ୟକ୍ରମର ବିସ୍ତୃତ ତଥ୍ୟ ପ୍ରଦାନ କରିବା ସହ କଳିଙ୍ଗର ଇତିହାସ ସମ୍ବନ୍ଧରେ ପିଲା ମାନଙ୍କୁ ଜାଣିବାକୁ ହେଲେ ଓଡ଼ିଆ ପକ୍ଷ ପାଳନର ସମସ୍ତ ଦିବସର ମହତ୍ୱ ବୁଝିବାକୁ ପରାମର୍ଶ ଦେଇ ଖୋର୍ଦ୍ଧା ବୀର ମାଟିର ଇତିହାସ ପଢ଼ି ଏକ ଅଗ୍ରଣୀ ଜିଲ୍ଲା ଗଢି ତୋଳିବା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଐତିହ୍ୟ ଗଣଦୌଡ ସମାରୋହରେ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ପୌରଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ବିଜେବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଭୁପ୍ରସାଦ ସେନାପତି, ଅବକାରୀ ଅଧିକ୍ଷକ (ଖୋର୍ଦ୍ଧା) ସୁମତୀ ତ୍ରିପାଠୀ, ଡେପୁଟୀ କଲେକ୍ଟର (ରାଜସ୍ୱ) ନିବେଦିତା ପରିଡ଼ା, ଡେପୁଟୀ କଲେକ୍ଟର (ନିର୍ବାଚନ) ରଞ୍ଜନ କୁମାର ଜେନା, ଡେପୁଟୀ କଲେକ୍ଟର ସ୍ୱିଟୀ ସୋରେନ, ଖୋର୍ଦ୍ଧା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଯୋଗଦାନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଜନ ପ୍ରତିନିଧି, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ସାମିଲ ହୋଇଥିଲେ।

### ସର୍ବଭାରତୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

## କଟକ ମା' ମଙ୍ଗଳା କ୍ଲବ୍ ଚାମ୍ପିଅନ



ବେଗୁନିଆ, ୫।୪(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଗ୍ରାମସ୍ଥିତ ଖେଳ ପଡ଼ିଆରେ ସାତ ଦିନ ଧରି ଚାଲିଥିବା ଆଥଲେଟିକ ଆସୋସିଏସନ୍ ପକ୍ଷରୁ ୫୧ ତମ ବାର୍ଷିକ ସର୍ବ ଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ମ୍ୟାଚ୍ କଟକ ମା ମଙ୍ଗଳା କ୍ଲବ ଓ ରାଞ୍ଚି, ଘାଟିକିଆ ବଜରଙ୍ଗବାଲି ସ୍ପୋର୍ଟିଂ ଫୁଟବଲ୍ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ କଟକ ମା' ମଙ୍ଗଳା କ୍ଲବ ୪-୦ ଗୋଲରେ ଚାମ୍ପିଅନ ହୋଇଛି। ଖେଳକୁ ମ୍ୟାଚ କମିଶନର ଅବଦୁଲ ଦୟାନ ଖାଁଙ୍କ ନିର୍ଦ୍ଦେଶରେ ରେଫରି ରାଜୁ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଗିରିଶ ଜାନି ପ୍ରଫୁଲ୍ଲ କୁମାର ବେହେରା ଓ ପ୍ରିୟବ୍ରତ ବାହିନୀପତି ପରିଚାଳନାରେ ସହଯୋଗ କରିଥିଲେ। ଏ ନେଇ ପୁରସ୍କାର ବିତରଣ ସଭାରେ ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ(ସିଲୁ ଭାଇ)ଙ୍କ ଅଧ୍ୟକ୍ଷତାରେ ପୂର୍ବତନ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟଅତିଥି, ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ସତ୍ୟ ନାରାୟଣ ପ୍ରଧାନ, ପ୍ରଦୀପ କୁମାର ବାରିକ, ସୁନନ୍ଦା ବରାଳ, ଅସିତ୍ କୁମାର ତ୍ରିପାଠୀ, ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ, ସମାଜସେବୀ ଲକ୍ଷ୍ମୀକାନ୍ତ ମହାପାତ୍ର ଓ ମଳୟ ରଞ୍ଜନ ପଣ୍ଡା ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ନଗଦ ଅର୍ଥ ୩୦ ହଜାର ଏବଂ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିବା ପରେ ଲଟେରୀ ଉଠାଣ କରାଯାଇ ଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭ୍ୟ ଅମଜାଦ ଖାଁ ଓ ଲଡୁ କିଶୋର ପଟ୍ଟନାୟକ ସମେତ ସଦସ୍ୟମାନେ ସହଯୋଗ କରିଥିଲେ।

## ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



କଣିହାଁ,୫ ।୪(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପଠାରେ ଶନିବାର ଅପରାହ୍ନରେ ପାଲଲହଡ଼ା ବିଧାୟକ ତଥା ନବନିଯୁକ୍ତ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଯୋଜନା ବୋର୍ଡ ଅଧ୍ୟକ୍ଷ ମହାନ୍ତି ଓଏଚପିସି ଡାକବଙ୍ଗଳାରେ ପହଞ୍ଚିବା ପରେ ସେଠାରେ ଉତ୍କଳ ସାମ୍ବାଦିକ ସଂଘ କଣିହାଁ ଶାଖା କାର୍ଯ୍ୟକର୍ତ୍ତାଙ୍କ ସହ ବିଭିନ୍ନ ଅନୁଷ୍ଠାନ, ଶ୍ରମିକ ସଂଗଠନ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ବିଜେପି କର୍ମକର୍ତ୍ତା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବିଜେପି କର୍ମୀମାନେ ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ଶିଶୁମନ୍ଦିରଠାରୁ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ପେଟ୍ରୋଲ ପମ୍ପ ଛକ ପର୍ଯ୍ୟନ୍ତ ନେଇଥିଲେ । ସେଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଅଧ୍ୟକ୍ଷ ମହାନ୍ତି ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ତଥା ସମଗ୍ର ଜିଲ୍ଲାର ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସମ୍ପାଦକ ପ୍ରହଲ୍ଲାଦ ସାମଲ, ଜିଲ୍ଲା ଉପ ସଭାପତି ନୃସିଂହ ଚରଣ ବରାଳ, ଧ୍ରୁବଚରଣ ଧୀର, ସୁମନ୍ତ ପ୍ରଧାନ, ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ମନୋଜ ବିଶ୍ୱାଳ, ତ୍ରିପୁରାରୀ ପ୍ରଧାନ, ସରପଞ୍ଚ ପ୍ରଦୀପ ସାହୁ, ରାଜେନ୍ଦ୍ର ବେହେରା, ଦୀପ୍ତିମୟୀ ମାଝୀ, ପଞ୍ଚାୟତ ସଭାପତି ତରୁଣ ସାହୁ, ମୀନା ସାମଲ, ବିଷ୍ଣୁସେନ ଶତପଥୀ, ସୁଧାକର ସାହୁ, ପ୍ରିୟରଞ୍ଜନ ମହାନ୍ତି, ବାମଦେବ ସାମଲ, ବିଧାନଚନ୍ଦ୍ର ସାହୁ, ସୁମନ୍ତ ମହାନ୍ତି, ହରିହର ସାହୁ, ସୌଭାଗ୍ୟ ଧୀର, ପ୍ରକାଶ ଧୀରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।

● କଂସର ମହୋତ୍ସବ

## ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କଲେ ସ୍ୱରାଜ ଓ ପପୁ ପମ୍‌ପମ୍



ପାଲଲହଡ଼ା,୫ ।୪(ସମିସ): ପାଲଲହଡ଼ା ଉପଖଣ୍ଡ ପବିତ୍ରପୁର ପଞ୍ଚାୟତ କଂସର ଗ୍ରାମରେ ଅନୁଷ୍ଠିତ ହୋଇଛି ପ୍ରଥମ କଂସର ମହୋତ୍ସବ । ନେସନୱାଇଡ୍ ହ୍ୟୁମାନ ରାଇଟ ଫେଡେରେସନ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ଓଡ଼ିଆ ଫିଲ୍ମ ଜଗତର ଯୁବ ପ୍ରତିଭା ସ୍ୱରାଜ ବାରିକ ଏବଂ ହାସ୍ୟ ଅଭିନେତା ପପୁ ପମପମ, କାଳୀଚରଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ବିଭିନ୍ନ ବର୍ଗର କଳାକାରଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାର ବିଜେତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଅଞ୍ଚଳର ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲେ । ମହୋତ୍ସବର ଆବାହକ ତଥା ନେସନୱାଇଡ ହ୍ୟୁମାନ ରାଇଟ୍ସ ଫେଡେରେସନ ଅଧ୍ୟକ୍ଷ ସୁବାସ ସାହୁଙ୍କ ଏଭଳି ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିଥିବା ବେଳେ ଆସନ୍ତା ବର୍ଷ ବଲିଉଡ୍ ଓ ହଲିଉଡ ଜଗତର ବଛା ବଛା କଳାକାରଙ୍କୁ ଏହି ମଞ୍ଚକୁ ନିମନ୍ତ୍ରଣ କରାଯିବ ବୋଲି ଅଧ୍ୟକ୍ଷ ସାହୁ କହିଛନ୍ତି ।

● ବେଆଇନ୍ ଇଟାଭାଟିରେ ବୁଲିଲା ବୁଲଡୋଜର୍

## ୬୦ ହଜାର ଇଟା ଚୂରମାର



କଣିହାଁ, ୫ ।୪(ସମିସ): କଣିହାଁ ବ୍ଲକ୍ ଶୁଶୁବା ପଞ୍ଚାୟତ ଭାଲିଆବେଡ଼ା ଓ ଶୁଶୁବା ଅଞ୍ଚଳରେ ଚାଲିଥିବା ବେଆଇନ୍ ଇଟାଭାଟି ଉପରେ କଣିହାଁ ତହସିଲ୍ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଛି । ଶୁକ୍ରବାର ପୂର୍ବାହ୍ନରେ ତହସିଲଦାର ଚିନ୍ମୟ ଦାସଙ୍କ ନେତୃତ୍ୱରେ କର୍ଣ୍ଣପାଳ ରାଜସ୍ୱ ନିରୀକ୍ଷକ ପ୍ରଦୀପ କୁମାର ନାୟକ ଓ ତହସିଲ୍ କର୍ମଚାରୀମାନେ ଚଢ଼ଉ କରିଥିଲେ । ଜେସିବି ମେସିନ୍ ସାହାଯ୍ୟରେ ପ୍ରାୟ ୬୦ ହଜାର ଇଟାକୁ ଚୂରମାର କରି ଦିଆଯାଇଛି । ନଷ୍ଟ କରାଯାଇଥିବା ଇଟାର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି । ଏହାସହ ଭାଟି ମାଲିକଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ସୂଚନା ଦିଆଯାଇଛି । ତହସିଲଦାର କହିଛନ୍ତି ଯେ ବେଆଇନ୍ ଇଟାଭାଟି ଓ ବାଲି ମାଫିଆଙ୍କୁ କୌଣସି ପ୍ରକାର ନିସ୍ତାର ଦିଆଯିବ ନାହିଁ । ଖୁବ୍‌ଶୀଘ୍ର ବଡ଼ ଧରଣର ଅଭିଯାନ ଚାଳାଇ ବେଆଇନ୍ ଭାଟି ଓ ବାଲି ଉତ୍ତୋଳନକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

# 'ସାମାଜିକ ଓ ସାଂସ୍କୃତିକ ଏକତାର ପ୍ରତୀକ ହିଙ୍ଗୁଳା ଯାତ୍ରା'




ତାଳଚେର,୫ ।୪(ସମିସ): ତାଳଚେର ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠରେ ଚାଲିଥିବା ୨୨ତମ ଲୋକ ମହୋତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମବାୟ, ହସ୍ତଶିଳ୍ପ, ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସେ ନିଜ ଅଭିଭାଷଣରେ କହିଲେ, ଶକ୍ତିର ପ୍ରତୀକ ହେଉଛନ୍ତି ମା' ହିଙ୍ଗୁଳା । ସେ ପରମ କଲ୍ୟାଣମୟୀ । ଭକ୍ତି, ସାହସ ଓ ଆସ୍ଥାର ପ୍ରତୀକ ହେଉଛନ୍ତି ମା' ହିଙ୍ଗୁଳା । ସାମାଜିକ ଓ ସାଂସ୍କୃତିକ ଏକତାର ପ୍ରତୀକ ହିଙ୍ଗୁଳା ଯାତ୍ରା ବୋଲି ସେ କହିଥିଲେ । ଏହାସହ ସ୍ୱଦେଶୀ ସାମଗ୍ରୀର ବହୁଳ ବ୍ୟବହାର କରିବା ସହ କ୍ରୟ କଲେ ଭାରତର ଅର୍ଥନୀତି ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି କହିଥିଲେ । ତାଳଚେର ଉପଜିଲ୍ଲାପାଳ ତଥା ମା' ହିଙ୍ଗୁଳା ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଉଦୟ କୁମାର ମହାପାତ୍ର, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର ପଟେଲ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, ଏନ୍‌ଟିପିସି ତାଳଚେର ଥର୍ମାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଚାନ୍ଦ, ମହାପ୍ରବନ୍ଧକ ପ୍ରବୀଣ କୁମାର, ଏଜିଏମ୍ (ଏଚ୍‌ଆର୍) ରୋହିତ କୁମାର, ଡିଜିଏମ୍ (ଏଚଆର୍) ସଞ୍ଜୀତ କୁମାର ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ । ନୃତ୍ୟଗୁରୁ ଶୁଭଶ୍ରୀ ମହାନ୍ତିଙ୍କ ନିର୍ଦ୍ଦେଶିତ ତଥା କଟକ ଶ୍ରୀକଳାମନ୍ଦିର ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପରିବେଷିତ ରାଜସ୍ଥାନୀ ଲୋକନୃତ୍ୟ, ଜ୍ଞାନଦା କଳାକେନ୍ଦ୍ରର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା । ତାଳଚେରର ଆରଏମ୍ ଡ୍ୟାନ୍ସ ଗ୍ରୁପ, ପବିତ୍ର ମୋହନ କଳା ନିକେତନର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ବାଙ୍କୀର ସିଙ୍ଘମ୍ ଡ୍ୟାନ୍ସ ଗ୍ରୁପର କଳାକାରଙ୍କ ଦ୍ୱାରା ଓଡ଼ିଆ ଅସ୍ମିତା ନୃତ୍ୟ ଆକର୍ଷଣୀୟ ହୋଇଥିଲା । ଓଡ଼ିଶାର ଲୋକପ୍ରିୟ ଭଜନ ଗାୟକ ସୌରଭ ଭରଦ୍ୱାଜ, ଅଞ୍ଜଳି ରଥ ଓ କୁମାର ସତ୍ୟବ୍ରତଙ୍କ ଦ୍ୱାରା ସୁନ୍ଦର ଭଜନ ପରିବେଷଣ କରାଯାଇଥିଲା ।

## ୭ରେ ଇଗ୍ନୁର ୩୯ତମ ଦୀକ୍ଷାନ୍ତ ସମାରୋହ

ଅନୁଗୋଳ,୫ ।୪(ସମିସ): ଇଗ୍ନୁ ଆଞ୍ଚଳିକ କେନ୍ଦ୍ର, ଅନୁଗୋଳ ପ୍ରଥମ ଥର ପାଇଁ ଆସନ୍ତା ୭ ତାରିଖ ଦିନ ବ୍ଲାକ ଡାଏମଣ୍ଡ, ଅନୁଗୋଳଠାରେ ୩୯ତମ ଦୀକ୍ଷାନ୍ତ ସମାରୋହ ଆୟୋଜନ କରିବାକୁ ଯାଉଛି । ଏହି ଦୀକ୍ଷାନ୍ତ ସମାରୋହ ମୁଖ୍ୟତଃ ବିଶ୍ୱବିଦ୍ୟାଳୟର ଦିଲ୍ଲୀ କ୍ୟାମ୍ପସରେ ବାବା ସାହେବ ଆମ୍ବେଦକର ସଭାଗୃହରେ ଆୟୋଜିତ ହେବ ଓ ସମାନ୍ତରାଳ ଭାବେ ଭାରତର ୫୧ଟି ଆଞ୍ଚଳିକ କେନ୍ଦ୍ରରେ ମଧ୍ୟ ଆୟୋଜିତ ହେବ । ଦିଲ୍ଲୀରେ ମୁଖ୍ୟଅତିଥି ଭାବେ ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ । ଦିଲ୍ଲୀ ଉପରାଜ୍ୟପାଳ ତରନଜିତ ସିଂ ସନ୍ଧୁ ବିଶିଷ୍ଟ ଅତିଥି ଭାବେ ଯୋଗଦେବେ । ଅନୁଗୋଳଠାରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ସମ୍ବଲପୁର) କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେବେ । ସର୍ବଭାରତୀୟ ସ୍ତରରେ ୩୨୪୮୩୫ ଶିକ୍ଷାର୍ଥୀ ଡିଗ୍ରୀ ପାଉଥିଲା ବେଳେ ଅନୁଗୋଳ ଆଞ୍ଚଳିକ କେନ୍ଦ୍ରରେ ୧୮୫୩ ଜଣ ଶିକ୍ଷାର୍ଥୀ ଡିଗ୍ରୀ ଗ୍ରହଣ କରିବେ । ଅନୁଗୋଳଠାରେ ପୂର୍ବାହ୍ନ ୧୧ଟାରେ କାର୍ଯ୍ୟକ୍ରମ ଆରମ୍ଭ ହେବ । ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଅତିଥିଙ୍କଠାରୁ ଉପାଧି ଗ୍ରହଣ କରିବା ସକାଶେ ଶିକ୍ଷାର୍ଥୀ ନିଜ ଇଗ୍ନୁ ପରିଚୟପତ୍ର ସାଙ୍ଗରେ ଧରି ଆସିବାକୁ କୁହାଯାଇଛି । ସାଢ଼େ ୧୦ଟା ସୁଦ୍ଧା ସମସ୍ତେ ନିଜ ଆସନ ଗ୍ରହଣ କରିବେ । ଯେଉଁ ଶିକ୍ଷାର୍ଥୀମାନେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବା ସକାଶେ ଚୟନ କରିନାହାନ୍ତି କିନ୍ତୁ ବର୍ତ୍ତମାନ ଚାହୁଁଛନ୍ତି, ସେମାନେ ୬ ତାରିଖ ସନ୍ଧ୍ୟାସୁଦ୍ଧା rcangul@ignou.ac.inକୁ ମେଲ କରିପାରିବେ । ଡିଗ୍ରୀ ସକାଶେ ଆବଶ୍ୟକ ଫି' ପଇଠ କରି ନ ଥିବା ଓ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଡିଗ୍ରୀ ନେବାକୁ ଚାହୁଁଥିବା ଶିକ୍ଷାର୍ଥୀମାନେ ପ୍ରଥମେ rcangul@ignou.ac.inକୁ ମେଲ କରି ନିଜ ଡିଗ୍ରୀର ଉପଲବ୍ଧତା ଯାଞ୍ଚ କରିପାରିବେ । ଡିଗ୍ରୀ ଉପଲବ୍ଧ ଥିଲେ https://www.ignou.ac.in/pages/52 ଲିଙ୍କ ବ୍ୟବହାର କରି ଫି' ପଇଠ କରିବେ ଓ ଇ-ମେଲ ମାଧ୍ୟମରେ ରସିଦ ପଠାଇବେ । ଇ-ମେଲ ପାଇବା ମାତ୍ରେ ଆଞ୍ଚଳିକ କେନ୍ଦ୍ର ତରଫରୁ ଦୀକ୍ଷାନ୍ତ ସମାରୋହରେ ଡିଗ୍ରୀ ପ୍ରଦାନ କରିବା ବ୍ୟବସ୍ଥା କରାଯିବ ବୋଲି ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଅଭିଲାଷ ନାୟକ ସୂଚନା ଦେଇଛନ୍ତି ।

## ବେପରୁଆ ଟ୍ରକ୍ ଚାଳନା ଯୋଗୁଁ ପଛରେ ଥିବା କାର୍ ଦୁର୍ଘଟଣାଗ୍ରସ୍ତ

କଣିହାଁ,୫ ।୪(ସମିସ): ସମଲ ଥାନା ସମଲ ବ୍ୟାରେଜ ନିକଟରେ ଶନିବାର ଅପରାହ୍ନରେ ବେପରୁଆ ଟ୍ରକ୍ ଚାଳନା ଯୋଗୁଁ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି । ଟ୍ରକଟି ଅଣଓସାରିଆ ନିଷିଦ୍ଧ ବ୍ୟାରେଜ ଆପ୍ରୋଚ୍ ରୋଡ୍‌ରେ



ଯାଉଥିବା ବେଳେ ସାମ୍ନାରୁ ଏକ ଅଟୋ ଆସୁଥିଲା । ଅଟୋକୁ ରାସ୍ତା ଛାଡ଼ିବା ନିମନ୍ତେ ଟ୍ରକ ପଛକୁ ନ ଦେଖି ହଠାତ୍ ବ୍ୟାକ୍ କରିଥିଲା । ଫଳରେ ପଛରେ ଥିବା କାରର ସମ୍ମୁଖ ଭାଗ ଚୂରମାର ହେବା ସହ ରାସ୍ତା କଡ଼ରେ ଲଟକି ରହିଥିଲା । ସୌଭାଗ୍ୟବଶତଃ କାରରେ ଥିବା ଯାତ୍ରୀଙ୍କର କୌଣସି କ୍ଷତି ହୋଇନାହିଁ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି ।

## ଜିଲ୍ଲା ଜଜ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲା ଆଠମଲ୍ଲିକ ଓକିଲସଂଘ

ଅନୁଗୋଳ,୫ ।୪(ସମିସ): ୨୦୨୬-୨୭ ବର୍ଷ ପାଇଁ ଆଠମଲ୍ଲିକ ଓକିଲସଂଘ କର୍ମକର୍ତ୍ତା ନିର୍ବାଚନ ସମାପ୍ତ ହୋଇଥିବା ବେଳେ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ନବନିର୍ବାଚିତ କର୍ମକର୍ତ୍ତା ଅନୁଗୋଳ ଜିଲ୍ଲା ଓ ଦୌରାଜଜ ଦାମୋଦର ରଥଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । କର୍ମକର୍ତ୍ତାଙ୍କୁ ଜିଲ୍ଲା ଓ ଦୌରାଜଜ ରଥ ଶୁଭେଚ୍ଛା ଜଣାଇଛନ୍ତି । ଓକିଲସଂଘ ପକ୍ଷରୁ ଦୀର୍ଘଦିନ ହେଲା କୋର୍ଟ ବିଲଡିଂ ରଙ୍ଗ କରାଯିବା, ଅଦାଲତ ପରିସରରେ ଅବାଧ ଗାଈଗୋରୁ ପ୍ରବେଶକୁ ରୋକିବା ପାଇଁ ଏକ କାଓ କ୍ୟାଚର ନିର୍ମାଣ, ଆଠମଲ୍ଲିକ ସିଭିଲ କୋର୍ଟର ଆକର୍ଷଣୀୟ ମୁଖ୍ୟ ଫାଟକ ନିର୍ମାଣ ଓ ଅଦାଲତ



ପରିସରରେ ଏକ ୧୨୦ ଲିଟର ୱାଟର ଫିଲଟର ସ୍ଥାପନ ପାଇଁ ଦାବି ଉପସ୍ଥାପନ କରାଯାଇଥିଲା । ସାକ୍ଷାତ ଆଲୋଚନା ସମୟରେ ଜିଲ୍ଲା ଓ ଦୌରାଜଜ ରଥଙ୍କ ପ୍ରୟାସରୁ ଇତିମଧ୍ୟରେ ୧୨୦ ଲିଟର ୱାଟର ଫିଲଟର ସ୍ଥାପିତ ହୋଇସାରିଥିବା ବେଳେ ଅନ୍ୟ କାର୍ଯ୍ୟଗୁଡ଼ିକ କରାଯିବା ପାଇଁ ପୂର୍ତ୍ତ ବିଭାଗ ଟେଣ୍ଡର କରିସାରିଥିବାରୁ ସଭାପତି ମହାପାତ୍ର କୃତଜ୍ଞତା ଜ୍ଞାପନ କରିଥିଲେ । ସିଭିଲ କୋର୍ଟ ଛାତ ଉପରେ ଲାଗିଥିବା ଲାଇଟ ବୋର୍ଡ ଖରାପ ହୋଇଯାଇଥିବାରୁ ତାହା ଅସୁନ୍ଦର ଦେଖାଯାଉଛି । ଏହାକୁ ନୂତନ ଭାବେ ନିର୍ମାଣ କରାଯିବାକୁ ସଭାପତି ଅନୁରୋଧ କରିଥିଲେ । ଏହାକୁ ଖୁବଶୀଘ୍ର ନିର୍ମାଣ କରାଯିବ ବୋଲି ଜିଲ୍ଲା ଓ ଦୌରାଜଜ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓକିଲସଂଘ ସମ୍ପାଦକ ଜିତେନ୍ଦ୍ର କୁମାର ମୁଖି, ଉପସଭାପତି ଉଗ୍ରସେନ ସେଠୀ ଓ କୋଷାଧ୍ୟକ୍ଷ ସୁନୀଲ କୁମାର ଶାସନି ଉପସ୍ଥିତ ଥିଲେ ।

## କିଶୋରନଗର କଲେଜରେ ବିଦାୟ ସମ୍ବର୍ଦ୍ଧନା




କିଶୋରନଗର,୫ ।୪(ସମିସ): କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ମୁଖ୍ୟଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଚରିତ୍ର ଗଠନ, ସାମାଜିକ ଜୀବନରେ ବ୍ରତୀ, ଶୃଙ୍ଖଳିତ ହେବାକୁ ପରାମର୍ଶ ଦେବା ସହ ଆଗାମୀ ଜୀବନର ଶୁଭ ମନାସିଥିଲେ । ଅନ୍ୟତମ ଅତିଥି ରୂପେ ଅଧ୍ୟାପିକା ବୀଣାପାଣି ସାହୁ, ଅଧ୍ୟାପକ ତରଣୀସେନ ସାହୁ, ରୁଚିସ୍ମିତା ପରିଡ଼ା, ରୋଜାଲିନ ପ୍ରଧାନ, ସମ୍ମାନିତ ବକ୍ତା ରୂପେ ବାସବ ପଲେଇ ଯୋଗଦେଇଥିଲେ । ଅଧ୍ୟାପିକା ଅମ୍ବିକା ବେହେରା, ଗୋବର୍ଦ୍ଧନ ପ୍ରଧାନ, ଅଭିଜିତ ପ୍ରଧାନ, ସୁଶାନ୍ତ ରାଉଳ ଓ ପୁରୁଷୋତ୍ତମ ସାହୁ ବିଦାୟୀ ଛାତ୍ରଛାତ୍ରୀଙ୍କ ଶୁଭକାମନା କରିଥିଲେ । ଦ୍ୱିତୀୟ ବର୍ଷ ଛାତ୍ରୀ ବିଦ୍ୟୁସ୍ମିତା ବିଶ୍ୱାଳ, ଭଗବତୀ ନାୟକ ସଭା ସଂଯୋଜନା କରିଥିଲେ । ଦେବେନ୍ଦ୍ର ପାଣ୍ଡେ, ଲିପ୍ସା ପ୍ରଧାନ, ଲୋପାମୁଦ୍ରା ପ୍ରଧାନ, ରୁପାଲୀ, ଶୁଭଶ୍ରୀ ସୁପ୍ରଭା ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ । ବିଷ୍ଣୁପ୍ରିୟା, ବାଦଲ, ପ୍ରଜ୍ଞା, ଶୁଚିସ୍ମିତା କଳ୍ପନା ପ୍ରମୁଖ ସହଯୋଗ କରିଥିଲେ । ଅଧ୍ୟାପିକା ଶୁଭଶ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ବସନ୍ତ କବିତା ଆସର

ଅନୁଗୋଳ,୫ ।୪(ସମିସ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଶୈଳଶ୍ରୀକ୍ଷେତ୍ର ଶାଖା, ଅନୁଗୋଳ ତରଫରୁ ବସନ୍ତ କବିତା ଆସର ଅନୁଷ୍ଠିତ ହୋଇଛି । ପ୍ରଫେସର ଶାନ୍ତନୁ କୁମାର ସରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁବାଦକ ତଥା ସାହିତ୍ୟିକ ଇଂ ଦୀନେଶ ମାଳୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟରେ ବସନ୍ତ ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟ ସଂଗଠନ ସମ୍ପାଦକ ନାରାୟଣ ନାୟକ ମୁଖ୍ୟବକ୍ତା ଭାବେ



ଯୋଗଦେଇ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଲକ୍ଷ୍ୟ, ଉଦ୍ଦେଶ୍ୟ ତଥା ସାହିତ୍ୟିକମାନଙ୍କ କର୍ତ୍ତବ୍ୟ, ସ୍ୱବୋଧ ତଥା ଆତ୍ମବୋଧର ଉନ୍ମେଷ ସମ୍ପର୍କରେ ଆଲୋଚନା କରିଥିଲେ । ଆଗାମୀ ଅଗଷ୍ଟ ମାସରେ ପୁରୀରେ ହେବାକୁ ଥିବା ସାହିତ୍ୟ ମହାକୁମ୍ଭ ସମ୍ପର୍କରେ ସୂଚନା ଦେଇଥିଲେ । ଉପସଭାପତି ଡ. ସଦାନନ୍ଦ ପରିଡ଼ା ବସନ୍ତ ସମ୍ପର୍କରେ ସୂଚନା ଦେଇଥିଲେ । କବି ଶ୍ରୀ ଅବାଗିଆ, ଲତିକା ମହାପାତ୍ର ଓ ଦୀପ୍ତିମୟୀ ବିଶ୍ୱାଳ କବିତା ସଂଯୋଜନା କରିଥିଲେ । ରାଜ୍ୟ ସମ୍ପାଦକ ରାମକୃଷ୍ଣ ତ୍ରିପାଠୀ ମଞ୍ଚ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ମନୋଜ କୁମାର ବେହେରା ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ବସନ୍ତ ସମ୍ପର୍କରେ ଆଲୋଚନା କରି ଧନ୍ୟବାଦ ଅର୍ପଣ କରିଥିଲେ ।

## ଉତ୍କର୍ଷ ପରିବାର ପକ୍ଷରୁ ହିଙ୍ଗୁଳା ପୀଠରେ ସ୍ୱଚ୍ଛତା ସେବା



ଅନୁଗୋଳ,୫ ।୪(ସମିସ): ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପବିତ୍ର ପୀଠ ଗୋପାଳପ୍ରସାଦରେ ମା'ଙ୍କ ଯାତ୍ରା ଉପଲକ୍ଷେ ପ୍ରତ୍ୟେକ ଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି । ମା'ଙ୍କ ଉଭାସ୍ଥଳୀ, ମନ୍ଦିର ପାଶ୍ୱର୍ ଓ ପ୍ରାଙ୍ଗଣରେ ଅଳିଆ ଆବର୍ଜନା ପଡ଼ି ରହିଥିବା ଦେଖିବାକୁ ମିଳିଥିଲା । ସାମାଜିକ ଅନୁଷ୍ଠାନ ''ଉତ୍କର୍ଷ ପରିବାର, ଅନୁଗୋଳ' ପକ୍ଷରୁ ସ୍ୱଚ୍ଛତା ସେବା ଓ ପ୍ଲାଷ୍ଟିକମୁକ୍ତ ଅଭିଯାନ ଦ୍ୱାରା ରବିବାର ପ୍ରାତଃ ୫ଟାରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ମା'ଙ୍କ ଉଭାସ୍ଥଳୀ, ମୁଖ୍ୟ ମନ୍ଦିର ପ୍ରାଙ୍ଗଣ ତଥା ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ କରିଥିଲେ । ପଡ଼ିଥିବା ଅଦରକାରୀ ପଲିଥିନ, ପ୍ଲାଷ୍ଟିକ ବୋତଲ ଓ ଅନ୍ୟ ଆବର୍ଜନା ସଂଗ୍ରହ କରି ସ୍ଥାନାନ୍ତର କରାଯାଇଥିଲା । ଏହା ସହିତ ସେଠାକୁ ଆସୁଥିବା ଶ୍ରଦ୍ଧାଳୁ ଓ ସ୍ଥାନୀୟ ବ୍ୟବସାୟୀମାନଙ୍କୁ ଅଳିଆ କୁଣ୍ଡ ବ୍ୟବହାର କରିବା, ପ୍ଲାଷ୍ଟିକ ବର୍ଜନ କରିବା ଏବଂ ପୀଠର ପବିତ୍ରତା ବଜାୟ ରଖିବା ପାଇଁ ସଚେତନ କରାଯାଇଥିଲା । ଏହି ସେବା କାର୍ଯ୍ୟରେ ଅନୁଷ୍ଠାନର ପ୍ରମୁଖ ସଦସ୍ୟ ପର୍ଶୁରାମ ଦାସ, ଅନୁପ ପଟ୍ଟନାୟକ, ଚନ୍ଦ୍ରକାନ୍ତ ବେହେରା, ହୋମଦ୍ୟୁତି ବେହେରା, ଭୀଷ୍ମ ସାହୁ, ରିତେଶ ବେହେରା, ଅଭିଜିତ, ଜିତେନ୍ଦ୍ର ପ୍ରଧାନ, ବବଲୁ ବେହେରା, ରାଜୀବ ଲୋଚନ ଗଡ଼ନାୟକ, ଟୁନା ନାଏକ, ସରୋଜ ସେଠୀ ଓ ରାକେଶ କୁମାର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ । ଆଗାମୀ ଦିନରେ ଅଞ୍ଚଳର ବିଭିନ୍ନ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରୟାସ ଜାରି ରହିବ ବୋଲି ସୂଚନା ଦିଆଯାଇଛି ।

## ଓଡ଼ିଆ ପକ୍ଷ ଅବସରରେ ଐତିହ୍ୟ ଗଣଦୌଡ଼



ଅନୁଗୋଳ,୫ ।୪(ସମିସ): ଓଡ଼ିଶା ଦିବସ ଏପ୍ରିଲ ୧ରୁ ଓଡ଼ିଆ ନବବର୍ଷ ଏପ୍ରିଲ ୧୪ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରବିବାର ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ ଐତିହ୍ୟ ଗଣଦୌଡ଼ ଆୟୋଜନ କରଯାଇଛି । ଏଥିରେ ଜିଲ୍ଲାର ୫୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ସ୍କୁଲ୍, କଲେଜ ଛାତ୍ରଛାତ୍ରୀ, ଏନ୍‌ସିସି କ୍ୟାଡେଟ୍, ସ୍କାଉଟ ଛାତ୍ର, କ୍ରୀଡ଼ାବିତ୍, ସାମ୍ବାଦିକ ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ । ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ମାୟାଧର ବେହେରା, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ପ୍ରଭାତ ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସେଠ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଉପଜିଲ୍ଲାପାଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଗଣଦୌଡ଼ ଇନ୍‌ଡୋର୍ ହଲଠାରୁ ଆରମ୍ଭ ହୋଇ ସହର ପରକ୍ରମା କରି ଇନ୍‌ଡୋର୍ ହଲ୍‌ଠାରେ ପହଞ୍ଚିଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ପାଇଁ ସୁନାମ ଆଣିଥିବା କ୍ରୀଡ଼ାବିତ୍ ସହ ଅନୁଗୋଳ ସରକାରୀ ମହାବିଦ୍ୟାଳୟ ଏନ୍‌ସିସି ବିଭାଗ ମୁଖ୍ୟ ସହ ପ୍ରଫେସର ଡ. ରାକେଶ ରଞ୍ଜନ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ମେରା ଭାରତ, ଅନୁଗୋଳ ଜିଲ୍ଲାର ତପନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ

# 'ଭୟ, ଚାପ ଓ ଦେୟମୁକ୍ତ ଶିକ୍ଷା ପ୍ରତି ଅନୁରାଗ ସୃଷ୍ଟି ହେଉ'


କିଶୋରନଗର


କଣିହାଁ

କିଶୋରନଗର,୫ ।୪(ସମିସ): ପିଏମଶ୍ରୀ କିଶୋରନଗର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି । କିଶୋରନଗର ବିଇଓ ଅରୁଣ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଲବ ପ୍ରଧାନ, ଧଉରାପାଲି ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଦେହୁରୀ, ଏବିଇଓ ଲକ୍ଷ୍ମଣ କୁମାର ଦେହୁରୀ ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସୁପରଭାଇଜର ପ୍ରମୁଖ ଯୋଗଦେଇଥିଲେ । ଶିଶୁମାନଙ୍କୁ ବିଦ୍ୟାଳୟ ପ୍ରତି ଆକର୍ଷିତ କରିବା ନିମିତ୍ତ ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ଅତିଥି ଆଲୋଚନା କରିଥିଲେ । ଭୟ, ଚାପ ଓ ଦେୟମୁକ୍ତ ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କ ମନରେ ଅନୁରାଗ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷକ ଭୈରବ କୁମାର ଦେହୁରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏବିଇଓ ମଙ୍ଗୁଲୁ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅତିଥିମାନେ ନବାଗତ ଶିଶୁଙ୍କୁ ଖଡ଼ି ଛୁଆଁଇଥିଲେ । ସୁପ୍ରଭା ସାହୁ, ବିନାୟକ ଦେହୁରୀ, ଚିନ୍ମୟୀ ମହାପାତ୍ର ଓ ପଙ୍କଜିନୀ ସାହୁ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଶିକ୍ଷା ସଚେତନତା ରଥକୁ ମୁଖ୍ୟଅତିଥି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଖେଳ ପରିସର, କଳା ଓ ସୃଜନାତ୍ମକ ପରିସର ଓ ଗଳ୍ପ କଥନ ପରିସର ପ୍ରଦର୍ଶିତ ହୋଇଥିଲା । ପ୍ରବୀଣ ନାୟକଙ୍କ ତତ୍ତ୍ୱାବଧାନରେ ମା' ମାହେଶ୍ୱରୀ ପାଲା ଗାୟକ ସଂଘ ପକ୍ଷରୁ ଶିକ୍ଷା ସଚେତନତା ଧର୍ମୀ ପାଲା ପରିବେଷଣ କରାଯାଇଥିଲା । ବ୍ଲକର ସମସ୍ତ ସିଆର୍‌ସିସି, ଅଭିଭାବକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

କଣିହାଁ: ବ୍ଲକ ଶିକ୍ଷାବିଭାଗ ପକ୍ଷରୁ ଶନିବାର ପୋଡ଼ାଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପାଲଲହଡ଼ା ବିଧାୟକ ତଥା ଅନୁଗୋଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତି ମୁଖ୍ୟଅତିଥି, ସାଂସଦଙ୍କ ପ୍ରତିନିଧି ନୃସିଂହ ବରାଳ ମୁଖ୍ୟବକ୍ତା, ବିଇଓ ପ୍ରିୟରଞ୍ଜନ ପ୍ରଧାନ, ଏବିଇଓ ସୁଜନ କୁମାର ସାହୁ, ହାତିଆଦଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲିଙ୍ଗରାଜ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ସାମଲ, ପ୍ରଧାନଶିକ୍ଷକ ପ୍ରମୋଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ । ନୂଆ କରି ବିଦ୍ୟାଳୟକୁ ଆସିଥିବା ୧୧ ଜଣ ଛାତ୍ରଛାତ୍ରୀଙ୍କୁ ଖଡ଼ି ଛୁଆଁଇବା ପରେ ବିଭାଗ ପକ୍ଷରୁ ସମସ୍ତଙ୍କୁ ବ୍ୟାଗ, ଖାତା, ବହି, ଟୋପି ଆଦି ପ୍ରଦାନ କରାଯାଇଥିଲା । ଶେଷରେ ଅତିଥିମାନେ ଛାତ୍ରଛାତ୍ରୀଙ୍କ ଗହଣରେ ମଧ୍ୟାହ୍ନଭୋଜନ କରିଥିଲେ । ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ ଶିକ୍ଷା ସଚେତନତା ରଥକୁ ମୁଖ୍ୟଅତିଥି ପତାକା ଦେଖାଇ ଉଦଘାଟନ କରିଥିଲେ । ଏବିଇଓ ସୁଜନ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ଼

ଯାଜପୁର,୫।୪(ସମିସ):



ଆଜି ଓଡ଼ିଆ ପକ୍ଷ ପାଳନ ପଞ୍ଚମ ଦିବସ ଅବସରରେ ଯାଜପୁର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁଙ୍କ ସହଯୋଗରେ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଟାଉନ ଥାନା ଅଧିକାରୀ ଶରତ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ପତାକା ଦେଖାଇ ଏହି ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗଣଦୌଡର ଉଦ୍ଦେଶ୍ୟ ବର୍ଣ୍ଣନା କରିବା ସହ ଆମର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ କରିବା ନିମନ୍ତେ ଅତିଥିମାନେ ମତ ଦେଇଥିଲେ। ଏହି ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡା ଅନୁଷ୍ଠାନର ସଦସ୍ୟ ଆଦି ସମୁଦାୟ ୩୦୦ ଜଣ ଯୋଗଦାନ କରିଥିଲେ। ଐତିହ୍ୟ ଗଣଦୌଡରେ ସାମିଲ ହୋଇଥିବା ସମସ୍ତଙ୍କୁ ଗୋଟିଏ ଲେଖାଏଁ ଟି-ସାର୍ଟ ଓ କ୍ୟାପ ପ୍ରଦାନ କରାଯାଇଥିଲା। ବରାହନାଥ ମନ୍ଦିର ଠାରୁ ଏହି ଗଣଦୌଡ ଆରମ୍ଭ ହୋଇ ହକି ଷ୍ଟାଡିୟମ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଗଣଦୌଡ଼ରେ ହକି ପ୍ରଶିକ୍ଷକ, ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷକ, କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

# ପାଞ୍ଚଗୋଛିଆରେ ଚଇତି ପର୍ବ

କୁଆଖିଆ,୫।୪(ସମିସ): ଚୈତ୍ର ପୂର୍ଣ୍ଣିମା ଶୁକ୍ଳ ପଞ୍ଚମୀ ପରିପ୍ରେକ୍ଷୀରେ ରସୁଲପୁର ବ୍ଲକ ବଡ଼କଇଁଚି ପଞ୍ଚାୟତ ପାଞ୍ଚଗୋଛିଆ ଗ୍ରାମରେ ମା' ବାସୁଲେଇ ପୂଜା ଉପଲକ୍ଷେ କୈବର୍ତ୍ତ ସମାଜ ଦ୍ୱାରା ଚଇତି ପର୍ବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୩ ଦିନ ବ୍ୟାପି ଏହି ଉତ୍ସବରେ ପୂଜକ



ମଧୁସୂଦନ ତରାଇଙ୍କ ଦ୍ୱାରା ଆରାଧ ଦେବୀ ବାସୁଲେଇଙ୍କ ପାରମ୍ପରିକ ପୂଜାପାଠ ରୀତିନୀତିରେ କରାଯାଇ ଗ୍ରାମଦାଣ୍ଡରେ ଚଇତି ଘୋଡ଼ା ନାଚ ପରିବେଷଣ କରାଯାଇଥିଲା।ଗାୟକ ସୁଶାନ୍ତ ତରାଇ ଙ୍କ ଦ୍ୱାରା ପାରମ୍ପରିକ ଲୋକ ସଂଗୀତ ପରିବେଷଣ ଘୋଡା ନାଚ ଏବଂ କୁନି କୁନି ପିଲାମାନଙ୍କ ରାଧାକୃଷ୍ଣ ବଳରାମ ବେଶ ଦର୍ଶକ ଙ୍କୁ ବେଶ ଆନନ୍ଦ ପ୍ରଦାନ କରିଥିଲା। ଏହି ଅବସରରେ ସଂଗୀତ ଓ ବାଦ୍ୟ ର ଛନ୍ଦ ରେ ଘୋଡା ଗ୍ରାମ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମ ରେ ସହଦେ? ତରାଇ, ସଶାନ୍ତ ତରାଇ, ରଙ୍କନିଧି ତରାଇ, ଧନେଶ୍ୱର ତରାଇ, ମହେଶ୍ୱର ତରାଇ, ସୁରେନ୍ଦ୍ର ତରାଇ, ବିଭୁତି ତରାଇ, ବଟକୃଷ୍ଣ ତରାଇ, ସାଗର ତରାଇ, ଦୁର୍ଯ୍ୟୋଧନ ତରାଇ, କୁଲୁଆ ତରାଇ ପ୍ରମୁଖ ସହଯୋଗ କରିଥିଲେ।

# ମା' ହିଙ୍ଗୁଳାଙ୍କ ଯଜ୍ଞ ଉତ୍ସବର ପୂର୍ଣ୍ଣାହୁତି



ପାଣିକୋଇଲି,୫।୪(ସମିସ): ପବିତ୍ର ଚୈତ୍ର ମାସରେ ଅଗ୍ନୀବର୍ଷୀ ମା' ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କୋରାଇର ବିଭିନ୍ନ ହିଙ୍ଗୁଳାଙ୍କ ପୀଠରେ ଅନୁଷ୍ଠିତ ହେଉଥିବା ବେଳେ ଅମୃତିଆ, ସୋତି, ନୁରୁଙ୍ଗା ସମେତ ପାଣିକୋଇଲିସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ମଧ୍ୟ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଥିଲା। ଶୁକ୍ରବାର ମା'ଙ୍କ ଝୋଟପାଟରେ ନିଆଁ ଲାଗି ମା' ଅଗ୍ନି ସୂରୂପଣୀ ଉଭା ହୋଇଥିଲେ। ଶନିବାର ସବୁଠି ମଧ୍ୟରାତ୍ରରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ତିନି ଦିନ ଧରି ଆୟୋଜିତ ଉକ୍ତ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମା'ଙ୍କର ଦର୍ଶନ କରିଥିଲେ। ଏଥି ସହିତ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା, ଭଜନ ସନ୍ଧ୍ୟା, ମେଲୋଡ଼ି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ପୂର୍ଣ୍ଣାହୁତି ପରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁରହିବ। ପାଣିକୋଇଲିରେ ସ୍ଥାନୀୟ ଅଞ୍ଚଳର ବେଦଜ୍ଞ ବ୍ରାହ୍ମଣ ପଣ୍ଡିତ ଅକ୍ଷୟ କୁମାର ଦାଶ ମାଙ୍କର ପୁଜାର୍ଚ୍ଚନା କରିଥିବା ବେଳେ ସମସ୍ତ କାର୍ଯ୍ୟକ୍ରମକୁ ଦିଲ୍ଲିପ କୁମାର ମଲ୍ଲିକ, ଦେବଦତ ରାୟ, ପଞ୍ଚାନନ ଓଝା, ଦାମୋଦର ବିଶ୍ୱାଳ, ଅରୁପାନନ୍ଦ ମଲ୍ଲିକ, ଦୀପକ ନାୟକ, ମନୋଜ ମଲ୍ଲିକ, ଶୁଭେନ୍ଦୁ ସିଂ, କୃଷ୍ଣ ନାୟକ, କ୍ଷୀରୋଦ ମଲ୍ଲିକ, ଅମରେନ୍ଦ୍ର ବିଶ୍ୱାଳ, ସନ୍ତୋଷ ରାୟ, ବୁଲବୁଲ ରାୟ, ଧବଳ ଓଝା, ଶ୍ରୀଧର ଓଝା, ଅନୀଲ ବିଶ୍ୱାଳ, ପ୍ରହ୍ଲାଦ ମଲ୍ଲିକ, ଆକାଶ ମଲ୍ଲିକ ପମୁଖ ପରିଚାଳନା କରିଥିଲେ। ବିଭିନ୍ନ ଅନୁଷ୍ଠାନକୁ କୋରେଇ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସଙ୍କ ସମେତ ବହୁ ରାଜନେତା ଯୋଗଦେଇ ବିଭୂକୃପା ଲାଭ କରିବା ସହ ମା'ଙ୍କ ଦର୍ଶନ କରିଥିଲେ।

# ମୁକୁନ୍ଦପାତ୍ର ଉଚ୍ଚମାଧମିକ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

କବାଟବନ୍ଧ,୫।୪(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁର ସ୍ଥିତ ମୁକୁନ୍ଦପାତ୍ର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୩୩ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପାରାଦୀପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସୁଧାକର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କଲେଜର ପ୍ରତିଷ୍ଠାତା ବେଣୁଧର ପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ମାନସ ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଶାଳା ପଞ୍ଚାୟତ ସମିତି ଉପାଧକ୍ଷା ବିଶ୍ୱବିଜୟିନୀ ମିଶ୍ର ଯୋଗ ଦେଇ ଥିଲେ। ସଭା ଆରମ୍ଭରେ ସାଂସ୍କୃତିକ ଉପଦେଷ୍ଟା ଅଧ୍ୟାପକ ନିରାକାର ରଥ ଅତିଥି ପରିଚୟ ପ୍ରଦାନ କରିବା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅଧ୍ୟାପକ ଅଭିମନ୍ୟୁ ସାହୁ, ପ୍ରଦୀପ୍ତ ମିଶ୍ର, ସୁଶାନ୍ତ କୁମାର ପାତ୍ର, ସୁବ୍ରତ ସାହୁ, ମନୋଜ କୁମାର ଧୀର, ରଞ୍ଜନ କୁମାର ଦାସ, ଗୋକର୍ଣ୍ଣେଶ୍ୱର ବେହେରା, ରଘୁନାଥ ରାଉତ, ପୂର୍ଣ୍ଣଚନ୍ଦ୍ର ଦାସ, ହିମାଂଶୁ ଭୂଷଣ ନାୟକ, ଶରତ ମିଶ୍ର, ଅଧ୍ୟାପିକା ମିନତୀ ବିଶ୍ୱାଳ, ମୈଥାଳି ମଧୁସ୍ମିତା ସେନାପତି, ଶୁଭଲକ୍ଷ୍ମୀ ଭାରତୀ, କାଠିନାଥ ସାହୁ, ରମେଶ ପାତ୍ର, ବିଚିତ୍ର ମହାନ୍ତି, ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦଶରଥପୁର ହାଇସ୍କୁଲର ବାର୍ଷିକ ଉତ୍ସବ



ଦଶରଥପୁର,୫।୪(ସମିସ): ଦଶରଥପୁର ଶିକ୍ଷାମଣ୍ଡଳ ଅଧୀନ ପିଏମ୍‌ଶ୍ରୀ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୨ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଉଛି। ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ସଂଯୋଜକ କୁମାରସେନ ସେନାପତି, ଦଶରଥପୁର ସହ-ଶିକ୍ଷାଧିକାରିଣୀ ସାବିତ୍ରୀ ସେଠୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶଶିକାନ୍ତ ଦାସ, ଦଶରଥପୁର ସରପଞ୍ଚ ମୀନାରାଣୀ ବେହେରା, ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ଏସ୍‌ଏମ୍‌ସି ସଭାପତି ଦେବେନ୍ଦ୍ର ଦାସ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ସଭାପତି ନାରାୟଣ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରର କୃତିତ୍ୱ ଅର୍ଜନ କରିଥିବା ସ୍କୁଲର ପ୍ରାକ୍ତନ ଛାତ୍ର ଇଂଜିନିୟର ପର୍ଶୁରାମ ସାହୁ, ବୈଦ୍ୟନାଥ ଦାଶ, ପରମାନନ୍ଦ ପୃଷ୍ଟି, ଡ. ପ୍ରିତିଶ ସାହୁ, ଡ. ବିକାଶ କୁମାର ନନ୍ଦଙ୍କ ସମେତ ପୂର୍ବରୁ ଅନୁଷ୍ଠିତ ବିଷୟଗତ ପରୀକ୍ଷା ଓ ବାର୍ଷିକ ଖେଳ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ଏବଂ ଉପଢୌକନ ଦେଇ ପୁରସ୍କୃତ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱରବିଚିତ୍ରା ସମସ୍ତଙ୍କ ମନ ମୋହିଥିଲା। ବାର୍ଷିକ ଉତ୍ସବ ପରିଚାଳନାରେ ପଞ୍ଚସଖା ସଂଗଠନର ଉପଦେଷ୍ଟା ସରୋଜ ମହାପାତ୍ର, ଆଞ୍ଜନେୟ ପ୍ରାସାଦ ରାୟ, ଚନ୍ଦ୍ରଶେଖର ସାହୁ, ଭରତ ସାହୁ, ଆଶୁତୋଷ ପାଣିଗ୍ରାହୀ, କୌଶିକ ଦାସ, ମହେଶ୍ୱର ସାହୁ, ସତ୍ୟରଞ୍ଜନ ଓଝା, ଅଶୋକ ଦାଶ, ଯଯାତୀ କଣ୍ଡ, ବିଷ୍ଣୁଚରଣ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଧୂଳି ବଳୟରେ ଜାତୀୟ ରାଜପଥ; ଯାତ୍ରୀ କଲବଲ



କବାଟବନ୍ଧ,୫।୪(ସମିସ): ଯାଜପୁର ଜିଲ୍ଲାର ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ବିପଦପୂର୍ଣ୍ଣ ସଡ଼କ ଭାବେ ଲୋକମାନେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଥିବା ବେଳେ ଖରାଦିନିଆ ହାଲକା ପବନ ଏବଂ କାଳବୈଶାଖୀ ଏହି ବିପଦର ଆଶଙ୍କାକୁ ଦ୍ୱିଗୁଣିତ କରିଛି। ଯାହା ଫଳରେ ଜନସାଧାରଣ ତଥା ଯାତ୍ରୀ ମାନେ ନିଜ ନିଜର ସୁରକ୍ଷିତ ଯାତାୟାତ କୁ ନେଇ ଚିନ୍ତାରେ ରହିଛନ୍ତି। ସକାଳ ୧୦ଟା ସମୟରେ ମଧ କୁହୁଡି ଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଦୀର୍ଘ ଦିନ ହେଲା ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରାଯାଉଥିଲେ ମଧ ତାହା ସମ୍ପୂର୍ଣ୍ଣ ହେଉ ନାହିଁ। ଅସମ୍ପୂର୍ଣ୍ଣ ସଡ଼କ ସହିତ ରାସ୍ତା ନିର୍ମାଣ ପାଇଁ ଅନେକ ସ୍ଥାନରେ ରହିଥିବା ପାଉଁଶ ପଥଚାରୀଙ୍କୁ ନାକେଦମ କରୁଛି। ଖରାଦିନେ ଅପରାହ୍ନ ରେ ସାଧାରଣ ଭାବେ ପବନ କିମ୍ବା କାଳବୈଶାଖୀ ଦେଖିବାକୁ ମିଳିଥାଏ। ରାସ୍ତା ସମ୍ପ୍ରସାରଣ ପାଇଁ ପଡ଼ି ରହିଥିବା ପାଉଁଶ ଗଦାରୁ ପାଉଁଶ ଉଡ଼ି ଜନସାଧାରଣଙ୍କୁ କଲବଲ କରିବା ସହିତ ଜୀବନ ଜୀବିକାକୁ ନେଇ ପ୍ରଭାବିତ ମଧ କରୁଛି। ଚଣ୍ଡିଖୋଲ ଠାରୁ ଡୁବୁରୀ ପର୍ଯ୍ୟନ୍ତ ଅନେକ ସ୍ଥାନରେ ଏହି ପାଉଁଶ ପଡ଼ି ରହିଥିବା ବେଳେ ଠିକାଦାର ତାକୁ ତୁରନ୍ତ ବ୍ୟବହାର ନ କରି ଦୀର୍ଘ ଦିନ ଧରି ପକାଇ ରଖିଛନ୍ତି। ପାହାଡ଼ ସଦୃଶ ଦେଖା ଯାଉଥିବା ଏହି ପାଉଁଶ ଗଦାରୁ ପାଉଁଶ ଉଡ଼ି ଗମନାଗମନରେ ବାଧା ସୃଷ୍ଟି କରୁଛି। ବହୁ ଉଚ୍ଚତା ପାଉଁଶ ରହିଥିବା ଫଳରେ ସାମାନ୍ୟ ପବନ ହେଲେ ମଧ ସମଗ୍ର ଅଞ୍ଚଳରେ ଧୂଳିର ବଳୟ ସୃଷ୍ଟି କରୁଛି। ସାଇକଲ କିମ୍ବା ମୋଟର ସାଇକଲ ଚାଳକଙ୍କ ଯାତାୟାତ କଥା ନ କହିବା ଭଲ। ରାସ୍ତାରେ ଯାଉଥିବା ଲୋକଟିଏ ନିଜ ଠାରୁ ସାମାନ୍ୟ ଦୂରରେ ଥିବା ଗାଡ଼ି କିମ୍ବା ଯାତ୍ରୀଙ୍କୁ ମଧ ସ୍ପଷ୍ଟ ଭାବରେ ଦେଖି ପାରୁନାହାଁନ୍ତି। ଫଳରେ ଦୁର୍ଘଟଣା ଘଟୁଛି। ଚଣ୍ଡିଖୋଲ ଠାରୁ ଡୁବୁରୀ ପର୍ଯ୍ୟନ୍ତ ଅନେକ ସ୍ଥାନରେ ରହିଥିବା ଏହି ପାଉଁଶ ଗଦାର ଆଖପାଖ ଅଞ୍ଚଳର ଲୋକ ମାନେ ଏହି ଅସୁବିଧାକୁ ବେଶୀ ଭୋଗ କରୁଛନ୍ତି। ବ୍ରାହ୍ମଣୀ ବ୍ରିଜ, ଭଡଙ୍ଗା, ଆରୁହା, ଓସରା, ବଙ୍ଗଳା ଛକ ଆଦି ସ୍ଥାନରେ ରହିଥିବା ବହୁ ପରିମାଣର ପାଉଁଶ ଗଦା ସ୍ଥାନୀୟ ଅଞ୍ଚଳରେ ରହିଥିବା ଗାଁ ଗୁଡିକ ମଧ ପାଉଁଶ ଧୂଳିରେ କବଳିତ ହୋଇ ଛନ୍ତି। ନିକଟରେ ଥିବା ଚାଷ ଜମିରେ ଏକ ପ୍ରକାର ଆବରଣ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ଠିକା ସଂସ୍ଥା ତରଫରୁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ। ଦୀର୍ଘ ଦିନ ହେଲା ଉକ୍ତ ପାଉଁଶ ଗଦାରେ ପାଣି ସିଞ୍ଚିବା ପାଇଁ ଦାବି ହେଉଥିଲେ ମଧ ଠିକା ସଂସ୍ଥା ଏହାକୁ କର୍ଣ୍ଣପାତ କରୁନାହିଁ। ପରୋକ୍ଷରେ ଦୁର୍ଘଟଣା ପାଇଁ ଠିକା ସଂସ୍ଥା ଏକ ପ୍ରକାର ସୁଯୋଗ ସୃଷ୍ଟି କରୁଛି କହିଲେ ଚଳେ। ତେବେ ସମ୍ପ୍ରସାରଣ ଆଳରେ ଦୀର୍ଘ ବର୍ଷ ଧରି ଏଭଳି କାର୍ଯ୍ୟକୁ ସ୍ଥାନୀୟ ଜନସାଧାରଣ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରଶାସନ ପକ୍ଷରୁ ମଧ ଠିକା ସଂସ୍ଥାକୁ ଏ ନେଇ କୌଣସି କଡ଼ା ନିର୍ଦ୍ଦେଶ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଦେଖିବାକୁ ମିଳି ନାହିଁ। ଯଦି ଏହାର କୌଣସି ପ୍ରତିକାର ତଥା ଏହି ପାଉଁଶ ଗଦା ଉପରେ ପାଣି ସିଞ୍ଚିବା ପାଇଁ ବ୍ୟବସ୍ଥା ଗ୍ରହଣ କରା ନ ଯାଏ ତେବେ ଭବିଷ୍ୟତ ରେ ଅନେକ ଦୁର୍ଘଟଣା ଘଟିବାର ସମ୍ଭାବନାକୁ ମଧ ଏଡ଼ାଇ ଦିଆ ଯାଇ ନ ପାରେ। ପ୍ରଶାସନ ପକ୍ଷରୁ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମା'ଅନ୍ଧାରୀଙ୍କ ପବିତ୍ର ଜନ୍ତାଳ ପୂଜା

କାଳିଆପାଣି,୫।୪(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ବନ୍ଧଗାଁ ପଞ୍ଚାୟତର ମାନତିରା ଗ୍ରାମରେ ଅଧିଷ୍ଠାତ୍ରୀ ଦେବୀ ମା' ଅନ୍ଧାରୀଙ୍କ ପବିତ୍ର ଜନ୍ତାଳ ପୂଜା ଭକ୍ତିମୟ ପରିବେଶରେ ପାଳନ କରାଯାଇଛି। ଏହି ପୂଜା ଗ୍ରାମବାସୀଙ୍କ ଗଭୀର ଶ୍ରଦ୍ଧା, ଅଟୁଟ ବିଶ୍ୱାସ ଓ ସାଂସ୍କୃତିକ ଏକତାର ଏକ ଅନନ୍ୟ ପ୍ରତୀକ ଭାବେ ପରିଚିତ। ପ୍ରତିବର୍ଷ ଗ୍ରାମର ସମୃଦ୍ଧି, ଭଲ ଶସ୍ୟ ଅମଳ ଓ ରୋଗବ୍ୟାଧିରୁ ରକ୍ଷା ପାଇଁ ଏହି ପୂଜା ବିଶେଷ ଆଡ଼ମ୍ବର ସହିତ ଆୟୋଜନ କରାଯାଏ। ମା' ଅନ୍ଧାରୀଙ୍କୁ ଗ୍ରାମଦେବତୀ ଭାବେ ପୂଜା କରାଯାଇଥାଏ ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ଭୋଗ ଅର୍ପଣ କରାଯାଏ। ଲୋକବିଶ୍ୱାସ ଅନୁଯାୟୀ, ମା'ଙ୍କ ଆଶୀର୍ବାଦରୁ ଗ୍ରାମରେ ସୁଖ-ଶାନ୍ତି ବଜାୟ ରହିଥାଏ ଓ ସମସ୍ତ ପ୍ରକାର ଅପମଙ୍ଗ ଦୂର ହୁଏ। ଏହି ପୂଜା ଅବସରରେ ଗ୍ରାମରେ ଏକ ଆଧାତ୍ମିକ ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ। ପାରମ୍ପରିକ ବାଦ୍ୟର ନାଦ, ସଂକୀର୍ତ୍ତନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଗ୍ରାମକୁ ଉତ୍ସବମୟ କରିଥାଏ। ମାନତିରା ସହିତ ଆଖପାଖ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ମାଆଙ୍କ ଦର୍ଶନ ପାଇଁ ଏଠାରେ ଭିଡ଼ କରିଥାନ୍ତି ଓ ପୂଜାରେ ସାମିଲ ହୁଅନ୍ତି। ଏହି ପର୍ବ କେବଳ ଏକ ଧାର୍ମିକ ଆଚାର ନୁହେଁ, ବରଂ ଗ୍ରାମର ଭାଇଚାରା ଓ ସଂସ୍କୃତିକ ପରମ୍ପରାକୁ ବଞ୍ଚାଇ ରଖିବାର ଏକ ମୁଖ୍ୟ ମାଧମ ଭାବେ ଗଣ୍ୟ ହେଉଛି।

# ପୁଲିସ୍‌ର ଜରିମାନା ଆଦାୟ ଆରମ୍ଭ

ମଙ୍ଗଳପୁର,୫।୪(ସମିସ): ମଙ୍ଗଳପୁର ବଜାରରେ ଦିନକୁ ଦିନ ଟ୍ରାଫିକ ଯାମ ହେବାର ଲକ୍ଷ୍ୟ କରାଯାଉଛି।ଏହାର ପ୍ରମୁଖ କାରଣ କିଛି ବ୍ୟବସାୟୀଙ୍କ ମାଲ ବୋଝେଇ ଗାଡି ଆସି ସକାଳ ୧୦ ଘଟିକାରୁ ୧୨ଘଟିକା ଯାଏ ରାସ୍ତା ଉପରେ ବଡ଼ ଟ୍ରକ ଥୋଇ ଅନଲୋର୍ଡ କରୁଛନ୍ତି ଫଳରେ ଆମ୍ବୁଲାନ୍ସ ସମେତ ଶହ ଶହ ମଟର ସାଇକେଲ ସ୍କୁଲ ଗାଡି ଯାମରେ ଫସି ରହୁଛନ୍ତି।ଏ ପ୍ରକାର ଯାମର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମଙ୍ଗଳପୁର ପୁଲିସ ଆକ୍ସନ ମୁଡ଼କୁ ଆସିଛି ଫଳରେ ରବିବାର ଦିନ ମଙ୍ଗଳପୁର ବଜାରରେ ବେଆଇନ ଗାଡି ପାର୍କିଂ ଉପରେ ଫାଇନ ଲଗାଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏଥିସହ ଆଗାମୀ ଦିନରେ ଟ୍ରାଫିକ ନିୟନ୍ତ୍ରଣକୁ କଡ଼ା କଡ଼ି କରାଯିବ ବୋଲି ଆଇଆଇସି ରଞ୍ଜନ କୁମାର ବେହେରା କହିଛନ୍ତି ଛୁ ଏଥିପାଇଁ ମଙ୍ଗଳପୁର ଆଇଆଇସି ରଞ୍ଜନ କୁମାର ବେହେରା,ଏସଆଇ ଅନିତା ପ୍ରଧାନ, ସଂକେତ ପଲାଇ, ଏଏସଆଇ ସଂଯୁକ୍ତା ପଣ୍ଡା, ଜଟାଧାରୀ ଦାସ, ଘନଶ୍ୟାମ ନାୟକ ପ୍ରମୁଖଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

# ନଦୀବନ୍ଧ ରାସ୍ତା ପ୍ରଶସ୍ତୀକରଣର ଶିଳାନ୍ୟାସ

ଧର୍ମଶାଳା,୫।୪(ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ରାହ୍ମଣୀ ଓ କେଲୁଅ ନଦୀର ଡାହାଣ ପାଶ୍ୱର୍ ନଦୀବନ୍ଧ ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ପାଇଁ ଆଜି ଚହଟା ପଞ୍ଚାୟତର ଭାଲୁଖାଇ ନିକଟରେ ଶିଳନ୍ୟାସ କରାଯାଇଛି। ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀନରେ ହେବାକୁ ଥିବା ଏହି କାର୍ଯ୍ୟ ପାଇଁ ୬୩ କୋଟି ଟଙ୍କା ଅଟକଳ କରାଯାଇଥିବା ବେଳେ ପ୍ରଥମ ଦଫାରେ ୪୮ କୋଟି ଟଙ୍କାର ଟେଣ୍ଡର କରାଯାଇଛି। ଯାହାକୁ ଯାଜପୁର ଟାଉନ ଅଞ୍ଚଳର ତାରିଣୀ ଇନ୍‌ଫ୍ରା ଷ୍ଟକଚର ଠିକାଦର କମ୍ପାନୀକୁ କାର୍ଯ୍ୟାଦେଶ ଦିଆଯାଇଛି। ଆଜିର ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସମାଜସେବୀ ମିନତୀ ସାହୁ ଓ ଯୁବ ସଙ୍ଗଠକ ରାଜେଶ ପାଳ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଗୋପାଳପୁର ପୂର୍ତ୍ତ ବିଭାଗ ଉପଖଣ୍ଡ ସହକାରୀ ଯନ୍ତ୍ରୀ ନାରାୟଣ ଟୁଡୁ, କନିଷ୍ଠ ଯନ୍ତ୍ରୀ ରସାନନ୍ଦ ବାରିକ, ଠିକାଦାର ନିହାର ରଞ୍ଜନ ମାନ୍ଧାତା ଓ ଆରୁହା ଜୋନ ସଭାପତି ଜିତେନ୍ଦ୍ର ରାଉତ ଉପସ୍ଥିତ ରହିଥିଲେ। ଏହି ରାସ୍ତା ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ହେବା ଦ୍ୱାରା ବନ୍ୟାରୁ ରକ୍ଷା ମିଳିବା ସହିତ ଲୋକମାନଙ୍କ ଗମନା ଗମନରେ ସୁବିଧା ହୋଇପାରିବ ବୋଲି ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇ କହିଥିଲେ। ଏହି କାର୍ଯ୍ୟକ୍ରମରେ ଚହଟା ସରପଞ୍ଚଙ୍କ ପ୍ରତିନିଧି



ବିଚିତ୍ରାନନ୍ଦ ସ୍ୱାଇଁ, ସମିତି ସଭ୍ୟା ସସ୍ମିତା ନାୟକ ସମେତ ଚିତ୍ତରଞ୍ଜନ ଦାସ, କଳ୍ପତରୁ ସାହୁ, ଜାରକା ସରପଞ୍ଚ ସୁଦାମ ବେହେରା,ମଦନ ମୋହନ ନାୟକ, ନୃସିଂହ ମହାନ୍ତି, ମନୋଜ ରାଉଳ, ଅନୁଜ ଜେନା, ଅଶୋକ ସ୍ୱାଇଁ, ପ୍ରମୁଖ ବହୁ ବିଜେପି କର୍ମକର୍ତ୍ତା ଉପସ୍ଥିତ ରହି ଶିଳାନ୍ୟାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଚଣ୍ଡିଖୋଲ ବାର୍ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ

ବଡଚଣା,୫।୪(ସମିସ): ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ୍‌ର ନିର୍ବାଚିତ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ରେଣୁବାଳା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସବଜଜ୍ ବିଶ୍ୱଦୀପକ୍ ସାହୁ ଯୋଗଦେଇ ନବନିର୍ବାଚିତ କର୍ମକର୍ତ୍ତା ମାନେ କୋର୍ଟ ବାର୍ ଆସୋସିଏସନ୍ ଗୌରବ, ପଦମର୍ଯ୍ୟାଦା ଏକତା, ଭାଇଚାରା ରକ୍ଷାକରି ବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜେ୍‌ଏମ୍‌ଏଫ୍‌ସି ଶ୍ରୀମୟୀ ନନ୍ଦ ଯୋଗଦେଇ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ଦେବରାଜ ବେହେରା, ଉପସଭାପତି ଜ୍ଞାନେଶ ମହାନ୍ତି, ସଂପାଦକ ପ୍ରକାଶ କୁମାର ଦାଶ, ଯୁଗ୍ମ ସଂପାଦକ ଶୁଦ୍ଧଳ କବି, କୋଷାଧ୍ୟକ୍ଷ ବେବିନା ଓଝା, ସହ କ୍ରୀଡ଼ା ସମ୍ପାଦକ ସୁନୀଲ କୁମାର ଜେନା, ସହ ସାଂସ୍କୃତିକ ସଂପାଦକ ଦୀନବନ୍ଧୁ ନାୟକ, ସହ ପାଠାଗାର ସଂପାଦକ ଇନ୍ଦିରା ପ୍ରିୟର୍ଶିନୀ ଜେନା, କାର୍ଯ୍ୟକାରିଣୀ ସଭ୍ୟ ଭାବରେ ଲକ୍ଷ୍ମୀପ୍ରିୟା ବେହେରା, ମାନସୀ ରଥ, ପ୍ରିୟ ଗୋବିନ୍ଦ ଦାସ, ନିଶିକାନ୍ତ ମଲ୍ଲିକ, ମନିର ମହମ୍ମଦ ପ୍ରମୁଖ ଶପଥ ପାଠ କରିଥିଲେ। ଏଥିରେ ସହକାରୀ ନିର୍ବାଚନ ଅଧିକାରୀ ସମ୍ବିତ ମହାପାତ୍ର, ଶଶାଙ୍କ ଶତପଥୀ, ହେମନ୍ତ କୁମାର ମାହାଲା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ବଳ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବରୁଆଁରେ ଏଚ୍‌ପିଭି ଟିକାକରଣ

ବରୁଆଁ,୫।୪(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ଉପରବରୁଆଁ ପଞ୍ଚାୟତର ବରୁଆଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମାର୍କଣ୍ଡପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଟିକା ଜରାୟୁ କ୍ୟାନସରକୁ ରୋକିବାରେ ସହାୟକ ହେବ ଡାକ୍ତରମାନେ ପ୍ରକାଶ କରିଛନ୍ତି। ଏହି ଟିକାକରଣ କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତର ଛନ୍ଦାଶ୍ରୀ ଜେନା, ସୁଚିସ୍ମିତା କର, ମମତାମୟୀ ନନ୍ଦ, ଅଶୋକ କୁମାର ବେହେରା, ଭ୍ରମରବର ମହାଲିକ, ଅର୍ଚ୍ଚନା ପୃଷ୍ଟି, ରାଜପ୍ରସାଦ ଦାସ, ଶୁଭସ୍ମିତା ମହାନ୍ତି ପ୍ରମୁଖ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ

ସୁକିନ୍ଦା,୫।୪(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖରଡ଼ି ସ୍ଥିତ ଲକ୍ଷ୍ମୀନାରାୟଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସୁକିନ୍ଦା ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିକ୍ଷା ସଚେତନତା ସଭାରେ ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ମୁଖ୍ୟବକ୍ତା, ମଣ୍ଡଳ ଉନ୍ନୟନ ଅଧିକାରିଣୀ ପ୍ରଜ୍ଞପରମିତା ପୃଷ୍ଟି, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ବେହେରା, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ପ୍ରଧାନ, ପ୍ରେମାଞ୍ଜଳି ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ୨୫ ଜଣ ନୂତନ ବିଦ୍ୟାର୍ଥୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଶିକ୍ଷାରଥକୁ ମନ୍ତ୍ରୀ ଓ ଉପସ୍ଥିତ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶେଷରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଝୁନାରାମ ନାୟକ ଓ ଶିକ୍ଷକ ବସନ୍ତ ଦାସ ଏକ ସଚେତନତା ମୂଳକ ନାଟକ ପରିବେଷଣ କରି ସମସ୍ତଙ୍କୁ ସଚେତନ କରିଥିଲେ।

ଜିଲ୍ଲା ଶିଶୁ କଲ୍ୟାଣ ସମିତି ଗଠିତ

# ଦିବ୍ୟଭୂଷଣ ମହାନ୍ତି ହେଲେ ଅଧ୍ୟକ୍ଷ

ଯାଜପୁର,୫।୪(ସମିସ):

ରାଜ୍ୟ ସରକାରଙ୍କ ପକ୍ଷରୁ ଯାଜପୁର ଜିଲ୍ଲା ନିମନ୍ତେ ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ଏବଂ ଏହାର ସଭ୍ୟ ସଭ୍ୟାମାନଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ଯାଜପୁର ଜିଲ୍ଲା ପାଇଁ ଜଣେ ସୁସଂଗଠକ ଏବଂ ଅଭିଜ୍ଞ ସମ୍ପନ୍ନ ଯୁବ ସମାଜସେବୀ ଦିବ୍ୟଭୂଷଣ ମହାନ୍ତିଙ୍କୁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଅଧ୍ୟକ୍ଷ ପଦବୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଛନ୍ତି। ଶ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯିବା ସହ କମିଟି ସଦସ୍ୟ ଭାବେ ସୂର୍ଯ୍ୟନାରାୟଣ ମିଶ୍ର, ଲକ୍ଷ୍ମୀ ନାରାୟଣ ସାହୁ, ସଦସ୍ୟା ଭାବେ ରୀତା ବେହେରା ଓ ଗୀତାଞ୍ଜଳି ଧଳଙ୍କୁ



ନିଆଯାଇଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜଣେ ଜଣାଶୁଣା ଛାତ୍ରନେତା ଓ ସୁସଂଗଠକ ଶ୍ରୀ ମହାନ୍ତି ଜଣେ ସମାଜସେବୀ ଓ ରାଜନୈତିକ ବ୍ୟକ୍ତି ଭାବେ ଅନେକ ଜନସେବା ମୂଳକ କାର୍ଯ୍ୟ କରିଆସୁଛନ୍ତି। ସେ ମଧ ଭାରତୀୟ ଜନତା ପାର୍ଟିର ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇ ସାରିଛନ୍ତି। ଶିଶୁ ସୁରକ୍ଷା ଓ ଯତ୍ନ କ୍ଷେତ୍ରରେ ସ୍ୱର୍ଣ୍ଣକାତର କୁହାଯାଉଥିବା ଶିଳ୍ପ ବାଣିଜ୍ୟ ଓ ଖଣି ସମୃଦ୍ଧ ଯାଜପୁର ଜିଲ୍ଲାରେ ନିଯୁକ୍ତି ପାଇଥିବା ନୂତନ ଅଧ୍ୟକ୍ଷ ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ନୂଆ କମିଟି ଆଶାନୁରୂପ କାର୍ଯ୍ୟ କରିବ ବୋଲି ଅନେକ ସାମାଜିକ ସଂଗଠନ ଆଶା ବ୍ୟକ୍ତ କରିଛନ୍ତି। ପ୍ରକାଶ ଥାଉକି ଉକ୍ତ ଶିଶୁ କଲ୍ୟାଣ ସମିତିର ପୂର୍ବତନ ଅଧ୍ୟକ୍ଷ ଭାବେ ସୁନାମଧନ୍ୟ ଚିକିତ୍ସିକ ଡା. ରାଜକିଶୋର ପଣ୍ଡା, ଡା. କ୍ଷୀରୋଦ ଚନ୍ଦ୍ର ମହାନ୍ତି, ରାଜ୍ୟସଭା ସାଂସଦ ସୁଲତା ଦେଓ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଶ୍ରୀ ମହାନ୍ତିଙ୍କ ଏହି ନିଯୁକ୍ତି ପରେ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଯାଜପୁର ସର୍କିଟ ହାଉସରେ ଦିବ୍ୟଭୂଷଣଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଜିଲ୍ଲାର ଶିଶୁ ସୁରକ୍ଷା ପାଇଁ ଦକ୍ଷତାର ସହିତ କାର୍ଯ୍ୟ କରିବେ ବୋଲି ଆଶା ବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ବରିଷ୍ଠ ସାମ୍ବାଦିକ କୈଳାଶ ଚନ୍ଦ୍ର ନାୟକ, ସମରଜିତ ମହାନ୍ତି, ତରୁଣ କୁମାର ନନ୍ଦ, ସନ୍ଦିପ୍ତ କୁମାର ରାୟ, କବି ପ୍ରଭାତ ମଲ୍ଲିକ, ଶିକ୍ଷାବିତ୍ ପରେଶ ମଲ୍ଲିକ, ନିତ୍ୟାନନ୍ଦ ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀ ମହାନ୍ତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଢେଙ୍କାନାଳରେ ଐତିହ୍ୟ ଗଣଦୌଡ଼



ଢେଙ୍କାନାଳ,୫।୪(ସମିସ): ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ମିନି ଷ୍ଟାଡିୟମଠାରୁ ଦୌଡ଼ ଆରମ୍ଭ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, କ୍ରୀଡ଼ା ଅଧିକାରୀ ଦୟାନିଧି ପାତ୍ର, ପର୍ଯ୍ୟଟନ ଅଧିକାରୀ ସ୍ୱସ୍ତି ରଞ୍ଜନ ସାହୁ, କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଅଗ୍ନିଶମ ଅଧିକାରୀ ଦୀନବନ୍ଧୁ ମଲ୍ଲିକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଦୌଡ଼ରେ ସାମିଲ ହୋଇଥିଲେ। ଗଣଦୌଡ଼ ରଥଗଡ଼ା, ଶ୍ରୀବଳରାମ ମନ୍ଦିର ଦେଇ ପୁଣି ମିନି ଷ୍ଟାଡିୟମରେ ପହଞ୍ଚିଥିଲା। ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ଭାଷା ସାହିତ୍ୟକୁ ଆଗେଇ ନେଇ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟ ଗଠନରେ ସହଯୋଗ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସତ୍ୟନାରାୟଣ କର ଉତ୍ସବ ସଂଯୋଜନା କରିଥିଲେ। ଚଳିତ ବର୍ଷ ସ୍ପୋର୍ଟସ ଅଥରିଟି ଅଫ ଇଣ୍ଡିଆରେ ପ୍ରଶିକ୍ଷଣ ପାଇଁ ଚୟନ ହୋଇଥିବା ଜିଲ୍ଲା ବ୍ୟାଡମିଣ୍ଟନ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଆର୍ଯ୍ୟନ ପୃଷ୍ଟିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶିବିରରେ ୪୨ ୟୁନିଟ ରକ୍ତ ସଂଗ୍ରହ



କଙ୍କଡ଼ାହାଡ଼,୫।୪(ସମିସ): କଙ୍କଡ଼ାହାଡ଼ ବ୍ଲକ କଣ୍ଟାପାଳ ପଞ୍ଚାୟତ କଣ୍ଟାପାଳ କଲ୍ୟାଣ ମଣ୍ଡପରେ ସେବାର୍ଥେ ଯୁବ ସମାଜ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଅତିଥି ଭାବେ ବିଡିଓ ଯଶୋବନ୍ତ ଦେହୁରୀ, କଙ୍କଡ଼ାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା, କଣ୍ଟାପାଳ ସରପଞ୍ଚ ତିଲୋତ୍ତମା ସିଂହ, ଏମବିକେ ଦମୟନ୍ତି ମହାନ୍ତ, ମା' ଚର୍ଚ୍ଚିକା ଯାତ୍ରା କମିଟି ସଭାପତି ଦୁଃଶାସନ ସିଂହ, ସମଗ୍ର ଓଡ଼ିଶା ସେବା ଅଭିଯାନ ମୁଖ୍ୟ ସଚେତକ ବିଭୁପ୍ରସାଦ ଶତପଥୀ, ରାସୋଳ ଜନମଙ୍ଗଳ ସଂଗଠନ ସଭାପତି ନିରୁପମା ମିଶ୍ର ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଶିବିରରେ ୪୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ବ୍ଲଡ ବ୍ୟାଙ୍କର ରାକେଶ କୁମାର ବେହେରା, ପ୍ରେମାନନ୍ଦ ପଣ୍ଡା, ସୌମ୍ୟରଞ୍ଜନ ମହାନ୍ତି, ଅଜୟ ସ୍ୱାଇଁ, ବରୁଣ ସାହୁ, ତପନ ଜେନା ରକ୍ତ ସଂଗ୍ରହ କରିଥିଲେ। ସେବାର୍ଥେ ଯୁବ ସମାଜର ପ୍ରଦୀପ୍ତ ବାରିକ, ସତ୍ୟବାନ ମହାନ୍ତ, ଜୟନ୍ତ ବେହେରା, ସୁଦର୍ଶନ ମହାନ୍ତ, ମୁଚିରାମ ସୋରେନ, ବଳଭଦ୍ର ସାହୁ, ସୁନୀଲ ପାତ୍ର, ରଞ୍ଜନ ପାତ୍ର, ନବିନା ପାତ୍ର, ଅନୀଲ ରଣା, ପ୍ରସନ୍ନ ବେହେରା, ସୁବାସ ସାହୁ, ସରୋଜ ସାହୁ, ଅଜିତ ମହାନ୍ତ, ଦୀପକ ବେହେରା, ଚିନ୍ମୟ ସାହୁ, ଦୀପକ ସିଂହ, ତପନ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଦନ୍ତା ଆକ୍ରମଣରେ ୪ ଗୁରୁତର









ପରଜଙ୍ଗ,୫।୪(ସମିସ):

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଅଞ୍ଚଳରେ ଦନ୍ତାହାତୀ ଆକ୍ରମଣରେ ୪ ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଦଦରାଘାଟି ସେକ୍ସନ ଦୋମୁହାଣି ବିଟିର ଭେରୁବଣିଆ ମୁଣ୍ଡା ସାହି, ଡିହଡୋଳ ଫରେଷ୍ଟ ସେକ୍ସନ ଅଧିନ କନ୍ତୋର ଓ ବାରିହାପୁର ଗାଁରେ ଦନ୍ତା ଆତଙ୍କ ଖେଳାଇଛି। ରବିବାର ଭୋର ସମୟରେ ଦନ୍ତା ଆକ୍ରମଣରେ ୪ ଜଣ ମହୁଲ ଗୋଟାଳି ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଆଖୁଆପାଳ ପଞ୍ଚାୟତ ଭେରୁବଣିଆ ମୁଣ୍ଡାସାହିର କରମି ହାଁସଦା (୫୬), କନ୍ତୋର ପଞ୍ଚାୟତ ଚଣ୍ଡିକଡେିଳା ସାହିର ସାବିତ୍ରୀ ସାହୁ (୫୦), ଖଇରା ସାହିର ଦେବରାଜ ସାହୁ (୭୦) ଏବଂ ବାରିହାପୁରର ଆଦିତ୍ୟ ସାହୁ (୩୭)। କରମି ହାଁସଦା ଭୋର ୫ଟା ବେଳେ ଘରଠାରୁ ଅଳ୍ପ ଦୂରରେ ମହୁଲ ଗୋଟାଉଥିବା ବେଳେ ହାତୀ ଆକ୍ରମଣ କରିଥିଲା। ଦଦରାଘାଟି ସେକ୍ସନ ଫରେଷ୍ଟର କାର୍ଯ୍ୟରତ ଥିବା ଫରେଷ୍ଟ ଗାର୍ଡ ପାର୍ଥସାରଥୀ ତ୍ରିପାଠୀ ତାଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ସୂଚନା ମିଳିଛି। ସେହିପରି ଦନ୍ତା ସେଠାରୁ ଆସି ମହୁଲ ଗୋଟାଉଥିବା କନ୍ତୁର ପଞ୍ଚାୟତ ଚଣ୍ଡିକଡେିଳା ସାହିର ସାବିତ୍ରୀ ସାହୁଙ୍କୁ ପଛ ପାଖରୁ ଆକ୍ରମଣ କରିଥିଲା। ତାଙ୍କ ଅଣ୍ଟା ଏବଂ ଜଙ୍ଘରେ ଆଘାତ ଲାଗିଛି। ପରେ ଖଇରା ସାହିର ଦେବରାଜ ନିଜ ଗୋଡ଼ିପଶି ସ୍ଥିତ ଚାଷଜମି ପାଖରେ ଥିବା ମହୁଲ ଗଛରୁ ମହୁଲ ଗୋଟାଉଥିବା ବେଳେ ଦନ୍ତା ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ତାଙ୍କ ଛାତିରେ ଶକ୍ତ ଆଘାତ ଲାଗିଛି। ବାରିହାପୁର ଗାଁର ଆଦିତ୍ୟ ସାହୁ ମହୁଲ ଗୋଟାଇବାକୁ ଯାଇ ଦନ୍ତା ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ତାଙ୍କ ଅବସ୍ଥା ମଧ ଗୁରୁତର ରହିଛି। ୪ ଜଣଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ୩ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଡିହଡୋଳ ଫରେଷ୍ଟର ଚନ୍ଦ୍ରଶେଖର ବେହେରା ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରିବା ସହ ସମସ୍ତ ସହଯୋଗ କରୁଛନ୍ତି। ସେପଟେ ହାତୀ ସ୍କ୍ୱାଡ୍ ଦନ୍ତାର ଗତିବିଧି ଉପରେ ନଜର ରଖିଛନ୍ତି। ସନ୍ଧ୍ୟା ସୁଦ୍ଧା ଦନ୍ତା ମୁକ୍ତାପଶି ସେକ୍ସନ ଅଞ୍ଚଳକୁ ଯାଇଥିବା ଫରେଷ୍ଟର ବେହେରା ସୂଚନା ଦେଇଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

ଭୁବନ,୫।୪(ସମିସ): ପ୍ରେମିକାର ବ୍ଲାକ୍‌ମେଲିଂ ସହି ନ ପାରି ବେକରେ ରଶି ଲଗାଇ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଭୁବନ ଥାନା ମୃଦଙ୍ଗା ଗ୍ରାମରେ ଏହି ଘଟଣା ଘଟିଛି। ଗ୍ରାମର ବାବୁଲି ଆଏଚଙ୍କ ସାନ ପୁଅ ପ୍ରକାଶ ଇଏଚ (୨୨) ବିଦ୍ୟୁତ ୱାରିଂ କାମ କରନ୍ତି। ସେ ପଡ଼ୋଶୀ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଆଜି ସକାଳେ ଦୁହିଁଙ୍କ ମଧ୍ୟରେ ହ୍ୱାଟ୍ସଆପ୍ ଯୋଗେ ଚାଟିଂ ଓ ଫଟୋ ଦିଆନିଆ ହୋଇଥିଲା। ପୂର୍ବାହ୍ନ ୧୧ଟା ୧୪ରେ ପ୍ରକାଶ ରଶି ଲଗାଇବାକୁ ଯାଉଥିବାର ଏକ ଫଟୋ ହ୍ୱାଟ୍ସଆପ୍‌ରେ ପଠାଇଥିଲେ। ୧୧ଟା ୧୫ରେ ପ୍ରେମିକାର ଭିଡିଓ କଲ୍ ଆସିଥିଲା। କିନ୍ତୁ ତାହା ରିସିଭ୍ ହୋଇ ନ ଥିଲା। ୧୧ଟା ୩୦ରେ ପ୍ରକାଶଙ୍କ ମା' ଘରେ ପଶି ପୁଅ ବେକରେ ରଶି ଲଗାଇ ଝୁଲି ପଡ଼ିଥିବା ଦେଖିଥିଲେ। ମାଆଙ୍କ ଚିତ୍କାର ଶୁଣି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଭୁବନ ମେଡିକାଲରେ ଭର୍ତ୍ତି କରାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରେମିକାର ବ୍ଲାକମେଲିଂ ଯୋଗୁ ପୁଅ ଆତ୍ମହତ୍ୟା କରିଥିବା ପ୍ରକାଶଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

## ରୁଙ୍ଗଟା କମ୍ପାନୀର ସମ୍ପ୍ରସାରଣ ପାଇଁ ଜନଶୁଣାଣି



ହିନ୍ଦୋଳ/ଖଜୁରିଆକଟା,୫।୪(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗାଲପଡ଼ା ନିକଟସ୍ଥ ରୁଙ୍ଗଟା କମ୍ପାନୀର ସମ୍ପ୍ରସାରଣ ସମ୍ପର୍କରେ ଜନଶୁଣାଣି ହୋଇଯାଇଛି। ପାଇକପୁରୁଣାକୁଟସ୍ଥିତ ରାଜସ୍ୱ ନିରୀକ୍ଷକ ଅଫିସରେ ହିନ୍ଦୋଳ ତହସିଲଦାର ଦିଲୀପ ସେଠି କମ୍ପାନୀ ସମ୍ପ୍ରସାରଣ ପାଇଁ ବେରୁଁଆପାଳ,ଗାଲପଡ଼ା ଗ୍ରାମରେ ଅଧିଗ୍ରହଣ ହେବାକୁ ଥିବାବେଳେ ଏହି ଗ୍ରାମର ଜମିହରା ପ୍ରଜାଙ୍କ ଅଭିଯୋଗର ଜନଶୁଣାଣି କରିଛନ୍ତି। ଜମିହରା ପ୍ରଜାଙ୍କ ପକ୍ଷରୁ ଅକ୍ଷୟ ପାଣିଗ୍ରାହୀ ନେତୃତ୍ୱ ନେଇ ନ୍ୟାୟ କ୍ଷତିପୂରଣ,ଜମିକୁ ଜଳଯୋଗାଣ ସୁନିଶ୍ଚିତ କରିବା ଏବଂ ଶିଳ୍ପ କରିଡରରେ ଥିବା ବେରୁଆଁପାଳ ଗ୍ରାମର ସମ୍ପୂର୍ଣ୍ଣ ବିସ୍ଥାପନ ଇତ୍ୟାଦି ଦାବି ଜଣାଇଥିଲେ। ଜମିହରା ପ୍ରଜାମାନଙ୍କ ପ୍ରସ୍ତାବିତ ସମସ୍ତ ନ୍ୟାର୍ଯ୍ୟ ଦାବିଗୁଡ଼ିକ ପୂରଣ ନିମନ୍ତେ ପ୍ରଶାସନ ପକ୍ଷରୁ ତହସିଲଦାର ପ୍ରତିଶୃତି ଦେଇଥିଲେ। ଏହି ଜନଶୁଣାଣିରେ ଜମିହରା ପ୍ରଜା ରାମଚନ୍ଦ୍ର ପାଣିଗ୍ରାହୀ,ଦିଲୀପ ପାଣିଗ୍ରାହୀ, ବିଜୟ ପାଣିଗ୍ରାହୀ,ବସନ୍ତ କୁମାର ବେହେରା, ହୃଦାନନ୍ଦ ମାଝୀ, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ପୂର୍ବତନ ଗାଲପଡ଼ା ସରପଞ୍ଚ ଅଜୟ ମାଝୀ,ହେମନ୍ତ ରାଉତ ପ୍ରମୁଖ ଯୋଗ ଦେଇଥିବାବେଳେ ଗ୍ରାମବାସୀ ମାନଙ୍କ ନ୍ୟାୟ ଦାବିଗୁଡ଼ିକ ଜିଲ୍ଲା ଓ ଉପଖଣ୍ଡ ପ୍ରଶାସନ ବିଚାର କରି ପଦକ୍ଷେପ ନେବାକୁ ଦାବି କରିଥିଲେ।

# ଇଫୁନା ଓ ଉଫୁନା ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ଢେଙ୍କାନାଳ,୫।୪(ସମିସ): ସ୍ଥାନୀୟ ଏକ ହୋଟେଲ୍ କନ୍‌ଫରେନ୍ସ ହଲ୍‌ରେ ଇଣ୍ଡିଆନ ଫେଡେରେସନ୍ ଅଫ ୟୁନାଇଟେଡ ନେସନ୍ସ ଆସୋସିଏସନ (ଇଫୁନା) ଓ ଉତ୍କଳ ଫେଡେରେସନ ଅଫ ୟୁନାଇଟେଡ ନେସନ୍ସ ଆସୋସିଏସନ (ଉଫୁନା) ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ଇଫୁନାର ମହାସଚିବ ତଥା ୱାର୍ଲ୍ଡ ଫେଡରେସନ ଅଫ ୟୁନାଇଟେଡ ନେସନ୍ସ




ଆସୋସିଏସନର ଭାଇସ୍ ଚେୟାରମ୍ୟାନ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ସଭାକୁ ଉଦ୍‌ଘାଟନ କରିଥିଲେ। ଏହି ସଭାରେ ଇଫୁନାର ଜାତୀୟ ଉପ ସଭାପତି ତଥା ଉଫୁନାର ରାଜ୍ୟ ସଭାପତି ଆଡଭୋକେଟ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ।ମୁଖ୍ୟଅତିଥି ରୂପେ ଯୋଗଦେଇ ବରିଷ୍ଠ ପ୍ରଫେସର ଡ. ତୁଷାରକାନ୍ତି ନାୟକ ବକ୍ତବ୍ୟରେ ଜୀବନଶୈଳୀର ପରିବର୍ତ୍ତନ ଦ୍ୱାରା ଅନେକ ବ୍ୟକ୍ତି ଡାଇବେଟିସ, ଉଚ୍ଚ ରକ୍ତଚାପ, ମେଦବହୁଳତା ଆଦି ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେବା ସହ ତତ ସଂଲଗ୍ନ ସ୍ନାୟୁ ରୋଗ, କିଡନୀ ରୋଗ ଓ ହୃଦରୋଗ ଆଦି ଜଟିଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ। ଏହାର ନିରାକରଣ ନିମନ୍ତେ ସୁଷମ ଖାଦ୍ୟ ଖାଇବା, ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ ନ ଖାଇବା, ଶରୀର ପାଇଁ ଉପଯୁକ୍ତ ଖାଇବା ତେଲର ବ୍ୟବହାର, ସମୁଦ୍ର ଲୁଣ ପରିବର୍ତ୍ତେ ସୈନ୍ଧବ ଲବଣର ବ୍ୟବହାର, ଭିଟାମିନ ଡି ଓ କ୍ୟାଲସିୟମଯୁକ୍ତ ଆହାର ବ୍ୟବହାର ସହିତ ଧାର୍ମିକ ଭାବନା ସହିତ ଜଡ଼ିତ ଅନ୍ଧବିଶ୍ୱାସରୁ ଦୂରେଇ ରହି ବିଜ୍ଞାନ ସମ୍ମତ ଚିନ୍ତାଧାରା ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ କଟକରୁ ଯୋଗଦାନ କରି ଉଫୁନାର ମହାସଚିବ ଦୀପାୟନ ପଟ୍ଟନାୟକ ସ୍ୱୀୟ ବକ୍ତବ୍ୟରେ ମୋ ସ୍ୱାସ୍ଥ୍ୟ,ମୋ ଦାୟୀତ୍ୱ। ସ୍ୱାସ୍ଥ୍ୟ ସଚେତନତା ହିଁ ସୁରକ୍ଷା ଓ ସୁରକ୍ଷା ହିଁ ଜୀବନ ରକ୍ଷା,ସମସ୍ତଙ୍କର ସ୍ୱାସ୍ଥ୍ୟର ଉନ୍ନତିରେ ହିଁ ସମାଜର ପ୍ରଗତି ସମ୍ଭବ ବୋଲି ଦୃଢ ମତପୋଷଣ କରିଥିଲେ।ଅନ୍ୟତମ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କଟକରୁ ଅଧ୍ୟାପିକା ମୀରା ବେଉରା ସ୍ୱୀୟ ବକ୍ତବ୍ୟରେ ସୁସ୍ଥ ଶରୀର,ସୁସ୍ଥ ମନର ଜନକ।ସୁସ୍ଥ ମନ ଉନ୍ନତ ବିଚାରର ଜନକ,ଉନ୍ନତ ବିଚାର ବିବେକର ସମର୍ଥକ ବୋଲି ଦୃଢ ମତବ୍ୟକ୍ତ କରିଥିଲେ। ପୂର୍ବତନ ସିବିଆଇ ଜଜ ଭିକାରୀ ଚରଣ ରାଉତ, ଉଫୁନାର ସାଧାରଣ ସମ୍ପାଦକ କବି ବାହାଦୂର ପାଟ୍ଟସାହାଣୀ,ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର, ସମାଜସେବୀ ସରୋଜ ଶତପଥୀ, ନାରୀନେତ୍ରୀ ସ୍ମିତାରାଣୀ ସାମଲ, ପରିବେଶବିତ ଉପେନ୍ଦ୍ର କୁମାର ରାଉତ ପ୍ରମୁଖ ନିଜ ନିଜର ବକ୍ତବ୍ୟରେ କହିଥିଲେ ଯେ ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା କ୍ଷେତ୍ର ପାଇଁ ସରକାର, ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମିର ପୂର୍ଣ୍ଣାଙ୍ଗ ବିକାଶର ଆବଶ୍ୟକତା ରହିଛି।ଭାରତ ମଧ୍ୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସଦସ୍ୟ ଦେଶ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଚଳିତ ବର୍ଷର ବିଷୟବସ୍ତୁ ରହିଛି ସ୍ୱାସ୍ଥ୍ୟ ପାଇଁ ଏକତ୍ର,ବିଜ୍ଞାନ ସହିତ ଠିଆ ହୁଅ।ବରିଷ୍ଠ ଶିକ୍ଷାବିତ୍, ୟୁନେସ୍କୋର ଆଜୀବନ ସଦସ୍ୟ ତଥା ଉଫୁନାର ମିଡିଆ ପ୍ରଭାରୀ ଡ. ଦେବୀ ପ୍ରସାଦ ମିଶ୍ର,ଉଫୁନାର ମହାସଚିବ ଦୀପାୟନ ପଟ୍ଟନାୟକ ଓ ସଭାପତି ଆଡଭୋକେଟ ମନୋରଞ୍ଜନ ପଟ୍ଟନାୟକ କହିଲେ ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରତିବର୍ଷ ଆଜିର ଦିନ ୭ ଏପ୍ରିଲରେ ପାଳନ କରାଯାଇଥାଏ ବିଶ୍ୱ ସ୍ୱାସ୍ଥ୍ୟ ଦିବସ।୧୯୪୮ ମସିହାରେ ପ୍ରଥମ ବିଶ୍ୱ ସ୍ୱାସ୍ଥ୍ୟ ଆସେମ୍ବ୍ଲି ପକ୍ଷରୁ ପ୍ରଥମ ଥର ପାଇଁ ଏପ୍ରିଲ ୭ ତାରିଖକୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରିବାକୁ ଘୋଷଣା କରାଯାଇଥିଲା। ମାତ୍ର ଏହା କାର୍ଯ୍ୟକାରୀ ହୋଇଥିଲା ୧୯୫୦ ମସିହାରୁ, ଯାହା ଅଦ୍ୟାବଧି ପାଳନ କରାଯାଇ ଆସୁଛି।ଉକ୍ତ ସଭାରେ ୟୁନେସ୍କୋର ରାଜ୍ୟ ସଂଯୋଜକ ତଥା ଉଫୁନାର ସମ୍ପାଦକ କବି ବାହାଦୂର ପାଟ୍ଟସାହାଣୀ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି ସ୍ୱୀୟ ବକ୍ତବ୍ୟରେ କହିଥିଲେ ଉଫୁନା ଜାତିସଂଘର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରୁ ସ୍ୱାସ୍ଥ୍ୟ ସଚେତନତାର ପ୍ରଚାର ଓ ପ୍ରସାର କରିବା ସଙ୍ଗେ ସଙ୍ଗେ ବିଶ୍ୱରେ ସମସ୍ତଙ୍କ ପାଇଁ ନିରବିଚ୍ଛିନ୍ନ ଭାବେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅବ୍ୟାହତ ରଖିଛି ବୋଲି ଦୃଢ ମତପୋଷଣ କରିଥିଲେ।ଏହି ଉପଲକ୍ଷେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ବାହାଦୂର ପାଟ୍ଟସାହାଣୀ, ନନ୍ଦୀକେଶ୍ୱରୀ ନାଥ,ଡଃ ମାନସୀ କର,ଦଧୀଚି ସମ୍ମାନପ୍ରାପ୍ତ ଶୈଳବାଳା ମିଶ୍ର,କବୀ ସୁକାନ୍ତି ସାହୁ,ଜିତାମିତ୍ରା ଶତପଥି, ହିନ୍ଦୋଳରୁ ସାଦତ ଖାନ,ଯାମିନୀକାନ୍ତ ହୋତା,ଚିଉଲପୁରରୁ ଲିଙ୍କୁ ପତି,ଦୀପ୍ତି ରଞ୍ଜନ ପଣ୍ଡା,ରାମଚନ୍ଦ୍ର ଦେବତା,ଧୀରେନ ମିଶ୍ର,ଶିକ୍ଷାବିତ ଡ. ସମୀର ସାହୁ,ଶିକ୍ଷାବିତ ଡ. ତାରା ପ୍ରସନ୍ନ ଶତପଥୀ, ଡ. ଅନୁପମା ମିଶ୍ର, ବରିଷ୍ଠ ଶିକ୍ଷାବିତ୍, ୟୁନେସ୍କୋର ଆଜୀବନ ସଦସ୍ୟ ତଥା ଉଫୁନାର ମିଡିଆ ପ୍ରଭାରୀ ଡ. ଦେବୀ ପ୍ରସାଦ ମିଶ୍ର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଇଁ ତିନୋଟି ଇଂରାଜୀ ଓ ଗୋଟିଏ ଓଡ଼ିଆ ସନେଟ ପାଠ କରିଥିଲେ ଓ କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ। ସମାଜସେବୀ ଯାଜ୍ଞସେନୀ ଜେନା,ପୁଷ୍ପାଞ୍ଜଳି ଜେନା,ବିଚିତ୍ରାନନ୍ଦ ମହାନ୍ତି, ତ୍ରିନାଥ ବେହେରା,ଇଂ ଲଳିତ ମୋହନ ବେହେରା,ବିପିନ ବିହାରୀ ବେହେରା,ରୁଦ୍ର ପ୍ରକାଶ ଶରଣ,ମନୋଜା ମଞ୍ଜରୀ ଦାଶ,ତରୁଣ କୁମାର ବିଶ୍ୱାଳ ପ୍ରମୁଖ ଇଫୁନାର ସମସ୍ତ ଶତାଧିକ ସହଯୋଗୀ ସଦସ୍ୟା,ସଦସ୍ୟମାନଙ୍କ ସହାୟତାରେ କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ଭବ ହୋଇପାରିଥିଲା। ଏହି ସଭାରେ ଢେଙ୍କାନାଳ ଜିଲ୍ଲାର କୋଣ ଅନୁକୋଣରୁ ବହୁ ସଂଖ୍ୟାରେ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦାନ କରି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ ସର୍ବୋଦୟ ନେତା ଇଂ ଲଳିତ ମୋହନ ବେହେରା,ସ୍ୱାସ୍ଥ୍ୟ ସମ୍ପର୍କରେ ଗୋଟିଏ ଓଡ଼ିଆ କବିତା ପାଠ କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ ଉଦଯାପିତ



ଖଜୁରିଆକଟା,୫।୪(ସମିସ): ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉତ୍ସବ ଉଦଯାପିତ ହୋଇଛି। ବିଦ୍ୟାଳୟର ସଭାପତି ବୈକୁଣ୍ଠନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ସମ୍ମାନୀତ ଅତିଥି ଭାବେ ସହ ମନ୍ତ୍ରୀ ପୂର୍ବକ୍ଷେତ୍ର ବିଦ୍ୟା ଭାରତୀ ହେମନ୍ତ କୁମାର ପାଣିଗ୍ରାହୀ, ବିଧାୟିକାଙ୍କ ପ୍ରତିନିଧି ସନ୍ତୋଷ କୁମାର ନାଏକ ରଜତ ଜୟନ୍ତୀର ସଭାପତି ରସାନନ୍ଦ ରାଉତ,ଅରୁଣ କୁମାର ସେନାପତି, ବିଦ୍ୟାଳୟର ସମ୍ପାଦିକା ବନଲତା ମହାପାତ୍ର ଯୋଗ ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ କରିବା ସହିତ ଦେଶ ମାତୃକାର ସେବା, ସଂସ୍କୃତି ପରାମ୍ପରା ଓ ମାନବିକତାର ଶିକ୍ଷା ଦିଆଯାଇଥାଏ।ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଜଗଦୀଶ ଖିଲାର ବାର୍ଷିକ ବିବରଣୀ ପାଠ କରିବା ସହିତ ବିଦ୍ୟାଳୟର ଅଭାବ ଅସୁବିଧା ସମ୍ପର୍କରେ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ଏହି ଶିଶୁ ମନ୍ଦିର ଦିର୍ଘ ୨୫ ବର୍ଷ ଧରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ କରୁଆସୁଥିଲେ ମଧ୍ୟ ବିଦ୍ୟାଳୟଥିବା ସମସ୍ୟା ସହିତ ଏକ ଶ୍ରେଣୀଗୃହ ନିର୍ମାଣ ପାଇଁ ଆବଶ୍ୟକ ପାଣ୍ଠି ଯୋଗାଇ ଦେବାକୁ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟର ସ୍ମରଣିକା କୁସୁମାଞ୍ଜଳି ଉନ୍ମୋଚିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଜଗଦୀଶ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ
















ଢେଙ୍କାନାଳ,୫।୪(ସମିସ):

ସାରା ରାଜ୍ୟରେ ଶନିବାର ବିଦ୍ୟାଳୟରେ ଶିଶୁମାନଙ୍କ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ପିଏମଶ୍ରୀ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଶିଶୁମାନଙ୍କୁ ଖଡ଼ି ଛୁଆଁଇ ସେମାନଙ୍କ ବିଦ୍ୟାରମ୍ଭ କରିଥିଲେ। ସମସ୍ତଙ୍କୁ ଶିକ୍ଷା ପ୍ରଦାନ ଆମର ଲକ୍ଷ୍ୟ। ଶିକ୍ଷିତମାନେ ସମାଜରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିବେ। ସମସ୍ତେ ଶିକ୍ଷିତ ହେଲେ ଜ୍ଞାନ ଓ ବିଜ୍ଞାନର ଦ୍ରୁତ ବିକାଶ ହେବ ଏବଂ ଦେଶର ସର୍ବାଙ୍ଗୀନ ଉନ୍ନତି ହେବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଏକ ଶିକ୍ଷା ସଚେତନତା ପ୍ରଚାର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ପରିସରରେ ହୋଇଥିବା ରଙ୍ଗର ଦୁନିଆ, ଗପ ରାଇଜ ଓ ଖେଳଘର ଷ୍ଟଲକୁ ଅତିଥିମାନେ ପରିଦର୍ଶନ କରିଥିଲେ। ଜିଲ୍ଲାରେ ଶିଶୁ ବାଟିକାରେ ୮,୭୮୨ ଏବଂ ପ୍ରଥମ ଶ୍ରେଣୀରେ ୧,୩୫୨ ସମୁଦାୟ ୧୦,୧୩୪ ଶିଶୁଙ୍କ ନାମ ଲେଖାଯିବ ବୋଲି ଜଣାଯାଇଛି। ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବହ୍ନୋତ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

**ଗଁଦିଆ:** ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ଗଁଦିଆ ବ୍ଲକରେ ଖଡ଼ିଛୁଆଁ ଓ ନାମଲେଖା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ମହାଳିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁ ଯୋଗଦେଇ ଶତ ପ୍ରତିଶତ ପିଲାଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଅଭିଭାବକମାନଙ୍କୁ ଅନୁରୋଧ କରିଥିଲେ। ପ୍ରକୃତିବନ୍ଧୁ ସାହୁଙ୍କ ସମେତ ପ୍ରଧାନଶିକ୍ଷକ ମହାଳିକ, ସହକାରୀ ଶିକ୍ଷକ ନିରଞ୍ଜନ ନାୟକ, ସହକାରୀ ଶିକ୍ଷୟିତ୍ରୀ ସୁମିତ୍ରା ବେହେରା ୨୨ ଜଣ ଛାତ୍ରଛାତ୍ରୀଙ୍କୁ ଖଡ଼ି ଛୁଆଁଇ ନାମ ଲେଖାଇଥିଲେ।

**ଗଁଦିଆ:** ଗଁଦିଆ ବ୍ଲକ ନୂଆଗଡ଼ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିବାଳା ସାମଲଙ୍କ ଅଧ୍ୟକ୍ଷତାରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ଶିକ୍ଷାବିତ ତଥା ପରିବେଶବିତ୍ ବିଜୟ କୁମାର ସାମନ୍ତ ମୁଖ୍ୟଅତିଥି, ଆଲୁମ୍‌ନି କମିଟି ସଭାପତି ତୁଷାରକାନ୍ତ ବରାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନବମ ଶ୍ରେଣୀର ନୂତନ ଛାତ୍ରଛାତ୍ରୀଙ୍କୁ ଫୁଲଚନ୍ଦନ ଓ ମିଠା ଦେଇ ସ୍ୱାଗତ କରାଯାଇଥିଲା। ଗଣିତ ଶିକ୍ଷକ ଅଭୟ କୁମାର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା।

**ଢେଙ୍କାନାଳ:** ସ୍ଥାନୀୟ ପିଏମଶ୍ରୀ ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହୋଇଛି। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, କାଉନସିଲର ଲକ୍ଷ୍ମୀପ୍ରିୟା ଦଳେଇ, ରାଜନୀତିଜ୍ଞ ତଥା ସମାଜସେବୀ କରୁଣାକର ଦଳେଇ, ବିକାଶ ପୁହାଣ ଏବଂ ପଞ୍ଚସଖା ଶିକ୍ଷାସେତୁ ସଭାପତି କୃଷିଦା ବେଗମ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

**ପରଜଙ୍ଗ:** ସ୍ଥାନୀୟ ପିଏମଶ୍ରୀ ମହେଶ୍ୱର ସୁବାହୁସିଂହ ନୋଡାଲ ବିଦ୍ୟାପୀଠରେ ଶନିବାର ବ୍ଲକସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ବ୍ଲକ୍ ଶିକ୍ଷା ଅଧିକାରିଣୀ ପ୍ରିୟଦର୍ଶିନୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ ଓ ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଗଡ଼ ପରଜଙ୍ଗ ସରପଞ୍ଚ ଗାୟତ୍ରୀ ମହାପାତ୍ର, ଏବିଇଓ ସଞ୍ଜୁକ୍ତା ସାମଲ, ସତ୍ୟବ୍ରତ ସାହୁ, ମହେଶ୍ୱର ସୁବାହୁସିଂହ ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମସିଂ ଓ ପରିଚାଳନା କମିଟି ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ନାୟକ ମଞ୍ଚାସୀନ ଥିଲେ। ସିଆର୍‌ସିସି ଅଜିତ୍ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ।

**ଖଜୁରିଆକଟା:** ହିନ୍ଦୋଳ ଏନଏସିସ୍ଥିତ ବନମାଳୀପୁର ଉଚ୍ଚ ପ୍ରାଥମିକ ସ୍କୁଲରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀଗଣେଶଙ୍କୁ ପୂଜାର୍ଚ୍ଚନା ସହ କୁନି ଛାତ୍ରଛାତ୍ରୀଙ୍କୁ ସ୍କୁଲରେ ସ୍ୱାଗତ କରାଯାଇ ଖଡ଼ିଛୁଆଁ ଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହିମାଂଶୁ ମିଶ୍ର, ଶିକ୍ଷୟିତ୍ରୀ ଗାୟତ୍ରୀ ମହାପାତ୍ର, ଜ୍ୟୋତିଶ୍ରୀ ମହାରଣା, ସାବିତ୍ରୀ ବେହେରା, ରେଶ୍ମାରାଣୀ କମି, ପୂର୍ବତନ ସଭାପତି




ଶ୍ୟାମଘନ ଭୂତିଆ, କବିରାଜ ବେହେରା, ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, କାଉନସିଲର ଶରତ ଭୂତିଆ, ପୂର୍ବତନ ଶିକ୍ଷକ ଶ୍ରୀପତି ସାହୁ, ଉପସଭାପତି ଇନ୍ଦୁଲତା ମହାଭୋଇଙ୍କ ସମେତ ପରିଚାଳନା କମିଟି ସଭ୍ୟ ଓ ଅଭିଭାବକମାନେ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ପରିଭ୍ରମଣ କରୁଥିବା ଶିକ୍ଷା ସଚେତନତା ରଥକୁ ବିଦ୍ୟାଳୟରେ ସ୍ୱାଗତ କରାଯାଇଥିଲା। ସେହିପରି ହିନ୍ଦୋଳ ଏନଏସିର ଅମଲାପଡ଼ା, ଶରଧାପୁର, ରାଧାନାପୁର, ହରିହାଟ, ରୁପାଲି, ଆଲୁସିଂ, ଖରମୂଳ, ରାଜମୋହନପୁର ସମେତ ଉପଖଣ୍ଡର ବିଭିନ୍ନ ସ୍କୁଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ୨୦ ଦିନ ହେଲାଣି ଅନ୍ଧାରରେ ବଡ଼କୁଣ୍ଢେଇସରା ଗାଁ

ସମ୍ବଲପୁର, ୫।୪(ସମିସ)

ଅନ୍ଧାରରେ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡକୁଣ୍ଢେଇସରା ଗାଁ ଆଜିକୁ ୨୦ଦିନ ହେଲାଣି ଅନ୍ଧାରରେ ଅଛି। ଅସହ୍ୟ ଗରମରେ ଅଞ୍ଚଳବାସୀ ଛଟପଟ ହେଉଛନ୍ତି। ହେଲେ ଜିଲ୍ଲାପ୍ରଶାସନ କିମ୍ବା ଜନପ୍ରତିନିଧିଙ୍କ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଆଜି, କାଲି ବିଦ୍ୟୁତ୍ ସଂଯୋଗ ହେବା ଆଶା ନେଇ ବଞ୍ଚିଛନ୍ତି। ସୂଚନା ଅନୁସାରେ ପ୍ରାୟ ୨୦ ଦିନ ପୂର୍ବରୁ ସ୍କୁଲ ପଡ଼ାର ଟ୍ରାନ୍ସଫର୍ମର ପୋଡିଯାଇଥିଲା। ପରେ ପଡ଼ାବାସୀ ବିଦ୍ୟୁତ ବିଭାଗକୁ ଏ ସମ୍ପର୍କରେ ଜଣାଇଥିଲେ। ପଡ଼ାରେ ପ୍ରାୟ ୩୦ ଜଣଙ୍କ ଘରେ ବିଦ୍ୟୁତ ସଂଯୋଗ ରହିଛି। ଅଧିକାଂଶ ଲୋକଙ୍କ ବିଦ୍ୟୁତ୍ ବିଲ ବକେୟା ରହିଛି। ତେଣୁ ବକେୟା ବିଲ ନ ଦେଲେ ନୂଆ ଟ୍ରାନ୍ସଫର୍ମର ଲାଗି ପାରିବ ନାହିଁ ବୋଲି ବିଭାଗ କହିଥିଲା। ବକେୟା ବିଲ

**ଟ୍ରାନ୍ସଫର୍ମର ପୋଡିଛି, ବକେୟା ବିଲ ଦେଲେ ଲାଗିବ**

**ଅସହ୍ୟ ଯନ୍ତ୍ରଣାରେ ଛଟପଟ ଗ୍ରାମବାସୀ**

ପାଇଁ ଗ୍ରାମରେ ବୈଠକ ହୋଇଥିଲା। କିପରି ଶୀଘ୍ର ଟ୍ରାନ୍ସଫର୍ମର ଲାଗି ପାରିବ ପଡ଼ାବାସୀ ଆଲୋଚନା କରିଥିଲେ। ପରେ କିଛି ଟଙ୍କା ଜମା କରି ବିଭାଗକୁ ଦିଆଯାଇଥିଲା। ହେଲେ ଏତେ ପରେ ମଧ ବିଭାଗ ଚେତା ପଶିନଥିଲା। ସମସ୍ତ ଟଙ୍କା ଦେଲେ ଟ୍ରାନ୍ସଫର୍ମର ଲାଗିବ ବୋଲି କହିଥିଲା। ପଡ଼ାବାସୀ ବାରମ୍ବାର ବିଭାଗ ଦ୍ୱାରସ୍ଥ ହେଉଥିଲେ ମଧ ଆଜି ପର୍ଯ୍ୟନ୍ତ ନୂତନ ଟ୍ରାନ୍ସଫର୍ମର ଲାଗି ପାରୁନାହି। ସୂଚନା ଅନୁସାରେ ଗାଁରେ ପ୍ରାୟ ଦୁଇ ଶହ ଘର ରହିଛି। ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ। ଏହି ଗ୍ରାମଟି କେଉଁ ଅପହଞ୍ଚ ଅଞ୍ଚଳରେ ଅବସ୍ଥିତ ନୁହେଁ। ସମ୍ବଲପୁର ସହରରୁ ମାତ୍ର ୨୫ କିଲୋମିଟର ପଡ଼ିଆବାହାଲ ଆଗକୁ ଜାତୀୟ ରାଜପଥ କଡ଼ରେ ରହିଛି। ଜମନକିରା ବ୍ଲକ ଅନ୍ତର୍ଗତ ଗ୍ରାମଟି ରହିଥିଲେ ମଧ ସବୁବେଳେ ସମ୍ବଲପୁର ସହର ଉପରେ ନିର୍ଭରଶୀଳ। ସହର ଠାରୁ କିଛି ବାଟ ଦୂରରେ ଏହି ଗ୍ରାମ ଥିଲେ ମଧ ଆଜକୁ ୨୦ ଦିନ ହେଲାଣି ବିଦ୍ୟୁତ ସେବା ଉପଲବ୍ଧ ନଥିବା ସମସ୍ତଙ୍କୁ ଚକିତ କରିଛି।

ଖରା ଦିନରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହେବ ନାହିଁ ବୋଲି ଜନପ୍ରତିନିଧି ଠାରୁ ଆରମ୍ଭ କରି ମନ୍ତ୍ରୀ ଯାଏଁ ସମସ୍ତେ ସବୁ କାର୍ଯ୍ୟକ୍ରମରେ ଡିଣ୍ଡିପ ପିଟୁଛନ୍ତି। କିନ୍ତୁ ବାସ୍ତବରେ ତାର ଓଲଟା ଚିତ୍ର ଦେଖିବାକୁ ମିଳୁଛି। କିଛି ଦିନ ତଳେ ଉକ୍ତ ପଡ଼ାରେ ନବଜାତ ଶିଶୁ ମଧ ଜନ୍ମ ହୋଇଛି। କିନ୍ତୁ ବିଦ୍ୟୁତ ସେବା ନଥିବାରୁ ନବଜାତ ଯନ୍ତ୍ରଣା ଭୋଗୁଥିବା ଖବର ସାମ୍ନାକୁ ଆସିଛି। ସୋମବାର ମଧ୍ୟରେ ଯଦି ଗ୍ରାମରେ ନୂତନ ଟ୍ରାନ୍ସଫର୍ମର ନ ଲାଗେ ତାହାଲେ ଜେଇଙ୍କ କାର୍ଯ୍ୟାଳୟ ଘେରାଉ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ପାଣିକୁଣ୍ଡ ରଖିଲା ସ୍ୱାଭିମାନ

**ସମ୍ବଲପୁର, ୫।୪(ସମିସ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାଭିମାନ ବୁଲା ପଶୁ ପକ୍ଷୀମାନଙ୍କ ପାଇଁ ଏକ ନିଆରା କାର୍ଯ୍ୟକ୍ରମ ହାତକୁ ନେଇଛି। ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ଋତୁରେ ଜଳ କୁଣ୍ଡମାନ ସ୍ଥାପନ କରି ପ୍ରବଳ ଗ୍ରୀଷ୍ମପ୍ରବାହ ଅବସରରେ ସେମାନଙ୍କ ତୃଷା ନିବାରଣ ବ୍ୟବସ୍ଥା କରିଛି। ସ୍ୱାଭିମାନପକ୍ଷରୁ ଆଜି ଧନୁପାଲି, ଗୋବିନ୍ଦତୋଲା, ଚାରଭାଟି, କେନ୍ଦ୍ରୀୟ ଜେଲ ସମ୍ମୁଖ, ଗୋଲବଜାର, ପୁରଣା ପୌର ପରିଷଦ କାର୍ଯ୍ୟାଳୟ, କଚେରୀ ଆଦି ବିଭିନ୍ନ ଛକରେ ବୁଲା ଗାଈ ଗୋରୁ, ବୁଲା କୁକୁର ଆଦି ପଶୁ ପକ୍ଷୀମାନଙ୍କ ପାଇଁ ଜଳ କୁଣ୍ଡମାନ ସ୍ଥାପନ କରିଛି। ଜଳକୁଣ୍ଡ ଗୁଡ଼ିକରେ ଯେଉଁକି ନିୟମିତ ଜଳ ଭର୍ତ୍ତି ହେବ ସେ ନେଇ ଅନୁଷ୍ଠାନର ସମ୍ପାଦକ ଶିଶିର ବହିଦାର ପାଣି କୁଣ୍ଡ ରଖାଯାଉଥିବା ସେହି ଅଞ୍ଚଳର



ଯୁବ ସମାଜସେବୀ ମାନଙ୍କ ସହ ଆଲୋଚନା କରିଛନ୍ତି। ବାଗରୁଦ୍ଧ ନିରୀହ ପଶୁପକ୍ଷୀମାନେ ଯେଉଁକି ପିଇବା ପାଣି ଅଭାବରୁ କଷ୍ଟ ପାଇବେ ନାହିଁ, ତାକୁ ଦୃଷ୍ଟିରେ ରଖି ସ୍ୱାଭିମାନ ଏହି ଅଭିନବ କାର୍ଯ୍ୟକ୍ରମ ହାତକୁ ନେଇଛି। ପାଣିକୁଣ୍ଡ ସ୍ଥାପନ କାର୍ଯ୍ୟରେ ସମୀର ହୋତା, ଉପେନ୍ଦ୍ର ରାଉତ, ଶିବା ଜାଲ, ବାବୁଲୁ ଷଣ୍ଢ, ସତ୍ୟବାନ ବାଗ, କୁନ୍ଦନ ପ୍ରଧାନ, ମାନସ ସାହାଣୀ, ଦେବା ନାୟକ, ଗୁଣନିଧି ରାଉତ, ଦେବନ୍ତ ବେହେରା ପ୍ରମୁଖ ସ୍ୱେଚ୍ଛାସେବୀ ସକ୍ରିୟ ସହଯୋଗ କରିଥିଲେ।

## ଡିଜେଲ ଚୋରି ଗ୍ୟାଙ୍ଗର ୨ ଗିରଫ

**ରେଙ୍ଗାଲି, ୫।୪(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ପୁଲିସ ଡିଜେଲ ଚୋରି ଗ୍ୟାଙ୍ଗର ଦୁଇ ଜଣଙ୍କୁ ଗିରଫ କରିବା ସହ ୬୦୦ ଲିଟର ଡିଜେଲ ଉଦ୍ଧାର କରିଛି। ସୂଚନାଯୋଗ୍ୟ ରେଙ୍ଗାଲି ଥାନା ଅଞ୍ଚଳରେ ଡିଜେଲ ଚୋରି ବୃଦ୍ଧି ପାଇଛି। ସତଗୁରୁ ଟ୍ରାନ୍ସପୋର୍ଟର ଗାଡି ଗୁଡିକରୁ ଡିଜେଲ ଚୋରି ହେଉଥିବାର ପୁଲିସକୁ ଅଭିଯୋଗ ହୋଇଥିଲା। ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରି ରେଙ୍ଗାଲି ଥାନା ଶାଲେପଡ଼ାରେ ଥିବା ରାଜପୁତ ଢାବାରେ ଚଢଉ କରି ଢାବାର ଷ୍ଟୋର ରୁମ୍‌ରେ ରଖିଥିବା ୬୦୦ ଲିଟର ଡିଜେଲ ଉଦ୍ଧାର କରିବା ସହ ଜଣେ ଡ୍ରାଇଭର ହଳଧର ପୂଜାରୀ, ଓ ପଞ୍ଜାବର ସୁରଜିତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ପାଖରୁ ପୁଲିସ ୬୦୦ଲିଟର ଡିଜେଲ (୧୨ ଜେରି କ୍ୟାନ)୪, ୧୨୦ ଟଙ୍କା, ଗୋଟିଏ ମୋବାଇଲ, ଟ୍ରେଲର (ସିଜି୦୪-ପିଇ-୧୫୩୩)ଡ୍ରେନ୍ ପାଇପ୍ ଏବଂ ଡିଜେଲ କଣ୍ଟେନର ପୁଲିସ ଜବତ୍ କରିଛି।

## ବାହାଘର ପାଇଁ ଲଗ୍ନଧରା କାର୍ଯ୍ୟକ୍ରମରେ ଅଘଟଣ

## ବଜ୍ରାଘାତରେ ବାପା ମୃତ

**ସମ୍ବଲପୁର, ୫।୪(ସମିସ):** ପୁଅ ବାହାଘର ପାଇଁ ଲଗ୍ନ ଦେଇ ଯିବା ବେଳେ ଚାଲିଗଲା ଜୀବନ। ବଜ୍ରାଘାତରେ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମୃତକ ବୌଦ୍ଧ ଜିଲ୍ଲା ବଘିଆପଡ଼ାର ବିପ୍ଳବ ବେହେରା। ସୂଚନା ଅନୁସାରେ ବିପ୍ଳବ ଓ ବଳରାମ ବେହେରା ଆସନ୍ତା ୨୫ ତାରିଖରେ ହେବାକୁ ଥିବା ବିପ୍ଳବଙ୍କ ପୁଅ ସୁଜିତଙ୍କ ବାହାଘର ପାଇଁ ଲଗ୍ନ ଧରି ଗହିରପାଲିସ୍ଥିତ ଅନ୍ତର୍ଯ୍ୟାମୀ ସାହୁଙ୍କ ଘରକୁ ଯାଉଥିଲେ। ବାଟରେ କାଳବୈଶାଖୀ ହେବା ଫଳରେ ଯୁଯୁମୁରା ବାଣ୍ଡିଝରଣ ନିକଟସ୍ଥ ଏକ ଗଛମୂଳରେ ଅଟକିଥିଲା। ଏହି ସମୟରେ ବଜ୍ରାଘାତ ହୋଇଥିଲେ। ପରେ ସ୍ଥାନୀୟ ଲୋକ ଦୁଇ ଜଣଙ୍କୁ ଯୁଯୁମୁରା ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ପରେ ସମ୍ବଲପୁରକୁ ଅଣାଯାଇଥିଲା। ଡାକ୍ତର ସେଠାରେ ବିପ୍ଳବଙ୍କୁ ମୃତ ଘୋଷଣା କରିଥିଲା। ବଳରାମ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ପୁଅର ବାହାଘର ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ପରିବାରରେ ଏଭଳି ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## କଦଳୀମୁଣ୍ଡାରେ ଅଷ୍ଟପ୍ରହରୀ ନାମ ଯଜ୍ଞ

**ଜମନକିରା, ୫।୪ (ସମିସ):** ଜମନକିରା ବ୍ଲକ କଦଳୀମୁଣ୍ଡାରେ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଗ୍ରାମର ମହିଳା ସମିତି ବନ୍ଧରୁ କଳସ ଯାତ୍ରାକରି ନାମ ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। କର୍ତ୍ତା ଭାବରେ ହେମନ୍ତ ପଟେଲ ଓ ତାଙ୍କ ପତ୍ନୀ ଦେବକୀ ପଟେଲ ରହିଥିବା ବେଳେ ପୂଜକ ଭାବରେ ରାଣା ପ୍ରତାପ ପାଢ଼ୀ ପୂଜା କର୍ମ କରିଥଲେ। କଦଳୀମୁଣ୍ଡା ସର୍କୀର୍ତ୍ତନ୍ୟ ମଣ୍ଡଳୀ ଆୟୋଜନ କରିଥିବା ବେଳେ ଏଥିରେ ବରଗଡ଼ ବାଦପାଲି, ଛତିଶଗଡ଼, ବୋଢ଼ାଝରିଆ, ଝାରସୁଗୁଡ଼ା ତିଳିଆ, ଟାମ୍ପରକେଲା, ବାଙ୍କଟାଲ, ବଞ୍ଜାରୀ, ଷଣ୍ଢପଥର, ଜମନକିରା, ଟିକିଲିପଡ଼ା, ପାଞ୍ଚପାଲି କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ନାମଯଜ୍ଞ କମିଟି ସଭାପତି କୁଳମଣୀ ପଧାନ, ଉପ ସଭାପତି ଶ୍ୟାମ ସୁନ୍ଦର ସାହୁ, ସମ୍ପାଦକ ସୁନିଲ ପଧାନ, ସହ ସମ୍ପାଦକ ସିପନ ସାହୁ ସହ ଗ୍ରାମବାସୀ ସହଯୋଗ କରିଥିଲେ। ସନ୍ଧ୍ୟାରେ ବୈଠକୀ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

## ଶ୍ରୀଗଣେଶ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ସମ୍ବଲପୁର, ୫।୪ (ସମିସ):** ଧନୁପାଲିସ୍ଥିତ ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ରାଜସ୍ୱ) ସମ୍ବଲପୁର ସୁଧାଂଶୁ ଭୋଇ, ମୁଖ୍ୟ ବକ୍ତା ଭାବରେ ଜିଲ୍ଲା ପୁସ୍ତକାଳୟର ସଂଯୋଜକ ତଥା ଟାଉନ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପଣ୍ଡା ଓ ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ବାଳିକା ଶିକ୍ଷା ସଂଯୋଜକ ଅବିନାଶ ସାହୁ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କର ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମରେ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଙ୍ଗ ପସରା, ଗପ ରାଇଜ ଓ ଖେଳଘର ଷ୍ଟଲ୍ ହୋଇଥିଲା ଏବଂ ସେଠାରେ ଛାତ୍ରଛାତ୍ରୀମାନଙ୍କଦ୍ୱାରା ବିଭିନ୍ନ କାର୍ଯ୍ୟକଳାପ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ବେହେରା ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମୀନାରାଣୀ ମଲ୍ଲୀକ, ସୁଜାତା ଭଦ୍ର ସହିତ ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ଏହି ସଭାରେ ସହଯୋଗ କରିଥିଲେ।

## ପ୍ରୟାସ ପରିବାରର ରକ୍ତଦାନ ଶିବିର; ୪୧ ୟୁନିଟ୍ ସଂଗ୍ରହ

**ସମ୍ବଲପୁର, ୫।୪(ସମିସ):** ପ୍ରୟାସ ପରିବାର ସମ୍ବଲପୁର ପକ୍ଷରୁ ରବିବାର ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଶିବିରରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ସମ୍ମାନୀତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଇଂ ରୋହିତ ପୂଜାରୀ ଯୋଗଦାନ କରିଥିଲେ। ପରିବାର ଉପଦେଷ୍ଟା ସମୀର ରଞ୍ଜନ ବାବୁ, ରାମଦାସ ପଣ୍ଡା, ସୁଧିରଞ୍ଜନ ବହିଦାର, ଶିଶିର ବହିଦାର ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଭାସ୍କ ଭଟ୍ଟାଚାର୍ଯ୍ୟଙ୍କ ଓ ସୁପ୍ରିତ ଠେଲାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିର ପରିଚାଳନାରେ ଫେଜର କ୍ଲବ୍‌ର ସଭାପତି ହର ପ୍ରସାଦ ଜେନା, ସମ୍ପାଦକ ସୁବ୍ରତ ବକ୍ସି, ସତ୍ୟମାନବ ପଟ୍ଟନାୟକ, ସତ୍ୟନାରାୟଣ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ଅଧିକାରି ଡ. କଲ୍ଲେଶ କକ୍କଡ ଓ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ସଭାପତି ସ୍ୱର୍ଣ୍ଣଜିତ ପଟ୍ଟନାୟକ, ସମ୍ପାଦକ ରାଜକୁମାର ଜାଲ, ଅଭୟ ପ୍ରଧାନ, ମାନସ ବକ୍ସି, ମହେନ୍ଦ୍ର ବର୍ଗତି, ପ୍ରବିଣ ସୁପକାର, ସୌରଭ ଛତ୍ରପାଳ, ନିତିଶ ଗୁରୁ, ସନ୍ତୋଷ ବେହେରା, ମଞ୍ଜୁଲତା ସାମନ୍ତ ରାଏ, ସଙ୍ଗିତା ମୁଣ୍ଡା, ନିମିତା ପାଣ୍ଡେ, ସୁଦାମ ତ୍ରିପାଠୀ, ରାସିଦ ରାଜା ପ୍ରମୁଖ ଉପସ୍ଥିତ ରହିଥିଲେ।



# ସାହାସପୁରରେ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ସମ୍ବଲପୁର, ୫।୪(ସମିସ):** ମାନେଶ୍ୱର ବ୍ଲକ ଅନ୍ତର୍ଗତ ସାହାସପୁର ଗ୍ରାମରେ ଆୟୋଜିତ ଅଷ୍ଟପହରୀ ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଛି। ଏହି ଧାର୍ମିକ କାର୍ଯ୍ୟକ୍ରମ ତିନିଦିନ ଧରି ଉତ୍ସାହ ସହ ଅନୁଷ୍ଠିତ ହୋଇଥିଲା। ଗତ ୪ ତାରିଖ ଶୁକ୍ରବାର ଦିନ କଳସ ଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମ ସହ ନାମଯଜ୍ଞର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ପବିତ୍ର ନାଏକ ଓ ତାଙ୍କ ପତ୍ନୀ ଅନୁପମା ନାଏକ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ ରଞ୍ଜନ ପାଣିଗ୍ରାହୀ ବିଧିବତ ଭାବେ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଧାୟକ ପତିନିଧି ମନୋଜ ମହାପାତ୍ର, ବିଜେପି ବରିଷ୍ଠ ନେତା ଦେବେନ୍ଦ୍ର ମହାପାତ୍ର, ଗୋବିନ୍ଦ ଅଗ୍ରୱାଲ ଓ ସାଂସଦ ପତିନିଧି ରମେଶ ପଧାନ, ମଣ୍ଟୁ ଅଗ୍ରୱାଲ



ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯଜ୍ଞ ମଣ୍ଡପରେ ଦର୍ଶନ କରିଥିଲେ। ନାମଯଜ୍ଞ କମିଟିର ସମସ୍ତ ସଦସ୍ୟ ଓ କାର୍ଯ୍ୟକର୍ତ୍ତାମାନେ ଏହି ଅବସରରେ ସକ୍ରିୟ ଭୂମିକା ନିଭାଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏଥିରେ କୁଡାପାଲି, ଅମନାପାଲି, ପହଣ୍ଡି ଓ ସରିଆ ଆଦି ଅଞ୍ଚଳର କୀର୍ତ୍ତନ ଦଳମାନେ ଅଂଶଗ୍ରହଣ କରିଥିଲେ।

## ଏନ୍‌ସିଏ ଏଲ୍‌ଟି ଶିବିରରେ ବରଗଡ଼ର ଯୁବ କ୍ରିକେଟର

**ସମ୍ବଲପୁର, ୫।୪(ସମିସ):** କ୍ରିକେଟର ସମ୍ମାନଜନକ ଏନସିଏ ୧୬ ବର୍ଷରୁ କମ(ବାଳକ) ଏଲଟି ଶିବିର ଲାଗି ବରଗଡ଼ର ଯୁବ ପ୍ରତିଭାବାନ କ୍ରିକେଟର ମନୋନୀତ ହୋଇଛନ୍ତି। ସେ ହେଉଛନ୍ତି ବରଗଡ଼ ଜିଲ୍ଲା



କଟାପାଲି ଗ୍ରାମର ବାପା ପ୍ରକାଶ ସାହୁ ଓ ମା ଶାଶ୍ୱତୀ ସାହୁଙ୍କ ପୁଅ ହିମନୀଶ ସାହୁ। କିଛି ବର୍ଷ ପୂର୍ବରୁ ବାପା ସହୀଦ ହୋଇଯାଇଛନ୍ତି। କିନ୍ତୁ ହିମନୀଶଙ୍କ ମନବଳ ସବୁ ବେଳେ ସଦୃଢ ହୋଇରହିଛି। ବାପାଙ୍କ ସ୍ୱପ୍ନଙ୍କ ଓ ମାଙ୍କ ପ୍ରେରଣା ପାଇଁ ସେ ଆଜି ଏଭଳି ସ୍ଥାନରେ ମନୋନୀତ ହୋଇଛନ୍ତି। ହିମନୀଶ ଟିମ ବି(ଡେରାଡୁନ ଶିବିରରେ ସାମିଲ ହେବେ। ପୂର୍ବରୁ ସେ ବିସିସିଆଇର ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଭଲ ପ୍ରଦର୍ଶନ କରିଥିଲେ। ଏହି ଶିବିର ଆସନ୍ତା ମେ ୧୧ରୁ ଜୁନ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ହିମନୀଶଙ୍କୁ ମିଶାଇ ଓଡ଼ିଶାର ମୋଟ ୩ ଜଣ ଏହି ଶିବିର ଲାଗି ମନୋନୀତ ହୋଇଛନ୍ତି।

# ସମ୍ବଲପୁର କବାଡ଼ି ପ୍ରିମିୟର ଲିଗ୍ ଖେଳାଳି ନିଲାମ

**ଉଚ୍ଚ ଦାମରେ କିଣିଲା ଅଯୋଧ୍ୟା ସରୋବରବର୍ ଦଳ**

**ସମ୍ବଲପୁର, ୫।୪ (ସମିସ):** ଆସନ୍ତା ଏପ୍ରିଲ୨୩ରୁ ୨୬ ରେ ସମ୍ବଲପୁର ଗଙ୍ଗାଧର ମଣ୍ଡପରେ ସମ୍ବଲପୁର କବାଡି ପ୍ରିମିୟର ଲିଗ(ଏସକେପିଏଲ) ଅନୁଷ୍ଠିତ ହେବ। ଏଥି ପାଇଁ ଆଜି ଏହାର ନିଲାମ ଓଡ଼ିଶା ସଂସ୍କୃତି ସମାଜରେ ବିଧି ବଧ ଭାବେ ଶେଷ ହୋଇଛି। ଏଥିରେ ପାଖାପାଖି ୨୨୩ ଜଣ ଖେଳାଳିଙ୍କ ନିଲାମ ହୋଇଥିଲା। ସେଥିମଧ୍ୟରୁ ସମ୍ବଲପୁର ଜିଲ୍ଲାର ୧୪୩ ଜଣ ଖେଳାଳି ଏବଂ ଜିଲ୍ଲା ବାହାରୁ ୮୦ ଜଣ ଖେଳାଳି ଥିଲେ। ୧୨ ଟା ଦଳର ମାଲିକ ମାନେ ନିଲାମରେ ଭାଗ ନେଇଥିଲେ। ସବୁଠାରୁ ଉଚ୍ଚ ଦାମ୍‌ରେ ଅଯୋଧ୍ୟା ସରୋବର୍ ଦଳ ସମ୍ବଲପୁର ଜିଲ୍ଲାର ଆର୍ଯ୍ୟନ ମହାନନ୍ଦଙ୍କୁ କିଣିଥିଲା। ଦ୍ୱିତୀୟରେ ସୁମିତ ରାମ ଯାଦବଙ୍କୁ ବୀର ତ୍ରିରଙ୍ଗା ବଏସ କିଣିଥିଲେ। ଏସକେପିଏଲ୍‌ର କର୍ମ କର୍ତ୍ତା ସଞ୍ଜୟ ଠାକୁର, ତର୍ପଣ ପ୍ରଧାନ, ବଚନ ବେରିହା, ସୁଭିର ସିକଦର, ଗୁଲସନ କୁମାର ନାଥ ପରିଚାଳନା କରିଥିଲେ। ଅତିଥି ଭାବେ ଏସକେପିଏଲର ସଭାପତି ସିଦ୍ଧାର୍ଥ ଶାହା, ସମ୍ପାଦକ ସୁଧିର ବହିଦାର, ଉପଦେଷ୍ଟା ଜଗବନ୍ଧୁ ବେହେରା, ଉମାପତି ତ୍ରିପାଠୀ, ନିହାର ରଞ୍ଜନ ସେଠ୍ ଯୋଗ ଦେଇଥିଲେ।



## 'ଓଡ଼ିଆରେ ନାମ ଫଳକ ଅଭିଯାନ' ସଚେତନତା ପଦଯାତ୍ରା



**ସମ୍ବଲପୁର, ୫।୪ (ସମିସ) :** ଓଡ଼ିଆ ପକ୍ଷର ଚତୁର୍ଥ ଦିବସରେ 'ଓଡ଼ିଆରେ ନାମ ଫଳକ ଅଭିଯାନ' ସଚେତନତା ପଦଯାତ୍ରା ଏବଂ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଆଜି ପୂର୍ବାହ୍ନରେ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ୍, ୧୯୫୬ ଅନୁଯାୟୀ, ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନମାନଙ୍କର ନାମ ଫଳକ ଓଡ଼ିଆ ଭାଷାରେ ଲେଖିବା ଉଦ୍ଦେଶ୍ୟରେ ଏକ ସଚେତନତା ପଦଯାତ୍ରା ଭୂତାପଡ଼ା ଛକରୁ ପୁରାତନ ମ୍ୟୁନିସିପାଲଟି ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ବାଣିଜ୍ୟ ପ୍ରତିଷ୍ଠାନ ଓ ଦୋକାନମାନଙ୍କୁ ନିଜ ନାମଫଳକ ଓଡ଼ିଆ ଭାଷାରେ ଲେଖିବାକୁ ଉତ୍ସାହିତ କରାଯାଇଥିଲା। ଏହି ଅବସରରେ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ ଏବଂ ଡେପୁଟି କଲେକ୍ଟର ଅମୃତ ଲାଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରୁ କର୍ମଚାରୀଙ୍କ ସହ ସାଧାରଣ ଜନତା ଅଂଶଗ୍ରହଣ କରି ସହର ପରିକ୍ରମା କରିଥିଲେ।

## ରାମ ନବମୀରେ ରାବଣ ପୋଡ଼ି ଉତ୍ସବ

**ରେଢ଼ାଖୋଲ, ୫।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ରଥସାହିସ୍ଥିତ ରଘୁନାଥ ମନ୍ଦିରରେ ରାମ ନବମୀରେ ରାବଣ ପୋଡ଼ି ଉତ୍ସବ ଏବଂ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶ୍ରୀ ରାମଚନ୍ଦ୍ର, ସୀତା, ଲକ୍ଷ୍ମଣ ଏବଂ ମହାବୀର ହନୁମାନ ଭୂମିକାରେ ଶିଶୁଙ୍କୁ ସୁସଜ୍ଜିତ କରାଇ ନାମ ସଂକୀର୍ତ୍ତନ ମଣ୍ଡଳୀ ସହିତ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଅଧର୍ମ ଉପରେ ଧର୍ମର ବିଜୟ ଉଦ୍ଦେଶ୍ୟରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଦେବୋତ୍ତର ବୋର୍ଡ ପକ୍ଷରୁ ଆୟୋଜନ ହୋଇଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ସଭାପତି ଅରୁଣ କୁମାର ପ୍ରଧାନ, ମ୍ୟାନେଜର ରାଜେଶ କୁମାର ସାହୁ ପ୍ରମୁଖ ସମେତ ଅନ୍ୟ ପ୍ରଶାସନ ଅଧିକାରୀ, ରାଜନୈତିକ ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ସାମିଲ ଥିଲେ। ରଘୁନାଥ ମନ୍ଦିରର ମୁଖ୍ୟ ପୂଜକ ତ୍ରିଲୋଚନ ପାଣିଗ୍ରାହୀ ଓ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଥିଲେ। ସେପରି ଅଷ୍ଟ ପ୍ରହର ନାମ ଯଜ୍ଞରେ ବିଭିନ୍ନ ଅଞ୍ଚଳର ସଙ୍କୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ। କର୍ତ୍ତା ଭାବରେ ଦେବାଶିଷ ଷଡ଼ଙ୍ଗୀ ଓ ତାଙ୍କ ସପତ୍ନୀ ସ୍ନେହଲତା ଷଡ଼ଙ୍ଗୀ ଦାୟିତ୍ୱ ନିର୍ବାହ କରିଥିଲେ। ଅଷ୍ଟପ୍ରହର ନାମ ଯଜ୍ଞରେ ପୂଜକ ଭାବରେ କୁମୁଦ ପଣ୍ଡା ହୋମ ଯଜ୍ଞ ପୂଜାର୍ଚ୍ଚନା କରିଥିବା ବେଳେ ଆନନ୍ଦ ବଜାରରେ ଜଗନ୍ନାଥ ମନ୍ଦିର ସେବା ଦଳ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।



## ସମ୍ବଲପୁରରେ ମିନି ଐତିହ୍ୟ ଗଣଦୌଡ଼




**ସମ୍ବଲପୁର, ୫।୪(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଅପ୍ରେଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଏକ ଭବ୍ୟ ମିନି 'ଐତିହ୍ୟ ଗଣଦୌଡ଼'ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସ୍କୁଲରୁ ଆରମ୍ଭ ହୋଇ ଗୋଲବଜାର ଛକ ପୁଣି ଗୋଲବଜାରରୁ ଜିଲ୍ଲା ସ୍କୁଲ ପର୍ଯ୍ୟନ୍ତ ଫେରିଥିଲା। ଏଥିରେ ବିଭିନ୍ନ ସ୍କୁଲରୁ ଛାତ୍ରଛାତ୍ରୀ ଉତ୍ସାହର ସହିତ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ ଖେତ୍ରୀ, ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଠେମେରା ରାମଲୀଳା ମହୋତ୍ସବ ଉଦ୍‌ଯାପିତ



**ସମ୍ବଲପୁର, ୫।୪(ସମିସ):** ଐତିହ୍ୟ ଓ ସଂସ୍କୃତିର ପୀଠସ୍ଥଳୀ ଠେମେରାଗ୍ରାମରେ ସାତ ଦିନ ଧରି ଚାଲିଥିବା ରାମଲୀଳା ମହୋତ୍ସବ ଉଦ୍‌ଯାପିତ ହୋଇଛି। ରାମଲୀଳା ଆରମ୍ଭ ହେବା ପୂର୍ବରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ସମ୍ବଲପୁର ପୌରପରିଷଦର ପୂର୍ବତନ ଅଧକ୍ଷ ତଥା ସମ୍ବଲପୁର ରାମଲୀଳା କମିଟିର ସଭାପତି ଗିରିଶ ଚନ୍ଦ୍ର ପଟେଲ ଓ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡ଼ ସୁଶାନ୍ତ କୁମାର ଦାଶ, ରାମ ନାରାୟଣ ଆଚାର୍ଯ୍ୟ, ଅଶ୍ୱନୀ ଆଚାର୍ଯ୍ୟ, ବାଳକୃଷ୍ଣ ବିଶ୍ୱାଳ, ବିସିକେଶନ ପଣ୍ଡା, ଦିଲ୍ଲୀପ ବେହେରା, ସମ୍ବଲ ଅନୁଷ୍ଠାନର ରାମଦାସ ପଣ୍ଡା, ସୁବ୍ରତ କୁମାର ପଣ୍ଡା, ହିମାଂଶୁ ଶେଖର ପାଣିଗ୍ରାହୀ ରାଜକୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଫିଚର ଲେଖକ, ସ୍ତମ୍ଭକାର ତଥା କଳା ସାହିତ୍ୟ ସଂସ୍କୃତିର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଡ. ରାଜାରାମ ଷଡ଼ଙ୍ଗୀଙ୍କୁ ନିଜର ଉଲ୍ଲେଖନୀୟ ଅବଦାନ, ଶ୍ରୀରାମ ଭୂମିକାରେ ଅଭିନୟ କରୁଥିବା ବିଶିଷ୍ଟ ଅଭିନେତା ପ୍ରମୋଦ କୁମାର ତ୍ରିପାଠୀ, ସଙ୍ଗୀତ ପାଇଁ ପର୍ଶୁରାମ ସାହୁ, ବାଦ୍ୟଯନ୍ତ୍ର ପାଇଁ ରବୀନ୍ଦ୍ର ବୁଢ଼େକ ଓ ବେଣୁଧର ତନସନାଙ୍କୁ ସମ୍ମାନୀତ କରାଯାଇଥିଲା। ଏଥିରେ ମାନେଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ତୁଷାର ରଞ୍ଜନ ବାରିକ ସଭାପତିତ୍ୱ କରିଥିବାବେଳେ କମିଟିର ସଭ୍ୟ ଅରୁଣ କୁମାର ସାହୁ ଓ ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ବଡ଼େଇ ସଭାକୁ ପରିଚାଳନା କରିଥିଲେ। ରାବଣ ଭୂମିକାରେ ଅଭିନୟ କରୁଥିବା ରାମଲୀଳା କମିଟିର ସଭାପତି ତଥା ମହୋତ୍ସବର ମୁଖ୍ୟ ଉଦ୍ୟୋକ୍ତା ବଳରାମ ମହାନା ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶାଳ ଶୋଭାଯାତ୍ରାରେ ପାଳନ ହେବ ହନୁମାନ ଜୟନ୍ତୀ

ସମ୍ବଲପୁର, ୫।୪ (ସମିସ)

ସମ୍ବଲପୁରରେ ଚଳିତ ବର୍ଷ ହନୁମାନ ଜୟନ୍ତୀ ମହାଆଡ଼ମ୍ବରରେ ପାଳନ ହେବ। ବିଶାଳ ଶୋଭାଯାତ୍ରା ସହ ଅସ୍ତ୍ରଶସ୍ତ୍ର ମଧ ପ୍ରଦର୍ଶନୀ ହେବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ବିଧାୟକ ତଥା ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ସଭାପତି ଜୟନାରାୟଣ ମିଶ୍ର କହିଛନ୍ତି। ସେ କହିଛନ୍ତି ଆସନ୍ତା ୧୦ ତାରିଖରେ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଶୋଭାଯାତ୍ରା ଧନୁପାଲି ଓ ଗୋବିନ୍ଦତୋଲା ଅଞ୍ଚଳରୁ ବାହାରି ସମଗ୍ର ସମ୍ବଲପୁର ସହର ପରିକ୍ରମା କରିବ। କ୍ଷେତରାଜପୁରରୁ ମଧ ଶୋଭାଯାତ୍ରା ବାହାରି ଜେଲ ଛକଠାରେ ଏକତ୍ରିତ ହେବା ପାଇଁ ଯୋଜନା କରାଯାଇଛି। ସେହିପରି ୧୪ ତାରିଖରେ ହନୁମାନ



ଜୟନ୍ତୀ ଅବସରରେ ବିଭିନ୍ନ ସ୍ଥାନରୁ ଶୋଭାଯାତ୍ରା ବାହାରିବ। ଧନୁପାଲି, ମୋତିଝରନ, ସୁନାପାଲି ଓ କୁମାରପଡ଼ା ଆଦି ଅଞ୍ଚଳରୁ ଶୋଭାଯାତ୍ରା ବାହାରି ହନୁମାନ ମନ୍ଦିରଠାରେ ସମ୍ମିଳିତ ହେବ। କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ଦୁଲଦୁଲି ବାଦ୍ୟ ସହିତ ମୟୂରଭଞ୍ଜ ଓ ପୁରୁଲିଆର ପ୍ରସିଦ୍ଧ ଛଉ ନୃତ୍ୟ ଦଳକୁ ମିଶାଇ ମୋଟ ୧୮ଟି ସଂସ୍କୃତିକ ଦଳ ସାମିଲ ହୋଇ ସେମାନଙ୍କ କଳା ପ୍ରଦର୍ଶନ କରିବେ। ଏହାସହ ସମୂହ ହନୁମାନ ଚାଳିଶା ପାଠ ଓ ପାରମ୍ପରିକ ଅଖାଡ଼ା ଖେଳ ମଧ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟା ୬ଟାରୁ ଶୋଭାଯାତ୍ରା ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ

**୧୦ରେ ବାଇକ୍ ରାଲି**

ଚାଲିବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ସମସ୍ତ ସନାତନୀ ଏ ଶୋଭାଯାତ୍ରାରେ ସାମିଲ ହେବାକୁ ସେ ଅନୁରୋଧ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନିଲ ବେହେରା, ସମିର ବାବୁ, ଗୋବିନ୍ଦ ଅଗ୍ରୱାଲ ଓ ଜୟବ୍ରତ ଦେ ପ୍ରମୁଖ ଉପସ୍ଥିତ ଥିଲେ।





କମିସନରେଟ୍ ପୁଲିସର ମହାଦୁର୍ନୀତି

# ଅଭିଯୋଗକାରୀ ଗଣୁଛନ୍ତି ଚଢ଼ଉ ଖର୍ଚ୍ଚ

ଭୁବନେଶ୍ୱର, ୫।୪(ସମିସ): ଅଭିଯୁକ୍ତଙ୍କୁ ଧରି ବାନ୍ଧିବାକୁ ରାଜ୍ୟ ସରକାର ପୁଲିସ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ନିୟମ ରହିଛି ପୁଲିସ ସହର ବାହାରକୁ ଯାଉ କିମ୍ବା ରାଜ୍ୟ ବାହାରକୁ ଯାଇ ସରକାର ପୁଲିସ ପାଇଁ ଟଙ୍କା ଖର୍ଚ୍ଚ କରିବେ। ହେଲେ ପୁଲିସ ଏହି ଟଙ୍କାକୁ ନିଜ ପକେଟରେ ପୂରାଇ ଦେଉଛି। ପୀଡ଼ିତଙ୍କ ଠାରୁ ବେସରମ୍ ହୋଇ ଚଢ଼ଉ ଖର୍ଚ୍ଚ ଆଦାୟ କରୁଛି। ଅସୁବିଧାରେ ପଡ଼ି ପୀଡ଼ିତ ଟଙ୍କା ଗଣୁଛନ୍ତି। ପୀଡ଼ିତାଙ୍କ ଟଙ୍କାରେ

## ତଦନ୍ତ ପାଣ୍ଠି ଖାଉଛି କିଏ?

ପୁଲିସ ରେଡ୍ କରୁଛି। ନିକଟରେ ଭରତପୁର ଥାନା ପୁଲିସ ରେଡ୍ କରିବାକୁ ଜଣେ ମହିଳାଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେଇଯାଇଛି। ପୁଲିସ ବିଭାଗରେ ଚାଲିଥିଲା ଏହି ମହାଦୁର୍ନୀତିକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ହୋବାରେ ଲାଗିଛି। ଟଙ୍କା ନେବା ଖବର ହାଟରେ ପଡ଼ି ଦାଣ୍ଡରେ ଗଡୁଥିଲେ ମଧ୍ୟ ସମ୍ପୃକ୍ତ ଏସ୍ଆଇଙ୍କ ବିରୋଧରେ କମିସନରେଟ୍ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।

ରାଜଧାନୀରେ ଜଣେ ମହିଳା ଦୁଷ୍କର୍ମ ଉଦ୍ୟମ ହୋଇଛି ବୋଲି ଭରତପୁର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ପୁଲିସ ମାମଲା ରୁଜୁ କଲା, ଅଭିଯୁକ୍ତ ରାଜ୍ୟ ବାହାର ତଥା ବେଙ୍ଗାଲୁରୁରେ ଥିବା ନେଇ ପୁଲିସ ଜାଣିବାକୁ ପାଇଲା। ଏଥିପାଇଁ ତଦନ୍ତକାରୀ ଅଧିକାରୀ ରାଜ୍ୟ ବାହାରକୁ ଚଢ଼ଉ ପାଇଁ ଯିବେ ବୋଲି କହି ତାଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେଇଗଲେ। ବିମାନ ଟିକଟ ସହ ଅନ୍ୟାନ୍ୟ ଖର୍ଚ୍ଚ ନ ଦେଲେ ପୁଲିସ ଯିବ ନାହିଁ ବୋଲି ସିଧାସଳଖ କହିଲା। ଏଣୁ ପୀଡ଼ିତା ସମ୍ପୃକ୍ତ ଏସ୍ଆଇଙ୍କୁ ଚଢ଼ଉ ଖର୍ଚ୍ଚ ଦେଲେ। କାଳେ ପ୍ରମାଣ ଲିଭିଯିବ ତେଣୁ ପୀଡ଼ିତା ଅନ୍‌ଲାଇନ୍ ୟୁପିଆଇ ମାଧ୍ୟମରେ ଟଙ୍କା ଦେଲେ। କମିଶନରେଟ୍ ପୁଲିସର ଥାନା ଗୁଡ଼ିକରେ ଏଭଳି ଟଙ୍କା କାରବାର ଚାଲିଛି ଯେ ପୁଲିସ ବାବୁ ଅନ୍‌ଲାଇନ୍‌ରେ ଟଙ୍କା ନେବାକୁ ମଧ୍ୟ କୁଣ୍ଠାବୋଧ କଲେ ନାହିଁ। ତେବେ ଏତେ ସବୁ ହୋଇଗଲା ପରେ ମଧ୍ୟ କମିଶନ୍‌ରେଟ୍ ପୁଲିସ ସମ୍ପୃକ୍ତ ଏସ୍ଆଇଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ। ଯଦି ଅଭିଯୋଗକାରୀ ଚଢ଼ଉ ବାବଦ ଖର୍ଚ୍ଚ ଦେବେ, ତେବେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା କୋଟି କୋଟି ଟଙ୍କାର ଇନ୍‌ଭେଷ୍ଟିଗେସନ୍ ଫଣ୍ଡସ୍ ଯାଉଛି କୁଆଡ଼େ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

ରାଜଧାନୀରେ ପୁଲିସ ପାଇଁ ଏହା କୌଣସି ନୂଆ କଥା ନୁହେଁ। କୌଣସି ଲୋକଙ୍କ ଝିଅ ଅପହରଣ ହେଲେ ସେ ଥାନାକୁ ଅଭିଯୋଗ କରିବାକୁ ଆସୁଛନ୍ତି। ହେଲେ ଝିଅ ସହର କିମ୍ବା ରାଜ୍ୟ ବାହାରକୁ ଚାଲିଯାଇଛି ବୋଲି ମୋବାଇଲ୍ ଲୋକେସନ୍‌ରୁ ଜଣାପଡୁଛି। ସେପରି କ୍ଷେତ୍ରରେ ଚଢ଼ଉ ଖର୍ଚ୍ଚ ନ ଦେବା ପର୍ଯ୍ୟନ୍ତ ପୁଲିସ ଏହି ମାମଲାକୁ ହେୟ ଜ୍ଞାନ କରୁଛି। ଚଢ଼ଉ ଖର୍ଚ୍ଚ ପାଇଲା ପରେ ହିଁ ଚଢ଼ଉ ହେଉଛି। ଦୋକାନରୁ ଚୋରି ମାମଲାରେ ମଧ୍ୟ ଚୋର ଧରିବାକୁ ପୁଲିସ ସମାନ ପନ୍ଥା ଆପଣାଉଛି। ଏପରିକି ପୁଲିସ ବିବାହ ପ୍ରତାରଣା, ମହିଳା ମାମଲାରେ ମଧ୍ୟ ଏଭଳି ନୀତି ଆପଣାଇଛି।

କମିଶନରେଟ୍ ପୁଲିସର ବିଭିନ୍ନ ଥାନାଗୁଡ଼ିକରେ ଅଭିଯୋଗକାରୀଙ୍କୁ ଅଭିଯୋଗ କରିବା ବେଳଠାରୁ ଭଲ ବ୍ୟବହାର ଟିକିଏ ମିଳୁନାହିଁ। ଥାନାରେ ଅଭିଯୋଗକାରୀଙ୍କୁ ଏଠି କ'ଣ ପାଇଁ ବସିଲ, ତମକୁ ବସିବାକୁ କିଏ କହିଲା? ଏତଲା କଣ ପାଇଁ ଏମିତି ଲେଖିଲ? ଆଉ ଥରେ ଭଲ କରି ଲେଖିକି ଆଣ ଆଦି କହି ଏକପ୍ରକାର ହତାଶ କରାଇ ଦେଉଛନ୍ତି। ଶେଷରେ ଏହି ଅଭିଯୋଗରେ ମାମଲା ରୁଜୁ ହେବ ନାହିଁ ବୋଲି କହି ଫେରାଇ ଦେଉଛନ୍ତି। ଅଭିଯୋଗ ଦେବା ଠାରୁ ମାମଲା ରୁଜୁ କରିବା ପର୍ଯ୍ୟନ୍ତ ପୁଲିସର ନାନା କଥା ଶୁଣି ଅଭିଯୋଗକାରୀ ଫେରିବାକୁ ବାଧ୍ୟ ହେଉଛନ୍ତି। ବହୁ କୁହାବୋଲା କଲାପରେ ମାମଲା ରୁଜୁ ହେଉଛି। ପରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୁଲିସ ଚଢ଼ଉରେ ବାହାରୁଛି। ସହର ବାହାରେ କିମ୍ବା ରାଜ୍ୟ ବାହାରେ ପୁଲିସ ପାର୍ଟି ଯିବା ଠାରୁ ହୋଟେଲରେ ରହିବା, ଖାଇବା ପିଇବା, ଗାଡ଼ି ତେଲ ଓ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ଅଭିଯୋଗକାରୀଙ୍କ ଠାରୁ ଆଦାୟ କରାଯାଉଛି। ଯାହକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ବିଭିନ୍ନ ମାମଲାର ତଦନ୍ତ ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ଥାନାକୁ ପର୍ଯ୍ୟାପ୍ତ ପରିମାଣରେ ତଦନ୍ତ ପାଣ୍ଠି ଯୋଗାଇ ଦେଉଛନ୍ତି। ଏହି ଟଙ୍କାକୁ ଖର୍ଚ୍ଚ କରି ତଦନ୍ତକାରୀ ଅଧିକାରୀ ମାମଲାରେ ତଦନ୍ତ କରିବା କଥା। କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ତଦନ୍ତରେ ପୁଲିସ ପାଇଁ କୌଣସି ଅସୁବିଧା ହେବ ନାହିଁ। ଏଥିପାଇଁ ପର୍ଯ୍ୟାପ୍ତ ପାଣ୍ଠି ପ୍ରଦାନ କରାଯାଇଛି। ହେଲେ ପୁଲିସ କ'ଣ ପାଇଁ ଏହି ଟଙ୍କା ନିଜ ପକେଟରେ ପୂରାଇ ଅଭିଯୋଗକାରୀଙ୍କୁ ଟଙ୍କା ମାଗୁଛନ୍ତି, ତାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ସୃଷ୍ଟି ହେଉଛି।

ଶୁକ ବିହାରରୁ ସିରିଜ୍ ଲୁଟ୍

## ପୁଣି ଚୋରି କରିବାକୁ ଆସି ଧରାପଡ଼ିଲା ଲୁଟେରା

ଭୁବନେଶ୍ୱର, ୫।୪ (ସମିସ): ସୁକ ବିହାରରେ ଆତଙ୍କ ଖେଳାଇ ଥିଲା ଲୁଟେରା। ରାତି ଅଧରେ ଘରେ ପଶି କଳାକନା ବୁଲାଉଥିଲା। ଶନିବାର ରାତିରେ ପୁଣି ଚୋରି କରିବାକୁ ଆସି ଲୋକଙ୍କ ହାବୁଡ଼ରେ ପଡ଼ିଛି ଲୁଟେରା। ଲୋକମାନେ ନିର୍ଘୁମ ମାଡ଼ ମାରି ଖଣ୍ଡଗିରି ପୁଲିସକୁ ହସ୍ତାନ୍ତର କରିଛନ୍ତି। ଅଭିଯୁକ୍ତ ଜଣକ ହେଲା ଖଣ୍ଡଗିରି ଥାନା ଯଦୁପୁର ବେଗୁନିଆ ଗ୍ରାମର ତୈସିଫ୍ ମହମ୍ମଦ। ଅଭିଯୋଗ ଅନୁଯାୟୀ, ଖଣ୍ଡଗିରି ଥାନା ଅନ୍ତର୍ଗତ ଶୁକ ବିହାର ଅଞ୍ଚଳର ନମିତା ଦୁବେ ଗତ ଗୁରୁବାର ଦିନ ବ୍ରତଘର ଉତ୍ସବରେ ଯୋଗ ଦେବାପାଇଁ ପାରାଦ୍ୱୀପ ଯାଇଥିଲେ। ଘରେ କେହି ନଥିବା ବେଳେ ତୈସିଫ ତାଲା ଭଙ୍ଗି ପଶିଥିଲେ। ଆଲମାରିରେ ଥିବା ୮୦ ଗ୍ରାମ ଓଜନର ସୁନାଗହଣା, ଦେଢ ଲକ୍ଷ ଟଙ୍କା ଓ ରୁପା ଅଳଙ୍କାର ଚୋରି କରି ନେଇଥିଲା। କେବଳ ନମିତାଙ୍କ ଘରୁ ନୁହେଁ, ଆଖପାଖରେ ଥିବା ଆଉ ଦୁଇଟି ଘରେ ମଧ୍ୟ ସମାନ ଢଙ୍ଗରେ ସୁନାଗହଣା ଓ ଟଙ୍କା ଲୁଟିଥିଲା। ଏ ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହେବାପରେ ପୁଲିସ ପୃଥକ୍ ମାମଲା ରୁଜୁ କରିଥିଲା। ହେଲେ ଚୋରର ପତ୍ତା ପାଇନଥିଲା। ଗତକାଲି ବିଳମ୍ବିତ ରାତିରେ ତୈସିଫ ଜାଗମରା ଅଞ୍ଚଳରେ ଚୋରି କରିବାକୁ ଯାଇଥିଲା। ଜଣଙ୍କ ଘରେ ଚୋରି କରିବାକୁ ଉଦ୍ୟମ କରିବା ବେଳେ ଲୋକମାନେ ଉଠିପଡ଼ି ତାକୁ କାବୁ କରି ନେଇଥିଲେ। ଚୋରକୁ ଧରିବା ପରେ ନିସ୍ତୁକ ପିଟି ପୁଲିସକୁ ଦେଇଥିଲେ।

■ ନିସ୍ତୁକ ଛେଚିଲେ, ପୁଲିସରେ ଦେଲେ

ଖଣ୍ଡଗିରି ଥାନା ପୁଲିସ ତୈସିଫଙ୍କୁ ଧରିଥିଲେ ମଧ୍ୟ ତା' ଠାରୁ କୌଣସି ଚୋରି ସାମଗ୍ରୀ ଜବତ କରିନଥିଲା। ତୈସିଫ ସୁନାଗହଣା ଚୋରି କରିବା ପରେ ତା'ର ସହଯୋଗୀ ମାଧ୍ୟମରେ ସୁନା ଦୋକାନୀକୁ ବିକ୍ରି କରୁଥିବା ପୁଲିସ ଜାଣିବାକୁ ପାଇଛି। ସୁନାଗହଣା ଜବତ କରିବା ପାଇଁ ତୈସିଫ ଓ ସହଯୋଗୀକୁ ଧରି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

## ନର୍ସିଂ ଛାତ୍ରୀଙ୍କୁ ପିଛାକରି କଲେଜ ବସ୍ ଡ୍ରାଇଭର ଗିରଫ

ଭୁବନେଶ୍ୱର, ୫।୪(ସମିସ): ନର୍ସିଂ ଛାତ୍ରୀଙ୍କୁ ହଇରାଣ କରୁଥିବା କଲେଜ ବସ୍ ଡ୍ରାଇଭରକୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ଧଉଳି ବିକିପୁରର ଶ୍ରୀନିବାସ ବରାଳ (୩୨)। ପୁଲିସ ସୂଚନାନୁଯାୟୀ, ପୀଡ଼ିତା ଜଣକ ନର୍ସିଂ ପଢୁଥିବା ବେଳେ ଶ୍ରୀନିବାସ ସେହି କଲେଜ ବସ୍ ଡ୍ରାଇଭର ଭାବେ କାମ କରୁଥିଲା। ସ୍କୁଲ ଓ ହଷ୍ଟେଲ ମଧ୍ୟରେ ଯାତାୟାତ ସମୟରେ ସେ ପୀଡ଼ିତାଙ୍କୁ ଏକପାଖିଆ ଭଲପାଇ ବସିଥିଲେ। ପ୍ରାୟ ଏକ ବର୍ଷ ଧରି ପୀଡିତାଙ୍କୁ ବାରମ୍ବାର ଫୋନ୍ କଲ୍ ଓ ମେସେଜ୍ କରି ହଇରାଣ କରୁଥିଲା। ପୀଡ଼ିତା ତାଙ୍କ ବ୍ୟବହାରକୁ ବିରୋଧ କରିଥିଲେ ମଧ୍ୟ ସେ ହଇରାଣ କରିବା ଜାରି ରଖିଥିଲା। ଘଟଣା ସମ୍ପର୍କରେ ହଷ୍ଟେଲ ୱାର୍ଡେନଙ୍କୁ ଜଣାଇବା ପରେ ଶ୍ରୀନିବାସକୁ ଡ୍ରାଇଭର ପଦରୁ ହଟାଇ ଦିଆଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ ସେ ପୀଡ଼ିତାଙ୍କୁ ରାସ୍ତାରେ ଅନୁସରଣ କରିବା ସହ ସ୍କୁଲ ଓ ହଷ୍ଟେଲ ଯାତାୟାତ ସମୟରେ ହଇରାଣ ହରକତ କରୁଥିଲା। ଫୋନ୍ ଓ ମେସେଜ୍ ମାଧ୍ୟମରେ ଯୋଗାଯୋଗ କରି ଧମକ ମଧ୍ୟ ଦେଉଥିଲେ। ରବିବାର ସକାଳେ ପୀଡ଼ିତା ତାଙ୍କ ଫୋନ ନ ଉଠାଇବାରୁ, ଶ୍ରୀନିବାସ ବେଆଇନ ଭାବରେ ହଷ୍ଟେଲର ତୃତୀୟ ମହଲାରେ ପ୍ରବେଶ କରି ତାଙ୍କୁ ବାହାରକୁ ଆସିବାକୁ ବାଧ୍ୟ କରିଥିଲା। ପୀଡ଼ିତା ମନା



କରିବା ପରେ, ସେ ଅଶ୍ଳୀଳ ଭାଷାରେ ଗାଳି ଦେଇ ଚିତ୍କାର କରିଥିଲା ଓ ଦ୍ୱାର ଭାଙ୍ଗିବାକୁ ଧମକ ଦେଇଥିଲା। ଏ ନେଇ ଛାତ୍ରୀ ଜଣକ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଅପରାହ୍ଣରେ ଶ୍ରୀନିବାସକୁ ଗିରଫ କରି କୋର୍ଟ ଚାଲାଣ କରିଛି।

● ରାଜଧାନୀରେ ହଣାକଟା

## ମିଠା ଦୋକାନ କର୍ମଚାରୀଙ୍କ ହାତ ଗୋଡ଼ ହାଣିଦେଲେ

ଭୁବନେଶ୍ୱର, ୫।୪(ସମିସ): ପୁଣି ରାଜଧାନୀରେ ବୁଲିଲା ଖଣ୍ଡା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୟୁନିଟ୍-୪ ଅଞ୍ଚଳରେ ହଣାକଟା ହେଲେ। ଏଥିରେ ବୁଦ୍ଧଦେବ ଭୂଆଁ ନାମକ ଯୁବକଙ୍କ ହାତ ଏବଂ ଗୋଡ଼ କାଟିଦେଇଛନ୍ତି ଦୁର୍ବୃତ୍ତ। ସେ ପଶ୍ଚିମବଙ୍ଗ ବାସିନ୍ଦା ହୋଇଥିଲାବେଳେ ଭୁବନେଶ୍ୱରର ଏକ ଗାଙ୍ଗୁରାମ୍‌ରେ କାମ କରନ୍ତି। ଏକ ଗାଡ଼ି ଧକ୍କାକୁ ନେଇ ଏଭଳି ଉତ୍ତେଜନା ଦେଖାଦେଇଥିଲା ବେଳେ ପୁଲିସ ତଦନ୍ତରୁ ଜଣାପଡ଼ିଛି ଜଣେ ମହିଳାଙ୍କ ପାଇଁ ହୋଇଥିବା ପୂର୍ବ ଶତ୍ରୁତା କାରଣରୁ ରାଜଧାନୀରେ ଏଭଳି ହଣାକଣା ଘଟଣା ସାମ୍ନାକୁ ଆସିଛି। ପୁଲିସ ସୂଚନ ମୁତାବକ, ବୁଦ୍ଧାଦେବ ଏକ ବାଇକ୍‌ରେ ଆସୁଥିଲେ। ଏହି ସମୟରେ ତାଙ୍କୁ ଏକ ବାଇକ୍ ଧକ୍କା ଦେଇଥିଲା। ଏହାକୁ ନେଇ ହଣାକଟା ହୋଇଥିଲା। ପରବର୍ତ୍ତି ସମୟରେ ଜଣାପଡ଼ିଥିଲା ଦୁହିଁଙ୍କ ମଧ୍ୟରେ ଜଣେ ମହିଳାଙ୍କୁ ନେଇ ବହୁ ବର୍ଷ ହେବ ବିବାଦ ଲାଗି ରହିଥିଲା।

## ଡିଭାଇଡରରେ ପିଟିହେଲା କାର

ଭୁବନେଶ୍ୱର, ୫।୪(ସମିସ): ଭୁବନେଶ୍ୱର ଶିଶୁ ଭବନ ଓଭରବ୍ରିଜ୍ ଉପରେ ଡିଭାଇଡର୍‌କୁ କାର୍ ଧକ୍କା ଦେଇଛି। ଓଡି ୦୨ ଏସ୍ ୦୯୧୧ନମ୍ବର ବିଶିଷ୍ଟ ଏହି କାର ମଧ୍ୟରେ ୨ଜଣ ଯୁବକଙ୍କ ସହ ୩ ଜଣ ଯୁବତୀ ରହିଥିଲେ। ନିଶାସକ୍ତ ଅବସ୍ଥାରେ ଚାଳକ ଜଣଙ୍କ ଗାଡ଼ି ଚଳାଉଥିବା ଅନୁମାନ କରୁଛି ପୁଲିସ। ସମସ୍ତ ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ଜଣଙ୍କ ଅବସ୍ଥା ଗୁରୁତର ଥିବାବେଳେ ଅନ୍ୟମାନେ ମଧ୍ୟ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଗାଡ଼ି ଚାଳକ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ କ୍ୟାପିଟାଲ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଜବତ କରିଛି। କିଛିଦିନ ତଳେ ଏହି ସ୍ଥାନରେ ସମାନ ଘଟଣା ଦେଖିବାକୁ ମିଳିଥିଲା। ଜଣେ କାର୍ ଚାଳକ ବିଳମ୍ବିତ ରାତିରେ କାର୍ ଧରି ଏହି ଓଭରବିଜ୍ ଉପରେ ଥିବା ଡିଭାଇର୍‌କୁ ଧକ୍କା ଦେଇ କାର୍ ସହ ତଳକୁ ଖସିପଡ଼ିଥିଲା। ନିଶା ସେବନ କରି ଗାଡ଼ି ଚଳାଇ ବାରମ୍ବାର ଏଭଳି ଅଘଟଣ ଘଟାଉଥିଲେ ଲୋକେ। ରାଜଧାନୀରେ ରାତିରେ ପୁଲିସ ଚେକିଂ ବ୍ଲକିଂ କଡ଼ାକଡ଼ି କରୁନଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଥିବା ସ୍ଥାନୀୟଲୋକେ କହିଛନ୍ତି।

ରାମଲୀଳାର ଦଶମ ସନ୍ଧ୍ୟା

## ଶ୍ରୀରାମ-ହନୁମାନ ଭେଟ, ସେତୁବନ୍ଧ ପ୍ରତିଷ୍ଠା

ଯାଁଳା, ୫।୪(ସମିସ): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ ମୁଣ୍ଡମୁହାଣ ଗ୍ରାମର ଐତିହାସିକ ରାମଲୀଳା ଦଶମ ସନ୍ଧ୍ୟାରେ ଶ୍ରୀରାମ-ହନୁମାନ ଭେଟ, ସେତୁବନ୍ଧ ପ୍ରତିଷ୍ଠା ଓ ବିଭୀଷଣ ଶରଣ ଆଦି ପରିବେଷିତ ହୋଇଛି। ଶ୍ରୀଶ୍ରୀ ରଘୁନାଥଦେବ ନାଟ୍ୟ ପରିଷଦର କୁଶଳୀ କଳାକାରଙ୍କ ଅଭିନୟ ବେଶ୍ ମନଛୁଆଁ ହୋଇଛି। ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ରଚିତ ନାଟକର ନିର୍ଦ୍ଦେଶନା ଦେଇଛନ୍ତି ମହେନ୍ଦ୍ର ପରିଡ଼ା। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ରଘୁନାଥ ମହାରଣା। ନାଟକରେ ଆଜି ପ୍ରଭୁ ହନୁମାନ ଲଙ୍କାରୁ ଫେରିଲା ପରେ କିପରି ସୈନ୍ୟ ସାମନ୍ତ ଯୁଦ୍ଧ ପାଇଁ ସାତ ସମୁଦ୍ର ପାରି ହୋଇ ଯିବେ ସେଥିପାଇଁ ସେତୁବନ୍ଧ ପ୍ରତିଷ୍ଠା ହୋଇଥିଲା। ସେହିପରି ବିଭୀଷଣ ଠିକ୍ ନ୍ୟାୟ କଥା କହି ରାଜଦ୍ରୋହୀ ହୋଇଥିବାରୁ ରାବଣଙ୍କୁ ବହିଷ୍କୃତ କରିଥିଲେ। ଫଳରେ ସେ ପ୍ରଭୁ ଶ୍ରୀରାମଙ୍କ ଶରଣ ନେଇଥିଲେ। ନାଟକର ବିଭିନ୍ନ ଭୂମିକାରେ ଭରତ ବାରିକ (ରାମ), ଶିବ ମଙ୍ଗରାଜ (ଲକ୍ଷ୍ମଣ), ମୂରଲୀଧର ପ୍ରଧାନ (ସୀତା), ଶଙ୍କର୍ଷଣ ମଙ୍ଗରାଜ (ହନୁମାନ), ଦାଶରଥି ସ୍?ାଇଁ (ବି ଭୀଷଣ), ସୁନୀଲ୍ ମଙ୍ଗରାଜ (ସୁଗ୍ରୀବ), ସନ୍ତୋଷ ପ୍ରଧାନ (ରାବଣ), ସଞ୍ଜୟ ପରିଡ଼ା (ମନ୍ଦୋଦରୀ), ଗୁରୁ ପ୍ରସାଦ ମଙ୍ଗରାଜ (ମୂଷିକ ରାଜ) ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।



## ବିଦ୍ୟାଳୟ ପ୍ରବେଶ ଉତ୍ସବ ପାଳିତ



ଧଉଳି, ୫।୪(ସମିସ): ଆଜି ଠାରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ବାଲିଅନ୍ତା ବ୍ଲକରେ ଉଭୟ ସରକାରୀ ଏବଂ ଘରୋଇ ବିଦ୍ୟାଳୟ ପକ୍ଷରୁ ଏହି ଦିବସ ପାଳିତ ହୋଇଥିଲା। ବାଲକାଟି ଅଞ୍ଚଳର ସର୍ବପୁରାତନ ବିଦ୍ୟାଳୟ ପିଜିଏନ୍ ପବ୍ଲିକ ସ୍କୁଲ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ଫୁଲ, ଚନ୍ଦନ, ଦୀପପ୍ରଦାନ କରି ସ୍ୱାଗତ କରିଥିଲେ। ପରେ ପରେ ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ସିଲଟ୍, ଖଡ଼ି ଦେବା ସହ ଛାତ୍ରଛାତ୍ରୀଙ୍କୁ ଖଡ଼ି ଛୁଆଁଇ ନୂତନ ଶିକ୍ଷାବର୍ଷ ନିମନ୍ତେ ପାଠ୍ୟକ୍ରମ ଅନୁକୂଳ କରିଥିଲେ। ଶେଷରେ ପିଲାମାନଙ୍କୁ ଚକୋଲେଟ୍ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଭାଗ୍ୟଧର ନନ୍ଦୀ, ଅଧ୍ୟକ୍ଷ ତପନ କୁମାର ବେହେରା, ଭଗବାନ ବେହେରା ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିସହ ଭଲପାଠ ପଢ଼ି ବିଦ୍ୟାଳୟ ଏବଂ ଅଞ୍ଚଳର ନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ବିଜୁ ପଟ୍ଟନାୟକ ପ୍ରାଥମିକ ବିଦ୍ୟାଳୟ, ଜାମୁତୋଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବିବେକାନନ୍ଦ ବିଦ୍ୟାଳୟ ଆଦି ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି।

# ଧରାପଡ଼ିଲା ଲିଫ୍ଟଦିଆ ଲୁଟେରା

ଭୁବନେଶ୍ୱର, ୫।୪ (ସମିସ): ଗନ୍ତବ୍ୟସ୍ଥଳରେ ଛାଡ଼ି ଦେବ କହି ଲିଫ୍ଟ ଦେଉଥିଲା। ଛକରେ ପହଞ୍ଚିବା ପରେ ବ୍ୟାଗ୍ ଧରି ଫେରାର ହୋଇଯାଉଥିଲା। ଏଭଳି ଢଙ୍ଗରେ ମହିଳାଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନାଗରିକଙ୍କୁ ଲୁଟ୍ କରିଥିବା ଲିଫ୍ଟ ଦିଆ ଲୁଟେରାକୁ କାବୁ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ୟୁନିଟ୍ ୪ ମଧୁସୂଦନ ନଗରରେ ରହୁଥିବା ନୟାଗଡ଼ ଇଟାମାଟିର ଶରତ ମହାରଣା (୪୬)। ପୁଲିସ ସୂଚନାନୁଯାୟୀ, ଗତ ଫେବୃଆରୀ ୬ ତାରିଖ ଅପରାହ୍ଣରେ ବିଡ଼ାନାସୀର ବିଳାସିନୀ ବେହେରା ଘରକୁ ଯିବା ପାଇଁ ଖଣ୍ଡଗିରି ଛକରେ ବସକୁ ଅପେକ୍ଷା କରିଥିଲେ। ସେହି ସମୟରେ ଶରତ ବାଇକରେ ଆସି ତାଙ୍କୁ ଲିଫ୍ଟ ଦେବାକୁ କହିଥିଲା। ଅଚିହ୍ନା ହୋଇଥିଲେ ମଧ୍ୟ ବିଳାସିନୀ ତା' କଥାକୁ ବିଶ୍ୱାସ କରି ବାଇକରେ ବସିଥିଲେ। ରାସ୍ତାରେ ଯିବା ସମୟରେ ଶରତ ଚତୁରତାର ସହ ବିଳାସିନୀଙ୍କ ବ୍ୟାଗକୁ ନିଜ ହେପାଜତକୁ ନେଇ ଯାଇଥିଲା। ନୂଆପଲ୍ଲୀ ଅଣ୍ଡରପାସ ନିକଟରେ ହେଲମେଟ୍ ଚେକିଂ ହେଉଥିବା କହି ବିଳାସିନୀଙ୍କୁ ଓହ୍ଲାଇବା ସହ ଛକ ସେପଟକୁ ଆସିବାକୁ କହିଥିଲା। ହେଲେ ବିଳାସିନୀ ଛକ ପାର୍ ହେବା ବେଳକୁ ଶରତ ବ୍ୟାଗ୍ ନେଇ ଫେରାର ହୋଇ ଯାଇଥିଲା। ବିଳାସିନୀଙ୍କ ବ୍ୟାଗରେ ୨୦ ଗ୍ରାମ ଓଜନର ସୁନା ଚେନ୍, ନଗଦ ୧୫୦୦ ଟଙ୍କା, ମୋବାଇଲ୍ ଫୋନ୍, ଆଧାର କାର୍ଡ, ଏଟିଏମ୍ କାର୍ଡ, ପାନ୍ କାର୍ଡ ଓ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ରହିଥିଲା। ଏ ନେଇ ବିଳାସିନୀ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ରବିବାର ସକାଳୁ ଶରତ ସିଆରପି ଛକରେ ଟାର୍ଗେଟ ଖୋଜୁଥିବା ବେଳେ ପୁଲିସ ଟିମ୍ ତାକୁ ମାଡ଼ି ବସିଥିଲା। ଥାନାକୁ ଉଠାଇ ଆଣି ପଚରାଉଚରା କରିବା ପରେ ସେ ଲିଫ୍ଟ ଦେଇ ଲୁଟପାଟ୍ କରୁଥିବା ସ୍ୱୀକାର କରିଥିଲା। ଶରତ ଠାରୁ ଦୁଇଟି ସୁନା ଚେନ୍, ହଳେ ସୁନା ଚୁଡ଼ି, ୭୪ ହଜାର ୪୯୫ ଟଙ୍କା, ବାଇକ୍ ଓ ଆଧାର କାର୍ଡ ଜବତ କରିଥିଲା। ଜବତ ହୋଇଥିବା ଗାଡ଼ିର ଇଞ୍ଜିନ, ଚେସିସ୍ ନମ୍ବର ଓ ରେଜିଷ୍ଟ୍ରେସନ ନମ୍ବର ମେଳ ଖାଇନଥିଲା। ଶରତ ଲୁଟରେ ବ୍ୟବହାର କରୁଥିବା ଗାଡ଼ିରେ ନକଲି ନମ୍ବର ପ୍ଲେଟ୍ ଲଗାଇଥିବା ସ୍ପଷ୍ଟ ହୋଇଥିଲା। ସେ ଗତ ଦୁଇ ମାସ ହେବ ରାଜଧାନୀର ବିଭିନ୍ନ ଲୋକଙ୍କୁ ଲିଫ୍ଟ ଦେଇ ଲୁଟ୍ କରୁଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା। ଶରତ ଲୋକଙ୍କୁ ଲିଫ୍ଟ ଦେବା ପରେ ପ୍ରଥମେ ବିଭିନ୍ନ ଆଳ ଦେଖାଇ ସେମାନଙ୍କ ବ୍ୟାଗ୍, ଭ୍ୟାନିଟି ଆଦିକୁ ନିଜ ହେପାଜତକୁ ନେଇ ଯାଉଥିଲା। ତା'ପରେ ଛକରେ ହେଲମେଟ ଚେକିଂ ଓ ପେଟ୍ରୋଲ ପମ୍ପରେ ତେଲ ପକାଇବା ଆଳରେ ସୁନାଗହଣା ନେଇ ଫେରାର ହୋଇ ଯାଉଥିଲା। ସେ ବିଶେଷକରି ଖଣ୍ଡଗିରିରୁ ଆଚାର୍ଯ୍ୟ ବିହାର ଛକ ରାସ୍ତାରେ ଗାଡ଼ିକୁ ଅପେକ୍ଷା କରିଥିବା ଲୋକଙ୍କୁ ଟାର୍ଗେଟ କରୁଥିଲା। ଗତ ୨ ମାସ ମଧ୍ୟରେ ପ୍ରାୟ ୭ ଜଣଙ୍କ ଠାରୁ ଲୁଟ୍ କରିଥିବା ଜଣାପଡ଼ିଥିଲା।



■ ଗାଡ଼ିରେ ଲଗାଇଥିଲା ନକଲି ନମ୍ବର ପ୍ଲେଟ୍
■ ଦୁଇ ମାସରେ ୭ ଜଣଙ୍କୁ ଟାର୍ଗେଟ୍
■ ୭୪ ହଜାର ଟଙ୍କା, ସୁନାଗହଣା ଓ ବାଇକ୍ ଜବତ



### ଘଟଣାବଳୀ

ଜାନୁଆରୀ ୩୦ ଦିନ ପ୍ରାୟ ୧୦ଟା ସମୟରେ ଫାୟାର ଷ୍ଟେସନ୍ ଛକରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତିଙ୍କୁ ପାତ୍ରପଡ଼ାରେ ଛାଡ଼ି ଦେବାକୁ କହି ଲିଫ୍ଟ ଦେଇଥିଲା। ଖଣ୍ଡଗିରି ଭାରତ ପେଟ୍ରୋଲ ପମ୍ପ ନିକଟରେ ତେଲ ପକାଇବା ବାହାନାରେ ୬୦ ହଜାର ଟଙ୍କା ଥିବା ପୀଡ଼ିତଙ୍କ ବ୍ୟାଗ୍ ନେଇ ପଳାଇ ଯାଇଥିଲା। -ମାର୍ଚ୍ଚ ୪ ତାରିଖ ପୂର୍ବାହ୍ନ ୧୦ଟାରେ ଜଣେ ବ୍ୟକ୍ତିଙ୍କୁ ଫାୟାର ଷ୍ଟେସନ ଛକରୁ ଲିଫ୍ଟ ଦେଇଥିଲା। ଗନ୍ତବ୍ୟସ୍ଥଳରେ ଛାଡ଼ିବା ବଦଳରେ ୧୫ ହଜାର ଟଙ୍କା ଥିବା ବ୍ୟାଗ୍ ନେଇ ଫେରାର ହୋଇ ଯାଇଥିଲା।

▶ ମାର୍ଚ୍ଚ ୧୦ ତାରିଖ ୧୧ଟା ୩୦ରେ ଜଣେ ମହିଳା ଚାନ୍ଦପୁର ଯିବାକୁ ଫାୟାର ଷ୍ଟେସନ ଛକରେ ଅପେକ୍ଷା କରିଥିଲେ। ଶରତ ତାଙ୍କୁ ଛାଡ଼ିଦେବ କହି ଲିଫ୍ଟ ଦେଇଥିଲା। ହେଲେ କୋଳଥିଆ ଛକ ନିକଟରେ ତାଙ୍କୁ ଛାଡ଼ି ଦେଇ, ସୁନା ହାର, ସୁନା ଚୁଡ଼ି, ୪ ହଜାର ଟଙ୍କା ନଗଦ ଓ ହାତ ଘଡ଼ି ନେଇ ପଳାଇଥିଲା।

▶ ମାର୍ଚ୍ଚ ୩୦ ତାରିଖ ଅପରାହ୍ଣରେ ଜଣେ ମହିଳା ଓ ତାଙ୍କ ଝିଅ ଫାୟାର ଷ୍ଟେସନ ଛକରେ ଛିଡ଼ା ହୋଇଥିଲେ। ଶରତ ତାଙ୍କୁ ଆଚାର୍ଯ୍ୟ ବିହାର ନିକଟରେ ଛାଡ଼ିବାକୁ କହି ଲିଫ୍ଟ ଦେଇଥିଲା। ସେଠାରେ ପହଞ୍ଚିବା ପରେ, ଶରତ ତାଙ୍କ ବ୍ୟାଗରୁ ୫ ଗ୍ରାମରୁ ଅଧିକ ଓଜନର ସୁନା ଚେନ୍, ଦୁଇଟି ରୁପା ଚୁଡ଼ି ଓ କିଛି କାଗଜପତ୍ର ନେଇ ପଳାଇ ଯାଇଥିଲା।

▶ ଏପ୍ରିଲ୍ ୨ ତାରିଖ ଦିନ ୧ଟା ସମୟରେ ବୁଦ୍ଧନଗର ଏଟିଏମ୍ ଛକରୁ ଜଣେ ମହିଳାଙ୍କୁ ଲିଫ୍ଟ ଦେଇଥିଲା। କିଛି ଦୂର ଯିବା ପରେ ତାଙ୍କ ବ୍ୟାଗ ଛଡ଼ାଇ ନେଇ ପଳାଇଥିଲା। ଉକ୍ତ ବ୍ୟାଗରେ ୭ ହଜାର ଟଙ୍କା, ୪ଟି ଏଟିଏମ୍ କାର୍ଡ, ୪ଟି ପାସବୁକ୍, ଆଧାର କାର୍ଡ, ପାନ୍ କାର୍ଡ ଓ ସମ୍ପତ୍ତି ସମ୍ବନ୍ଧୀୟ କାଗଜପତ୍ର ଥିଲା।



# ଶହୀଦ ରଘୁ-ଦିବାକରଙ୍କ ଆତ୍ମବଳିଦାନ ଅବିସ୍ମରଣୀୟ

## କାମଦେବ ମହାପାତ୍ରଙ୍କୁ 'ଶହୀଦ ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୫।୪(ସମିସ): ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦ ପକ୍ଷରୁ ସ୍ଥାନୀୟ ୟୁନିଟ୍-୯ ସ୍ଥିତ ଶହୀଦ୍ ରଘୁ-ଦିବାକରଙ୍କ ୮୫ତମ ବଳିଦାନ ଦିବସ ପାଳିତ ହୋଇଛି। ବରିଷ୍ଠ ସାମ୍ବାଦିକ ତଥା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ମୃତିଚାରଣ ପୂର୍ବକ ମୁଖ୍ୟ ଅତିଥି ଭାବେ ଶ୍ରୀ ଶତପଥୀ ମତବ୍ୟକ୍ତ କରିଥିଲେ ଯେ, ଶହୀଦ୍ ରଘୁ-ଦିବାକରଙ୍କ ଆତ୍ମବଳିଦାନ, ବୀରତ୍ୱ, ଦେଶପ୍ରେମର ପଟାନ୍ତର ନାହିଁ। ରଣପୁରର ଏକଛତ୍ରବାଦ ରାଜାଙ୍କ ଅତ୍ୟାଚାରରୁ ସାଧାରଣ



ଜନତାଙ୍କୁ ରକ୍ଷା କରିବା ସହିତ ତାଙ୍କ ନାର୍ଯ୍ୟ ଅଧିକାର ଦେବା ପାଇଁ ତାଙ୍କ ଅବଦାନ ଥିଲା ଅବିସ୍ମରଣୀୟ। ଆଜିର ଯୁବପିଢ଼ି ପୂଜ୍ୟପୂଜା, ଦେଶପ୍ରେମ ତଥା ମା' ମାଟି ଓ ମାତୃଭାଷା ପାଇଁ କାର୍ଯ୍ୟ କରିବାକୁ ଅଧ୍ୟକ୍ଷ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷାବିତ୍ ପୂଜ୍ୟପୂଜା ପ୍ରାଣ କାମଦେବ ମହାପାତ୍ର ଓ ଯୁବ ନାଟ୍ୟ ନିର୍ଦ୍ଦେଶକ ଶ୍ରୀତମ କୁମାର ବରାଳଙ୍କୁ ଶହୀଦ୍ ରଘୁ-ଦିବାକର ସ୍ମୃତି ସମ୍ମାନ ୨୦୨୬ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶହୀଦ୍ ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପୂଜ୍ୟପୂଜା ପ୍ରାଣ ମନୋରଞ୍ଜନ ମହାନ୍ତି, ଅଭୟ ସେନାପତି, ରମେଶ ଚନ୍ଦ୍ର ପାତାଳସିଂହ, ସମିତା ମହାରଣା, ରମେଶ କୁମାର ମହାପାତ୍ର, ଚକ୍ରଧର ଦାସ ପ୍ରମୁଖ ଉପସ୍ଥିତ ରହିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅମିତ ପାଲସିଂହ, ସିଂତାଂଶୁ ଶେଖର ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

## ପୁରୁଣା ଫଟୋ
### ପୁରୁଣା ସ୍ମୃତି



ଭୁବନେଶ୍ୱର, ୫।୪(ସମିସ): ପୁରୁଣା ଫଟୋ ଅତୀତର ଅଭୁଲା ସ୍ମୃତି ପରି ସବୁବେଳେ ସତେଜ। ଯିଏ ମନେପକାଇ ଦିଏ ଚାଲିଯାଇଥିବା ସମୟ, ମଣିଷ ଏବଂ ଫେରେଇନିଏ କିଛି ସ୍ମୃତିର ଠିକଣା ସ୍ଥାନକୁ। ସେହିପରି ଏକ ସ୍ଥାନ ହେଲା ପୁରୁଣା ଭୁବନେଶ୍ୱର ଅଞ୍ଚଳ। ଯେଉଁଠି ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ ପାଇଁ କାହୁଁ କେତେ ଦୂରରୁ ପର୍ଯ୍ୟଟକ ଏଠାକୁ ଆସନ୍ତି। ସେଠାରେ ତିନିମୁଣ୍ଡିଆ ଛକ ଦେଇ ଲିଙ୍ଗରାଜ ମନ୍ଦିର ଆଡ଼କୁ ଆସିଲେ କର୍ଜନ ମଣ୍ଡପଟି ମନ୍ଦିର ସହ ସଲଗ୍ନ ଡାହାଣ ପାର୍ଶ୍ୱରେ ଦେଖିବାକୁ ମିଳିଥାଏ। ଆଜି ବି ଐତିହାସିକ ସ୍ମୃତି ସ୍ମାରକୀ କର୍ଜନ ମଣ୍ଡପ ଇତିହାସର ମୁକସାକ୍ଷୀ ହୋଇ ଠିଆ ହୋଇଛି। ଏହି ମଣ୍ଡପ ବା ଟାୱାର୍‌ରେ ଠିଆହୋଇ ଲର୍ଡ କର୍ଜନ ମନ୍ଦିରର କାରୁକାର୍ଯ୍ୟ ଓ ନିର୍ମାଣଶୈଳୀ ଦେଖିଥିଲେ। ସେବେଠାରୁ ଏହାକୁ 'କର୍ଜନ ମଣ୍ଡପ' କୁହାଯାଉଛି। ଯେଉଁଠି ଠିଆ ହେଲେ ମନ୍ଦିରର ଅଧିକାଂଶ ଭାଗ ଦେଖିହୁଏ।

୧୩ ଏପ୍ରିଲ ୧୯୪୮ ରେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଭୁବନେଶ୍ୱର ଗସ୍ତ ସମୟରେ ଏଠାରେ ଠିଆ ହୋଇ ମନ୍ଦିରକୁ ଦେଖୁଥିବା ବେଳର ଫଟୋ ଆଜି ସାମାଜିକ ଗଣମାଧ୍ୟମରେ ପରିଲକ୍ଷିତ ହୋଇଥିଲା। ଇତିହାସ କୁହେ ସେ ସମୟରେ କୌଣସି ଏକ କାର୍ଯ୍ୟ ପାଇଁ ଓଡ଼ିଶା ଗ୍ରସ୍ତ ସମୟରେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଭୁବନେଶ୍ୱର ଭ୍ରମଣ କରୁଥିଲେ। ଏହି ପରିପେକ୍ଷୀରେ ସେ ଲିଙ୍ଗରାଜ ମନ୍ଦିର ବି ବୁଲୁଥିବାବେଳେ କର୍ଜନ ମଣ୍ଡପରେ ଛିଡା ହୋଇ ମନ୍ଦିରର କାରୁକାର୍ଯ୍ୟ ଦେଖୁଥିବା ସମୟର ଏହି ଫଟୋ ବୋଲି ଜଣାପଡ଼ିଛି।

## ଓଡ଼ିଶା ନାଟ୍ୟ ସଂଘର କାର୍ଯ୍ୟକାରିଣୀ ପରିଷଦ ବୈଠକ

ଭୁବନେଶ୍ୱର, ୫।୪(ସମିସ): ଓଡ଼ିଶା ନାଟ୍ୟ ସଂଘର କାର୍ଯ୍ୟକାରିଣୀ ପରିଷଦ ବୈଠକ ୟୁନିଟ୍-୪ ସ୍ଥିତ ସୁପ୍ରୀତି ହୋଟେଲ ସମ୍ମିଳନୀ କକ୍ଷରେ ସଭାପତି ମିହିର କୁମାର ମେହେରଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତିଙ୍କ ପରାମର୍ଶ କ୍ରମେ ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ ଏବଂ କୋଷାଧ୍ୟକ୍ଷ ଅବିନାଶ ଦଣ୍ଡପାଟ ଆର୍ଥିକ ସ୍ଥିତି ଉପରେ ଗୃହକୁ ଅବଗତ କରାଇଥିଲେ। ନାଟ୍ୟ ସଂଘର



ଭବିଷ୍ୟତ କାର୍ଯ୍ୟପନ୍ଥା ଯଥା ନାଟ୍ୟ ସଙ୍ଘର ପ୍ରତିଷ୍ଠା ଦିବସ ପାଳନ, ଜାତୀୟ ନାଟକ ଉତ୍ସବ, ସଂଘର ଚାରୋଟି ମଣ୍ଡଳରେ କର୍ମଶାଳା, ସମ୍ମିଳନୀ ଏବଂ ନାଟକ ଉତ୍ସବ ପାଳନ କରିବାକୁ ନିଷ୍ପତ୍ତି ନେବା ସହିତ ଓଡ଼ିଆ ନାଟକକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ନିଜର ସ୍ଥିତି ଜାହିର କରିବାର ପ୍ରୟାସ ପାଇଁ ଆଲୋଚନାରେ ସଭ୍ୟମାନେ ସେମାନଙ୍କର ବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ବରଗଡ଼, ପଦମପୁର, ସୁବର୍ଣ୍ଣପୁର, ସୁନାବେଡା, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ପୁରୀ, ବଆଲଙ୍ଗିର, ଖୋର୍ଦ୍ଧା, ଦେବଗଡ଼, କୋରାପୁଟ, ଅନୁଗୁଳ, ବାଲେଶ୍ୱର, ଜଟଣୀ ତଥା ଭୁବନେଶ୍ୱର ସଭ୍ୟମାନେ ଯୋଗ ଦେଇଥିଲ୍ୟେ। ଶେଷରେ ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ସଭାପତିଙ୍କୁ ଧନ୍ୟବାଦ୍ ଅର୍ପଣ କରିବା ପରେ ସଭା ସାଙ୍ଗ ହୋଇଥିଲା।

## ଆରମ୍ଭ ହେଲା ଲକ୍ଷ୍ମୀସାଗର ଭାଗବତ ମେଳଣ

ଭୁବନେଶ୍ୱର, ୫।୪(ସମିସ): ଆରମ୍ଭ ହୋଇଛି ଲକ୍ଷ୍ମୀସାଗର ପ୍ରସିଦ୍ଧ ଭାଗବତ ମେଳଣ। ସେଥିପାଇଁ ସମଗ୍ର ଗ୍ରାମ ଏବେ ଉତ୍ସବମୁଖର। ୧୦ ତାରିଖ ଯାଏ ଏହି ମେଳଣ ମହୋତ୍ସବ ଅନୁଷ୍ଠିତ ହେବ। ଶନିବାର ରାତି ୧୦ଟାରେ ମେଳଣ ଜମାଣ ହୋଇଥିଲା। ଏହି ଅବସରରେ ଗ୍ରାମବାସୀ ଏକତ୍ରିତ ହୋଇ ଶ୍ରୀବାସୁଦେବ ଦୋଳକୁ ସାଂସ୍କୃତିକ ଶୋଭାଯାତ୍ରାରେ ଆଣି ମେଳଣ ପଡ଼ିଆରେ ଗାଦିରେ ଅବସ୍ଥାନ କରାଇଥିଲେ। ରବିବାର ପାରମ୍ପରିକ ସଂକୀର୍ତ୍ତନ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ଏପ୍ରିଲ ୬ ରୁ



୧୦ ତାରିଖ ପର୍ଯ୍ୟନ୍ତ ଅପେରା ପ୍ରଦର୍ଶନ କରାଯିବ। ମେଳଣ ପଡ଼ିଆରେ ଲକ୍ଷ୍ମୀସାଗର, ବଡ଼ଗଡ଼, ଝାରପଡ଼ା, ରସୁଲଗଡ଼, କେଶୁରା, ପାଣ୍ଡରା, କୋରଡ଼କଣ୍ଟା ଆଦି ଗ୍ରାମରୁ ୧୫ ବିମାନ ମେଳଣରେ ଶୋଭା ପାଇବେ। ଦର୍ଶକଙ୍କ ସୁରକ୍ଷା ନେଇ ଅଧିକ ସ୍ୱେଚ୍ଛାସେବୀ, ସିସିଟିଭି ବ୍ୟବସ୍ଥା ସହ କମିଶନରେଟ ପୁଲିସର ପହରା ବ୍ୟବସ୍ଥା କରାଯାଇଛି ବୋଲି କମିଟି ସଭାପତି ରମେଶ ଚନ୍ଦ୍ର ନାୟକ, ସମ୍ପାଦକ ତଥା କର୍ପୋରେଟର ଭରତ କୁମାର ଲେଙ୍କା, ଉପ ସଭାପତି ଦୀପକ ପରିଡ଼ା ପ୍ରମୁଖ ସୂଚନା ଦେଇଛନ୍ତି।

## ସାଉଦି ଆରବରେ ଉତ୍କଳ ଦିବସ ଓ ଇଦ୍ ମିଳନ



ଭୁବନେଶ୍ୱର, ୫।୪(ସମିସ): ସାଉଦି ଆରବର ରିୟାଦ୍ ସହରରେ ବସବାସ କରୁଥିବା ଓଡ଼ିଆ ସମୁଦାୟ ପକ୍ଷରୁ ଉତ୍କଳ ଦିବସ ଓ ଇଦ୍ ପାଳନ କରାଯାଇଛି। ରିୟାଦ୍ ଓଡ଼ିଆ ସାମାଜିକ ତଥା ସାଂସ୍କୃତିକ ସଂଗଠନ(ରୋଜା) ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଓଡ଼ିଆ ଯୋଗଦେଇଥିଲେ। ସଭ୍ୟମାନେ ଉତ୍କଳ ଦିବସର ଗୁରୁତ୍ୱ ଉପରେ ଆଲୋଚନା କରି ଓଡ଼ିଶାର ଇତିହାସ, ପରମ୍ପରା ଓ ଉନ୍ନତି ନେଇ ନିଜର ଭାବନା ବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ିଶାର ଇତିହାସ ଓ ବର୍ତ୍ତମାନ ଘଟଣାବଳୀ ଉପରେ ଆଧାରିତ କ୍ୱିଇଜ୍ ପ୍ରତିଯୋଗିତା ସମସ୍ତଙ୍କୁ ଆକର୍ଷିତ କରିଥିଲା। ବକ୍ତୃତା, ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନୀ ମାଧ୍ୟମରେ ପ୍ରବାସୀ ଓଡ଼ିଆ ଶିଶୁ ଓ କିଶୋର ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରୋଜା ଅନୁଷ୍ଠାନର ପ୍ରଥମ ଅଧ୍ୟକ୍ଷ ଡ଼. ମୋହମଦ ଫଜଲ ହକ ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ବିଦେଶରେ ଓଡ଼ିଆ ସଂସ୍କୃତିକୁ ଜୀବନ୍ତ ରଖିବା ପାଇଁ ଆୟୋଜକମାନଙ୍କୁ ପ୍ରଶଂସା କରିଥିଲେ। ଅନ୍ୟତମ ରୋଜା ସଦସ୍ୟ ଦେବାଶିଷ ରାଉତ ମଧ୍ୟ ଓଡ଼ିଆ ସମୁଦାୟର ଏକତା ଓ ସାମ୍ପ୍ରଦାୟିକ ସଦ୍ଭାବନା ପାଇଁ ସନ୍ତୋଷ ପ୍ରକାଶ କରିଥିଲେ। ରୋଜା ସଦସ୍ୟ ସରୋଜ ପାଣିଗ୍ରାହୀ, ସିଦ୍ଧାର୍ଥ, ବିଶ୍ୱଜିତ୍, ତାରିକ୍, ଶିଭାଶିସ, ସବ୍ୟସାଚୀ, ଜ୍ୟୋତି, ଅମିତ ତଥା ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ।

## ସୂର୍ଯ୍ୟ ଜ୍ୟୋତିକଳା କେନ୍ଦ୍ରର ନୃତ୍ୟ ଉତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର, ୫।୪(ସମିସ): ସୂର୍ଯ୍ୟ ଜ୍ୟୋତିକଳା କେନ୍ଦ୍ରର ଚତୁର୍ଥ ବାର୍ଷିକ ନୃତ୍ୟ ଉତ୍ସବର ଉଦ୍‌ଯାପନୀ ଦିବସ ରବିବାର ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା, ସମ୍ମାନିତ ଅତିଥି ଭାବେ ଓଡ଼ିଶା ରୁରାଲ ଡେଭେଲପମେଣ୍ଟ ମାର୍କେଟିଙ୍ଗ( ଓରମାସ ) ଶାନ୍ତନୁ ବାନାର୍ଜୀ, ବାସ୍ତୁବିଦ ଜ୍ୟୋତିର୍ବିଦ ପଣ୍ଡିତ ନାରାୟଣ ପତି, ଚଳଚ୍ଚିତ୍ର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, ପୂର୍ବତନ ତାଳଚେରେ କଲେଜ ପ୍ରଧାପକ ଶରତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ତତ୍ତ୍ୱାବଧାନରେ ଶିଳ୍ପୀ ଜ୍ୟୋତିର୍ମୟୀ ଦାସ ଏବଂ ଶିଳ୍ପୀ ରବିଶଙ୍କର ମାଝୀଙ୍କ ଦ୍ୱାରା ଯୁଗଳ ବନ୍ଦୀ ନୃତ୍ୟ 'ଅହଲ୍ୟା' ଏକ ଭିନ୍ନ ଅନୁଭୂତି ପ୍ରଦାନ କରି ଦର୍ଶକ ବିମୋହିତ ହୋଇଥିଲେ। ଓଡ଼ିଶାର ପରମ୍ପରାକୁ ନେଇ 'ବାର ମାସରେ ତେର ପର୍ବ' ଏବଂ ଏକ ସ୍ୱତନ୍ତ୍ର 'ମା-ଝିଅ' ନୃତ୍ୟ ପରିବେଷଣ କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ଲୋକନୃତ୍ୟ, ପାଇକ ନୃତ, ଏବଂ ରସରକେଳୀର ତାଳେ ତାଳେ ମଞ୍ଚ କମ୍ପି ଉଠିଥିଲା। ଏହି କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ଶ୍ରୀନିବାସ ଘଟୁଆରୀ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର ସଭାପତି ରବୀନ୍ଦ୍ର କୁମାର ଜେନା, ଉପସଭାପତି ମାନସ ରଞ୍ଜନ ସାହୁ ଏବଂ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ସମ୍ପନ୍ନ ହୋଇଛି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଯୁବ ସାରସ୍ୱତ ପ୍ରତିଯୋଗିତା



ଭୁବନେଶ୍ୱର, ୫।୪(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ଅବସରରେ ଯୁବ ସାରସ୍ୱତ ପ୍ରତିଯୋଗିତା ସମୋରୋହ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ ଯୋଗଦେଇ ଯୁବପିଢ଼ିଙ୍କ ମଧ୍ୟରେ ସୃଜନଶୀଳତାର ଉଦ୍‌ରେକ କରିବା ପାଇଁ ପରାମର୍ଶ ଦେଇଥିଲେ। ସାହିତ୍ୟ ଏକାଡେମୀ ସର୍ବଦା ଯୁବ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାର ଦାୟିତ୍ୱ ବହନ କରୁଛି ବୋଲି ସେ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏହି ସାରସ୍ୱତ ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗଦେଇ ଯୁବ ସାହିତ୍ୟିକ ଡ. ସତ୍ୟଜିତ ଦାସ, ଡ. ମିନାକ୍ଷୀବାଳା ପ୍ରଧାନ, ଡ. ସୁନିତା ଦାସ ପ୍ରତିଯୋଗୀମାନଙ୍କ ପ୍ରତିଭାର ପ୍ରଶଂସା କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଚୟନ କରାଯାଇଥିବା ୨୫ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଓଡ଼ିଶୀ କଣ୍ଠସଙ୍ଗୀତ ବିଭାଗର ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ର ପରିଚାଳନା କରିଥିବାବେଳେ ଓଡ଼ିଆ ବିଭାଗ ଛାତ୍ରୀ ଲକ୍ଷ୍ମୀପ୍ରିୟା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## 'ପ୍ରୟାସର' ୧୯ତମ ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, ୫।୪(ସମିସ): ସାମାଜିକ ଅନୁଷ୍ଠାନ 'ପ୍ରୟାସ'ର ୧୯ତମ ବାର୍ଷିକ ସମ୍ମିଳନୀ ଲୋହିଆ ଭବନରେ ଆୟୋଜିତ ହୋଇଛି। ଏହି ଅବସରରେ ସ୍ୱତନ୍ତ୍ର ଅତିଥିଭାବେ ସମାଜସେବୀ ଶ୍ୟାମସୁନ୍ଦର ଜାଲ ଯୋଗ ଦେଇଥିଲେ। ସେ କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ରେ 'ଯଶୋଦା ଶାନ୍ତି ନିକେତନ' ସ୍ଥାପନ କରି ସମାଜର ଅନାଥ ଓ ଅବହେଳିତ ଶିଶୁମାନଙ୍କର ଭବିଷ୍ୟତ ଗଢ଼ିବାକୁ ନିଜର ମୂଳ ଲକ୍ଷ୍ୟ କରିଛନ୍ତି। ଅନ୍ୟତମ ଅତିଥି ଭାବେ ସେବା ପ୍ରତିନିଧି ଆବାହକ ନିଳମଣି ମିଶ୍ର ଏବଂ ସମାଜସେବୀ ଗଗନ ବିହାରୀ ପାଇଟାଳ ଯୋଗ ଦେଇଥିଲେ। ପ୍ରୟାସର ଉପଦେଷ୍ଟା ତଥା ଅବସରପ୍ରାପ୍ତ ଆଇ.ଆର୍.ଏ.ଏସ୍ ଅଧିକାରୀ ପ୍ରଦୀପ୍ତ କୁମାର ଦାସ ଓ ପ୍ରଶନ୍ନ କୁମାର ପରିଡ଼ା ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରମୋଦ କୁମାର ମହାରଣା ସମ୍ପାଦକୀୟ ପାଠ କରିଥିଲେ। ସଭାପତି ଚିରଞ୍ଜିବୀ ରେଡ୍ଡିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଚାଲିଥିବାବେଳେ ମୁଖ୍ୟ ସଂଗଠକ ବିବେକାନନ୍ଦ ସ୍ୱାଇଁ ଓ ସଂଯୋଜକ ଅରବିନ୍ଦ ମଲ୍ଲିକ ସଭା ପରିଚାଳନା କରିଥିଲେ। ଏହି ଅବସରରେ 'ହେଲୋ ଇଣ୍ଡିଆ'ର ମୁଖ୍ୟ ଓ ସମାଜସେବୀ ପ୍ରଶାନ୍ତ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରୟାସ ପକ୍ଷରୁ ସାହାଯ୍ୟ ପ୍ରାପ୍ତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପାଠ୍ୟ ସାମଗ୍ରୀ ବଣ୍ଟନ କରିଥିଲେ।

### ପୂରଣ ହେଲାନି ସାମ୍ବାଦିକଙ୍କ ଦାବି

## ମଇ ଦିବସରେ ଓୟୁଜେର ରାଜ୍ୟବ୍ୟାପୀ ଧାରଣା

ଭୁବନେଶ୍ୱର, ୫।୪(ସମିସ): ସାମ୍ବାଦିକମାନଙ୍କର ବିଭିନ୍ନ ମୌଳିକ ଦାବି ପୂରଣ କରିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉ ନଥିବାରୁ ଓଡ଼ିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ) ପକ୍ଷରୁ ଗଭୀର କ୍ଷୋଭ ପ୍ରକାଶ କରାଯାଇଛି। ଏଭଳି ଉଦାସୀନତା ପ୍ରତିବାଦରେ ଆସନ୍ତା ମଇ ଦିବସ ଦିନ ରାଜ୍ୟବ୍ୟାପୀ ପ୍ରତିବାଦ ସୂଚକ ଧାରଣା ଦେବା ପାଇଁ ୟୁନିଅନ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରବିବାର ଦିନ ଓୟୁଜେ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଓଡ଼ିଶା ସାମ୍ବାଦିକ ୟୁନିଅନ୍‌ର କର୍ମକର୍ତ୍ତା ଓ ବରିଷ୍ଠ ସଦସ୍ୟମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ପେନ୍‌ସନ୍, ପ୍ରୋଟେକ୍ସନ୍ ଓ ଆକ୍ରିଡେସନ୍ ପ୍ରସଙ୍ଗ ନେଇ ଓୟୁଜେ ଲଗାତାର ଭାବେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲା ବେଳେ ବର୍ତ୍ତମାନ ସୁଦ୍ଧା ଏ ଦିଗରେ ସରକାର କୌଣସି ପଦକ୍ଷେପ ଗ୍ରହଣ ନକରିବା ଯୋଗୁଁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିରେ ଅଧ୍ୟକ୍ଷତା କରି ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ବିଗତ ନିର୍ବାଚନରେ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଥିଲାବେଳେ ସାମ୍ବାଦିକମାନଙ୍କ ଅବସ୍ଥାରେ କୌଣସି ପରିବର୍ତ୍ତନ ଆସିନାହିଁ ବୋଲି ଦର୍ଶାଇଥିଲେ। ନିର୍ବାଚନ ସମୟରେ ସାମ୍ବାଦିକମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପାଳନ କରିବା ଦିଗରେ କୌଣସି ଆନ୍ତରିକତା ନଦେଖାଇବା ସାମ୍ବାଦିକଙ୍କ ପ୍ରତି ପ୍ରତାରଣା ବୋଲି ସେ ଦର୍ଶାଇଥିଲେ। ରାଜ୍ୟରେ ସାମ୍ବାଦିକମାନଙ୍କ ଉପରେ ଆକ୍ରମଣ ଘଟଣା ବଢ଼ି ଚାଲିଥିଲାବେଳେ ସରକାର ସାମ୍ବାଦିକ ସୁରକ୍ଷା ଦାବିକୁ ଅଣଦେଖା କରିବା, ମହିଳା ସାମ୍ବାଦିକମାନଙ୍କ ବୃତ୍ତିଗତ ନିରାପତ୍ତା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ଓ ଆବେଦନରତ ସଂଖ୍ୟାଧିକ ସାମ୍ବାଦିକଙ୍କୁ



ସ୍ୱାସ୍ଥ୍ୟବୀମାର ପରିସରଭୁକ୍ତ ନକରିବାକୁ ନେଇ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଓୟୁଜେର ସାଧାରଣ ସମ୍ପାଦକ କିଷାନ କୁମାର ରାଉତ, ଉପସଭାପତି ସନ୍ତୋଷ କୁମାର ସିଂଦେଓ, କୋଷାଧ୍ୟକ୍ଷ ଅମୂଲ୍ୟ କୁମାର ସ୍ୱାଇଁ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ କୁମାର ସାହୁ, ପ୍ରମୋଦ କୁମାର ସାମନ୍ତରାୟ, ସମ୍ପାଦକ ଦେବପ୍ରସାଦ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସାମ୍ବାଦିକମାନଙ୍କ ବିଭିନ୍ନ ଦାବି ପୂରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବାକୁ ଦାବି କରିଥିଲେ।

## ଅଖିଳ ଭାରତ ଦଳିତ ଅଧିକାର ଆନ୍ଦୋଳନର ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର, ୫।୪(ସମିସ): ଅଖିଳ ଭାରତ ଦଳିତ ଅଧିକାର ଆନ୍ଦୋଳନ (ଏଆଇଡିଆରଏମ୍)ର ରାଜ୍ୟସ୍ତରୀୟ କନ୍‌ଭେନସନ ରବିବାର ଅଶୋକନଗରସ୍ଥିତ ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବାବାଜୀ ଜେନା, ରାଣୀମୋତି ଛତ୍ରିଆ, ସୀମାଞ୍ଚଳ ବେହେରାଙ୍କୁ ନେଇ ଗଠିତ ସଭାପତିମଣ୍ଡଳୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ସମ୍ମିଳନୀରେ ଦାମୋଦର ବେହେରା ଭିତ୍ତିପତ୍ର ଉପସ୍ଥାପନ କରିଥିଲେ। ଏହି କନ୍‌ଭେସନ୍‌ରେ ସିପିଆଇ ଜାତୀୟ ସମ୍ପାଦକମଣ୍ଡଳୀ ସଦସ୍ୟ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଉଦ୍‌ବୋଧନ ଦେଇ ଦୀର୍ଘବର୍ଷ ଧରି ରହିଥିବା ଜାତିଆଣ ବିଦ୍ୱେଷ, ଘୃଣା, ହିଂସା, ଭିଡ଼ ହତ୍ୟାର ଶିକାର ହୋଇ ଆସିଥିବା ଦଳିତ ସମାଜ ଉପରୁ ସାମାଜିକ ଶୋଷଣ, ନିର୍ଯ୍ୟାତନା ବନ୍ଦ ପାଇଁ ଭାରତୀୟ ସମ୍ବିଧାନରେ ବ୍ୟବସ୍ଥା ଥିଲେ ମଧ ଏହାର ସୁଫଳରୁ ସଂଖ୍ୟାଗରିଷ୍ଠ ଦଳିତ ବର୍ଗଙ୍କୁ ବଞ୍ଚିତ କରାଯାଇଛି, ଯାହାକି ଉଦ୍‌ବେଗର ବିଷୟ ବୋଲି ପ୍ରକାଶ କରିଥିଲେ। ଦଳିତଙ୍କ ପାଇଁ ଥିବା ସାମ୍ବିଧାନିକ ଅଧିକାର ଓ ଆଇନଗତ ଅଧିକାର ହାସଲ ପାଇଁ ଦଳିତ ଅଧିକାର ଆନ୍ଦୋଳନକୁ ପଡ଼ା, ବସ୍ତି, ଗ୍ରାମ, ଗ୍ରାମପଞ୍ଚାୟତ, ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ। ଘରୋଇ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସ୍ଥାନ ସଂରକ୍ଷଣକୁ ସୁନିଶ୍ଚିତ କରିବା ସହ ଜାତି



ନାମରେ ନାମିତ ବସ୍ତି, ପଡ଼ା, ସାହି ଅଥବା ଗ୍ରାମର ନାମ ପରିବର୍ତ୍ତନ କରି ମହାପୁରୁଷମାନଙ୍କ ନାମରେ ନାମିତ କରିବା ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନ ସଙ୍ଗଠିତ କରିବା ପାଇଁ ଆଗତ ପ୍ରସ୍ତାବ ଗୃହୀତ ହୋଇଛି। ଭିତ୍ତିପତ୍ରରେ ଉପସ୍ଥାପିତ ଆଦର୍ଶଗତ, ନୀତିଗତ ବିଷୟବସ୍ତୁ ଉପରେ ବସନ୍ତ କୁମାର ସେଠୀ, ଝିଲି ବିହାରୀ, ପ୍ରଫୁଲ୍ଲ ନାଏକ, ଅମରେନ୍ଦ୍ର ଦାସ, ଜୟରାମ ପ୍ରଧାନ, ଗୁରୁନାଥ ପ୍ରଧାନ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି କନଭେନସନରେ ରାଜ୍ୟ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସଭାପତି ଦାମୋଦର ବେହେରା, ଉପସଭାପତି ରାହୁଲ ସେଠୀ, ବାବାଜୀ ଚରଣ ଜେନା, ସୀମାଞ୍ଚଳ ବେହେରା ଓ ଯୁଗଳ ଜାଲି, ରାଜ୍ୟ ସାଧାରଣ ସମ୍ପାଦକ ଭାବେ ରମେଶ ଜେନା, ସହସମ୍ପାଦକ ଦେବେନ୍ଦ୍ର ଜେନା, ସଞ୍ଜୟ ସୁନାନୀ, ରାଧେଶ୍ୟାମ ଗରଦିଆ, ସହସମ୍ପାଦକ ଓ କୋଷାଧ୍ୟକ୍ଷ ଯୁଗ୍ମ ଦାୟିତ୍ୱ ସହ ଦୁର୍ଯ୍ୟୋଧନ ପ୍ରଧାନ ନିର୍ବାଚିତ ହୋଇଅଛନ୍ତି। ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ଼ି, ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ଯୁବନେତା ରମଣୀରଞ୍ଜନ ରାଉତରାୟ, ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନା, ଏଆଇଏସଏଫ ରାଜ୍ୟ ସଭାପତି ସଂଘମିତ୍ରା ଜେନା, ଯୁବନେତା ଅଜୟ ବେହେରା ପ୍ରମୁଖ ସମ୍ମିଳନୀକୁ ଶୁଭେଚ୍ଛା ଜଣାଇଥିଲେ।